

◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-325 •SUNDAY •24 MAY 2026 •PAGE-12+4 •₹ 7.00 | BHUBANESWAR | •ବର୍ଷ-୪୩ •ସଂଖ୍ୟା-୩୨୫ •ରବିବାର •୨୪ ମେ ୨୦୨୬ •ପୃଷ୍ଠା-୧୨+୪ (ସିନ୍ଦୂରା) •ଟ.୭.୦୦



SARASWATI GROUP OF INSTITUTIONS · CUTTACK
"तमसो मा ज्योतिर्गमय"

# SARASWATI
## GROUP OF INSTITUTIONS
*We Believe in Quality Education*

SIP WITH ALLEN CAREER INSTITUTE KOTA (RAJASTHAN)
JEE & NEET

## GRAND SUCCESS IN SGI — HISTORY REPEATS IN 2026

### ALL ODISHA RANK




ABOVE 99%: 2
ABOVE 95%: 19
ABOVE 90%: 70
ABOVE 80%: 192

SCAN THE QR CODE FOR REGISTRATION

WHY CHOOSE SARASWATI GROUP OF INSTITUTIONS TRISULIA,CUTTACK

1) 2026 - ALL ODISHA RANK 3
2) 2025 - STATE TOPPER 1ST RANK IN ODISHA
3) INTEGRATED COACHING UNDER ONE ROOF BY ALLEN(SIP)
4) SCHOLARSHIP FOR MERITORIOUS STUDENTS
5) REMEDIAL & INDIVIDUAL CLASSES FOR WEAK WARDS

## 1ST DIVISION 355

### OUR SCIENCE TOPPERS CHSE-2026 | 70 STUDENTS SCORED 90% & ABOVE



SGI ALWAYS IMRPOVES MARKS IN +2 SC. (AS COMPARED TO STD. 10TH )

| Name of the student | 12TH % | 10TH % |
|---|---|---|
| MANAS RANJAN SWAIN | 99.333 | 85.17 |
| SUCHITA SATPATHY | 99.167 | 92 |
| BIJAYLAXMI PANDA | 97.5 | 90.33 |
| ANKITA MOHAPATRA | 97.167 | 85.67 |
| PRIYANKA RAY | 97 | 91.67 |
| ARPITA PRADHAN | 96.833 | 64.83 |
| SUSHREE SUBHASMITA OJHA | 96.833 | 80.17 |
| RUPALI BEURA | 96.667 | 80 |
| SUBHASHREE RANA | 96.667 | 82.33 |
| UDIT NARAYAN SAHOO | 96.667 | 71.67 |
| SAUMYARANJAN DASH | 96.167 | 83.67 |
| AKANKSHYA SARADA PRIYADARSHINI | 96 | 84.17 |
| ANSUMAN SUBHADARSHAN SAHOO | 96 | 90 |
| AISHWARYA BISWAL | 95.833 | 83.33 |
| SUBHAM SAHOO | 95.833 | 88.5 |
| TRUPTISHREE BEHERA | 95.833 | 85.17 |
| PRIYANKA PRIYADARSINI PRADHAN | 95.667 | 81.17 |
| DIBYAJYOTI MOHANTY | 95.5 | 84 |
| OMM PRAKASH ROUT | 95.333 | 78.5 |
| SWIKRUTI MUDULI | 94.667 | 92 |
| ARPITA PATTANAIK | 94.5 | 75.5 |
| ASMIT BISWAL | 94.5 | 80.33 |
| JANMEJAYA SAMAL | 94.5 | 76.83 |
| PRATEEM SUNDAR BEHERA | 94.333 | 80 |
| KUMAR KIRTIK DAS | 94.167 | 82.17 |
| MONALISHA PRADHAN | 94.167 | 77.33 |
| PRIYANSHU PADHY | 94.167 | 97.8 |

SCAN THE QR CODE TO KNOW OUR FACILITIES

LIMITED SEATS • UNLIMITED DREAMS !

JOIN THE ALLEN SIP INTEGRATED PROGRAM
+
BOARD PREPARATION AT SARASWATI
( UNDER ONE ROOF )

NO EXTRA COST



SARASWATI SCIENCE HIGHER SECONDARY SCHOOL (CHSE : +2 SC./COM)
SARASWATI PUBLIC SCHOOL (CBSE)
SARASWATI DEGREE SCIENCE COLLEGE (+3 SCIENCE)
BSC. ITM BY CAC (UNDER UTKAL UNIVERSITY)

SCAN THE QR CODE TO LOCATE US

info@saraswaticollege.net saraswaticollege.net saraswatigroupof.institutions Saraswati Group Of Institutions

CONTACT: 8895429620, 8018444166, 8260583744, 9937737391, 7077665754

CAMPUS: BELAGACHHIA, TRISULIA, CUTTACK . H.O: ARUNDOYA MARKET, LINKROAD, CUTTACK






# ଭୟଙ୍କର ଗ୍ରୀଷ୍ମ ପ୍ରବାହ; ତେଲଙ୍ଗାନାରେ ୧୬ ମୃତ



ନୂଆଦିଲ୍ଲୀ, ୨୩।୫(ଏଜେନ୍ସି): ସମଗ୍ର ଭାରତରେ ଏବେ ଗ୍ରୀଷ୍ମ ପ୍ରବାହ (ହିଟ୍‌ୱେଭ୍) ରୁଦ୍ର ରୂପ ଧାରଣ କରିଛି। ପ୍ରବଳ ଗ୍ରୀଷ୍ମ ଲହରୀ ଯୋଗୁଁ କେବଳ ତେଲଙ୍ଗାନା ରାଜ୍ୟରେ ହିଁ ଏପର୍ଯ୍ୟନ୍ତ ୧୬ ଜଣଙ୍କର ମୃତ୍ୟୁ ହୋଇସାରିଥିବା ରାଜ୍ୟ ରାଜସ୍ୱ ମନ୍ତ୍ରୀ ଶ୍ରୀନିବାସ ରେଡ୍ଡୀ ସୂଚନା ଦେଇଛନ୍ତି। ଦେଶର ୧୧ଟି ରାଜ୍ୟରେ ଏବେ ତାପମାତ୍ରା ୪୦ ଡିଗ୍ରୀରୁ ୪୭ ଡିଗ୍ରୀ ସେଲସିୟସ ମଧ୍ୟରେ ରହିଛି, ଯେଉଁଥିପାଇଁ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଶୁକ୍ରବାର ଦେଶରେ ଏକ ଆଶ୍ଚର୍ଯ୍ୟଜନକ ପାଣିପାଗ ରେକର୍ଡ ଦେଖିବାକୁ ମିଳିଥିଲା। ସାରା ବିଶ୍ୱର ସବୁଠାରୁ ଉତ୍ତପ୍ତ ୫୦ଟି ସହରର ତାଲିକାରେ କେବଳ ଭାରତର ସହରଗୁଡ଼ିକ ହିଁ ସାମିଲ ଥିଲେ। ଉତ୍ତର ପ୍ରଦେଶର ବାନ୍ଦା ଠାରେ ସର୍ବାଧିକ ୪୭.୬ ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ କରାଯାଇଥିବା ବେଳେ ମହାରାଷ୍ଟ୍ରର ବ୍ରହ୍ମପୁରୀରେ ପାରଦ ୪୭.୨ ଡିଗ୍ରୀ ଛୁଇଁଥିଲା। ଓଡ଼ିଶାର ବଲାଙ୍ଗୀର ମଧ୍ୟ ସକାଳ ସମୟରେ ୪୫ ଡିଗ୍ରୀ ତାପମାତ୍ରା ସହ ଦେଶର ଅନ୍ୟତମ ଉତ୍ତପ୍ତ ସହର ପାଲଟିଥିଲା ଗୋଟିଏ ପଟେ ଅଧିକାଂଶ ରାଜ୍ୟ ପ୍ରବଳ ଖରାରେ ସନ୍ତୁଳି ହେଉଥିବା ବେଳେ ଅନ୍ୟପଟେ କେତେକ ଅଞ୍ଚଳରେ ପାଣିପାଗରେ ପରିବର୍ତ୍ତନ ଦେଖାଦେଇଛି। ବିହାରର ଅନେକ ଜିଲ୍ଲାରେ ବର୍ଷା ହୋଇଥିବା ବେଳେ ବଜ୍ରପାତ ଯୋଗୁଁ ୪ ଜଣଙ୍କର ମୃତ୍ୟୁ ଘଟିଛି। ଜାମ୍ମୁ-କାଶ୍ମୀରର ଜୋଜିଲା ଏବଂ ଉତ୍ତରାଖଣ୍ଡର ଚାମୋଲି ଓ ପିଥୋରାଗଡ଼ ଭଳି ପାର୍ବତ୍ୟ ଅଞ୍ଚଳରେ ବରଫପାତ ହୋଇଥିବା ସୂଚନା ମିଳିଛି। ଦିଲ୍ଲୀ, ହରିୟାଣା, ପଞ୍ଜାବ, ଉତ୍ତର ପ୍ରଦେଶ ଏବଂ ରାଜସ୍ଥାନରେ ଆଗାମୀ ଦୁଇ ଦିନ ପର୍ଯ୍ୟନ୍ତ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିବ। ଅନ୍ୟପଟେ କେରଳ, କର୍ଣ୍ଣାଟକ ଏବଂ ତାମିଲନାଡୁ ଭଳି ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକରେ ବିଜୁଳି, ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

**୪୭.୬ ଡିଗ୍ରୀ ଛୁଇଁଲା ପାରଦ**

# ଦିଲ୍ଲୀରେ ପ୍ରବଳ ବର୍ଷା: ତାତିରୁ ମିଳିଲା ସାମାନ୍ୟ ଆଶ୍ୱସ୍ତି



ନୂଆଦିଲ୍ଲୀ, ୨୩।୫(ଏଜେନ୍ସି): ଦେଶର ରାଜଧାନୀ ଦିଲ୍ଲୀ ଏବଂ ଏହାର ଆଖପାଖ ଅଞ୍ଚଳରେ ଦୀର୍ଘ ସପ୍ତାହ ଧରି ଜାରି ରହିଥିବା ଅସହ୍ୟ ଗ୍ରୀଷ୍ମ ପ୍ରବାହ ମଧ୍ୟରେ ଶନିବାର ସକାଳୁ ପାଗରେ ପରିବର୍ତ୍ତନ ଦେଖାଦେଇଛି। ହଠାତ ବର୍ଷା ଏବଂ ବଜ୍ରପାତ ଯୋଗୁଁ ସ୍ଥାନୀୟ ବାସିନ୍ଦାଙ୍କୁ ପ୍ରବଳ ଖରା ଓ ଉତ୍ତାପରୁ ବହୁ ପ୍ରତିକ୍ଷୀତ ଆଶ୍ୱସ୍ତି ମିଳିଛି। ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ, ଉତ୍ତର-ପଶ୍ଚିମ ଭାରତରେ ସୃଷ୍ଟି ହୋଇଥିବା ପାଣିପାଗ ଗତିବିଧି ଯୋଗୁଁ ଏହି ବର୍ଷା ହୋଇଛି। ଶନିବାର ସକାଳେ ଝଡ଼ବର୍ଷା ସହିତ ପ୍ରବଳ ପବନ ବହିଥିଲା। ପୁସା ରୋଡ୍ ଅଞ୍ଚଳରେ ପବନର ବେଗ ଘଣ୍ଟା ପ୍ରତି ୮୧ କିଲୋମିଟର ରେକର୍ଡ କରାଯାଇଥିବା ବେଳେ ପାଲମଠାରେ ୫୬ କିଲୋମିଟର ଏବଂ ପ୍ରଗତି ମଇଦାନରେ ୩୫ କିଲୋମିଟର ରହିଥିଲା। ଏହି ଧୂଳିଝଡ଼ ଯୋଗୁଁ ପାଲମ ବିମାନବନ୍ଦର ଅଞ୍ଚଳରେ ଦୃଶ୍ୟମାନ ଦୂରତା ମଧ୍ୟ ହ୍ରାସ ପାଇଥିଲା। ଗତ ଶୁକ୍ରବାର ଦିଲ୍ଲୀର ସଫଦରଜଙ୍ଗ ପାଣିପାଗ କେନ୍ଦ୍ରରେ ସର୍ବୋଚ୍ଚ ତାପମାତ୍ରା ୪୩.୩ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିଲା, ଯାହା ସ୍ୱାଭାବିକ ଠାରୁ ଅଧିକ ଥିଲା। ପାଣିପାଗ ବିଶେଷଜ୍ଞଙ୍କ ଅନୁଯାୟୀ, ପାକିସ୍ତାନ ସମେତ ପଞ୍ଜାବ ଓ ହରିୟାଣା ସୀମାବର୍ତ୍ତୀ ଅଞ୍ଚଳରେ ସୃଷ୍ଟ ଏକ ବାୟୁ ବଳୟ ଯୋଗୁଁ ସକାଳ ଓ ସନ୍ଧ୍ୟା ସମୟରେ ଏଭଳି ସାମାନ୍ୟ ବର୍ଷା ଦେଖିବାକୁ ମିଳୁଛି। ରାଜସ୍ଥାନର ଥର ମରୁଭୂମି ଆଡୁ ଆସୁଥିବା ଶୁଷ୍କ ଓ ଗରମ ପବନ ଯୋଗୁଁ ଦିଲ୍ଲୀରେ ତାପମାତ୍ରା କ୍ରମାଗତ ଭାବେ ବୃଦ୍ଧି ପାଉଥିଲା, ଯେଉଁଥିରେ ଶୁକ୍ରବାର ଓ ଶନିବାର ସାମାନ୍ୟ ହ୍ରାସ ଘଟିଛି। ଶନିବାରର ବର୍ଷା କିଛି ସମୟ ପାଇଁ ଆଶ୍ୱସ୍ତି ଆଣିଦେଇଥିଲେ ମଧ୍ୟ ଏହା ସ୍ଥାୟୀ ହେବ ନାହିଁ ବୋଲି ପାଣିପାଗ ବିଭାଗ ସତର୍କ କରାଇଛି। ଆସନ୍ତା ମେ ୨୮ ତାରିଖ ପର୍ଯ୍ୟନ୍ତ ଦିଲ୍ଲୀରେ ଗ୍ରୀଷ୍ମ ପ୍ରବାହ ଜାରି ରହିବ ଏବଂ ରବିବାର ଠାରୁ ତାପମାତ୍ରା ପୁଣି ଥରେ ବୃଦ୍ଧି ପାଇ ୪୫ ଡିଗ୍ରୀ ସେଲସିୟସ ଛୁଇଁପାରେ। ଜୁନ୍ ମାସର ପ୍ରଥମ ସପ୍ତାହରୁ ମୌସୁମୀ ପୂର୍ବ ବର୍ଷା ଆରମ୍ଭ ହେବା ପରେ ଯାଇ ଲୋକଙ୍କୁ ଏହି ପ୍ରବଳ ଗରମରୁ ସମ୍ପୂର୍ଣ୍ଣ ମୁକ୍ତି ମିଳିବାର ସମ୍ଭାବନା ରହିଛି।

# ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ମାର୍କୋ ରୁବିଓ



ନୂଆଦିଲ୍ଲୀ, ୨୩।୫(ଏଜେନ୍ସି): ଆମେରିକାର ବୈଦେଶିକ ସଚିବ ମାର୍କୋ ରୁବିଓ ଶନିବାର ଦିନ ନୂଆ ଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରିଛନ୍ତି। ନିଜର ପ୍ରଥମ ଆଧିକାରିକ ଭାରତ ଗସ୍ତରେ ଆସିଥିବା ରୁବିଓ, ଏହି ସାକ୍ଷାତକାର ସମୟରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ୱାଶିଂଟନ ସ୍ଥିତ ହ୍ୱାଇଟ୍ ହାଉସ୍ ଗସ୍ତ ପାଇଁ ନିମନ୍ତ୍ରଣ ପତ୍ର ହସ୍ତାନ୍ତର କରିଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ରୁବିଓଙ୍କ ସହ ଭାରତରେ ଅବସ୍ଥାପିତ ଆମେରିକା ରାଷ୍ଟ୍ରଦୂତ ସର୍ଜିଓ ଗୋର ମଧ୍ୟ ଉପସ୍ଥିତ ଥିଲେ। ଏହି ଆଲୋଚନା ବିଷୟରେ ସୂଚନା ଦେଇ ସେ କହିଛନ୍ତି ଯେ, ଭାରତ ଏବଂ ଆମେରିକା ମଧ୍ୟରେ ସୁରକ୍ଷା, ବାଣିଜ୍ୟ ଏବଂ ଗୁରୁତ୍ୱପୂର୍ଣ୍ଣ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ସହଯୋଗକୁ ଅଧିକ ଦୃଢ଼ କରିବା ପାଇଁ ଏକ ସକାରାତ୍ମକ ଆଲୋଚନା ହୋଇଛି। ସେ ଭାରତକୁ ଆମେରିକାର ଏକ 'ଅତି ଗୁରୁତ୍ୱପୂର୍ଣ୍ଣ ସହଯୋଗୀ' ଭାବେ ବର୍ଣ୍ଣନା କରିବା ସହ ଏହି ସମ୍ପର୍କ ଏକ ମୁକ୍ତ ଏବଂ ପ୍ରଶାନ୍ତ ଇଣ୍ଡୋ-ପାସିଫିକ୍ କ୍ଷେତ୍ର ପାଇଁ ଜରୁରୀ ବୋଲି କହିଛନ୍ତି। ଶନିବାର ସକାଳେ ରୁବିଓ ନିଜ ପତ୍ନୀ ଜେନେଟ୍ ଡି. ରୁବିଓଙ୍କ ସହ କୋଲକାତା ପହଞ୍ଚି ମିଶନାରୀଜ୍ ଅଫ୍ ଚାରିଟିର 'ମଦର ଟେରେସା ହାଉସ୍' ପରିଦର୍ଶନ କରିଥିଲେ। ରବିବାର ଦିନ ରୁବିଓ ଭାରତର ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ ଏବଂ ଆମେରିକା ଦୂତାବାସର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେବେ। ସୋମବାର ସେ ଆଗ୍ରା ଏବଂ ଜୟପୁର ଗସ୍ତ କରିବା ପରେ ମଙ୍ଗଳବାର ଦିଲ୍ଲୀରେ ଆୟୋଜିତ ହେବାକୁ ଥିବା 'କ୍ୱାଡ୍ ବୈଠକ'ରେ ଯୋଗଦେବେ। ମଙ୍ଗଳବାର ଭାରତର ଆତିଥ୍ୟରେ ହେବାକୁ ଥିବା ଏହି କ୍ୱାଡ୍ ବୈଦେଶିକ ମନ୍ତ୍ରୀ ସ୍ତରୀୟ ବୈଠକରେ ଆମେରିକାର ମାର୍କୋ ରୁବିଓଙ୍କ ସହ ଅଷ୍ଟ୍ରେଲିଆ ବୈଦେଶିକ ମନ୍ତ୍ରୀ ପେନି ୱାଙ୍ଗ ଏବଂ ଜାପାନର ବୈଦେଶିକ ମନ୍ତ୍ରୀ ତୋଶିମିତ୍ସୁ ମୋତେଗି ଯୋଗଦେବେ।

# ୨୪ ଘଣ୍ଟାରେ ହର୍ମୁଜ ଅତିକ୍ରମ କଲେ ୨୬ଟି ଜାହାଜ

ତେହେରାନ,୨୩।୫(ଏଜେନ୍ସି): ହର୍ମୁଜ ପ୍ରଣାଳୀରେ ଇରାନ ନିଜର ନିୟନ୍ତ୍ରଣକୁ ଦୃଢ଼ କରିଛି। ଇରାନର ରିଭୋଲ୍ୟୁସନାରୀ ଗାର୍ଡସ (ଆଇଆର୍‌ଜିସି)ର ଦାବି ଅନୁଯାୟୀ, ସେମାନେ ଏହି ଜଳପଥ ଦେଇ ଗତ ୨୪ ଘଣ୍ଟା ମଧ୍ୟରେ ୨୬ଟି ଜାହାଜକୁ ଯିବା ଲାଗି ଅନୁମତି ଧେଇଛନ୍ତି। ଇରାନ ଏହି ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ଚୋକପଏଣ୍ଟରେ ଏକ ବହୁସ୍ତରୀୟ ନିୟନ୍ତ୍ରଣ ବ୍ୟବସ୍ଥା ପ୍ରତିଷ୍ଠା କରିଛି। ଏଥିରେ ନୌସେନା ଚେକପଏଣ୍ଟ, ରଣନୈତିକ ଦ୍ୱୀପଗୁଡ଼ିକରେ ଜାହାଜ ଯାଞ୍ଚ ଏବଂ କୂଟନୈତିକ ମଞ୍ଜୁରୀ ପ୍ରକ୍ରିୟା ସାମିଲ ରହିଛି। ଏହି ସମଗ୍ର ବ୍ୟବସ୍ଥାକୁ ପରିଚାଳନା କରିବା ପାଇଁ ଇରାନ ପକ୍ଷରୁ 'ପର୍ସିଆନ ଗଲ୍ଫ ଷ୍ଟ୍ରେଟ୍ ଅଥରିଟି' (ପିଜିଏସ୍ଏ) ନାମକ ଏକ ନୂତନ ସଂସ୍ଥା ଗଠନ କରାଯାଇଛି। ଏହି ସଂସ୍ଥା ବର୍ତ୍ତମାନ ଜାହାଜ ଚଳାଚଳ ପାଇଁ ଆନୁଷ୍ଠାନିକ ନିୟମାବଳୀ ପ୍ରସ୍ତୁତ କରୁଛି। ବିଶ୍ୱର ପ୍ରାୟ ଏକ-ପଞ୍ଚମାଂଶ ତୈଳ ରପ୍ତାନି ଏହି ମାର୍ଗ ଦେଇ ହୋଇଥାଏ। ଯଦିଓ କିଛି ଜାହାଜ ଚଳାଚଳ ଆରମ୍ଭ ହୋଇଛି, ତଥାପି ଏହା ସ୍ୱାଭାବିକ ସ୍ତରଠାରୁ ବହୁତ କମ୍ ରହିଛି।

ଆମେରିକା ଏବଂ ଇରାନ ମଧ୍ୟରେ ଦୀର୍ଘ ଦିନ ଧରି ଚାଲିଥିବା ସାମରିକ ଉତ୍ତେଜନା ମଧ୍ୟରେ ଏକ କୂଟନୈତିକ ସଫଳତାର ଆଶା ସଞ୍ଚାର ହୋଇଛି। ଉଭୟ ଦେଶ ବର୍ତ୍ତମାନର ଅସ୍ତ୍ରବିରତିକୁ ଆଉ ୬୦ ଦିନ ପାଇଁ ବୃଦ୍ଧି କରିବାକୁ ଏକ ଚୁକ୍ତିର ଅତି ନିକଟତର ହେଉଥିବା ଜଣାପଡ଼ିଛି। ଏହି ସମ୍ଭାବ୍ୟ ଚୁକ୍ତି ଅନୁଯାୟୀ, ବିଶ୍ୱ ବାଣିଜ୍ୟ ପାଇଁ ଅତ୍ୟନ୍ତ ହର୍ମୁଜ ପ୍ରଣାଳୀକୁ ପର୍ଯ୍ୟାୟକ୍ରମେ ପୁଣି ଯାତାୟାତ ପାଇଁ ଖୋଲାଯିବ ବୋଲି କୁହାଯାଉଛି। ପାକିସ୍ତାନର ସେନା ମୁଖ୍ୟ ଅସୀମ ମୁନିରଙ୍କ ତେହେରାନ ଗସ୍ତ କରି ଇରାନର ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ ଏବଂ ଅନ୍ୟ ଶୀର୍ଷ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ସେହିପରି ଆମେରିକାର ବୈଦେଶିକ ସଚିବ ମାର୍କୋ ରୁବିଓ ମଧ୍ୟ ନୂଆଦିଲ୍ଲୀ ଗସ୍ତ ସମୟରେ ସୂଚନା ଦେଇଛନ୍ତି ଯେ ଆଲୋଚନାରେ କିଛିଟା ପ୍ରଗତି ହୋଇଛି।

**୬୦ ଦିନିଆ ଅସ୍ତ୍ରବିରତି ସମ୍ଭାବନା**

# ବ୍ୟାଡମିଣ୍ଟନ୍ ଖେଳାଳିଙ୍କୁ ଅପହରଣ, ପିଟିପିଟି ହତ୍ୟା



ଫରିଦାବାଦ, ୨୩।୫(ଏଜେନ୍ସି): ପ୍ରେମ ସମ୍ପର୍କକୁ କେନ୍ଦ୍ର କରି ହରିୟାଣାର ଫରିଦାବାଦରେ ରାଜସ୍ଥାନର ଜଣେ ୨୧ ବର୍ଷୀୟ ଯୁବକଙ୍କୁ ତିନି ଦିନ ଧରି ଅଟକ ରଖି ନିର୍ମମ ଭାବେ ମାଡ଼ ମରାଯିବା ପରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ଜଣେ ପ୍ରତିଭାବାନ ବ୍ୟାଡମିଣ୍ଟନ ଖେଳାଳି ଥିଲେ ବୋଲି ଜଣାପଡ଼ିଛି। ମୃତ ଯୁବକଙ୍କ ନାମ ମୋନୁ ଏବଂ ସେ ରାଜସ୍ଥାନର ଅଲୱାର ଜିଲ୍ଲା ଭିୱାଡି ଅଞ୍ଚଳର ବାସିନ୍ଦା ଥିଲେ। ମୋନୁ ନିକଟରେ ଶତକଡ଼ା ୭୦ ଭାଗ ନମ୍ବର ରଖି ଦ୍ୱାଦଶ ଶ୍ରେଣୀ ପାସ୍ କରିଥିଲେ ଏବଂ ରାଜ୍ୟ ସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଅନେକ ପଦକ ଜିତିଥିଲେ। ଫରିଦାବାଦର ତିଗାଓଁ ଅଞ୍ଚଳର ଜଣେ ନାବାଳିକାଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଗତ ମେ ୧୭ ତାରିଖରେ ମୋନୁ ଏକ ପୁରୁଣା ମାମଲାର ତଦନ୍ତ ପାଇଁ ଥାନାକୁ ଯାଇଥିଲା ବେଳେ ତାଙ୍କୁ ଅପହରଣ କରିନେଇ ହତ୍ୟାଶ କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ପ୍ରବଳ ମାଡ଼ ଯୋଗୁଁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ପୁଲିସ କହିଛି।

# ମୁଁ ମୂର୍ଖ ନୁହେଁ



ନ୍ୟୁୟର୍କ, ୨୩।୫(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜର ମାନସିକ ସୁସ୍ଥତାକୁ ନେଇ ବିରୋଧୀଙ୍କ ଦ୍ୱାରା କରାଯାଉଥିବା ସମାଲୋଚନାର କଡ଼ା ଜବାବ ଦେଇଛନ୍ତି। ନ୍ୟୁୟର୍କରେ ଆୟୋଜିତ ଏକ ସଭାରେ ସେ କହିଛନ୍ତି ଯେ ସମାଲୋଚକମାନେ ତାଙ୍କୁ ଏକଛତ୍ରବାଦୀ ବା ଶାସକ କହିଲେ ତାଙ୍କର କୌଣସି ଆପତ୍ତି ନାହିଁ, କିନ୍ତୁ ସେ ନିଜକୁ ମୂର୍ଖ କୁହାଯିବାକୁ ଆଦୌ ସହ୍ୟ କରିବେ ନାହିଁ। ଏହି ଅବସରରେ ସେ ଏକ ଜଟିଳ ମାନସିକ ପରୀକ୍ଷାରେ ଗଣିତର କଠିନ ପ୍ରଶ୍ନଗୁଡ଼ିକର ସଠିକ୍ ସମାଧାନ କରିଥିବା ଦାବି କରିଛନ୍ତି। ୭୯ ବର୍ଷୀୟ ରାଷ୍ଟ୍ରପତି ଟ୍ରମ୍ପ ରାଲିରେ ନିଜ ଭାଷଣରୁ ଦୂରେଇ ଯାଇ ଡାକ୍ତରଙ୍କ ସହ ହୋଇଥିବା କଥୋପକଥନ ବିଷୟରେ ସୂଚନା ଦେଇଥିଲେ। ବିରୋଧୀମାନେ ତାଙ୍କ ମାନସିକ ଦକ୍ଷତା ଉପରେ ପ୍ରଶ୍ନ ଉଠାଇବା ପରେ ସେ ନିଜକୁ ସଠିକ୍ ପ୍ରମାଣିତ କରିବା ପାଇଁ ଏକ ମାନସିକ ସୁସ୍ଥତା ପରୀକ୍ଷା ଦେଇଥିବା ପ୍ରକାଶ କରିଛନ୍ତି। ପରୀକ୍ଷାରେ ପ୍ରଥମେ ସାଧାରଣ ପଶୁପକ୍ଷୀ ଚିହ୍ନିବାକୁ ଦିଆଯାଇଥିଲା। ପରୀକ୍ଷା ଆଗକୁ ବଢ଼ିବା ସହ ଗୁଣନ, ହରଣ ଏବଂ ବିୟୋଗ ଭଳି ଜଟିଳ ଗାଣିତିକ ପ୍ରଶ୍ନ ପଚରା ଯାଇଥିଲା। ଟ୍ରମ୍ପ ସମସ୍ତ ପ୍ରଶ୍ନର ସଠିକ୍ ଉତ୍ତର ଦେଇ ନିଜର ତୀକ୍ଷ୍ଣ ବୁଦ୍ଧିର ପ୍ରମାଣ ଦେଇଥିବା ଦାବି କରିଛନ୍ତି। ଟ୍ରମ୍ପଙ୍କର ଏଭଳି ବାରମ୍ବାର ମାନସିକ ପରୀକ୍ଷା ବିଷୟରେ ଆଲୋଚନା କରିବା ଚିକିତ୍ସା ବିଶେଷଜ୍ଞମାନଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି କରିଛି। କିଛି ମାନସିକ ରୋଗ ବିଶେଷଜ୍ଞ ଓ ସ୍ନାୟୁ ରୋଗ ବିଶେଷଜ୍ଞଙ୍କ ଅନୁଯାୟୀ, ଅଳ୍ପ ଦିନ ବ୍ୟବଧାନରେ ବାରମ୍ବାର ଏଭଳି ପରୀକ୍ଷା କରିବା ପଛରେ କିଛି ଅନ୍ତର୍ନିହିତ ସ୍ୱାସ୍ଥ୍ୟ ସମସ୍ୟା ଥାଇପାରେ, ଯଦିଓ ଏନେଇ କୌଣସି ସରକାରୀ ରିପୋର୍ଟ ପ୍ରକାଶ ପାଇନାହିଁ। ଆଗାମୀ କିଛି ଦିନ ମଧ୍ୟରେ ୱାଲ୍ଟର ରୀଡ୍ ଜାତୀୟ ସାମରିକ ଚିକିତ୍ସା କେନ୍ଦ୍ରରେ ଟ୍ରମ୍ପଙ୍କର ଏକ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ହେବାକୁ ଯାଉଛି।

# ଚୀନ କୋଇଲା ଖଣିରେ ବିସ୍ଫୋରଣ; ୯୦ ମୃତ

ବେଜିଂ, ୨୩।୫(ଏଜେନ୍ସି): ଚୀନ୍‌ର ଏକ କୋଇଲା ଖଣିରେ ଗତ ଶୁକ୍ରବାର ବିଳମ୍ବିତ ରାତିରେ ଭୟଙ୍କର ଗ୍ୟାସ୍ ବିସ୍ଫୋରଣ ଘଟି ପ୍ରାୟ ୯୦ ଜଣ ଶ୍ରମିକଙ୍କ ପ୍ରାଣହାନି ଘଟିଛି। ଉତ୍ତର ଚାଇନାର ଶାନକ୍ସି ପ୍ରଦେଶରେ ଥିବା ଲିଉସେନୟୁ କୋଇଲା ଖଣିରେ ଏହି ଅଭାବନୀୟ ଘଟଣା ଘଟିଛି। ଘଟଣା ସମୟରେ ଖଣି ଭିତରେ ଶତାଧିକ ଶ୍ରମିକ କାମ କରୁଥିଲେ। ସରକାରୀ ଗଣମାଧ୍ୟମର ସୂଚନା ଅନୁଯାୟୀ, କିନ୍ୟୁଆନ ଜିଲ୍ଲାରେ ଅବସ୍ଥିତ ଏହି କୋଇଲା ଖଣିରେ ଯେତେବେଳେ ବିସ୍ଫୋରଣ ହେଲା, ସେତେବେଳେ ପ୍ରାୟ ୨୪୭ ଜଣ ଶ୍ରମିକ ଭୂତଳରେ କାର୍ଯ୍ୟରତ ଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ମୃତ୍ୟୁ ସଂଖ୍ୟା କମ୍ ଥିବା ବେଳେ ପରବର୍ତ୍ତୀ ସମୟରେ ଏହା ୯୦କୁ ବୃଦ୍ଧି ପାଇଛି। ପ୍ରାୟ ୨୦୦ରୁ ଅଧିକ ଶ୍ରମିକଙ୍କୁ ସୁରକ୍ଷିତ ଭାବେ ବାହାରକୁ ଅଣାଯାଇଛି। ଏହି ବଡ଼ ଧରଣର ଦୁର୍ଘଟଣା ପରେ ପ୍ରଧାନମନ୍ତ୍ରୀ ଲି କିଆଙ୍ଗ ମଧ୍ୟ ଘଟଣାର ସତ୍ୟାସତ୍ୟ ଓ ସଠିକ୍ ସୂଚନା ଲୋକମାନଙ୍କ ପାଖରେ ପହଞ୍ଚାଇବାକୁ କହିଛନ୍ତି। ଏଥିସହ ଦାୟିତ୍ୱହୀନତା ପାଇଁ ଦୋଷୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ବିଗତ ଦଶନ୍ଧି ମଧ୍ୟରେ ଚାଇନାରେ ଘଟିଥିବା ଖଣି ଦୁର୍ଘଟଣାଗୁଡ଼ିକ ମଧ୍ୟରେ ଏହାକୁ ସବୁଠାରୁ ଭୟଙ୍କର ବୋଲି କୁହାଯାଉଛି।

# ପତ୍ନୀଙ୍କ ଆତ୍ମହତ୍ୟା ପରେ ଜୀବନ ହାରିଲେ ସ୍ୱାମୀ

ଗ୍ୱାଲିଅର, ୨୩।୫(ଏଜେନ୍ସି): ମଧ୍ୟପ୍ରଦେଶର ଗ୍ୱାଲିଅର ଜିଲ୍ଲାରୁ ଏକ ମର୍ମନ୍ତୁଦ ଘଟଣା ସାମ୍ନାକୁ ଆସିଛି, ଯେଉଁଠାରେ ଜଣେ ୨୩ ବର୍ଷୀୟା ନବବିବାହିତା ମହିଳା ନିଜ ବାପଘରେ ଆତ୍ମହତ୍ୟା କରିଛନ୍ତି। ଏହି ମୃତ୍ୟୁ ଖବରରେ ଗଭୀର ଭାବେ ମର୍ମାହତ ହୋଇ ତାଙ୍କ ସ୍ୱାମୀ ମଧ୍ୟ ଦୁଇ ଦିନ ପରେ ନିଜ ଜୀବନ ହାରିଛନ୍ତି। ପୁଲିସ ଶନିବାର ଦିନ ଏହି ସୂଚନା ଦେଇଛି। ପୁଲିସ ଅଧିକାରୀ ଅତୁଲ ସୋନୀଙ୍କ କହିବା ଅନୁଯାୟୀ, ମୁରାର ଅଞ୍ଚଳର ବାସିନ୍ଦା ଜ୍ୟୋତି ତୋମାର ଗତ ମେ ୨୦ ତାରିଖରେ ନିଜ ବାପାଙ୍କ ଘରେ ବେକରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଥିଲେ। ଗତ ଏପ୍ରିଲ ୨୫ ତାରିଖରେ ପାରିବାରିକ ସମ୍ମତି କ୍ରମେ ଗୋଲା କା ମନ୍ଦିର ଅଞ୍ଚଳର ସିଦ୍ଧାର୍ଥ କାନ୍ଦିଲ (୨୬)ଙ୍କ ସହ ତାଙ୍କର ବିବାହ ହୋଇଥିଲା। ଶୁକ୍ରବାର ଦିନ ପତ୍ନୀଙ୍କ ମୃତ୍ୟୁର ଠିକ୍ ଦୁଇ ଦିନ ପରେ ସିଦ୍ଧାର୍ଥ ମଧ୍ୟ ନିଜ ଘରର ଶୌଚାଳୟରେ ବେକରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଛନ୍ତି। ପତ୍ନୀଙ୍କ ମୃତ୍ୟୁ ପରେ ସିଦ୍ଧାର୍ଥ ପୁଲିସ ସହ କଥାବାର୍ତ୍ତା କରିଥିଲେ ଏବଂ ସେହି ସମୟରେ ସେ ଅତ୍ୟନ୍ତ ମାନସିକ ଚାପ ଓ ଦୁଃଖରେ ଥିବା ଜଣାପଡ଼ିଥିଲା। ମହିଳାଙ୍କ ପରିବାର ଲୋକେ ଶ୍ୱଶୁର ଘର ଲୋକଙ୍କ ବିରୋଧରେ କୌଣସି ସନ୍ଦେହ ପ୍ରକାଶ କରିନାହାନ୍ତି। ଏହି ଦୁଇଟି ଯାକ ଆତ୍ମହତ୍ୟା ପଛର ପ୍ରକୃତ କାରଣ କଣ, ସେ ନେଇ ଉଭୟ ପରିବାର କିଛି ସ୍ପଷ୍ଟ ସୂଚନା ଦେଇପାରୁ ନାହାନ୍ତି। ପୁଲିସ ଏହି ଘଟଣାରେ ମାମଲା ରୁଜୁ କରି ଆନୁଷ୍ଠାନିକ ତଦନ୍ତ ଆରମ୍ଭ କରିଛି। ମୃତ ଦମ୍ପତିଙ୍କ ମୋବାଇଲ୍ ଫୋନ୍, ସାମାଜିକ ଗଣମାଧ୍ୟମ ଆକାଉଣ୍ଟ ଏବଂ ଅନ୍ୟାନ୍ୟ ଡିଜିଟାଲ୍ ତଥ୍ୟର ଯାଞ୍ଚ କରାଯାଉଛି, ଯେପରିକି ଏହି ଚରମ ନିଷ୍ପତ୍ତି ପଛର ପ୍ରକୃତ ରହସ୍ୟ ଉନ୍ମୋଚନ ହୋଇପାରିବ। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳାଇ ଦେଇଛି।

# ରାଘବ ଚଢ଼ା ରାଜ୍ୟସଭା ପିଟିସନ କମିଟିର ଅଧ୍ୟକ୍ଷ



ନୂଆଦିଲ୍ଲୀ, ୨୩।୫ (ଏଜେନ୍ସି): ରାଜ୍ୟସଭାର ଆବେଦନ କମିଟି (କମିଟି ଅନ୍ ପିଟିସନ)ର ପୁନର୍ଗଠନ କରାଯାଇ ସାଂସଦ ରାଘବ ଚଢ଼ାଙ୍କୁ ଏହାର ନୂତନ ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଛି। ରାଜ୍ୟସଭାର ଅଧ୍ୟକ୍ଷ ସିପି ରାଧାକ୍ରିଷ୍ଣନଙ୍କ ଦ୍ୱାରା ଏହି କମିଟିର ପୁନର୍ଗଠନ କରାଯିବା ପରେ ମେ ୨୦ ତାରିଖରେ ଏକ ଆଧିକାରିକ ବିଜ୍ଞପ୍ତି ପ୍ରକାଶ ପାଇଛି। ନିକଟରେ ଆମ ଆଦମୀ ପାର୍ଟି ଛାଡ଼ି ଭାରତୀୟ ଜନତା ପାର୍ଟିରେ ସାମିଲ ହୋଇଥିବା ଚଢ଼ା ଏହି ୧୦ ଜଣିଆ ସଦସ୍ୟ ବିଶିଷ୍ଟ ପ୍ୟାନେଲର ନେତୃତ୍ୱ ନେବେ। ଏହି ଆବେଦନ କମିଟିରେ ସ୍ଥାନ ପାଇଥିବା ଅନ୍ୟ ସଦସ୍ୟମାନଙ୍କ ମଧ୍ୟରେ ହର୍ଷ ମହାଜନ, ଗୁଲାମ ଅଲି, ଶମ୍ଭୁ ଶରଣ ପଟେଲ, ମୟଙ୍କକୁମାର ନାୟକ, ମସ୍ତାନ ରାଓ ଯାଦବ ବିଧା, ଜେବି ମାଥେର ହିଶାମ, ସୁଭାଶିଷ ଖୁଣ୍ଟିଆ, ରଙ୍ଗଭ୍ରା ନର୍ଜାରୀ ଏବଂ ସନ୍ଦୋଶ କୁମାର ପି. ସାମିଲ ଅଛନ୍ତି।

# ଡେପୁଟୀ କଲେକ୍ଟରଙ୍କ ଘରେ କୋଟି କୋଟି ଟଙ୍କାର ବେଆଇନ ସମ୍ପତ୍ତି

ହାଇଦରାବାଦ୍, ୨୩।୫(ଏଜେନ୍ସି): ତେଲେଙ୍ଗାନାର ଜଣେ ଡେପୁଟି କଲେକ୍ଟରଙ୍କ ବେଆଇନ ସମ୍ପତ୍ତିର ପାହାଡ଼ ଦେଖି ଦୁର୍ନୀତି ନିବାରଣ ବିଭାଗ (ଏସିବି) ର ଅଧିକାରୀମାନେ ଚକିତ ହୋଇଯାଇଛନ୍ତି। ଡେପୁଟି କଲେକ୍ଟର ମାର୍ରି ବାମଶୀ ମୋହନଙ୍କ କାର୍ଯ୍ୟାଳୟ, ବାସଭବନ ଏବଂ ତାଙ୍କ ସମ୍ପର୍କୀୟମାନଙ୍କ ସହ ଜଡ଼ିତ ୧୩ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇ କୋଟି କୋଟି ଟଙ୍କାର ସମ୍ପତ୍ତି ଜବତ କରାଯାଇଛି। ସରକାରୀ ହିସାବ ଅନୁସାରେ ଜବତ ସମ୍ପତ୍ତିର ମୂଲ୍ୟ ପ୍ରାୟ ୬.୨୨ କୋଟି ଟଙ୍କା କୁହାଯାଉଥିବା ବେଳେ ବଜାର ଦର ଅନୁଯାୟୀ ଏହାର ପ୍ରକୃତ ମୂଲ୍ୟ ୫୦ କୋଟି ଟଙ୍କାରୁ ଅଧିକ ହେବ ବୋଲି ଅନୁମାନ କରାଯାଉଛି। ଚଢ଼ାଉ ସମୟରେ ଅଧିକାରୀଙ୍କ ନାମରେ ୧୯ଟି ଖୋଲା ଜମି, ଗୋଟିଏ ସ୍ୱତନ୍ତ୍ର ଘର, ଦୁଇଟି ଫ୍ଲାଟ, ଏବଂ ଇବ୍ରାହିମପଟନମଠାରେ ଏକ ଫାର୍ମହାଉସ୍ ଥିବା ଜଣାପଡ଼ିଛି। ଏହା ବ୍ୟତୀତ ୨୨ ଲକ୍ଷରୁ ଅଧିକ ଟଙ୍କାର ନଗଦ ଓ ବ୍ୟାଙ୍କ ଜମା, ୧୨୨ ଗ୍ରାମର ସୁନା ଅଳଙ୍କାର ଏବଂ ଦୁଇଟି ଦାମୀ କାର୍ ମଧ୍ୟ ଜବତ ହୋଇଛି। ରଙ୍ଗାରେଡ୍ଡୀ ଜିଲ୍ଲାରେ ତାଙ୍କ ପରିବାର ସହ ଜଡ଼ିତ ପ୍ରାୟ ୮ ଏକର ଜମି କିଣାବିକାର ସନ୍ଦେହଜନକ ତଥ୍ୟ ମଧ୍ୟ ସାମନାକୁ ଆସିଛି। ଦୁର୍ନୀତି ଏବଂ ଅସାଧୁ ଉପାୟରେ ଏହି ସବୁ ସମ୍ପତ୍ତି ସେ ଠୁଳ କରିଥିବା ଅଭିଯୋଗରେ ଦୁର୍ନୀତି ନିବାରଣ ବିଭାଗ ଉକ୍ତ ଅଧିକାରୀଙ୍କୁ ଗିରଫ କରିଛି।





ଏସିଆନ ଗେମ ଟ୍ରାଏଲ୍ସରେ ଭାଗନେବେ ବିନେଶ

▶ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-325 ♦SUNDAY ♦24 MAY 2026 ♦PAGE-12+4 ♦₹ 7.00

♦ବର୍ଷ-୪୩ ♦ସଂଖ୍ୟା-୩୨୫ ♦ରବିବାର ♦୨୪ ମେ ୨୦୨୬ ♦ପୃଷ୍ଠା-୧୨+୪ (ସିନ୍ଦୂରା) ♦ଟ.୭.୦୦


# ଇଞ୍ଜିନିୟରିଂ, ଡାକ୍ତରୀ ନାମଲେଖା ପାଇଁ ଯୁଗ୍ମ ପ୍ରବେଶିକା

■ ନୂଆଦିଲ୍ଲୀ, ୨୩।୫ (ଏଜେନ୍ସି): ଡାକ୍ତରୀ ପଢ଼ିବା ପାଇଁ ନେସନାଲ୍ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଦ୍ୱାରା ପରିଚାଳିତ ନିଟ୍ ପରୀକ୍ଷାରେ ବାରମ୍ବାର ବିଭ୍ରାଟ ହେବା ସରକାରଙ୍କୁ ଅଡୁଆରେ ପକାଇଛି। ଲକ୍ଷାଧିକ ଛାତ୍ରଛାତ୍ରୀଙ୍କ ସୁରକ୍ଷିତ ଶୈକ୍ଷିକ ଭବିଷ୍ୟତ ପାଇଁ ପରୀକ୍ଷା ବ୍ୟବସ୍ଥାରେ ସୁଧାର ଆଣିବାକୁ ଯୋଜନା କରୁଛନ୍ତି। ଦେଶରେ ଡାକ୍ତରୀ ଏବଂ ଇଞ୍ଜିନିୟରିଂ ପାଠ୍ୟକ୍ରମ ପାଇଁ ଗୋଟିଏ ପ୍ରବେଶିକା ପରୀକ୍ଷା କରିବାକୁ ଶିକ୍ଷା ମନ୍ତ୍ରଣାଳୟ ବିଚାରବିମର୍ଶ ଚଳାଇଛି।

ସରକାରୀ ସୂତ୍ର ଅନୁଯାୟୀ, ବାରମ୍ବାର ପ୍ରଶ୍ନପତ୍ର ଲିକ୍ ହେବା ଯୋଗୁଁ ଏନ୍‌ଟିଏର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠିଛି। ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ବିପଦରେ ପଡ଼ିଛି। ଏହାର ସ୍ଥାୟୀ ସମାଧାନ ପାଇଁ ସମସ୍ତ ବଡ଼ ପ୍ରବେଶିକା ପରୀକ୍ଷାକୁ ଗୋଟିଏ କରିବାକୁ ଯୋଜନା କରାଯାଉଛି। ପ୍ରସ୍ତାବିତ ଯୋଜନା ଅନୁଯାୟୀ, ଗୋଟିଏ ସାଧାରଣ ପରୀକ୍ଷା ମାଧ୍ୟମରେ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଗଣିତ ଏବଂ ଜୀବ ବିଜ୍ଞାନର ମୂଲ୍ୟାୟନ କରାଯାଇ ପୃଥକ ଯୋଗ୍ୟତା ତାଲିକା ପ୍ରକାଶ କରାଯିବ। ଏହି ଏକକ ପ୍ରବେଶିକା ପରୀକ୍ଷାକୁ ନେଇ ଶିକ୍ଷାବିତ୍ ଏବଂ ବିଶେଷଜ୍ଞମାନେ ଭିନ୍ନ ମତ ପ୍ରକାଶ କରିଛନ୍ତି। ଇଞ୍ଜିନିୟରିଂ ଏବଂ ମେଡିକାଲ ପରୀକ୍ଷାର ଶୈଳୀ ସମ୍ପୂର୍ଣ୍ଣ ଭିନ୍ନ ହୋଇଥିବାରୁ ଏହାକୁ ଏକତ୍ର କରାଗଲେ ପରୀକ୍ଷାର୍ଥୀଙ୍କ ପାଇଁ ଜଟିଳ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ସେହିପରି ଏକକ ପ୍ରବେଶିକା ପରୀକ୍ଷା କଲେ ପ୍ରଶ୍ନପତ୍ର ପ୍ରଘଟ ହେବନାହିଁ ବୋଲି ଭାବିବା ପୂର୍ବରୁ ସୁରକ୍ଷା ସୁନିଶ୍ଚିତ କରିବାକୁ ଆହ୍ୱାନ ଦେଇଛନ୍ତି। ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ପୂର୍ବରୁ ବିଭିନ୍ନ ରାଜ୍ୟ, ବିଶ୍ୱବିଦ୍ୟାଳୟ ଏବଂ ଅଂଶୀଦାରମାନଙ୍କ ସହ ଆଲୋଚନା କରି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବା ଅନିବାର୍ଯ୍ୟ ବୋଲି ଶିକ୍ଷାବିତ୍‌ମାନେ ମତବ୍ୟକ୍ତ କରିଛନ୍ତି।

# କକ୍ରୋଚ୍ ଜନତା ପାର୍ଟିର ୱେବ୍‌ସାଇଟ୍ ଅଚଳ

■ ନୂଆଦିଲ୍ଲୀ, ୨୩।୫ (ଏଜେନ୍ସି): ସୋସିଆଲ ମିଡିଆରେ ବେଶ ଚର୍ଚ୍ଚାରେ ଥିବା ବ୍ୟଙ୍ଗାତ୍ମକ ଦଳ 'କକ୍ରୋଚ୍ ଜନତା ପାର୍ଟି' (ସିଜେପି)ର ୱେବସାଇଟ୍ ଶନିବାର ସକାଳୁ ଅଚଳ ହୋଇଯାଇଛି। ଏହା ସହିତ ଦଳର ଇନଷ୍ଟାଗ୍ରାମ ଆକାଉଣ୍ଟ ମଧ୍ୟ ହ୍ୟାକ୍ ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ଦଳର ପ୍ରତିଷ୍ଠାତା ଅଭିଜିତ ଦୀପକେ ସରକାରଙ୍କୁ 'ଏକଛତ୍ରବାଦୀ' ବୋଲି ସମାଲୋଚନା କରିଛନ୍ତି। ଅଭିଜିତ ସୂଚନା ଦେଇଛନ୍ତି ଯେ, ତାଙ୍କ ୱେବସାଇଟ୍‌ରେ ପ୍ରାୟ ୧୦ ଲକ୍ଷ ଯୁବକ ସଦସ୍ୟତା ଗ୍ରହଣ କରିଥିଲେ। ଏହି ଅଭିଯାନ ପରେ ୱେବସାଇଟ୍ ବନ୍ଦ ହୋଇଯିବାକୁ ନେଇ ସେ ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପଟେ, ଜଣାଶୁଣା ପରିବେଶବିତ୍ ସୋନମ ୱାଙ୍ଗଚୁକ ଏହି ଆନ୍ଦୋଳନକୁ ସମର୍ଥନ ଜଣାଇ ନିଜକୁ ଜଣେ 'ସମ୍ମାନିତ ଅସରପା' ବୋଲି ଆଖ୍ୟା ଦେଇଛନ୍ତି।

ଇତିମଧ୍ୟରେ, ଏହି ଅଭିଯାନ ପାଇଁ ପ୍ରତିଷ୍ଠାତା ଅଭିଜିତଙ୍କୁ ଜୀବନରୁ ମାରିଦେବାକୁ ହ୍ୱାଟସଆପ୍‌ରେ ଧମକ ମିଳିବା ପରେ ମହାରାଷ୍ଟ୍ରର ଛତ୍ରପତି ସମ୍ଭାଜୀନଗରରେ ଥିବା ତାଙ୍କ ପୈତୃକ ବାସଭବନ ବାହାରେ ପୋଲିସ ସୁରକ୍ଷା ବଢ଼ାଇ ଦିଆଯାଇଛି। ତାଙ୍କ ପରିବାର ▶ପୃଷ୍ଠା-୭




ନିଜକୁ 'ସମ୍ମାନିତ ଅସରପା' କହିଲେ ସୋନମ ୱାଙ୍ଗଚୁକ

# ଖାଉଟିଙ୍କୁ ସ୍ଲୋ ପଏଜନ୍
# ପୁଣି ତେଲ ମହଙ୍ଗା

- ପେଟ୍ରୋଲ ୮୭ ପଇସା, ଡିଜେଲ ୯୧ ପଇସା ବଢ଼ିଲା
- ୮ ଦିନରେ ୩ ଥରରେ ଦର ୫ ଟଙ୍କାରୁ ଅଧିକ ବଢ଼ିଛି
- ରେକର୍ଡ ୮୦ ଟଙ୍କା ଟପିଲା ସିଏନ୍‌ଜି ମୂଲ୍ୟ
- ଦେଶରେ ତେଲର ଅଭାବ ନାହିଁ: ଆଇଓସିଏଲ୍

■ ନୂଆଦିଲ୍ଲୀ, ୨୩।୫ (ଏଜେନ୍ସି): ଖାଉଟିଙ୍କୁ ଲାଗିଛି ଜୋରଦାର ଝଟ୍‌କା। କାରଣ ୮ ଦିନ ମଧ୍ୟରେ ତୃତୀୟ ଥର ପାଇଁ ବଢ଼ିଛି ତେଲ ଦର। ଶନିବାର ଘରୋଇ ବଜାରରେ ପେଟ୍ରୋଲ ଲିଟର ପିଛା ୮୭ ପଇସା ଏବଂ ଡିଜେଲ ୯୧ ପଇସା ବୃଦ୍ଧି ଘଟିଛି। ମାତ୍ର ୮ ଦିନରେ ତେଲ ଦର ୩ ଥରରେ ମୋଟ ୫ ଟଙ୍କାରୁ ଅଧିକ ବଢ଼ିଛି।




ଏହି ନୂତନ ବୃଦ୍ଧି ପରେ ରାଜଧାନୀ ଦିଲ୍ଲୀରେ ପେଟ୍ରୋଲ ଦର ଲିଟର ପିଛା ୯୯.୫୧ ଟଙ୍କା ଏବଂ ଡିଜେଲ ୯୨.୪୯ ଟଙ୍କାରେ ପହଞ୍ଚିଛି। ସେହିପରି ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୧୦୬.୩୬ ଟଙ୍କା ଏବଂ ଡିଜେଲ ୯୭.୯୨ ଟଙ୍କାକୁ ବୃଦ୍ଧି ପାଇଛି। ସେହିପରି ସିଏନ୍‌ଜି ମୂଲ୍ୟରେ କିଲୋ ପିଛା ୧ ଟଙ୍କା ବୃଦ୍ଧି ହୋଇ ଏହା ପ୍ରଥମ ଥର ପାଇଁ ୮୦ ଟଙ୍କାର ସ୍ତର ଅତିକ୍ରମ କରିଛି। ସିଏନ୍‌ଜି ମୂଲ୍ୟ କିଲୋ ପିଛା ୮୧.୦୯ ଟଙ୍କାରେ ପହଞ୍ଚିଛି। କଲିକତାରେ ପେଟ୍ରୋଲ ଲିଟର ଏବେ ୧୧୦ ଟଙ୍କା ୬୪ ପଇସାକୁ ବୃଦ୍ଧି ପାଇଥିବା ବେଳେ ଡିଜେଲ ଦାମ ୯୭ ଟଙ୍କା ୦୨ ପଇସା ହୋଇଛି।

ପଶ୍ଚିମ ଏସିଆରେ ସଙ୍କଟ ସତ୍ତ୍ୱେ ଦେଶରେ ପର୍ଯ୍ୟାପ୍ତ ପରିମାଣର ତୈଳ ଗଚ୍ଛିତ ରହିଥିବା ନେଇ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରାଳୟ ପକ୍ଷରୁ କୁହାଯିବା ପରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ଏହି ବୃଦ୍ଧି ଘଟିଛି।

ଚଳିତମାସ ୧୫ ତାରିଖରେ ପେଟ୍ରୋଲ ଏବଂ ଡିଜେଲ୍ ମୂଲ୍ୟରେ ଲିଟର ପିଛା ୩ ଟଙ୍କା ଲେଖାଏଁ ଓ ସିଏନ୍‌ଜି ୨ ଟଙ୍କା ବୃଦ୍ଧି କରାଯାଇଥିଲା। ସେହିଭଳି ଗତ ୧୯ ତାରିଖରେ ମଧ୍ୟ ପେଟ୍ରୋଲ ଲିଟର ପିଛା ୯୬ ପଇସା ଓ ଡିଜେଲ ଲିଟର ପିଛା ୯୪ ପଇସା ବୃଦ୍ଧି ପାଇଥିଲା। ଏବେ ପୁନର୍ବାର ପେଟ୍ରୋଲ ଏବଂ ଡିଜେଲ୍ ଦରରେ ହୋଇଥିବା ବୃଦ୍ଧି ମୁଦ୍ରାସ୍ଫୀତିକୁ ଆହୁରି ବଢ଼ାଇବ। ଏହାର ପ୍ରଭାବ ଖାଉଟି ବଜାର ଉପରେ ଏବେ ଠାରୁ ଅନୁଭୂତ ହେବାକୁ ଲାଗିଲାଣି ଏବଂ ଆଗକୁ ଆହୁରି ବଢ଼ିବ ବୋଲି ବଜାର ବିଶେଷଜ୍ଞମାନେ ଏବେଠାରୁ ଆକଳନ କଲେଣି।

# ତାତିକୁ ବଳିଗଲା ବିଜୁଳି କଷଣ

## ମାର୍ଚ୍ଚରେ ୨୪ ଘଣ୍ଟା, ଏପ୍ରିଲରେ ୩୪ ଘଣ୍ଟା, ମେ'ରେ ୪୧ ଘଣ୍ଟା ବିଦ୍ୟୁତ କାଟ୍



- ବିଦ୍ୟୁତ୍ ବଳକା ରାଜ୍ୟରେ ଲୋ-ଭୋଲ୍‌ଟେଜ୍; ବୁଲୁନି ପଙ୍ଖା
- ସରକାରଙ୍କ ଦୂରଦର୍ଶିତାର ଅଭାବକୁ ଦାୟୀ କଲା କଂଗ୍ରେସ
- ହିଟ୍‌ୱେଭ୍ ଯୋଗୁଁ ଏସି ବ୍ୟବହାରକୁ ଦାୟୀ କଲେ ଶକ୍ତିମନ୍ତ୍ରୀ
- ଏସ୍‌ମା ସତ୍ତ୍ୱେ ଆନ୍ଦୋଳନରେ ସହସ୍ରାଧିକ ବିଦ୍ୟୁତ୍ କର୍ମଚାରୀ

■ ଭୁବନେଶ୍ୱର, ୨୩।୫ (ସମିସ): ରାଜ୍ୟରେ ଲାଗି ରହିଥିବା ଅସହ୍ୟ ତାତି ଓ ଗୁଳୁଗୁଳି ସ୍ଥିତି ଯୋଗୁଁ ଲୋକେ ଆକ୍ରାମାକ୍ରା ହୋଇ ପଡ଼ିଛନ୍ତି। ଅଗ୍ନିବର୍ଷୀ ଖରା ପାଇଁ ଅତି ଗୁରୁତର କାମ ନ ପଡ଼ିଲେ, ଲୋକେ ବାହାରକୁ ଗୋଡ଼ କାଢ଼ିବାକୁ ଭୟ କରୁଛନ୍ତି। ଅପରପକ୍ଷେ ଭୀଷଣ ଗୁଳୁଗୁଳି ଯୋଗୁଁ ଘରେ ରହିବା ଲୋକଙ୍କ ପାଇଁ ମୁସ୍କିଲ୍ ହୋଇପଡ଼ିଥିବା ବେଳେ ଏହି ସମୟରେ ଘନଘନ ବିଦ୍ୟୁତ୍ କାଟ୍ ଓ ଲୋ-ଭୋଲଟେଜ୍ ସମସ୍ୟା ଲୋକଙ୍କ ପାଇଁ ବେଢ଼ି ଉପରେ କୋରଡ଼ା ମାଡ଼ ସଦୃଶ ହୋଇଛି। ଖୋଦ୍ ରାଜଧାନୀ ଭୁବନେଶ୍ୱରରେ ସକାଳୁ ରାତି ପର୍ଯ୍ୟନ୍ତ ଏକାଧିକ ବାର ବିଦ୍ୟୁତ୍ କାଟ୍ ହେଉଛି। ରାଜ୍ୟ ପ୍ରଶାସନର ପ୍ରମୁଖ ପେଣ୍ଠସ୍ଥଳୀ ରାଜଧାନୀରେ ଏଭଳି ସ୍ଥିତି ଲାଗି ରହିଥିବା ବେଳେ ରାଜ୍ୟର ଅନ୍ୟ ସ୍ଥାନମାନଙ୍କରେ ସମସ୍ୟା ଅଧିକ ଗମ୍ଭୀର ହୋଇପଡ଼ିଛି।

ରାଜ୍ୟବାସୀ ବିଜୁଳି ସମସ୍ୟାରେ ଘାଣ୍ଟିଚକଟି ହେଉଥିବା ବେଳେ ବିଦ୍ୟୁତ୍ ବିତରଣ କମ୍ପାନୀର ନୀତି ବିରୋଧରେ ହଜାର ହଜାର କର୍ମଚାରୀ ଆନ୍ଦୋଳନ କରିବା ସମସ୍ୟାକୁ ଦ୍ୱିଗୁଣିତ କରିଦେଇଛି। ଟାଟା ପାୱାର ବିରୋଧରେ ପ୍ରାୟ ୧୦ ହଜାର କର୍ମଚାରୀ ଆଜିକୁ ୬ ଦିନ ହେଲା ଧାରଣାରେ ବସିଛନ୍ତି। ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ନିଖିଳ ଓଡିଶା ବିଦ୍ୟୁତ୍ ମଜଦୁର ମହାସଂଘ ପକ୍ଷରୁ ଗଣଧାରଣା ଜାରି ରହିଛି। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହରେ ମିଟର ରିଡିଂ ନେଉଥିବା, ବିଦ୍ୟୁତ୍ ସରବରାହ ସଜାଡୁଥିବା ମେକାନିକ୍‌ମାନଙ୍କୁ ହଠାତ୍ ଛଟେଇ କରିବା ପ୍ରତିବାଦରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ବିଦ୍ୟୁତ କର୍ମଚାରୀ ଧାରଣାରେ ବସିଛନ୍ତି। ଶୁକ୍ରବାର ଶକ୍ତିକ୍ଷେତ୍ର ସହ ଜଡ଼ିତ କୌଣସି କର୍ମଚାରୀ ଆସନ୍ତା ୬ ମାସ ପର୍ଯ୍ୟନ୍ତ ଆନ୍ଦୋଳନ କରିପାରିବେ ନାହିଁ ବୋଲି ସରକାର କହିଥିଲେ। ଆନ୍ଦୋଳନ କଲେ ଏସ୍‌ମା ଲାଗୁ ହେବ ବୋଲି ସରକାର ଚେତାବନୀ ମଧ୍ୟ ଦେଇଥିଲେ। ତେବେ ସରକାରଙ୍କ ନିର୍ଦ୍ଦେଶକୁ 'ଫୁ' କରି ବିଦ୍ୟୁତ୍ କର୍ମଚାରୀମାନେ ଆନ୍ଦୋଳନ ଜାରି ରଖିଛନ୍ତି। ସେହିପରି ଅନ୍ୟ ଏକ ▶ପୃଷ୍ଠା-୭

# ଚିନ୍ତା ବଢ଼ାଇଲା ଆଇନଶୃଙ୍ଖଳା ସ୍ଥିତି

## ଉଚ୍ଚସ୍ତରୀୟ ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା



■ ଭୁବନେଶ୍ୱର, ୨୩।୫ (ସମିସ): ରାଜ୍ୟରେ ବିଗୁଡୁଥିବା ଆଇନଶୃଙ୍ଖଳା ସ୍ଥିତିକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଆଜି ଏଠାରେ ଏକ ଉଚ୍ଚସ୍ତରୀୟ ବୈଠକରେ ମୁଖ୍ୟମନ୍ତ୍ରୀ ପରିସ୍ଥିତିର ସମୀକ୍ଷା କରିବା ସହିତ ପରିସ୍ଥିତିକୁ ସୁଧାରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଓ ପୁଲିସ ମହାନିର୍ଦ୍ଦେଶକ ୱାଇ.ବି.ଖୁରାନିଆଙ୍କ ସହିତ ଆଇନଶୃଙ୍ଖଳା ପରିସ୍ଥିତିର ସମୀକ୍ଷା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଲେ ଯେ ରାଜ୍ୟର ବିକାଶ ପାଇଁ ଆଇନ ଶୃଙ୍ଖଳା ପରିସ୍ଥିତି ଶାନ୍ତିପୂର୍ଣ୍ଣ ହେବା ଆବଶ୍ୟକ। ତେଣୁ ପୁଲିସ ପ୍ରଶାସନ ଦକ୍ଷତା ଓ ସତର୍କତାର ସହିତ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ଏହି ସମୟରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର ମଧ୍ୟ ଉପସ୍ଥିତ ଥିଲେ।

ଚତୁର୍ଥ ଶନିବାର ଛୁଟି ଦିନରେ ଆଜି ଖାରବେଳ ଭବନରେ ଅଫିସ କାର୍ଯ୍ୟ କରିବା ସହିତ ମୁଖ୍ୟମନ୍ତ୍ରୀ ଉଚ୍ଚ ପଦାଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ରାଜ୍ୟ ସରକାର ଦୁଇ ବର୍ଷ ପୂରଣ କରିବାକୁ ଯାଉଥିବା ବେଳେ ପ୍ରତିଶ୍ରୁତି ପାଳନ, ଯୋଜନାର କ୍ରିୟାନ୍ୱୟନ, ଶିଳ୍ପାୟନ ପ୍ରକ୍ରିୟା, ନିଯୁକ୍ତି ସୁଯୋଗ ଏବଂ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ମଧ୍ୟ ମୁଖ୍ୟମନ୍ତ୍ରୀ ଆଲୋଚନା କରିଛନ୍ତି।

### ବିଧାୟକ ରଣେନ୍ଦ୍ର ସ୍ୱାଇଁଙ୍କୁ ଆକ୍ରମଣ ଉଦ୍ୟମ ଘଟଣା

# ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ତୁରନ୍ତ ହସ୍ତକ୍ଷେପ ଲୋଡ଼ିଲେ ନବୀନ



■ ଭୁବନେଶ୍ୱର, ୨୩।୫ (ସମିସ): ବିଜେଡିର ବରିଷ୍ଠ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ତାଙ୍କ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ତିଗିରିଆଠାରେ ହୋଇଥିବା ଆକ୍ରମଣ ଉଦ୍ୟମ ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଉଦ୍‌ବେଗ ପ୍ରକାଶ କରିଛନ୍ତି। ରାଜ୍ୟରେ ଭୁଶୁଡ଼ି ପଡ଼ିଥିବା ଆଇନଶୃଙ୍ଖଳା ସ୍ଥିତିକୁ ଦାୟୀ କରିବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପତ୍ର ଲେଖି ତୁରନ୍ତ ହସ୍ତକ୍ଷେପ ଲୋଡ଼ିଛନ୍ତି ଶ୍ରୀ ପଟ୍ଟନାୟକ। ଜଣେ ଲୋକପ୍ରତିନିଧିଙ୍କୁ ତାଙ୍କ ସାମ୍ବିଧାନିକ ଦାୟିତ୍ୱ ପାଳନ ବେଳେ ହିଂସାତ୍ମକ ଉଦ୍ୟମ କରି ଅଟକାଯିବାକୁ ନବୀନ ନାପସନ୍ଦ କରିବା ସହ ସାଧାରଣ ନାଗରିକଙ୍କ ନିରାପତ୍ତା ସୁନିଶ୍ଚିତ କରିବାକୁ ସେ ଦାବି କରିଛନ୍ତି।

ଶନିବାର ମୁଖ୍ୟମନ୍ତ୍ରୀଙ୍କୁ ଲେଖିଥିବା ପତ୍ରରେ ନବୀନ ଦର୍ଶାଇଛନ୍ତି, ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଦ୍ରୁତଗତିରେ ବିଗିଡ଼ିବାରେ ଲାଗିଛି। ଆଠଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ତିଗିରିଆ ବ୍ଲକରେ ୨୨ ତାରିଖରେ ▶ପୃଷ୍ଠା-୭

# ୨୭ ପର୍ଯ୍ୟନ୍ତ ଗୁଳୁଗୁଳିରୁ ନିସ୍ତାର ନାହିଁ

■ ଭୁବନେଶ୍ୱର, ୨୩।୫ (ସମିସ): ରାଜ୍ୟରେ ଭୀଷଣ ତାତି ସାଙ୍ଗକୁ ଗୁଳୁଗୁଳି ଜାରି ରହିଛି। ପୂର୍ବ ଭଳି ପଶ୍ଚିମ ଓଡ଼ିଶାରେ ଏକାଧିକ ସହରରେ ତାତି ୪୩ ଡିଗ୍ରୀ ଉପରେ ରହୁଥିବା ବେଳେ ଉପକୂଳରେ ୪୦ ଡିଗ୍ରୀ ତାତି ସାଙ୍ଗକୁ ୬୦ ପ୍ରତିଶତ ଆର୍ଦ୍ରତା ଲୋକଙ୍କୁ ଗୁଳୁଗୁଳିରେ କଲବଲ କରୁଛି। ଏଭଳି ସ୍ଥିତି ଆହୁରି ୨-୩ ଦିନ ପର୍ଯ୍ୟନ୍ତ ଜାରି ରହିବାକୁ ଥିବାବେଳେ ୨୭ ପରେ ଏହି ସ୍ଥିତିରେ ବ୍ରେକ୍ ଲାଗିବାର ସମ୍ଭାବନା ରହିଛି। ଶନିବାର ରାଜ୍ୟରେ ୧୯ ଟି ସହରରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିବା ବେଳେ ୪୫.୨ ଡିଗ୍ରୀ ସହ ଝାରସୁଗୁଡ଼ା ପୁଣି ଥରେ ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଛି। ସେହିପରି ସମ୍ବଲପୁର ୪୫, ହୀରାକୁଦ ୪୫, ଟିଟିଲାଗଡ଼ ୪୫ ଓ ବୌଦ୍ଧରେ ତାପମାତ୍ରା ୪୫ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଆଜି ମୋଟ୍ ୫ ଟି ସହରରେ ତାପମାତ୍ରା ୪୫ ଡିଗ୍ରୀ ରେକର୍ଡ ହୋଇଛି।

**୪୫ ଡିଗ୍ରୀ ଉପରେ ପଶ୍ଚିମ ଓଡ଼ିଶାର ୫ ସହର**

ରବିବାର ରାଜ୍ୟର ସମ୍ବଲପୁର, ଝାରସୁଗୁଡ଼ା, ବଲାଙ୍ଗିରରେ ଭୀଷଣ ଗ୍ରୀଷ୍ମ ପ୍ରବାହ ସ୍ଥିତି ଜାରି ରହିବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଆଲର୍ଟ ଜାରି କରିଛି। ସେହିପରି ବୌଦ୍ଧ ପାଇଁ ୟେଲୋ ୱାର୍ଣ୍ଣିଂ ସହ ୧୩ଟି ଜିଲ୍ଲାରେ ଉଷ୍ମ ଆର୍ଦ୍ର ସ୍ଥିତି ପାଇଁ ୟେଲୋ ୱାର୍ଣ୍ଣିଂ ସହ ଉପକୂଳ ଓ ଆଭ୍ୟନ୍ତରୀଣ ୧୩ଟି ଜିଲ୍ଲାକୁ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ଆଶଙ୍କା ଥିବା କୁହାଯାଇଛି। ଏହି ଜିଲ୍ଲାଗୁଡ଼ିକରେ ପବନର ବେଗ ୩୦-୫୦ କିମି ରହିବା ଆଶଙ୍କା ରହିଛି। ବଲାଙ୍ଗିରରେ ରାତିର ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହିବା ନେଇ ଆଶଙ୍କା ରହିଥିବାରୁ ଏହି ଜିଲ୍ଲାକୁ ଉଷ୍ମ ରାତ୍ରି ପାଇଁ ଚେତାବନୀ ଜାରି ହୋଇଛି। ୨୫ ତାରିଖରେ ମଧ୍ୟ ଭୀଷଣ ତାତି ସାଙ୍ଗକୁ ଗୁଳୁଗୁଳି ଅନୁଭୂତ ହେବା ପରେ ୨୬ଠାରୁ ଏଥିରେ ହ୍ରାସ ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ଦର୍ଶାଯାଇଛି।

ପଶ୍ଚିମ ଓଡ଼ିଶାର ତାପମାତ୍ରା ୪୫ ଡିଗ୍ରୀ ସେଲସିୟସ କିମ୍ବା ତା'ଠାରୁ ଅଧିକ ରହୁଥିଲେ ମଧ୍ୟ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଗୁଳୁଗୁଳି ଯୋଗୁଁ ▶ପୃଷ୍ଠା-୭

# ଯୋଗ୍ୟତା ନ ଥାଇ କୃଷି ବିଭାଗରେ ଚାକିରି !

## ଷ୍ଟେଟ୍ ଭାଲ୍ୟୁ ଚେନ୍ ଏକ୍ସପର୍ଟ ନିଯୁକ୍ତିରେ ତଞ୍ଚକତା ଅଭିଯୋଗ

ଭୁବନେଶ୍ୱର, ୨୩।୫(ସମିସ): କୃଷି ବିଭାଗ ଅଧୀନରେ ଥିବା ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟରେ ତଞ୍ଚକତା କରି ନିଯୁକ୍ତି ଦିଆଯାଇଥିବା ଅଭିଯୋଗ ହୋଇଛି। ଯୋଗ୍ୟତା ନ ଥିବା ପ୍ରାର୍ଥୀ ନିଯୁକ୍ତି ପାଇଛନ୍ତି। ନିଯୁକ୍ତି ପାଇବା ପାଇଁ କୃଷି ବିଷୟରେ ସ୍ନାତକ କରିଥିବା ଅନିବାର୍ଯ୍ୟ ହୋଇଥିଲେ ମଧ୍ୟ ବାଣିଜ୍ୟରେ ସ୍ନାତକ କରିଥିବା ପ୍ରାର୍ଥୀଙ୍କୁ ଚୟନ କରାଯାଇଛି। ସେହିପରି ବିଭିନ୍ନ ବର୍ଗରେ ଯୋଗ୍ୟତା ନ ଥାଇ ମଧ୍ୟ ମାର୍କ ଦେଇ ନିର୍ଦ୍ଦିଷ୍ଟ ପ୍ରାର୍ଥୀଙ୍କୁ ଚୟନ କରାଯାଇଥିବା ତଥ୍ୟ ପଦାକୁ ଆସିବା ପରେ କୃଷି ବିଭାଗରେ ବଡ଼ ଧରଣର ନିଯୁକ୍ତି କେଳେଙ୍କାରୀ ଧରା ପଡ଼ିଛି।

ତଥ୍ୟ ଅନୁଯାୟୀ, ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟରେ ଷ୍ଟେଟ୍ ଭାଲ୍ୟୁ ଚେନ୍ ଏକ୍ସପର୍ଟ ନିଯୁକ୍ତି ପାଇଁ ୨୦୨୪ ଜୁନ୍ ମାସରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିପାଇଁ ଏକାଧିକ ପ୍ରାର୍ଥୀ ଆବେଦନ କରିଥିବାବେଳେ ଜଣେ ପ୍ରାର୍ଥୀ ନିଯୁକ୍ତି ପାଇଛନ୍ତି। ମାତ୍ର ତାଙ୍କୁ ନିଯୁକ୍ତି ଦେବା ପାଇଁ ସମସ୍ତ ନୀତିନିୟମକୁ ଅଧିକାରୀମାନେ ଜଳାଞ୍ଜଳି ଦେଇଛନ୍ତି। ଏହି ପଦରେ ନିଯୁକ୍ତି ପାଇଁ ଏଗ୍ରିକଲ୍‌ଚର୍ ଆଣ୍ଡ ଆପ୍ଲାଏଡ୍ ସାଇନ୍ସ ବା ଏଗ୍ରିକଲ୍‌ଚରାଲ୍ ଇକୋନୋମିକ୍ସରେ ସ୍ନାତକ କରିଥିବା ବାଧ୍ୟତାମୂଳକ। ମାତ୍ର ସମ୍ପୃକ୍ତ ପ୍ରାର୍ଥୀ ବାଣିଜ୍ୟରେ ବାଲେଶ୍ୱରସ୍ଥିତ ଫକୀର ମୋହନ କଲେଜରୁ ସ୍ନାତକ ପାସ୍ କରିଛନ୍ତି। ସେହିପରି ଏଗ୍ରି ବିଜନେସ୍ ମ୍ୟାନେଜମେଣ୍ଟ ବା ଏମ୍‌ବିଏ ମାର୍କେଟିଂ ବା ରୁଲାର୍ ମ୍ୟାନେଜମେଣ୍ଟରେ ସ୍ନାତକୋତ୍ତର ବା ସ୍ନାତକୋତ୍ତର ଡିପ୍ଲୋମା କରିଥିବା ଅନିବାର୍ଯ୍ୟ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି। ମାତ୍ର ସମ୍ପୃକ୍ତ ପ୍ରାର୍ଥୀ ଫାଇନାନ୍ସରେ ଏମ୍‌ବିଏ କରିଛନ୍ତି। ଏହାସହ ଭାଲ୍ୟୁ ଚେନ୍ ଡେଭଲପମେଣ୍ଟ କ୍ଷେତ୍ରରେ ୭ ବର୍ଷର ଅଭିଜ୍ଞତା ପରି ଏକାଧିକ ଜରୁରୀ ଅଭିଜ୍ଞତା ନ ଥାଇ ମଧ୍ୟ ନିଯୁକ୍ତି ଦିଆଯାଇଥିବା ଅଭିଯୋଗ ହୋଇଛି। ଅନୁରୂପ ଭାବେ ଶ୍ରେଷ୍ଠ ୧୦୦ ▶ପୃଷ୍ଠା-୭

**ଶିକ୍ଷାଗତ ଯୋଗ୍ୟତା ବିନା ଦିଆଯାଇଛି ପୁଳାପୁଳା ନମ୍ବର**

**ନିଯୁକ୍ତି ପାଇଁ ବ୍ୟାପକ ଅର୍ଥ କାରବାର ଅଭିଯୋଗ**

# ବଦଳିଲେ ୧୩ ଜିଲ୍ଲାର ଏସପି

■ ଭୁବନେଶ୍ୱର, ୨୩।୫ (ସମିସ): ରାଜ୍ୟରେ ଆଇପିଏସ୍ ସ୍ତରରେ ବଡ଼ଧରଣର ଅଦଳବଦଳ ହୋଇଛି। ନିକଟରେ ଡିଆଇଜି ପାହ୍ୟାକୁ ପଦୋନ୍ନତି ପାଇଥିବା ନବରଙ୍ଗପୁର ଏସ୍‌ପି ମାଦକର ସନ୍ଦୀପ ସମ୍ପତ ଓ ଖୋର୍ଦ୍ଧା ଏସ୍‌ପି ବିବେକାନନ୍ଦ ଶର୍ମାଙ୍କୁ କ୍ରାଇମବ୍ରାଞ୍ଚକୁ ବଦଳି କରାଯାଇଛି। କ୍ରାଇମବ୍ରାଞ୍ଚ ଏସପି ପରମାର ସ୍ମିତ ପରଷୋତ୍ତମଦାସଙ୍କୁ ନୟାଗଡ଼ ଏସ୍‌ପି ଓ ରାୟଗଡ଼ା ଏସପି ସ୍ୱାଥୀ ଏସ୍ କୁମାରଙ୍କୁ ଏସଟିଏଫ୍ ଏସପି ଭାବେ ବଦଳି ହୋଇଛି।

**ପରମାର ସ୍ମିତ ନୟାଗଡ଼, ଶୁଭେନ୍ଦୁ ପାତ୍ର ଖୋର୍ଦ୍ଧା ଏସ୍‌ପି**

ବରଗଡ଼ ଏସ୍‌ପି ପ୍ରହଲ୍ଲାଦ ସିଂ ମୀନାଙ୍କୁ ଗଜପତି ଏସପି, ନୟାଗଡ଼ ଏସପି ଏସ୍ ସୁଶ୍ରୀଙ୍କୁ ଭିଜିଲାନ୍ସ ଓ ସ୍ପେଶାଲ ବ୍ରାଞ୍ଚ, ଏସ୍‌ପି ରାଜପ୍ରସାଦଙ୍କୁ ରାୟଗଡ଼ା ଏସପି ଭାବେ ଦାୟିତ୍ୱ ମିଳିଛି। ସେହିପରି ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ ପାତ୍ରଙ୍କୁ ଖୋର୍ଦ୍ଧା ଏସପି, ବୌଦ୍ଧ ଏସ୍‌ପି ରାହୁଲ ଗୋଏଲଙ୍କୁ ସ୍ପେଶାଲ ବ୍ରାଞ୍ଚ ଓ କନ୍ଧମାଳ ଏସପି ହରୀଶ ବିଶିଙ୍କୁ ଗଞ୍ଜାମ ଏସ୍‌ପି ଭାବେ ଅବସ୍ଥାପିତ କରାଯାଇଛି।

ଭଦ୍ରକର ଅତିରିକ୍ତ ଏସପି କାଶ୍ୟପ ପାର୍ଥ ଜଗଦୀଶଙ୍କୁ ନବରଙ୍ଗପୁର ଏସ୍‌ପି ଓ ରାଜ୍ୟପାଳଙ୍କ ଏଡିସି କୁଲଦୀପ ମୀନାଙ୍କୁ ବୌଦ୍ଧ ଏସପି ଭାବେ ବଦଳି କରାଯାଇଛି। ସେହିପରି ରାୟଗଡ଼ା ଜିଲ୍ଲାର ଅତିରିକ୍ତ ଏସ୍‌ପି ରମେନ୍ଦ୍ର ପ୍ରସାଦଙ୍କୁ କନ୍ଧମାଳ ଏସପି ଏବଂ କଟକ ସହରାଞ୍ଚଳ ପୁଲିସ ଜିଲ୍ଲାର ଏସିପି ଅନନ୍ୟା ଆଶ୍ୱସ୍ତିଙ୍କୁ ରାଜ୍ୟପାଳଙ୍କ ଏଡିସି ଦାୟିତ୍ୱ ଦିଆଯାଇଛି। କ୍ରାଇମବ୍ରାଞ୍ଚ ଏସପି କୃଷ୍ଣପ୍ରସାଦ ପଟ୍ଟନାୟକଙ୍କୁ ଏସପି ସିଗ୍‌ନାଲ ଓ ସ୍ପେଶାଲ ବ୍ରାଞ୍ଚ ଏସପି କୃଷ୍ଣପ୍ରସାଦ ଦାସଙ୍କୁ ରାଉରକେଲା ରେଳବାଇ ଏସ୍‌ପି ଭାବେ ବଦଳି କରାଯାଇଛି। ଏସଟିଏଫ୍ ଏସ୍‌ପି ରବୀନ୍ଦ୍ରନାଥ ଶତପଥୀଙ୍କୁ ବରଗଡ଼ ଏସ୍‌ପି ଓ ଭୁବନେଶ୍ୱର ସହରାଞ୍ଚଳ ପୁଲିସ ଜିଲ୍ଲାରେ ଡିସିପି ଭାବେ କାର୍ଯ୍ୟରତ କିଶୋର ଚନ୍ଦ୍ର ମୁଣ୍ଡଙ୍କୁ ଦେବଗଡ଼ ଏସପି ଭାବେ ନିଯୁକ୍ତ କରାଯାଇଛି। ଏନେଇ ଆଜି ରାଜ୍ୟ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।



# ଭୁବନେଶ୍ୱର + କଟକ

## ତୈଳ ଦର ଉପରମୁହାଁ

# ଲାଗୁନି ଲଗାମ୍; ବଢୁଛି ଆଶଙ୍କା




ଭୁବନେଶ୍ୱର, ୨୩।୫(ସମିସ): ଦିନକୁ ଦିନ ଉପରମୁହାଁ ହେଉଛି ପେଟ୍ରୋଲ ଓ ଡ଼ିଜେଲ ଦର। ଦଶ ଦିନରେ ତିନିଥର ବୃଦ୍ଧି ହେଲାଣି। ଆଗକୁ ଆହୁରି ବଢ଼ିବ ବୋଲି ଆଶଙ୍କା କରାଯାଉଛି। ଏହି ତେଲ ବୃଦ୍ଧି ହେବା କାରଣରୁ ଅନ୍ୟ ସାମଗ୍ରୀ ଦର ମଧ୍ୟ ବୃଦ୍ଧି ପାଇବାରେ ଲାଗଲାଣି। ଫଳରେ ଏବେ ସାଧାରଣ ଲୋକଙ୍କ ମୁଣ୍ଡ ବିନ୍ଧାର କାରଣ ପାଲଟିବା ସହ ପକେଟ ଉପରେ ଏହା ବହୁତ ବଡ଼ ପ୍ରଭାବ ପକାଇ ପାରେ। ଏହା ଫଳରେ ଗରିବ, ଦିନ ମଜୁରିଆ, ଶ୍ରମିକ, ଛାତ୍ରଛାତ୍ରୀମାନେ ଅଧିକ ପ୍ରଭାବିତ ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ଫଳରେ ତେଲ ଦରରେ କେବେ ଲଗାମ ଲାଗିବ ବୋଲି ଏବେ ସମସ୍ତଙ୍କ ମନରେ ପ୍ରଶ୍ନ ଉଠିଛି।



ପେଟ୍ରୋଲ ଓ ଡିଜେଲ ଦର ପୁନର୍ବାର ବୃଦ୍ଧି ପାଇଛି। ଏହାର ସିଧାସଳଖ ପ୍ରଭାବ ସାଧାରଣ ଲୋକଙ୍କ ଜୀବନ ଉପରେ ପଡୁଛି। ପରିବହନ ଖର୍ଚ୍ଚ ବଢ଼ିବା ସହିତ ଖାଦ୍ୟ ସାମଗ୍ରୀ, ଦୈନିକ ପ୍ରୟୋଜନୀୟ ବସ୍ତୁ ଓ ସେବାମାନଙ୍କ ମୂଲ୍ୟ ମଧ୍ୟ ବୃଦ୍ଧି ପାଉଛି। ମଧ୍ୟମ ବର୍ଗ ଓ ଗରିବ ଲୋକମାନେ ସର୍ବାଧିକ ପ୍ରଭାବିତ ହେଉଛନ୍ତି। ସମାଜ ଉପରେ ଏହାର ପ୍ରଭାବ କେବଳ ଆର୍ଥିକ ନୁହେଁ, ମାନସିକ ଚାପ ମଧ୍ୟ ସୃଷ୍ଟି କରୁଛି। ବେକାରି, ମହଙ୍ଗା ଓ ଦୈନିକ ଖର୍ଚ୍ଚ ବୃଦ୍ଧି ପରିବାର ମଧ୍ୟରେ ଅସନ୍ତୋଷ ବଢ଼ାଉଛି।

-ପବିତ୍ର ରାଉତ, ଆଇନଜୀବୀ



ପେଟ୍ରୋଲ ଓ ଡିଜେଲ ଦର ବଢ଼ିବାରୁ ଛାତ୍ରମାନଙ୍କ ଉପରେ ମଧ୍ୟ ପ୍ରଭାବ ପଡୁଛି। କଲେଜ୍ ଯିବା, କୋଚିଂ ଯିବା ଓ ଦୈନନ୍ଦିନ ଯାତାୟାତ ଖର୍ଚ୍ଚ ବଢ଼ିଯାଉଛି। ଘରର ଖର୍ଚ୍ଚ ମଧ୍ୟ ବଢୁଥିବାରୁ ପରିବାର ଉପରେ ଚାପ ପଡୁଛି। ଆମେ ଚାହୁଁଛୁ ସରକାର ଏହି ଦରକୁ ନିୟନ୍ତ୍ରଣ କରି ସାଧାରଣ ଲୋକଙ୍କୁ ରିଆତ ଦିଅନ୍ତୁ।

-ରାଜେନ୍ଦ୍ର ନାୟକ, ଛାତ୍ର



ପେଟ୍ରୋଲ ଦର ବୃଦ୍ଧି ହେଲେ ମଧ୍ୟବର୍ଗ ପରିବାରର ବଜେଟ୍ ପ୍ରଭାବିତ ହେବ। ସାର୍ବଜନୀନ ପରିବହନ (ପବ୍ଲିକ ଟ୍ରାନ୍ସପୋର୍ଟ) ଭାଡ଼ା ବୃଦ୍ଧି ପାଇପାରେ। ମଧ୍ୟବର୍ଗ ପରିବାର ଯାତାୟାତ ପାଇଁ ବାଇକ୍ ବ୍ୟବହାର କରୁଥିବାରୁ ସେମାନଙ୍କ ବଜେଟ୍‌ରେ ଅଭାବ ଦେଖାଯିବ। ଆଉ ଯଦି ଦରମା ବୃଦ୍ଧି ନହୁଏ ଏବଂ ଦରମା ନିର୍ଦ୍ଧାରିତ ରହେ ତେବେ ମଧ୍ୟବର୍ଗ ପରିବାରର ଜୀବନଶୈଳୀରେ ପରିବର୍ତ୍ତନ ଆସିଯିବ। ଏହିଭଳି ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ହେଲେ ସାଧାରଣ ଲୋକଙ୍କ ଉପରେ ଏହାର ବହୁତ ପ୍ରଭାବ ପଡ଼ିବ।

-ବିରେନ ପୃଷ୍ଟି, ସାଧାରଣ ଜନତା



-ଗତ ୧୦ ଦିନ ମଧ୍ୟରେ ୩ ଥର ତେଲ ଦର ବୃଦ୍ଧି ପାଇସାରିଲାଣି। ମାଲ୍ ପରିବହନ ଏବଂ ବ୍ୟବସାୟ କ୍ଷେତ୍ରରେ ଏହାର ପ୍ରଭାବ ପଡ଼ିବ। ବର୍ତ୍ତମାନ ବେସରକାରୀ ସଂସ୍ଥାରେ କାର୍ଯ୍ୟରତ। ହେଲେ ସ୍ୱଳ୍ପ ଦରମାକୁ ଦେଖିବାକୁ ପଡ଼ିବ। ଅତ୍ୟାବଶ୍ୟକ ସାମଗ୍ରୀ ଓ ସେବାର ମୂଲ୍ୟ ମଧ୍ୟ ବଢୁଛି। ଗାଡ଼ି ଭଡ଼ାରେ ମୂଲ୍ୟବୃଦ୍ଧି ବଢ଼ିବ ଯାହାକି ଆମ ସାଧାରଣ ଜନସମାଜରେ ଅସନ୍ତୋଷ ପ୍ରକାଶ ପାଇଛି। ସରକାର ଏଥିପ୍ରତି ତାଙ୍କ ଦୃଷ୍ଟି ଆକର୍ଷଣ କରନ୍ତୁ।

-ବର୍ଷାରାଣୀ ଜୟସିଂ, ପ୍ରାଇଭେଟ୍ କର୍ମଚାରୀ



-ପେଟ୍ରୋଲ ଓ ଡିଜେଲ ଦର ପୁଣିଥରେ ଲିଟର ପିଛା ୨ରୁ ୩ ଟଙ୍କା ବୃଦ୍ଧି ପାଇଛି। ଲଗାତାର ଦର ବୃଦ୍ଧି ଯୋଗୁଁ ସାଧାରଣ ଜନତାଙ୍କ ଅଣ୍ଟା ଭାଙ୍ଗିଲାଣି। ଯାତାୟାତ ମହଙ୍ଗା ହେବା ସହ ବସ୍, ଅଟୋ, ଟ୍ୟାକ୍ସି ଭଡା ବଢ଼ିବ। ଦୈନିକ ଯାତ୍ରୀ ଓ ଛାତ୍ରଛାତ୍ରୀଙ୍କ ମାସିକ ଖର୍ଚ୍ଚ ୪୦୦-୫୦୦ ଟଙ୍କା ବଢ଼ିବା ସହ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଦର ମଧ୍ୟ ବଢ଼ିବ। ଡିଜେଲ ବଢ଼ିଲେ ମାଲ ପରିବହନ ଖର୍ଚ୍ଚ ବଢେ। ଫଳରେ ଚାଉଳ, ଡାଲି, ପନିପରିବା, ଔଷଧ ସବୁ ମହଙ୍ଗା ହେବା ସହ ଘରର ମାସିକ ବଜେଟ୍ ବିଗିଡିଯିବ। ମଧ୍ୟବିତ୍ତ ଓ ଗରିବ ପରିବାର ଉପରେ ସବୁଠାରୁ ଅଧିକ ବୋଝ ପଡ଼ିବ। ଚାଷ ଓ ଛୋଟ ବ୍ୟବସାୟ ଟ୍ରାକ୍ଟର, ପମ୍ପସେଟ୍ ଖର୍ଚ୍ଚ ବଢ଼ିବାରୁ ଉତ୍ପାଦନ ମୂଲ୍ୟ ବଢ଼ିବ ଓ ଛୋଟ ଦୋକାନୀ କ୍ଷତିଗ୍ରସ୍ତ ହେବେ। ତେଲ ଦର ବୃଦ୍ଧି କେବଳ ଅନ୍ତର୍ଜାତୀୟ ବଜାର ଉପରେ ନିର୍ଭରଶୀଳ ନୁହେଁ। କେନ୍ଦ୍ର ଓ ରାଜ୍ୟ ସରକାର ଉତ୍ପାଦ ଶୁଳ୍କ ଓ ଭାଟ ହ୍ରାସ କରି ତୁରନ୍ତ ରିଆତି ଦିଅନ୍ତୁ। ସାର୍ବଜନୀନ ପରିବହନକୁ ସୁଦୃଢ କରି ଜନସାଧାରଣଙ୍କୁ ଆଶ୍ୱସ୍ତି ଦିଆଯାଉ।

-ଦୀପକ କୁମାର ସାହୁ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଛାତ୍ର



ତେଲ ଦର ବୃଦ୍ଧି ପାଇବାରୁ ଏହା ବିଭିନ୍ନ କ୍ଷେତ୍ର ଉପରେ ଏହାର ପ୍ରଭାବ ଦେଖାଯିବ। ବିଶେଷ କରି ଦର ପକେଟ୍‌କୁ ବାଧିବା କାରଣରୁ ଲୋକେ ଅଳ୍ପ ତେଲ ପକାଇବେ। ପୂର୍ବରୁ ଗଲା ସପ୍ତାହରେ ତେଲ ସଂକଟ ଥିବାରୁ ଆମ୍ବୁଲାନ୍ସରୁ ତେଲ ସରିଯିବା କାରଣରୁ ରାସ୍ତା ମଝିରେ ଜଣେ ଲୋକର ଜୀବନ ଚାଲିଯାଇଥିଲା ଏତେ ସରକାରୀ ଗାଡ଼ି ହୋଇ ଏମିତି ଅବସ୍ଥା ହୋଇଥିଲା ଯଦି ପ୍ରାଇଭେଟ ଗାଡ଼ି ହୋଇଥାନ୍ତା ତେବେ କଣ ନ ହୋଇଥାନ୍ତି। ଏବେ ତେଲ ଦର ହୁ ହୁ ହୋଇ ବଢ଼ିଯିବା କାରଣରୁ ଏପରି ଅବସ୍ଥା ଆଗକୁ ଦେଖିବାକୁ ନ ମିଳୁ। ଦୂର ଦୂରରୁ ରୋଗୀମାନଙ୍କୁ ଆଣୁଥିବା ପ୍ରାଇଭେଟ ଗାଡ଼ି ହଉ ଅବା ଆମ୍ବୁଲାନ୍ସ ପାଇଁ ଏହା ଉପରେ ଯଥାଶିଘ୍ର ସରକାର କିଛି ବ୍ୟବସ୍ଥା କରନ୍ତୁ।

-ରାକେଶ କୁମାର ବେହେରା, ଛାତ୍ର



କେନ୍ଦ୍ର ସରକାର ପେଟ୍ରୋଲ, ଡିଜେଲ ସିଏନଜି ଦର ବୃଦ୍ଧି କରିଛନ୍ତି। ପେଟ୍ରୋଲ ଲିଟର ପିଛା ୮୭ ପଇସା, ଡିଜେଲ ଲିଟର ପିଛା ୯୧ପଇସା ଓ ସିଏନଜିରେ ୧ ଟଙ୍କା ବୃଦ୍ଧି କରାଯାଇଛି। ଆମେରିକା ଓ ଇରାନ ଯୁଦ୍ଧ, ହର୍ମୁଜ ପ୍ରଣାଳୀ ଅବରୋଧ ହେବା ଏବଂ ଡଲାର ତୁଳନାରେ ଟଙ୍କାର ଅବମୂଲ୍ୟାୟନ ଯୋଗୁଁ ତେଲ ଦାମ ବଢ଼ିଛି ବୋଲି ସରକାର କହୁଛନ୍ତି। ପେଟ୍ରୋଲ, ଡିଜେଲର ଦର ବୃଦ୍ଧିର ପ୍ରଭାବ ପରିବହନ କ୍ଷେତ୍ରକୁ ବେଶୀ ପ୍ରଭାବିତ କରିବାକୁ ଯାଉଛି। ବର୍ତ୍ତମାନ ଓଡ଼ିଶାରେ ପେଟ୍ରୋଲ ଉପରେ ଭାଟ ୨୮ ପ୍ରତିଶତ ଓ ଡିଜେଲ ଉପରେ ୨୪% ଭାଟ ନିଆଯାଉଛି। ଲୋକଙ୍କ ସରକାର ଲୋକଙ୍କ ହିତ ଦୃଷ୍ଟିରୁ ଅନ୍ତତଃ ପକ୍ଷେ ୫% ଭାଟ କମେଇ ଦେଲେ ଏହା ଦ୍ୱାରା ଲୋକଙ୍କୁ ଆଶ୍ୱସ୍ତି ମିଳିବ।

- ରବି ବେହେରା, ଆବାହକ, ଓଡ଼ିଆ ଅସ୍ମିତା ପରିଷଦ

## ଗାଁ ସାଇତିଛି ପିଲାଦିନ ସ୍ମୃତି



ଭୁବନେଶ୍ୱର, ୨୩।୫(ସମିସ): ଗାଁ ମୋର କେତେବେଳେ ନଈ, ନାଳ ଆଉ ଗଛଲତାର ମେଳରେ ବେଶ ସୁନ୍ଦର ଦେଖାଯାଏ ତ କେତେବେଳେ ଢିଙ୍କି କୁଟା ଚାଉଳର ବାସ୍ନାରେ ଦାଣ୍ଡ ମହକେ। ସେଇ ମାଟିରେ ଗଢି ହେଇଛି ଜୀବନର କେତେ ଅଭୁଲା ସ୍ମୃତି। ଭାଇ ବନ୍ଧୁ କୁଟୁମ୍ବଙ୍କ ମେଳିରେ ମଣିଷ ଶିଖିଛି ସବୁ ସମ୍ପର୍କର ମୂଲ୍ୟ। ସାଇତିଛି କେତେ ପୁରୁଣା ସ୍ମୃତି ସବୁ।

ନିଜ ଶବ୍ଦର ଗହଣାରେ ଗାଁକୁ ଏପରି ସଜେଇଥିବା ମଣିଷ ହେଉଛନ୍ତି ରଶ୍ମିରଞ୍ଜନ ମହାପାତ୍ର। ଖୋର୍ଦ୍ଧା ଜିଲ୍ଲାର ବେଗୁନିଆ ବ୍ଲକ ଅନ୍ତର୍ଗତ କରଡଗାଡିଆ ହେଉଛି ତାଙ୍କ ଗାଁ। ଦୀର୍ଘ ବର୍ଷ ହେବ ରାଜଧାନୀର ପୁରୁଣା ଭୁବନେଶ୍ୱର ଅଞ୍ଚଳରେ ରହୁଛନ୍ତି। ପେଶାରେ ସେ ଜଣେ ଚିତ୍ରଶିଳ୍ପୀ ଏବଂ କର୍ମକ୍ଷେତ୍ର ତାଙ୍କୁ ଭୁବନେଶ୍ୱରରେ

**ଆମେ ଗାଁରୁ ଆସିଛୁ**

ପହଁଚାଇଥିଲା। ହେଲେ ସମୟ ସହ ଗାଁ ଓ ସହର ଭିତରେ ଗଢି ଉଠିଥିବା ସେ ତଫାତ୍‌କୁ ନେଇ କୁହନ୍ତି, ମୋ ଗାଁ ସବୁବେଳେ ସୁନ୍ଦର। ସହର ପରି ନା ସେଠାରେ ପ୍ରଦୂଷଣ ଅଛି ନା ଅଚିହ୍ନା ଭାବ। ସାଙ୍ଗସାଥୀ ମେଳରେ କେତେ ଖୁସି ଲାଗେ, ବାଡି ତୋଟା ବୁଲିବା ସାଙ୍ଗକୁ ପୋଖରୀରେ ଗାଧୁଆ, ଗାଁ ଖଟି, କ୍ରିକେଟ ଖେଳ ଏସବୁ ଏବେ ଯେମିତି ସ୍ୱପ୍ନ। ଗାଁର ସ୍ନେହ ଭଲ ପାଇବା ସହରରେ ବେଶ ଖୋଜା ପଡେ। ଗାଁର ମକର ମହୋତ୍ସବ, ଯାନିଯାତ୍ରାରେ ଘରେ ଘରେ ବନ୍ଧୁବାନ୍ଧବଙ୍କ ମେଳ, ରଜରେ ଉତ୍ସବ ମୁଖର ଗାଁ ମନରେ ଖୁସି ଆଣିଦିଏ। ସବୁଜ କିଆରି, ଗାଁ ନଈନିଜ ସହ କେତେ କେତେ ସ୍ମୃତିକୁ ଜାବୁଡି ଧରିଛି। ଆଜି ବି ସେଠାକୁ ଗଲେ ସବୁକିଛି ଫେରି ପାଇଲା ଭଳି ଲାଗେ। ଆମ ଗାଁର ଗ୍ରାମଦେବତୀ ହେଲେ ମା ମଙ୍ଗଳା, ସନ୍ଧ୍ୟା ହେଲେ ସେଠି ଗାଁର ବୟଜ୍ୟେଷ୍ଠଙ୍କ ମେଳରେ ଆଧ୍ୟାତ୍ମିକ ଚର୍ଚ୍ଚା ଶୁଣିବାକୁ ଭଲ ଲାଗେ। ସେଠାର ଜନ୍ତାଳ ସମୟରେ ଗାଁ ଉତ୍ସବ ଭଳି ଲାଗେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଗାଁରେ ସମସ୍ତେ ଏକଜୁଟ ହୋଇଥାନ୍ତି। କାହାର କିଛି ଅସୁବିଧା ହେଲେ ସାଙ୍ଗରେ ଠିଆ ହୁଅନ୍ତି। ହେଲେ ଏଠି ପଡ଼ିଶା ଘର ଲୋକଙ୍କ ସହ ସେ ସମ୍ପର୍କ ନାହିଁ। ଆଜିକାଲି କାହାରି ପାଇଁ ଯେମିତି କାହା ପାଖେ ସମୟ ନାହିଁ। ଏ ସହରରେ ଆପଣାପଣ ନାହିଁ। ଗାଁରେ ପିଲା କେତେ ଖେଳ ମଜା କରନ୍ତି, ହଲେ ସହରରେ ପିଲାଙ୍କ ପାଖରେ ସେଥିପାଇଁ ସମୟ ନାହିଁ। ଆଜି ବି ସମୟ ନେଇ ଗାଁକୁ ଯାଏ, ସେସବୁ ସ୍ମୃତିକୁ ସାଉଁଟି ଖୁବ ଖୁସି ହୁଏ। କାରଣ ଗାଁର ମହକ, ପରିବେଶ ଏବଂ ଭାଇଚାରା ସହରରେ ମିଳେନି।

● ୨୮ ଦିନରେ ଆସିଲା ରାୟ

## ମନିପର୍ସ ଚୋରକୁ ୬ ମାସ ଜେଲ୍

ଭୁବନେଶ୍ୱର, ୨୩।୫ (ସମିସ): ଖାରବେଳ ନଗର ଥାନା ଅଞ୍ଚଳରେ ଘଟିଥିବା ଏକ ମନିପର୍ସ ଚୋରି ମାମଲାର ରାୟ ମାତ୍ର ୨୮ ଦିନରେ ପ୍ରକାଶ ପାଇଛି। ଭୁବନେଶ୍ୱର ସ୍ଥିତ ସବ୍ ଡିଭିଜନାଲ ଜୁଡିସିଆଲ ମାଜିଷ୍ଟ୍ରେଟ ଅମିତ କୁମାର ଏହି ମାମଲାର ବିଚାରକରି ପଞ୍ଚୁ ରାୟଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି।

ପୁଲିସ ସୂଚନାନୁସାରେ, ହେମନ୍ତ କୁମାର ନାୟକ ଖାରବେଳନଗର ଥାନା ଅଧୀନରେ ଥିବା ଡୋପିନ କୋରିଅର କମ୍ପାନୀରେ ଡେଲିଭେରୀ କର୍ମଚାରୀ ଭାବେ କାମ କରୁଥିଲେ ଓ ସାମଗ୍ରୀ ଡେଲିଭରି ଲାଗି ସେ ଅଟୋ ରିକ୍ସା ବ୍ୟବହାର କରୁଥିଲେ। ସେ ଗତମାସ ୨୩ ତାରିଖ ଦିନ ପ୍ରାୟ ୧ଟା ୪୫ ସମୟରେ ନିଜ ଅଟୋ ରିକ୍ସାଟିକୁ ଅଫିସ ସମ୍ମୁଖରେ ରଖି ମଧ୍ୟାହ୍ନ ଭୋଜନ କରିବା ପାଇଁ ଯାଇଥିଲେ। ତରତରରେ ଯିବା ସମୟରେ ୫ ହଜାର ଟଙ୍କା ଥିବା ନିଜ ପର୍ସଟିକୁ ଅଟୋ ଭିତରେ ହିଁ ଛାଡ଼ି ଚାଲି ଯାଇଥିଲେ। ସାରି ଫେରିବା ପରେ ଅଟୋରେ ତାଙ୍କର ପର୍ସଟି ନଥିବା ଦେଖିବାକୁ ପାଇଥିଲେ। ଏନେଇ ହେମନ୍ତ ଅଭିଯୋଗ କରିବା ପରେ ଖାରବେଳ ନଗର ଥାନା କେସ୍ ନଂ - ୨୫୭/୨୬ରେ ଧାରା-୩୦୩ (୨) ବିଏନ୍‌ଏସ ଲଗାଇ ମାମଲା ରୁଜୁ କରିଥିଲା। ଘଟଣାର ତଦନ୍ତକାରୀ ଅଧିକାରୀ ତଥା ସବ୍ ଇନ୍ସପେକ୍ଟର ବିଚିତ୍ର କୁମାର ଜେନା ଘଟଣାସ୍ଥଳରେ ଲାଗିଥିବା ସିସିଟିଭି ଫୁଟେଜରୁ ପ୍ରମାଣ ପାଇ ପଞ୍ଚୁଙ୍କୁ ଗିରଫ କରିବା ସହ ତା' ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲେ। ଅଦାଲତ ଘଟଣା ସହିତ ସମ୍ପୃକ୍ତ ୬ଜଣ ସାକ୍ଷୀ ଓ ୪ଗୋଟି ପ୍ରଯୁଜ୍ୟ ଦସ୍ତାବିଜ ଆଧାରରେ ମାମଲାର ବିଚାର କରି ଆସାମୀ ପଞ୍ଚୁଙ୍କୁ ୬ ମାସର ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସରକାରଙ୍କ ତରଫରୁ ସହକାରୀ ପବ୍ଲିକ୍ ପ୍ରୋସିକ୍ୟୁଟର ଅନ୍ୱର ଅଲ୍ଲୀ ଏହି ମାମଲାକୁ ପରିଚାଳନା କରିଥିଲେ।

## ଏସ୍‌ମା ଲାଗୁ ଗଣତାନ୍ତ୍ରିକ ଅଧିକାର ଉପରେ ଆକ୍ରମଣ'

ଭୁବନେଶ୍ୱର, ୨୩।୫(ସମିସ): ଓଡ଼ିଶା ସରକାରଙ୍କ ଦ୍ୱାରା ଏସମା ଲାଗୁ କରାଯାଇଥିବା ପଦକ୍ଷେପକୁ ତୀବ୍ର ନିନ୍ଦା କରିଛି ଆଲ୍ ଇଣ୍ଡିଆ ସେଣ୍ଟ୍ରାଲ କାଉନସିଲ ଅଫ ଟ୍ରେଡ୍ ୟୁନିଅନ୍ସ (ଏଆଇସିସିଟିୟୁ)। ଏଆଇସିସିଟିୟୁର ରାଜ୍ୟ ସାଧାରଣ ସମ୍ପାଦକ ମହେନ୍ଦ୍ର ପରିଡ଼ା ଏକ ପ୍ରେସ୍ ବିବୃତିରେ କହିଛନ୍ତି ଯେ, ଶ୍ରମିକ, କର୍ମଚାରୀ ଓ ସାଧାରଣ ଲୋକଙ୍କ ଗଣତାନ୍ତ୍ରିକ ଓ ସମ୍ବିଧାନିକ ଅଧିକାର ଉପରେ ସରାସରି ଆକ୍ରମଣ। ଆଜି ଦେଶ ଜୁଡି ମହଙ୍ଗାଇ, ବେକାରି, ଠିକା ପ୍ରଥା, ବେତନ ବଞ୍ଚନା ଓ ଶ୍ରମ ଅଧିକାର ଉପରେ ଆକ୍ରମଣ ବଢ଼ିଚାଲିଥିବା ବେଳେ ଶ୍ରମିକମାନେ ନିଜ ଦାବି ନେଇ ଗଣତାନ୍ତ୍ରିକ ଭାବେ ଆନ୍ଦୋଳନ କରୁଛନ୍ତି। କିନ୍ତୁ ସରକାର ସମସ୍ୟାର ସମାଧାନ କରିବା ପରିବର୍ତ୍ତେ ଏସମା ଭଳି କଳା ଆଇନ ଲାଗୁ କରି ଶ୍ରମିକ ଆନ୍ଦୋଳନକୁ ଦମନ କରିବାକୁ ଚେଷ୍ଟା କରୁଛି। ଏଆଇସିସିଟିୟୁ କହେ ଯେ ଆଲୋଚନା ଓ ସମାଧାନର ପଥ ଛାଡି ଦମନର ପଥ ଅନୁସରଣ କରିବା ଗଣତନ୍ତ୍ର ପାଇଁ ଅତ୍ୟନ୍ତ ବିପଜ୍ଜନକ। ସରକାର ତୁରନ୍ତ ଋଝଗଇ ପ୍ରତ୍ୟାହାର କରି ଶ୍ରମିକ ଓ କର୍ମଚାରୀ ସଂଗଠନ ସହ ଆଲୋଚନା ଆରମ୍ଭ କରିବାକୁ ସେ ଦାବି କରିଛନ୍ତି। ଓଡ଼ିଶାର ସମସ୍ତ ଶ୍ରମିକ, କର୍ମଚାରୀ ଓ ଗଣତାନ୍ତ୍ରିକ ଶକ୍ତିଙ୍କୁ ଏହି ଦମନମୂଳକ ପଦକ୍ଷେପ ବିରୋଧରେ ଏକତ୍ର ହେବାକୁ ଏଆଇସିସିଟିୟୁ ପକ୍ଷରୁ ଆହ୍ୱାନ କରିଛନ୍ତି।

### ଆଠଗଡ଼ ବିଧାୟକଙ୍କ ଉପରେ ଆକ୍ରମଣ ଘଟଣାକୁ ନିନ୍ଦା

## ଟାଙ୍ଗୀ ଥାନା ସମ୍ମୁଖରେ ପ୍ରତିବାଦ ୨୯ରେ

କଟକ, ୨୩।୫(ସମିସ): ଆଠଗଡ଼ର ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଗାଡ଼ି ଉପରକୁ ହୋଇଥିବା ଢେଲାପଥର ମାଡ଼ ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ବିଜେପିର ଅସାମାଜିକ ବ୍ୟକ୍ତିମାନେ ଯେଉଁଭଳି ଭାବରେ ଢେଲାପଥର



ପକାଇ ଆକ୍ରମଣ କଲେ ତାହାକୁ ବିଜୁ ଜନତାଦଳ, ସିପିଆଇ(ଏମ୍) ଓ ସିପିଆଇର ଏକ ମିଳିତ ବୈଠକରେ ତୀବ୍ର ନିନ୍ଦା କରାଯାଇଛି। ତା'ସହ ଗତ ୧୫ତାରିଖରେ ବିଜେପିର ଦୁଇ ଜଣ ନେତା ଅରିନ୍ଦମ ରାୟ ଓ ଅଭୟ ବାରିକ ଟାଙ୍ଗୀ-ବ୍ଲକ ପ୍ରଶାସନିକ ଅଧିକାରୀଙ୍କୁ ଯେଉଁଭଳି ଭାବରେ କାର୍ଯ୍ୟାଳୟ ଭିତରେ ପଶି ଧମକଚମକ ଦେଲେ ଉକ୍ତ କାର୍ଯ୍ୟଧାରାକୁ ତିନି ଦଳ ତରଫରୁ ବିରୋଧ କରାଯାଇଛି। ଆଜି ବିଜୁ ଜନତା ଦଳ ଟାଙ୍ଗୀ-ଚୌଦ୍ୱାର ସଭାପତି ବିରେନ୍ଦ୍ର କୁମାର ଯେଠୀଙ୍କ ସଭାପତିତ୍ୱରେ ଏକ ବୈଠକ କଟକ ସର୍କିଟ ହାଉସ୍ ବୈଠକ ଗୃହରେ ଅନୁଷ୍ଠିତ ହୋଇଥିଲା। ବିଶେଷ କରି ପୁଲିସ ପ୍ରଶାସନ ଟାଙ୍ଗୀ ବ୍ଲକ ଘଟଣାରେ ଆଇନ ସମ୍ମତ ରାସ୍ତାରେ ନ ଯାଇ ଶାସକ ଦଳର ହାତବାରିସୀ ଭାବରେ କରିଥିବା କାର୍ଯ୍ୟ କରିବା ଏବଂ ଅପରାଧୀଙ୍କୁ ଗିରଫ କରିବା ବଦଳରେ ପୁଲିସ ସୁରକ୍ଷା ଦେବା ଘଟଣାକୁ ଆଜିର ବୈଠକରେ ନିନ୍ଦା କରାଯାଇ ପ୍ରସ୍ତାବ ଗୃହୀତ ହୋଇଛି। ରାଜ୍ୟରେ ବିଜେପି ସରକାରଙ୍କର କୁଶାସନ, ନିୟନ୍ତ୍ରଣବିହୀନ ଆଇନଶୃଙ୍ଖଳା ପରିସ୍ଥିତି, ଦୁଇ ବର୍ଷ ଧରି ବାର୍ଦ୍ଧକ୍ୟ, ବିଧବା, ଭିନ୍ନକ୍ଷମ ଭତ୍ତା ଏବଂ ଆବାସ ଯୋଜନା ବନ୍ଦ କରିବା ସମେତ ଏସ୍‌ଆଇ, ନିଟ୍ ପ୍ରଶ୍ନପତ୍ରର ଖୋଲମ୍‌ଖୋଲା ବ୍ୟବସାୟ ଏବଂ ପେଟ୍ରୋଲିୟମ ସାମଗ୍ରୀଗୁଡିକର ତିନି ତିନି ଥର ମୂଲ୍ୟବୃଦ୍ଧି ଜନଜୀବନକୁ ବିପର୍ଯ୍ୟସ୍ତ କରୁଥିବା ସମ୍ପର୍କରେ ୮ଟି ମିଳିତ ସମାବେଶ କରାଯିବା ସହ ଆସନ୍ତା ୨୯ ତାରିଖ ଟାଙ୍ଗୀ ପୁଲିସ ଷ୍ଟେସନ ସମ୍ମୁଖରେ ମିଳିତ ପ୍ରତିବାଦ ବିକ୍ଷୋଭ କରାଯିବା ପାଇଁ ସ୍ଥିର କରାଯାଇଛି। ବୈଠକରେ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ବ୍ଲକ ଉପାଧ୍ୟକ୍ଷା ସୁପ୍ରିୟା ଯେଠୀ, ଜିଲ୍ଲା ପରିଷଦ ସଦସ୍ୟ ଚିତ୍ତରଞ୍ଜନ ସାମଲ, ଜୟଶ୍ରୀ ପ୍ରଧାନ, ଚୌଦ୍ୱାରର ଯୁବ ନେତା ତୀର୍ଥାନନ୍ଦ ସୁବୁଧିରାୟ, ବିଜେଡି ନେତା ଜନ୍ମଜୟ ଖିଲାଡ, ସିପିଆଇ.(ଏମ୍) ରାଜ୍ୟ ରାଜ୍ୟ କମିଟି ସଭ୍ୟ ଓ କଟକ ଜିଲ୍ଲା ସମ୍ପାଦକ ବଦ୍ରିନାରାୟଣ ଦାଶ, ସିପିଆଇର ରାଜ୍ୟ କମିଟି ସଭ୍ୟ ଅମରେନ୍ଦୁ ମହାନ୍ତି, ତପସ୍ୱିନୀ ସାହୁ, ରାକେଶ ରଞ୍ଜନ ଷଡଙ୍ଗୀ, ଆଶିଷ ରଞ୍ଜନ ଷଡଙ୍ଗୀ, ସେକ୍ ସାହାଜାନ୍, ସିପିଆଇ.(ଏମ୍)ର କଟକ ଜିଲ୍ଲା ସମ୍ପାଦକମଣ୍ଡଳୀ ସଭ୍ୟ ବିଷ୍ଣୁ ବେହେରା, ଆଞ୍ଚଳିକ ସମ୍ପାଦକ ରମେଶଚନ୍ଦ୍ର ବେହେରା, କୃଷକ ସଭାର ସଭାପତି ଡମ୍ବରୁଧର ସାହୁ, ବିଜେଡିର ଅଶୋକ ପରିଡ଼ା, ରତ୍ନାକର ରାଉତ, ଚିତ୍ତରଞ୍ଜନ ନାୟକ, ଲକ୍ଷ୍ମଣ ରାଉତ, ଅଶୋକ ବାଇ, ସରୋଜ ଖଟୁଆ, ଜଗନ୍ନାଥ ଦାସ ଓ ଟାଙ୍ଗୀ-ଚୌଦ୍ୱାର ବ୍ଲକର ପଞ୍ଚାୟତ ସଭାପତି ସରପଞ୍ଚ, ସମିତି ସଭ୍ୟଙ୍କ ସମେତ ବହୁ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ।

● ଆଠଗଡ଼ ବିଧାୟକଙ୍କୁ ଅଣ୍ଡା ଓ ବୋତଲ ମାଡ଼ ଘଟଣା

## ୨୪ ଘଣ୍ଟା ବିତିଲା; ପୁଲିସ ହାତ ଖାଲି

ତିଗିରିଆ, ୨୩।୫(ସମିସ): ଶୁକ୍ରବାର ପୂର୍ବାହ୍ନରେ ତିଗିରିଆ ପଞ୍ଚାୟତସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଯୋଗଦେବାକୁ ଆସୁଥିବା ଆଠଗଡ଼-ତିଗିରିଆ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଗାଡ଼ି ସମ୍ମୁଖରେ ଆପତ୍ତିଜନକ ପୋଷ୍ଟର ଦେଖାଇ ନାରାବାଜି କରିବା ସହ ବିଧାୟକଙ୍କ ଗାଡିକୁ ବୋତଲ, ଅଣ୍ଡା ମାଡ଼ କରିବା ଘଟଣାକୁ ୨୪ ଘଣ୍ଟାରୁ ଅଧିକ ସମୟ ବିତିଥିଲେହେଁ ସ୍ଥାନୀୟ ପୁଲିସ ଏକ ମାମଲା ରୁଜୁ କରି ଚୁପ ବସିଛି। ଏହି ଘଟଣାରେ ସମ୍ପୃକ୍ତ କୌଣସି ଅଭିଯୁକ୍ତଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିନାହିଁ। ଆଠଗଡ଼ ନିର୍ବାଚନମଣ୍ଡଳୀ ଅଧିନ ଆଠଗଡ଼ ଏନଏସି, ଆଠଗଡ଼ ଓ ତିଗିରିଆ ବ୍ଲକରେ ଗତ କିଛିଦିନ ଧରି ରାଜନୈତିକ ଛକାପଞ୍ଝା ଚାଲିଥିଲେ ହେଁ ଆଠଗଡ଼ ଗୁଇନ୍ଦା ବିଭାଗର କାର୍ଯ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

■ ପ୍ରଶ୍ନବାଚୀରେ ପୁଲିସ ଓ ଗୁଇନ୍ଦା ବିଭାଗର କାର୍ଯ୍ୟ
■ ଜାଣିଶୁଣି ନାଟକ ଦେଖୁଥିଲା କି ପ୍ରଶାସନ ?

ତିଗିରିଆ ପଞ୍ଚାୟତସମିତି ବୈଠକରେ ଶାସକ ବିଜେପି ଓ ବିରୋଧୀ ବିଜେଡ଼ି କର୍ମୀଙ୍କ ମଧ୍ୟରେ ଛକାପଞ୍ଝା ସହ ବିଜେପି ପକ୍ଷରୁ ବିଧାୟକ ରଣେନ୍ଦ୍ରଙ୍କୁ ବିରୋଧ କରାଯିବା ନେଇ ଆଭାଷ ମିଳିଥିଲା। ମାତ୍ର ଏନେଇ ସ୍ଥାନୀୟ ଗୁଇନ୍ଦା ବିଭାଗ କିମ୍ବା ପୁଲିସ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବା ତଥା ଗତକାଲିର ଘଟଣାକୁ ଅତି ହାଲୁକା ଭାବେ ଗ୍ରହଣ କରାଯିବା ଘଟଣା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରାୟ ଏକ ବର୍ଷ ତଳେ ବିଧାୟକ ଶ୍ରୀ ସ୍ୱାଇଁ ପଞ୍ଚାୟତ ସମିତି ବୈଠକରେ ଯୋଗଦେଇ ଫେରିବା ପରେ ବାଟରେ ତାଙ୍କ ଗାଡି ଉପରେ ଆକ୍ରମଣ ଘଟଣା ଜନମାନସରୁ ଲିଭି ନଥିବା ବେଳେ ପୁନର୍ବାର ପୂର୍ବ ଶୈଳୀରେ ବିଜେପି ପକ୍ଷରୁ ତାଙ୍କୁ ଜୋରଦାର ବିରୋଧ କରାଯାଇଛି। ଏହି ଘଟଣାରୁ ଉପଖଣ୍ଡ ଗୁଇନ୍ଦା ବିଭାଗ ଓ ସ୍ଥାନୀୟ ପୁଲିସ କିଛି ଶିକ୍ଷା ଗ୍ରହଣ କରି ନଥିବା ମନେ ହେଉଛି। ଏହା ଏକ ପ୍ରାୟୋଜିତ ଘଟଣା ବୋଲି ବିବେଚିତ ହୋଇଛି। ଶୁକ୍ରବାର ସଂଗଠିତ ଘଟଣାକୁ ନେଇ ତିଗିରିଆ ବ୍ଲକ ବିଜେଡି ଦଳ ପକ୍ଷରୁ ଗୁରୁତର ସହ ନେବା ସହ ରାତିରେ ଏକ ନିର୍ବାଚିତ ଜନପ୍ରତିନିଧି ଦଳ କଟକ ଗ୍ରାମାଞ୍ଚଳ ଏସପିଙ୍କୁ ଭେଟି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିବାରେ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଦୋଷୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ବର୍ତ୍ତମାନ ସୁଦ୍ଧା ପୁଲିସ ପକ୍ଷରୁ କୌଣସି ଅଭିଯୁକ୍ତଙ୍କୁ ଧରାଯାଇ ପାରିନାହିଁ। ଜିଲ୍ଲା ପ୍ରଶାସନ ତଦନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

## କେୟାର୍ ଟେକରଙ୍କୁ ଧକ୍କା ଦେଇ ୪ ନାବାଳିକା ଫେରାର

● ଯାଜପୁରରେ ଡେରା ପକାଇଛି ପୁଲିସ

ଭୁବନେଶ୍ୱର, ୨୩।୫ (ସମିସ): କେୟାର ଟେକରଙ୍କୁ ଧକ୍କା ଦେଇ ୪ ଜଣ ନାବାଳିକା ଖସି ପଳାଇଛନ୍ତି। କୋଲଥିଆ ସ୍ଥିତ ବିଶ୍ୱ ଜୀବନ ସେବା ସଂଘ ଆଶ୍ରୟସ୍ଥଳରେ ଏଭଳି ଘଟଣା ଘଟିଛି। ଏନେଇ ଅଭିଯୋଗ ହେବାପରେ ମାମଲା ରୁଜୁ କରିଛି ଭରତପୁର ଥାନା ପୁଲିସ।

ଅଭିଯୋଗ ଅନୁସାରେ, ବିଶ୍ୱ ଜୀବନ ସେବା ସଂଘରେ ବିଭିନ୍ନ ସ୍ଥାନରେ ନିଖୋଜ ଓ ଅପହରଣର ଶିକାର ହୋଇଥିବା ନାବାଳିକାମାନଙ୍କୁ ରଖା ଯାଇଥାଏ। ନିକଟରେ ବରମୁଣ୍ଡା ବସଷ୍ଟାଣ୍ଡରୁ ଗଞ୍ଜାମ ଜିଲ୍ଲାର ଜଣେ ନାବାଳିକାଙ୍କୁ ଉଦ୍ଧାର କରାଯାଇ ସେଠାରେ ରଖାଯାଇଥିଲା। ସେହିପରି ବାଲିପାଟଣା ଥାନା ଅଞ୍ଚଳରୁ ଅପହରଣ ହୋଇଥିବା ନାବାଳିକାକୁ ପୁଲିସ ଉଦ୍ଧାର କରି ସେହିଠାରେ ଛାଡ଼ିଥିଲା। ଏଥିସହିତ ସିଆରପି ଓ ପୁରୀ ଅଞ୍ଚଳର ଦୁଇ ଜଣ ନାବାଳିକା ମଧ୍ୟ ଆଶ୍ରୟସ୍ଥଳୀରେ ରହୁଥିଲେ। ଏହି ୪ ଜଣଙ୍କ ସମେତ ଅନ୍ୟ ନାବାଳିକାମାନେ ମଧ୍ୟ ଖାଇପିଇ ଶୋଇଥିବା ବେଳେ ଜଣେ ମାତ୍ର କେୟାର ଟେକର ଥିଲେ। ବିଳମ୍ବିତ ରାତିରେ କେୟାର ଟେକର ବସିଥିବା ବେଳେ ୪ ଜଣ ନାବାଳିକା ଖସିବାକୁ ଚେଷ୍ଟା କରିଥିଲେ। କେୟାର ଟେକର ଅଟକାଇବାକୁ ଉଦ୍ୟମ କରିବାରୁ ନାବାଳିକାମାନେ ତାଙ୍କୁ ଧକ୍କା ଦେଇ ଖସି ଯାଇଥିଲେ।

ଏନେଇ ସଂସ୍ଥା ପକ୍ଷରୁ ଭରତପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଛି। ୨ ଜଣ ନାବାଳିକା ଯାଜପୁରରେ ଥିବା ନେଇ ପୁଲିସକୁ ଖବର ମିଳିଥିବା ବେଳେ ଆଉ ୨ ଜଣଙ୍କ ପତ୍ତା ମିଳିନାହିଁ। ସେମାନଙ୍କୁ ଠାବ କରିବା ପାଇଁ ଗୋଟିଏ ସ୍ୱତନ୍ତ୍ର ଟିମ୍ ଯାଜପୁରରେ ଡେରା ପକାଇଛି।

### ପୁଲିସ ଡେସ୍କରେ ଅଭିଯୋଗ ସଂଖ୍ୟା ନୈରାଶ୍ୟଜନକ

## କ୍ରାଇ କଣ୍ଟ୍ରୋଲ୍ ୟୁନି 'ରେ ଲୁଛି ତାଲା

କଟକ, ୨୩।୫(ସମିସ): କମିସନରେଟ୍ ପୁଲିସ ପକ୍ଷରୁ ଗତ ଦେଢ଼ ବର୍ଷ ପୂର୍ବରୁ କଟକ ୟୁପିଡିରେ ଆରମ୍ଭ କରାଯାଇଥିଲା 'ଷ୍ଟ୍ରିଟ୍ କ୍ରାଇମ୍ ପ୍ରିଭେନ୍‌ସନ୍ ଆଣ୍ଡ ଡିଟେକସନ୍ ୟୁନିଟ୍'। ଏହା ମାତ୍ର ଦେଢ଼ ବର୍ଷ ଚାଲିବା ପରେ ଏବେ ବନ୍ଦ ହୋଇଯାଇଛି। ଡିସିପିଙ୍କ କାର୍ଯ୍ୟାଳୟରେ ଏଥିନିମନ୍ତେ ଖୋଲାଯାଇଥିବା ପ୍ରକୋଷ୍ଠରେ ଏବେ ତାଲା ଝୁଲୁଛି। ଏହାର ପ୍ରମୁଖ କାରଣ' ହେଉଛି ଅଭିଯୋଗ ସଂଖ୍ୟା କମ୍ ଏବଂ ପୁଲିସର ଅଫସରଙ୍କ ଅନ୍ୟତ୍ର ବଦଳି। ପୁଲିସ ଡେସ୍କରେ ଅଭିଯୋଗ ସଂଖ୍ୟା କମିବାରୁ ଏଥି ପ୍ରତି ତତ୍କାଳିନ ପୁଲିସ ଅଫିସରମାନେ ଗୁରୁତ୍ୱ ଦେଉ ନାହାନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଏହି ଯୋଜନା ଆରମ୍ଭ ଦିନୁ ମାତ୍ର ଅଭିଯୋଗ ସଂଖ୍ୟା ୧୦୦ଛୁଇଁନାହିଁ। ଯାହାକୁ ନେଇ ଏହି ଡେସ୍କ ଏବେ କାର୍ଯ୍ୟକ୍ଷମ ହେବା କଷ୍ଟକର ହୋଇ ପଡ଼ିଥିଲା। କଟକ ସହରରେ ଅପରାଧିଙ୍କୁ ସାବାଡ୍ କରିବା ନିମନ୍ତେ କମିଶନରେଟ୍ ପୁଲିସ ପକ୍ଷରୁ ଏହି କଡା ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏଥିନିମନ୍ତେ ୨୪ଘଣ୍ଟିଆ ଟୋଲ୍ ଫ୍ରି' ନମ୍ବର ୭୯୭୮୮୯୪୪୦୫ ଜାରି କରାଯାଇଥିଲା। ପୁଲିସର ସ୍ମାର୍ଟ୍ କଣ୍ଟ୍ରୋଲ୍ ରୁମ୍‌ରେ ଚାଲୁଥିବା ଟୋଲ୍ ଫ୍ରି' ନମ୍ବର ୧୧୨ ସହିତ ଷ୍ଟ୍ରିଟ୍ କ୍ରାଇମ୍

■ ଦେଢ଼ ବର୍ଷ ପରେ ବନ୍ଦ ହୋଇଗଲା ଅପରାଧି ସାବାଡ୍ ଯୋଜନା




ପ୍ରିଭେନ୍‌ସନ୍ ଆଣ୍ଡ ଡିଟେକସନ୍ ୟୁନିଟ୍'ର ଟୋଲ୍ ଫ୍ରି' ନମ୍ବର କାର୍ଯ୍ୟକ୍ଷମ ହେଉଥିଲା। କଟକ ସହରରେ ଦିନକୁ ଦିନ ଚୋରି, ଡକାୟତି, ଛିନ୍‌ତାଇ ଓ ମଦ୍ୟପଙ୍କ ଉତ୍ପାତ ବଢୁଥିବା ବେଳେ ଏଥିରେ ରୋକ୍ ଲଗାଇବା ପାଇଁ ଏଭଳି ପଦକ୍ଷେପ ନିଆଯାଇଥିଲା। ତେବେ ପୁଲିସ କୌଣସି ଅଭିଯୋଗ ପାଇବା ପରେ ତାହାକୁ ୧୫ମିନିଟ୍ ଭିତରେ ଅଭିଯୋଗକାରୀଙ୍କ ସହିତ ଯୋଗାଯୋଗ କରିବ। ଏହାର ୨୪ଘଣ୍ଟା ଭିତରେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ବ୍ୟବସ୍ଥା ହୋଇଥିଲା। ଏଥି ସହିତ କାହା ସାମ୍ନାରେ ଯଦି କୌଣସି ଅପରାଧ ଘଟୁଛି, ସେ ତୁରନ୍ତ ଉପରୋକ୍ତ ଟୋଲ୍ ଫ୍ରି' ନମ୍ବରରେ ପୁଲିସକୁ ଅଭିଯୋଗ କରିପାରିବ। ସମ୍ପୃକ୍ତ ଅଭିଯୋଗକାରୀଙ୍କ ନାମଗୋପନ ରଖାଯିବ। ହେଲେ ଏହି ସମ୍ପୂର୍ଣ୍ଣ ଯୋଜନାଟି ଫଳପ୍ରଦ ହୋଇ ପାରିଲା ନାହିଁ। ପୁଲିସ ସୂତ୍ରରୁ ପ୍ରକାଶ ଯେ ଗଠନ କରାଯାଇଥିବା ୟୁନିଟ୍‌କୁ ଏଡିସିପି(କ୍ରାଇମ୍) ପରିଚାଳନା କରିବାର ଯୋଜନା ରହିଥିଲା। ଏହି ୟୁନିଟ୍‌କୁ ପ୍ରତ୍ୟେକ ଦିନ ଆସିଥିବା ଅଭିଯୋଗକୁ ନିଜେ ଡିସିପି ତଦାରଖ କରୁଥିଲେ। ଯଦି କୌଣସି ପୁଲିସ ଅଧିକାରୀ ନିଜ ଡ୍ୟୁଟିରେ ଅବହେଳା କରନ୍ତି, ତେବେ ତୁରନ୍ତ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଥିଲା। ସମ୍ପ୍ରତି କଟକ ସହରରେ ରାସ୍ତା କଡ ଠାରୁ ଆରମ୍ଭ କରି ସହରର ଗଳିକନ୍ଦିରେ ପ୍ରତ୍ୟେକ ଦିନ ବିଭିନ୍ନ ଅପରାଧ ଘଟୁଛି। ଅଭିଯୋଗକାରୀମାନେ ଥାନାକୁ ଆସି ଅଭିଯୋଗ କରିବା ପରେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। କିନ୍ତୁ ଏହି ୟୁନିଟ୍ କାର୍ଯ୍ୟକ୍ଷମ ହେବା ପରେ ଜନସାଧାରଣଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରାଯିବା ସହିତ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିବ। ମୁଖ୍ୟତଃ ସହରରେ ବ୍ରାଉନସୁଗର, ଗଞ୍ଜେଇ ଓ ଚୋରା ମଦ କାରବାର ହେଉଛି। ବିଳମ୍ବିତ ରାତିରେ ହେଉ କି ଦିନରେ ସର୍ବସାଧାରଣରେ କେତେକ ଲୋକ ମଦ୍ୟପାନ କରୁଛନ୍ତି। ସାଧାରଣ ସହରବାସୀ ଏହାକୁ ନେଇ ବିଭିନ୍ନ ପ୍ରକାର ସମସ୍ୟାର ସମ୍ମୁଖିନ ହେଉଛନ୍ତି। ବିଭିନ୍ନ ସମୟରେ ବରିଷ୍ଠ ନାଗରିକମାନେ ଏହାକୁ ନେଇ ବିପଦରେ ପଡୁଛନ୍ତି। ପୁଲିସର ଏହି ପଦକ୍ଷେପ ଯୋଗୁଁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ଏହି ଯୋଜନା କାର୍ଯ୍ୟକ୍ଷମ ହୋଇ ପାରି ନଥିଲା।

# କଟକ ସିଟି





### ସଦଗୁରୁ ହସ୍ପିଟାଲରେ ବିରଳ କୃତିତ୍ୱ

# ‘ଟେଭାର’ ପଦ୍ଧତିରେ ମହାଧମନୀ ଆନିଉରିଜମ୍‌ର ସଫଳ ଅସ୍ତ୍ରୋପଚାର

କଟକ,୨୩।୫(ସମିସ):

ଜଗତପୁରସ୍ଥିତ ସଦଗୁରୁ ହସ୍ପିଟାଲରେ ସଫଳ ହୋଇଛି ଏକ ବିରଳ ଅସ୍ତ୍ରୋପଚାର। ବାହାର ଡାକ୍ତରଙ୍କ ବିନା ସହଯୋଗରେ ସଦଗୁରୁ ହସ୍ପିଟାଲର ବିଶେଷଜ୍ଞ ଡାକ୍ତରଙ୍କ ଅକ୍ଲାନ୍ତ ପରିଶ୍ରମରେ ଜଣେ ବ୍ୟକ୍ତିଙ୍କର ମହାଧମନୀ ଆନିଉରିଜମ ଭଳି ଜଟିଳ ରୋଗର ଅସ୍ତ୍ରୋପଚାର ଅତ୍ୟାଧୁନିକ ‘ଟେଭାର’ ପଦ୍ଧତିରେ ସଫଳତାର ସହ ସମ୍ପନ୍ନ ହୋଇଛି। ଫଳରେ ହସ୍ପିଟାଲର ହୃଦବକ୍ଷ ଶଲ୍ୟ ଚିକିତ୍ସା କ୍ଷେତ୍ରରେ ଆଉ ଏକ ସଫଳତା ଯୋଡ଼ି ହେଇଯାଇଛି। ଟେଭାର ପଦ୍ଧତି ହେଉଛି ଛାତି ଭିତରେ ଥିବା ମହାଧମନୀର ଫୁଲା ବା ଛିଣ୍ଡିଯିବା ଭଳି ଜଟିଳ ସମସ୍ୟାର ଚିକିତ୍ସା ପାଇଁ ବ୍ୟବହୃତ ଏକ ଆଧୁନିକ ଓ କମ୍ କଷ୍ଟଦାୟକ ଅସ୍ତ୍ରୋପଚାର ପଦ୍ଧତି। ଏହି ପଦ୍ଧତିରେ ଛାତିକୁ ବିରାଟ ଆକାରରେ କାଟି ଅପରେସନ କରାଯାଏ ନାହିଁ। ବରଂ ଜଙ୍ଘ ଭିତର ଦେଇ ଧମନୀ ମାଧ୍ୟମରେ ଏକ ବିଶେଷ ଷ୍ଟେଣ୍ଟ-ଗ୍ରାଫ୍ଟ ମହାଧମନୀ ଭିତରକୁ




ପହଞ୍ଚାଯାଇ ଫୁଲିଥିବା କିମ୍ବା କ୍ଷତିଗ୍ରସ୍ତ ଅଂଶକୁ ଢାଙ୍କି ଦିଆଯାଏ। ଫଳରେ ରକ୍ତ ସୁରକ୍ଷିତ ଭାବେ ପ୍ରବାହିତ ହୁଏ ଓ ମହାଧମନୀ ଫାଟିଯିବାର ଆଶଙ୍କା କମିଯାଏ ବୋଲି ଅସ୍ତ୍ରୋପଚାର କରିଥିବା ବିଶେଷଜ୍ଞ ଟିମ୍‌ର ମୁଖ୍ୟ ସଦଗୁରୁ ହସ୍ପିଟାଲର ହୃଦବକ୍ଷ ଶଲ୍ୟ ବିଶେଷଜ୍ଞ ଡାକ୍ତର ଅନନ୍ତ ବରାଡ କହିଛନ୍ତି। ବରିଷ୍ଠ ହୃଦବକ୍ଷ ଶଲ୍ୟ ବିଶେଷଜ୍ଞ ପ୍ରଫେସର ଡାକ୍ତର ମନୋଜ କୁମାର ପଟ୍ଟନାୟକଙ୍କ ପରାମର୍ଶରେ ହୃଦରୋଗ ବିଶେଷଜ୍ଞ ଡାକ୍ତର ଓମପ୍ରକାଶ ନାୟକ ଏବଂ ନିଶ୍ଚେତକ ବିଶେଷଜ୍ଞ ଡାକ୍ତର ସୁବ୍ରତ କୁମାର ନାୟକ ଏଥିରେ ପୂର୍ଣ୍ଣ ସହଯୋଗ କରିଥିବାରୁ ଏଭଳି ଜଟିଳ ଚିକିତ୍ସା ସଫଳ ହୋଇଥିବା ସଦଗୁରୁ ହସ୍ପିଟାଲର ନିର୍ଦ୍ଦେଶକ ଡାକ୍ତର ପ୍ରଦୀପ କୁମାର ମହାନ୍ତି କହିଛନ୍ତି। ଏହି ସଫଳ ଅସ୍ତ୍ରୋପଚାର ମାଧ୍ୟମରେ ସଦଗୁରୁ ହସ୍ପିଟାଲ ପୁଣିଥରେ ଉନ୍ନତ ହୃଦବକ୍ଷ ଚିକିତ୍ସା ସେବା କ୍ଷେତ୍ରରେ ନିଜର ଦକ୍ଷତା ଓ ପ୍ରତିବଦ୍ଧତାର ପ୍ରମାଣ ଦେଇଛି। ସୂଚନା ଥାଉକି, ନୟାଗଡ଼ ଜିଲ୍ଲାର ଦଶପଲ୍ଲା ଅଞ୍ଚଳର ବାସିନ୍ଦା କୃଷ୍ଣଚନ୍ଦ୍ର ପ୍ରଧାନ ଦୀର୍ଘଦିନ ଧରି ମହାଧମନୀ ଫୁଲା ରୋଗରେ ପୀଡ଼ିତ ଥିଲେ। ପରୀକ୍ଷା ଓ ସ୍କାନ୍ ରିପୋର୍ଟରୁ ଜଣାପଡ଼ିଥିଲା ଯେ ରୋଗୀଙ୍କ ମହାଧମନୀର ବଡ଼ ଅଂଶ ଆନିଉରିଜମ ଦ୍ୱାରା ପ୍ରଭାବିତ ହୋଇଥିବାରୁ ରୋଗଟି ଜଟିଳ ଅବସ୍ଥାରେ ରହିଛି। ଏହାକୁ ସଦଗୁରୁର ବିଶେଷଜ୍ଞ ଡାକ୍ତରୀ ଦଳ ଚ୍ୟାଲେଞ୍ଜିଂ ଭାବେ ଗ୍ରହଣ କରି ଟେଭାରେ ପଦ୍ଧତିରେ ସଫଳ ଅସ୍ତ୍ରୋପଚାର କରିଥିଲେ। ଅସ୍ତ୍ରୋପଚାର ପରେ ରୋଗୀଙ୍କ ସ୍ୱାସ୍ଥ୍ୟ ଦ୍ରୁତ ଭାବେ ସୁଧାର ଆସିଥିଲା ଏବଂ ମାତ୍ର ପାଞ୍ଚ ଦିନ ମଧ୍ୟରେ ସେ ସମ୍ପୂର୍ଣ୍ଣ ସୁସ୍ଥ ଅବସ୍ଥାରେ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଥିଲେ। ଅତ୍ୟାଧୁନିକ ଓ ବ୍ୟୟବହୁଳ ଚିକିତ୍ସାକୁ ସରକାରଙ୍କ ସ୍ୱାସ୍ଥ୍ୟ ଯୋଜନା ଅଧୀନରେ ସମ୍ପୂର୍ଣ୍ଣ ମାଗଣାରେ କରାଯାଇଥିଲା।

# ଆଠ ବର୍ଷ ପରେ ଚୋର ଗିରଫ

କଟକ,୨୩।୫(ସମିସ): ପୁରୀଘାଟ ଥାନା ପୁଲିସ ଏକ ଚୋରି ଘଟାଇ ଫେରାର ଥିବା ଚୋରକୁ ୮ ବର୍ଷ ପରେ ଗିରଫ କରିଛି। ଅଭିଯୁକ୍ତ ହେଲା ଗଣେଶଘାଟ ସାମଲ ସାହିର ଚନ୍ଦନ ସାମଲ। ପୁଲିସ ସୂଚନା ଅନୁସାରେ, ୨୦୧୮ରେ ବାରଙ୍ଗ ଥାନାଞ୍ଚଳରେ ଜଣେ ବ୍ୟକ୍ତିଙ୍କ ଘରେ ଏକ ବଡ ଧରଣର ଚୋରି ହୋଇଥିଲା। ଅଭିଯୋଗକ୍ରମେ ପୁଲିସ ତଦନ୍ତ ଚଳାଇବା ପରେ ଘଟଣାରେ ଚନ୍ଦନ ଓ ତା'ର ଦୁଇ ସହଯୋଗୀଙ୍କ ସଂପୃକ୍ତି ନେଇ ଜଣାପଡିଥିଲା। ଫଳରେ ପୁଲିସ ଚନ୍ଦନ ସହିତ ୩ଜଣଙ୍କୁ ଗିରଫ କରିଥିଲା। କିଛିଦିନ ଜେଲରେ ରହିବା ପରେ କୋର୍ଟ ଚନ୍ଦନକୁ ସର୍ତ୍ତମୂଳକ ଜାମିନ୍‌ରେ ଛାଡ କରିଥିଲେ। ଏହାପରେ କୋର୍ଟରେ ମାମଲାର ଗୋଟିଏ ପରେ ଗୋଟିଏ ତାରିଖ ପଡୁଥିଲେ ହେଁ ସେ ହାଜର ହେବା ପରିବର୍ତ୍ତେ କେଉଁଆଡେ ଫେରାର ହୋଇଯାଇଥିଲା। ଏପଟେ ଘଟଣାର ତଦନ୍ତ ଶେଷ କରାଯାଇ ପୁଲିସ ପକ୍ଷରୁ କୋର୍ଟରେ ଚାର୍ଜସିଟ ଦାଖଲ କରାଯାଇଥିଲା। ତେବେ ବାରମ୍ବାର ନୋଟିସ ଦିଆଯିବା ସତ୍ତ୍ୱେ ଚନ୍ଦନ ହାଜର ହୋଇ ନ ଥିବାରୁ ଏନେଇ କୋର୍ଟ ବିରକ୍ତି ପ୍ରକାଶ କରିଥିଲେ। ଫଳରେ ତା'ବିରୋଧରେ ଜାମିନବିହୀନ ଗିରଫ ଫରୱାନ ଜାରି କରିଥିଲେ। ଏହାକୁ ଭିତ୍ତିକରି ବିଭିନ୍ନ ସୂତ୍ରରୁ ସନ୍ଧାନ ନିଆଯିବା ପରେ ଆଜି ତାକୁ ଗିରଫ କରାଯାଇଥିବା ଥାନା ଅଧିକାରୀ ବିଶ୍ୱରଞ୍ଜନ ନାୟକ ସୂଚନା ଦେଇଛନ୍ତି।

### ଜନସାଧାରଣଙ୍କ ସୁରକ୍ଷା ସହ ବୁଝାମଣା କରାଯାଇପାରିବ ନାହିଁ

# ସିଡିଏ ସେକ୍ଟର-୧୦ ବାରିକେଡ୍ ହଟାଇବା ଆବେଦନ ଖାରଜ

କଟକ,୨୩।୫(ସମିସ): ବଢୁଥିବା ସଡ଼କ ଦୁର୍ଘଟଣାକୁ ରୋକିବା ପାଇଁ ସରକାରଙ୍କ ପକ୍ଷରୁ ନିଆଯାଉଥିବା ସୁରକ୍ଷାମୂଳକ ପଦକ୍ଷେପ ଏବଂ ତଥ୍ୟଭିତ୍ତିକ ନୀତିଗତ ନିଷ୍ପତ୍ତିରେ ଅଦାଲତ ସାଧାରଣତଃ ହସ୍ତକ୍ଷେପ କରିବା ଉଚିତ ନୁହେଁ। କୌଣସି ପରିସ୍ଥିତିରେ ବି ଜନସାଧାରଣଙ୍କ ସୁରକ୍ଷା ଓ ନିରାପତ୍ତା ସହିତ ବୁଝାମଣା କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ଏହି ପରିପ୍ରେକ୍ଷୀରେ ସିଡିଏ ସେକ୍ଟର-୧୦ ଅଞ୍ଚଳରେ ଲଗାଯାଇଥିବା ଓଭରହେଡ୍ (ଉପରିସ୍ଥ) ବାରିକେଡକୁ ହଟାଇବା ପାଇଁ ଦାୟର ହୋଇଥିବା ଏକ ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଖଗେଶ୍ୱର ସେଠୀ ଓ ଅନ୍ୟମାନଙ୍କ ତରଫରୁ ରୁଜୁ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ ଟଣ୍ଡନ ଏବଂ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଦୁଇଜଣିଆ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏହି ସୁରକ୍ଷା ବ୍ୟବସ୍ଥା ଆବାସିକ ଅଞ୍ଚଳରେ ଜନସାଧାରଣଙ୍କ ସୁରକ୍ଷା ଏବଂ ଦୁର୍ଘଟଣା ଏଡ଼ାଇବା ଉଦ୍ଦେଶ୍ୟରେ କରାଯାଇଛି ବୋଲି ଖଣ୍ଡପୀଠ କହିଛନ୍ତି।

ମାମଲାରୁ ପ୍ରକାଶ ଯେ ସିଡିଏ ଅଞ୍ଚଳର ବାସିନ୍ଦା ଏହି ଜନସ୍ୱାର୍ଥ ମାମଲା ଦାୟର କରିଥିଲେ। ଏହି ବାରିକେଡ୍ ଯୋଗୁଁ ରାସ୍ତାର ଓସାର କମିଯାଇଛି ଏବଂ ବସ୍ ତଥା ଆମ୍ବୁଲାନ୍ସ ଭଳି ଜରୁରିକାଳୀନ ଗାଡ଼ି ଚଳାଚଳରେ ବାଧା ସୃଷ୍ଟି ହେଉଛି ବୋଲି ଦର୍ଶାଇଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଅତିରିକ୍ତ ସରକାରୀ ଓକିଲ ଜଣାଇଥିଲେ ଯେ ଜରୁରିକାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସ ଚଳାଚଳ ଉପରେ କୌଣସି କଟକଣା ନାହିଁ। ଏହି ରୁଟ୍‌ରେ ସିଟି ବସ୍ ନିୟମିତ ଚାଲୁଛି ଏବଂ ସାଧାରଣ ପରିବହନ ବ୍ୟବସ୍ଥା ଏହାଦ୍ୱାରା ପ୍ରଭାବିତ ହୋଇନାହିଁ ବୋଲି କୁହାଯାଇଥିଲା। ଏହି ଓଭରହେଡ୍ ଏବଂ ମୋବାଇଲ୍ ବ୍ୟାରିକେଡ୍‌ଗୁଡ଼ିକ କୌଣସି ସ୍ଥାୟୀ ନିର୍ମାଣ ନୁହେଁ। ଦୁର୍ଘଟଣାର ଆଶଙ୍କା ହ୍ରାସ କରିବା ପାଇଁ ଏଭଳି ବାରିକେଡ୍ ଲଗାଯାଇଥାଏ। ଏହାଦ୍ୱାରା ଜରୁରିକାଳୀନ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହେଉ ନଥିବାରୁ ଏହି ଜନସ୍ୱାର୍ଥ ମାମଲାର କୌଣସି ଯଥାର୍ଥ ନାହିଁ ବୋଲି ଦର୍ଶାଇ ହାଇକୋର୍ଟ ଆବେଦନଟିକୁ ଖାରଜ କରିଦେଇଛନ୍ତି।

# ଜାତୀୟ ନିରାପତ୍ତା ଆଇନ୍‌ରେ ୨ ଅଟକ

କଟକ,୨୩।୫(ସମିସ): ଜାତୀୟ ନିରାପତ୍ତା ଆଇନ୍ ୧୯୮୦ର ଧାରା ୩ ଅନ୍ତର୍ଗତ ଉପଧାରା (୨) ଅନୁସାରେ ପ୍ରଦତ୍ତ କ୍ଷମତା ବ୍ୟବହାର କରି କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ୨ଜଣ ଅଭିଯୁକ୍ତଙ୍କୁ ଅଟକ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୁକ୍ତଦ୍ୱୟ ହେଲେ ବାପି ଓରଫ ଜ୍ୟୋତିସମ୍ରାଟ ପ୍ରହରାଜ (୩୦) ଏବଂ ଜେପି ଓରଫ୍ ଜ୍ୟୋତିପ୍ରକାଶ ପ୍ରହରାଜ (୩୫)। ଅଭିଯୁକ୍ତଦ୍ୱୟଙ୍କ ଘର ଭଦ୍ରେଶ୍ୱର ଥାନା ଅନ୍ତର୍ଗତ ଝାଡ଼େଶ୍ୱର ଗାଁରେ ବୋଲି ଜଣାପଡ଼ିଛି। ସର୍ବସାଧାରଣ




ଶୃଙ୍ଖଳା ରକ୍ଷାରେ ବିଘ୍ନ ସୃଷ୍ଟି ହେବାର ଆଶଙ୍କା ଦୃଷ୍ଟିରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଏହାପୂର୍ବରୁ ଆରକ୍ଷୀ ଅଧିକ୍ଷକ, କଟକ ଅଭିଯୁକ୍ତ ବାପି ଓ ଜେପିଙ୍କୁ ଗତ ୧୯ତାରିଖରେ ଜାତୀୟ ନିରାପତା ଆଇନ୍ ଅନୁଯାୟୀ ପଦକ୍ଷେପ ନେବାକୁ ପ୍ରସ୍ତାବ ଦେଇଥିଲେ। ପରେ ରାଜ୍ୟ ସରକାରଙ୍କ ଘରୋଇ ବିଭାଗର ଆଦେଶ ଅନୁସାରେ ଜାତୀୟ ନିରାପତ୍ତା ଆଇନ୍ ଅଧୀନରେ ପୁନର୍ବାର ଅଟକ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଅନ୍ୟାଦେଶ ପର୍ଯ୍ୟନ୍ତ ତାଙ୍କୁ ଚୌଦ୍ୱାର ଜେଲ୍‌ରେ ଅଟକ ରଖାଯାଇଛି।

# ବିଧାୟିକା ସୋଫିଆ ଫିର୍‌ଦୋସଙ୍କ ଜନସମ୍ପର୍କ ପଦଯାତ୍ରା



କଟକ,୨୩।୫(ସମିସ): ମହାନଗର ନିଗମ ଅନ୍ତର୍ଗତ ୧୦ ନମ୍ବର ୱାର୍ଡରେ ବାକି ଥିବା ଜନ ସମ୍ପର୍କ ପଦଯାତ୍ରାକୁ ବିଧାୟିକା ସୋଫିଆ ଫିର୍‌ଦୋସ ଆଜି ଶେଷ କରିଛନ୍ତି। ରାମଗଡ଼ ଛକରୁ ଏହି ପଦଯାତ୍ରା ବାହାରି ମାନସିଂପାଟଣା ଦେଇ ମସ୍ତରାମ ନାଥ ଦେଇ ଶେଖ୍ ବଜାର ଦେଇ ଚଣ୍ଡୀ ଛକ ବାଟେ କେଉଁଝର କଲୋନୀ ଦେଇ କନିକା ଛକଠାରେ ସମାପ୍ତ ହୋଇଥିଲା। ଏହି ପଦଯାତ୍ରାରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ପୂଜା କମିଟିର ସଭାପତି ଓ ସମ୍ପାଦକମାନେ ବିଧାୟିକାଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ପଦଯାତ୍ରା ସମୟରେ ବିଧାୟିକା ୱାର୍ଡବାସୀଙ୍କ ସହ ସେମାନଙ୍କର ବିଭିନ୍ନ ମୌଳିକ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଲଗାତାର ଡ୍ରେନ ସଫା ନହେବା, ବରିଷ୍ଠ ନାଗରିକଙ୍କର ଭତ୍ତା, ଆବାସ ଯୋଜନାରେ ଘର, ପାନୀୟଜଳ ଓ ବାରମ୍ବାର ବିଦ୍ୟୁତ୍ କାଟ ଭଳି ବିଭିନ୍ନ ସମସ୍ୟା ବିଷୟରେ କହିଥିଲେ। ତୁରନ୍ତ ଏଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବିଧାୟିକା କହିଛନ୍ତି। ବରିଷ୍ଠ ନେତ୍ରୀ ଗିରିବାଳା ବେହେରା ଏଥିରେ ସାମିଲ ହୋଇ ସ୍ଥାନୀୟ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ବିକ୍ରମ ସାମଲ, ନୂତନ ଦାସ, ଆସିଫ ଖାନ, ଅଫସନା ବେଗମ, ପୂର୍ଣ୍ଣିମା ବେହେରା, ରାଜଶ୍ରୀ ପାତ୍ର, ଅଙ୍ଗୁରୀ ବେଗମ, ସଞ୍ଜୟ ଦାସ, ଜଫର ବକ୍ସ, ବସନ୍ତ ନାୟକ, ଯୁଗଳ ସାମଲ ମଧ୍ୟରେ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି ଅବସରରେ ପଦଯାତ୍ରା କମିଟିର ଅଧ୍ୟକ୍ଷ ବିରେନ୍ଦ୍ର ଦାସ, ସେକ ଲିଆକତ ଉଦ୍ଦୀନ ଅହମ୍ମଦ, ଚନ୍ଦନ ଦାସ, ମୀର ମୁଜାଫର ଅଲ୍ଲୀ, ସୁରଜିତ ଦାସ, ସନ୍ତୋଷ ପାତ୍ର, ସେକ ଆବିଦ, ସେକ ଇମତିୟାଜ, ଶୋନୁ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।

# କ୍ରେଡିଟ୍ କାର୍ଡ ଆକ୍ଟିଭ କରାଇବା ଆଳରେ ଠକେଇ

କଟକ,୨୩।୫(ସମିସ): କ୍ରେଟିଡ କାର୍ଡକୁ ଆକ୍ଟିଭ କରିବା ପାଇଁ ଗୁଗଲରୁ ନମ୍ବର ଆଣି କଲ କରିବା ଜଣେ ବ୍ୟକ୍ତିଙ୍କୁ ମହଙ୍ଗା ପଡିଛି। ସାଇବର ଠକମାନେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ପ୍ରାୟ ୭୮ ହଜାର ଟଙ୍କା ଠକି ନେଇଛନ୍ତି। ଏନେଇ ବ୍ୟକ୍ତି ଜଣକ ମାଲଗୋଦାମ ଥାନାରେ ଏତଲା ଦେବା ପରେ ପୁଲିସ ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁସାରେ, ଗତ ସପ୍ତାହରେ ଗ୍ରାହକ ଜଣକ ଜାଣିବାକୁ ପାଇଲେକି, ତାଙ୍କ କାର୍ଡ ବ୍ଲକ ହୋଇଯାଇଛି। ଏହା ଜାଣି ସେ ବ୍ୟସ୍ତ ହୋଇଯାଇଥିଲେ। ତେଣୁ ତୁରନ୍ତ କିଭଳି ଉକ୍ତ କାର୍ଡକୁ ଅନବ୍ଲକ ବା ସଚଳ କରିବେ ସେନେଇ ଉଦ୍ୟମ କରିଥିଲେ। ପ୍ରଥମେ ସେ ଗୁଗଲରେ ଉକ୍ତ ବ୍ୟାଙ୍କର କଷ୍ଟମର କେୟାର ସର୍ଭିସ ନମ୍ବର ଖୋଜିଥିଲେ। ଏକ ନମ୍ବର ପାଇବା ପରେ ସେଥିରେ କଲ କରିବାରୁ ତାଙ୍କୁ ଅନଲାଇନରେ ଏକ ୱେବସାଇଟ ଖୋଲି ଏକାଧିକ ତଥ୍ୟ ଦେବାକୁ କୁହାଯାଇଥିଲା। ଏହାପରେ ଏକାଧିକ କାଗଜପତ୍ର ମଧ୍ୟ ପ୍ରଦାନ କରିବାକୁ କୁହାଯାଇଥିଲା। ଉକ୍ତ କଥାକୁ ମାନି ସେ ଗୋଟିଏ ପରେ ଗୋଟିଏ ତଥ୍ୟ ଦେଇଚାଲିଥିଲେ। ଏଭଳି କିଛି କରିବା ପରେ ହଠାତ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ପ୍ରାୟ ୭୮ ହଜାର ଟଙ୍କା କଟିଯାଇଥିବା ସେ ଜାଣିଥିଲେ। ତେଣୁ ଯେଉଁ ନମ୍ବର ସେ ଗୁଗଲରୁ ଆଣି ସେଥିରେ କଲ କରିଥିଲେ ତାହା ସାଇବର ଠକଙ୍କର ବୋଲି ଜାଣିପାରିଥିଲେ। ଠକେଇର ଶିକାର ହେବା ପରେ ସେ ତୁରନ୍ତ ନିଜ ଅଭିଯୋଗ ପୁଲିସକୁ ଜଣାଇଥିଲେ। କଟକ ସାଇବର ଥାନାରେ ମଧ ଏତଲା ଦାୟର କରିଥିଲେ। ସାଇବର ଥାନା ପୁଲିସ ଜିରୋ ଏଫଆଇଆର କରି ମାମଲାଟିକୁ ମାଲଗୋଦାମ ଥାନାକୁ ପଠାଇଛି। ସ୍ଥାନୀୟ ଥାନା ଏକାଧିକ ଧାରାରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ଦୀପକ ଖଣ୍ଡାୟତରାୟ ସୂଚନା ଦେଇଛନ୍ତି।

# ଗୋରୁ ବୋଝେଇ ପିକଅପ୍ ଭ୍ୟାନ୍ ଜବତ

କଟକ,୨୩।୫(ସମିସ): ବେଆଇନ ଚାଲାଣ ବେଳେ ଏକ ଗୋରୁ ବୋଝେଇ ପିକଅପ ଗାଡିକୁ ଲାଲବାଗ ଥାନା ପୁଲିସ ଜବତ କରିଛି। ଗାଡିରୁ ୫ ଗୋରୁ ଉଦ୍ଧାର କରାଯାଇଛି। ଶୁକ୍ରବାର ବିଳମ୍ବିତ ରାତିରେ ଲାଲବାଗ ଥାନା ପକ୍ଷରୁ ବ୍ଲକିଂ କରି ଯାନବାହନ ଯାଞ୍ଚ କରାଯାଉଥିଲା। ଏତିକି ବେଳେ ଏକ ପିକଅପ ଭ୍ୟାନ ହାଇକୋର୍ଟ ଗଡାରୁ ଦେୱାନବଜାର ଆଡକୁ ଦ୍ରୁତଗତିରେ ଯାଉଥିଲା। ତେବେ ହାଇକୋର୍ଟ ଛକ ନିକଟରେ ପଲିସକୁ ଦେଖି ଚାଳକ ଜଣକ ଭୟଭୀତ ହୋଇ ସେଠାରେ ଗାଡି ଛାଡି ଚମ୍ପଟ ମାରିଥିଲା। ସନ୍ଦେହ କରି ପୁଲିସ ଗାଡିର ଯାଞ୍ଚ କରିବାରୁ ସେଥିରେ ୫ ଗୋରୁଙ୍କୁ ବନ୍ଧା ଯାଇଥିବା ଦେଖିବାକୁ ମିଳଥିଲା। ଏହାପରେ ଉକ୍ତ ଗାଡିକୁ ଜବତ କରାଯିବା ସହିତ ଗୋରୁଙ୍କୁ ଉଦ୍ଧାର କରି ଚୌଦ୍ୱାରସ୍ଥିତ ଏକ ଗୋଶାଳାରେ ଛଡାଯାଇଥିବା ଥାନାଧିକାରୀ ସତ୍ୟବ୍ରତ ଭୂତିଆ ସୂଚନା ଦେଇଛନ୍ତି।

## ନଦୀପଠାରୁ ୩୩ରୁ ଉର୍ଦ୍ଧ୍ୱ ଗୋରୁଗାଈ ଉଦ୍ଧାର

ସାଲେପୁର,୨୩।୫(ସମିସ): ନଦୀ ପଠାରେ ପ୍ରଚଣ୍ଡ ଖରାରେ ନିର୍ମମ ଭାବେ ବନ୍ଧା ଯାଇଥିବା ୩୩ରୁ ଉଦ୍ଧ୍ୱର୍ ଗୋରୁଗାଈକୁ ସାଲେପୁର ପୁଲିସ ଉଦ୍ଧାର କରି ଜଗତପୁରସ୍ଥିତ ଗୋଶାଳାରେ ଛାଡିଥିବା ଘଟଣା ଏହି ଅଞ୍ଚଳରେ ମୁଖ୍ୟ ଚର୍ଚ୍ଚାର ବିଷୟ ହୋଇଛି। ସାଲେପୁର ଥାନା ଅନ୍ତର୍ଗତ ମହାସିଂହପୁର ଗ୍ରାମ ନିକଟରେ ଶୁକନଦୀ ପଠାରେ ୩୩ରୁ ଉର୍ଦ୍ଧ୍ୱ ଗାଈ ପ୍ରଚଣ୍ଡ ଖରାରେ ବନ୍ଧା ଯାଇଥିବାର ସ୍ଥାନୀୟ ଲୋକ ଦେଖି ସାଲେପୁର ପୁଲିସକୁ ଖବର ଦେଇଥିଲେ। ସାଲେପୁର ଆଇଆଇସି ମହେଶ୍ୱର ବେହେରାଙ୍କ ତତ୍ତ୍ୱାବଧାନରେ ଏକ ପୁଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ କଲାପରେ ନଦୀପଠାରେ ସନ୍ଦେହଜନକ ଅବସ୍ଥାରେ ବନ୍ଧାଯାଇଥିବା ଏହି ଗୋରୁଗାଈ କାହାର ବୋଲି ତଦନ୍ତ କରିଥିଲେ ମଧ କେହି ସାମ୍‌ନାକୁ ନ ଆସିବାରୁ ଶେଷରେ ପୁଲିସ ଏହି ୩୩ଟି ଗୋରୁଗାଈଙ୍କୁ ଉଦ୍ଧାର କରି ଏକାଧିକ ଗାଡ଼ିରେ ଜଗତପୁରସ୍ଥିତ ଗୋଶାଳାକୁ ସ୍ଥାନାନ୍ତରିତ କରିଥିଲେ। ପ୍ରଚଣ୍ଡ ଖରାରେ ଏହି ଗୋରୁଗାଈ କିଏ ଆଣି କେଉଁ ପରିସ୍ଥିତିରେ ଅମାନୁଷିକ ଭାବେ ବାନ୍ଧିଲା ତାହାର ତଦନ୍ତ ପୁଲିସ ଆରମ୍ଭ କରିଛି।



## କାନପୁର ଅଞ୍ଚଳରୁ ପୁଣି ୧୨ ଗୋରୁ ଉଦ୍ଧାର; ଦୁଇ ଗିରଫ

ନରସିଂହପୁର,୨୩।୫(ସମିସ): ନରସିଂହପୁର ବ୍ଲକ କାନପୁର ଥାନା ଅନ୍ତର୍ଗତ ଗଣଗଣା ଗ୍ରାମ ନିକଟସ୍ଥ ଜଙ୍ଗଲରୁ ଏକ ଗୋରୁ ବୋଝେଇ ଟାଟା ଏସି ଭ୍ୟାନ (ଓଡି୦୫ଏଏଚ ୫୧୪୯)କୁ କାନପୁର ପୁଲିସ ଜବତ କରିବା ସହିତ ଦୁଇଜଣଙ୍କୁ ଗିରଫ କରି ୧୨ଟି ଗୋରୁ ଉଦ୍ଧାର କରିଛି। ବେଆଇନ ଭାବରେ ଗୋରୁ ଠୁଳ କରି କଲିକତାକୁ ଚାଲାଣ କରୁଥିବା ଅଭିଯୋଗରେ କାନପୁର ଥାନା ଅଧିକାରୀଙ୍କ ନେତୃତ୍ୱରେ ଏସଆଇ ହରିବଲ୍ଲବ ମିଶ୍ର, ଏଏସଆଇ ଶିବକୁମାର ବେହେରା ଏକ ଟିମ୍ ଉକ୍ତ ଜଙ୍ଗଲରେ ଚଢ଼ଉ କରିଥିଲେ। ଏହି ଘଟଣାରେ ପୁଲିସ ପାଇକବାରବାଟୀ ଗ୍ରାମର ନରେଶ କୁମାର ପାତ୍ର ଓ ନରସିଂହପୁର ନୂଆପାଟଣା ଗ୍ରାମର ରମେଶ କୁମାର ଲେଙ୍କାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।



## ବେଆଇନ ଗୋରୁ ଚାଲାଣ: ଗାଡ଼ି ସହ ୬ ଗୋରୁ ଜବତ; ୬ ଗିରଫ

ଆଠଗଡ଼, ୨୩।୫ (ସମିସ): ଆଠଗଡ଼ ଥାନା ଅନ୍ତର୍ଗତ ବୀରକିଶୋରପୁର ଛକ ନିକଟରେ ପୁଲିସ ବ୍ଲକିଂ ଚାଲିଥିବା ବେଳେ ଢେଙ୍କାନାଳ ପଟୁ ଏକ ଗୋରୁ ବୋଝେଇ ପିକଅପ୍ ଭ୍ୟାନ୍ ଏବଂ ତାକୁ ଏସକର୍ଟ କରୁଥିବା ଏକ ନାଲି ରଙ୍ଗର କାରକୁ ପୁଲିସ ଅଟକାଇବାକୁ ଚେଷ୍ଟା କରିଥିଲା। ମାତ୍ର ଅଭିଯୁକ୍ତମାନେ ପୁଲିସ କର୍ମଚାରୀଙ୍କ ପାଖରୁ ଚାଲାକ କରି ସେଠାରୁ ଫେରାର ହୋଇଯାଇଥିଲେ। ପୁଲିସ ଦଳ ଅତି ସାହସିକତାର ସହ ପ୍ରାୟ ୩ କିଲୋମିଟର ପର୍ଯ୍ୟନ୍ତ ଗାଡ଼ିଗୁଡ଼ିକୁ ଗୋଡ଼ାଇ ଦର୍ଶନପୁର ନିକଟରେ କାବୁ କରି ଗୋ ବ୍ୟବସାୟରେ ସମ୍ପୃକ୍ତ ସାହିଲ ଆଲ୍ଲୀ, ଜମିର ଉଦ୍ଦିନ ଖାନ୍, ସ୍କ ସାବିର, ଓମ୍ ମହାରଣା, ଗୋବିନ୍ଦ ଦେହୁରୀ ଓ ପ୍ରଭାକର ନାଥଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ନିଜର ବେଆଇନ ଗୋରୁ ଚାଲାଣ ଓ କସେଇଖାନା ବ୍ୟବସାୟ କଥା ସ୍ୱୀକାର କରିଛନ୍ତି। ଆଠଗଡ ଥାନା ପକ୍ଷରୁ ଗୋରୁ ବୋଝେଇ ପିକଅପ୍ ଭ୍ୟାନ୍ ଓଆର୦୨ଏଜି ୬୪୬ ସହିତ ଗୋଟିଏ ହ୍ୟୁଣ୍ଡାଇ ଭେନ୍ୟୁ କାର୍ ନଂ ଓଡି ୧୦ ଏସ ୫୩୪୯, ୫ ଗାଈ, ୧ ବଳଦକୁ ଜବତ କରାଯାଇଛି। ଗୋରୁଗୁଡ଼ିକୁ ଚୌଦ୍ୱାର ନନ୍ଦଗାଁ ବୃଦ୍ଧ ଗୋ-ସେବା ଆଶ୍ରମର ଜିମା ଦିଆଯାଇଛି। ଆଠଗଡ ଥାନା ପକ୍ଷରୁ କେସ୍ ନଂ ୨୨୪ରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରଖିଛି।

# ପୂଜା କମିଟି ସହସମ୍ପାଦକଙ୍କ ପରଲୋକ

କଟକ,୨୩।୫(ସମିସ): ଖାନନଗର ଖପୁରିଆ ଶିଳ୍ପାଞ୍ଚଳ ପୂଜା କମିଟିରେ ସହସମ୍ପାଦକ ଭବରଞ୍ଜନ ସାହୁ (୫୨)ଙ୍କ ଶନିବାର ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ଅନ୍ତିମ ଶଯ୍ୟା ନିକଟରେ ପତ୍ନୀ ଅନିତା ସାହୁ, ପୁଅ ଶୁଭମ ସାହୁ, ସ୍ମୃତିରେଖା ସାହୁ, ପୁତୁରା ପ୍ରୀତମ ସାହୁ ଓ ପୁତୁରା ବୋହୂ ପାୟଲ ସାହୁଙ୍କ ସମେତ ବହୁ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ସେ ମାଲଗୋଦାମ ଚାମ୍ବର ଅଫ କମର୍ସର ସଦସ୍ୟ ସହ ଶ୍ରୀଶ୍ରୀ ଗୋପାଳଜୀଉ (କୁବେର ସମାଜ) ମନ୍ଦିର ସଦସ୍ୟ ଓ ଖାନନଗର ମଣିମନ୍ଦିର ପରିଚାଳନା କମିଟିର କୋଷାଧ୍ୟକ୍ଷ ଥିଲେ। ତାଙ୍କ ପରଲୋକରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ପୁରୀ ସ୍ୱର୍ଗଦ୍ୱାର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁଅ ଶୁଭମ ମୁଖାଗ୍ନି ଦେଇଥିଲେ।



# ଅଘୋଷିତ ବିଦ୍ୟୁତ୍ କାଟ୍; ଟିପିସିଓଡିଏଲ୍ କାର୍ଯ୍ୟାଳୟରେ ଭଙ୍ଗାରୁଜା

ସାଲେପୁର,୨୩।୫(ସମିସ):

ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ ଯୋଗୁଁ ବିଦ୍ୟୁତ୍ ଗ୍ରାହକଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇବା ସହ ଗତକାଲି ବିଳମ୍ବିତ ରାତ୍ରିରେ ବହୁ ବିଦ୍ୟୁତ୍ ଗ୍ରାହକ ଜପକୁଦ ଟିପିସିଓଡିଏଲ୍ କାର୍ଯ୍ୟାଳୟକୁ ଇଟାପଥର ମାଡ଼ କରିବା ସହ ଭଙ୍ଗାରୁଜା କରିଥିବା ଜଣାଯାଇଛି। ଏବେ ସମଗ୍ର ରାଜ୍ୟରେ ରୌଦ୍ରତାପ ପାଇଁ ବିଦ୍ୟୁତ୍ କାଟ କରାଯିବ ନାହିଁ ବୋଲି ବିଭାଗୀୟ ମନ୍ତ୍ରୀ ବାରମ୍ବାର ଗଣମାଧ୍ୟମରେ ପ୍ରକାଶ କରୁଥିଲାବେଳେ ସାଲେପୁରରେ ଥିବା ଟିପିସିଓଡିଏଲ୍ କର୍ମଚାରୀଙ୍କ ବେପରୁଆ ମନୋଭାବ ଓ ଖାମଖିଆଲି ନୀତି ଯୋଗୁ ବାରମ୍ବାର ଏହି ଅଞ୍ଚଳରେ ଅଘୋଷିତ ବିଦ୍ୟୁତ୍



କାଟ ଯୋଗୁଁ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗତକାଲି ସାଲେପୁର ବିଦ୍ୟୁତ୍ ଡିଭିଜନ୍ ଅନ୍ତର୍ଗତ ଜପକୁଦ ସେକ୍ସନରେ ପ୍ରବଳ ଗୁଳୁଗୁଳି ସାଙ୍ଗକୁ ଏକାଧିକବାର ବିଦ୍ୟୁତ୍ କାଟ କରାଯିବାରୁ ଏହି ଅଞ୍ଚଳର ବିଦ୍ୟୁତ୍ ଗ୍ରାହକ ମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଗତକାଲି ବିଳମ୍ବିତ ରାତ୍ରିରେ ଜପକୁଦ ଅଞ୍ଚଳରେ ବିଦ୍ୟୁତ୍ କାଟ କରାଯାଇଥିବାବେଳେ ସେକ୍ସନ କାର୍ଯ୍ୟାଳୟରେ ବିଦ୍ୟୁତ୍ ଥିବା ଦେଖିଲାପରେ ସେଠାରେ କାର୍ଯ୍ୟରତ କର୍ମଚାରୀଙ୍କୁ ଏକତ୍ରିତ ହୋଇଥିବା ଲୋକମାନେ ସେକ୍ସନ କାର୍ଯ୍ୟାଳୟରେ ବିଦ୍ୟୁତ୍ ଥାଇ ମଧ୍ୟ ଗ୍ରାମାଞ୍ଚଳରେ ବିଦ୍ୟୁତ୍ କାଟ କାହିଁକି କରାଯାଇଛି ବୋଲି ପଚାରିବାରୁ ସେ ଉପଯୁକ୍ତ ଉତ୍ତର ଦେଇପାରି ନଥିଲେ। ଏହାନେଇ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ଉତ୍ୟକ୍ତ ଲୋକମାନେ ଡିଭିଜନ୍ କାର୍ଯ୍ୟାଳୟରେ ପଶି ଭଙ୍ଗାରୁଜା କରିବା ସହ ଢେଲାପଥର ମାଡ଼ କରିଥିଲେ। ଏହି ଘଟଣା ଦୀର୍ଘ ସମୟ ଧରି ଚାଲିଥିଲା। ଖବର ପାଇ ଜପକୁଦ ଫାଣ୍ଡି ଓ ସାଲେପୁର ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଉତ୍ୟକ୍ତ ଜନସାଧାରଣଙ୍କୁ ବୁଝାସୁଝା କରିବାପରେ ପରିସ୍ଥିତି ଶାନ୍ତ ପଡିଥିଲା।

ସୃଜନିକା

ସକାଳ
THE SAKALA
www.sakalaepaper.com

# ଏକ ବିରଳ ପ୍ରେମର ଦୃଷ୍ଟାନ୍ତ





ଗଂଗାଧର ବିଶ୍ୱାଳ

ସେ ତେବେଳେ ରାତି। ପ୍ରଜାପତିଟି ବିଶ୍ରାମ ନେବାକୁ ଚାହିଁଲା। ଏଣୁ, ନିରାପଦ ଜାଗାଟେ ଖୋଜିବାକୁ ଲାଗିଲା। ଜାଗା ଖୋଜୁ ଖୋଜୁ ରାତି ପାହିଗଲା। ଆଶ୍ରୟ ମିଳିଲା ନାହିଁ। ପ୍ରଜାପତିଟି ବିଶ୍ରାମ ନେଇ ପାରିଲା ନାହିଁ।

ରାତି ପାହି ସକାଳ ହେଲେ, ପ୍ରଜାପତି ଡେଣା ଖୋଲି ଉଡ଼ିବା କଥା। ମାତ୍ର ଏ ପ୍ରଜାପତି ତ ସାରାରାତି ଉଡ଼ି ଉଡ଼ି ହାଲିଆ। ଏଣୁ, ସକାଳେ ଉଡ଼ି ବାହାରିବ କ'ଣ, ଦୁର୍ବଳ ଡେଣା ପାଇଁ କୁଆଡ଼େ ଯିବାକୁ ପ୍ରସ୍ତୁତ ହୋଇପାରିଲା ନାହିଁ। ତେବେ କରିବ କ'ଣ? ଏଇଆ ଭାବୁଥାଏ, ଆଉ ଡେଣା କାମ କଲାନି। ଛିଣ୍ଡା ଗୁଡ଼ିଟେ ପରି ମାଟିରେ ପଡ଼ିଲା।

କେତେ ସମୟ ପରେ, ସକାଳର କଅଁଳ ଖରା ପାଇ ଦେହ ତା'ର ସତେଜ ହେଲା କି କ'ଣ ଏପଟ ସେପଟ ହେଲା। ଆଖିରେ ନିଦ ଓ ଦେହରେ ଅଳସ ଥିବା ଯୋଗୁଁ ଉଠିବାକୁ ଇଚ୍ଛା ହେଲା ନାହିଁ। ଆଉ କିଛି ସମୟ ପଡ଼ି ରହିବାକୁ ଚାହିଁଲା। ସେଇଆ ବି ହେଲା। ଯେତେବେଳେ ଟାଣ ଖରା ଚରିଗଲାଣି ବୋଲି ପ୍ରଜାପତିଟି ଜାଣିଲା, ଆଉ ପଡ଼ି ରହିଲା ନାହିଁ। ଉଠିଲା, ଉଡ଼ିଗଲା।

ରାତିରେ ବିଶ୍ରାମ ନେବା ପାଇଁ ଉଡ଼ିଉଡ଼ି ରାତି ବିତାଇ ଦେଇଥିବା ସେଇ ପ୍ରଜାପତିଟି ସାଧାରଣ ପ୍ରଜାପତି ନଥିଲା। ଥିଲା, ଏକ ବିରଳ ପ୍ରଜାପତି। ଏଣୁ ନିଜଠି ତା'ର ଥିଲା ଅନେକ ଧୈର୍ଯ୍ୟ। ଦିନେ ଦିନେ ଖିଆପିଆ ନ କଲେ ବି କିଛି ଫରକ ପଡୁନଥିଲା।

ଦିନେ ସେଇ ବିରଳ ପ୍ରଜାତିର ପ୍ରଜାପତିଟି ଜାଣିଲା, ତା'ର ବୟସ ହେଲାଣି। ସେ ମଧ୍ୟ ସାବାଳକ ହୋଇଲାଣି। ଏଣୁ, ମନଟି ତା'ର ଆକାଶକୁ ପାରି ହେଇଯିବାକୁ ଚାହିଁଲା। ଆଉ, ସେଇଦିନଠୁ ସେ ପ୍ରେମ କରିବା ପାଇଁ ବୁଲି ବାହାରିଲା। ପ୍ରେମିକା ଖୋଜିବାକୁ ଲାଗିଲା।

ଯେହେତୁ ପ୍ରଜାପତିଟି ବିରଳ ପ୍ରଜାତିର, ଏଣୁ ତା'ର ଚେହେରା ସହିତ ମନଟି ବି ଅସାଧାରଣ। ସେ ଯେତେବେଳେ ଅନ୍ୟ ପ୍ରଜାପତିମାନଙ୍କ ସହିତ ମିଶିବାକୁ ଚେଷ୍ଟା କରୁଥାଏ, ଅନ୍ୟମାନେ ତା'ଠୁ ଦୂରେଇ ରହିବାକୁ ଚେଷ୍ଟା କରୁଥିଲେ। ଏହା ଜାଣିବା ପରେ ପ୍ରଜାପତିଟିକୁ ବହୁତ ଖରାପ ଲାଗିଲା। ହେଲେ, କରେ କ'ଣ? ଅନ୍ୟମାନଙ୍କ ଭଳି ସେ ଦେଖାଯାଉ ନାହିଁ। ଏକଥା ଜାଣିବା ପରେ କ'ଣ କହିବ ଭାବିବାକୁ ଲାଗିଲା। ଏଣେ, ପ୍ରେମ କରିବା ପାଇଁ ଛଟପଟ। ତେଣେ ଜାତି ଭାଇମାନେ ପାଖ ମାଡ଼ିବାକୁ ଦେଉ ନାହାନ୍ତି। ଏଣୁ ପ୍ରେମମନସ୍କ ପ୍ରଜାପତିଟିକୁ କିଛି ଭଲ ଲାଗିଲା ନାହିଁ। ପ୍ରେମିକାର ଠିକଣା ନ ପାଇଲେ ସୁଦ୍ଧା ନିରାଶ ହେଲା ନାହିଁ। ଆଶା ଠୁଳ କଲା ଓ ନିଜକୁ ସଜାଡ଼ିବାକୁ ଲାଗିଲା।

ଦିନେ ସେ ଜାଣିବାକୁ ପାଇଲା ତା' ଜନ୍ମ ବୃତ୍ତାନ୍ତ। ସେ ସଁବାଲୁଆର ବଂଶଧର ନୁହେଁ। ଦାୟାଦ ହୋଇପାରେ। କିନ୍ତୁ କି ବିଶ୍ୱାସ! ସଁବାଲୁଆର ବଂଶଧର ହୋଇନଥିବା କାରଣରୁ ଗଛର ପତ୍ରତଳେ ରହୁଥିବା ସଁବାଲୁଆ ଭଳି ଅନ୍ୟ ପ୍ରଜାପତିମାନଙ୍କ ପରି ଫୁଲଗଛରେ ଅଟକି ରହିଥିବା ଫୁଟିଲା ଫୁଲର ପ୍ରେମିକ, ହୋଇପାରିବ ନାହିଁ। ତେବେ ସେ କ'ଣ କରିବ?

ଥରେ, ପ୍ରଜାପତିଟି ଚିନ୍ତା କଲା, ଅନ୍ୟ ପ୍ରଜାପତିମାନଙ୍କ କାର୍ଯ୍ୟକଳାପ ଦେଖିବ। ତାକୁ କାହିଁକି ଅନ୍ୟମାନେ ପାଖ ମଡ଼ାଇ ଦେଉନାହାନ୍ତି, ଜାଣିବ। ଅନ୍ୟମାନେ ଦିନସାରା କ'ଣ କରନ୍ତି, ଦେଖିବ। ଏଣୁ ରାତି ନ ପାହୁଣୁ ପ୍ରଜାପତି ନିଜକୁ ପ୍ରସ୍ତୁତ କରିନେଲା। ସକାଳ ହେବା ମାତ୍ରେ ବାହାରିଗଲା।

ଅନେକ ସମୟ ବିତିଗଲା। ଖରାର ରଙ୍ଗ ଧଳା ହେଇ ଆସୁଥାଏ। ପ୍ରଜାପତିଟି ଦେଖିଲା ଗୋଟିଏ ବଗିଚା। ସଙ୍ଗେ ସଙ୍ଗେ କ୍ଷିପ୍ର ବେଗରେ ସିଧା ତଳକୁ ଖସିଲା। ଏଥର ଦେଖିପାରିଲା, ବଗିଚାରେ ନାନା ଜାତିର ଫୁଲ। ଟିକିଏ ଆଶ୍ୱସ୍ତ ହେଲା। ସାମାନ୍ୟ ଦୂରରେ ଅଟକିଯାଇ ଅନ୍ୟ ପ୍ରଜାପତିମାନଙ୍କୁ ଲକ୍ଷ୍ୟ କଲା। ଅନ୍ୟ ପ୍ରଜାପତିମାନେ ଏଗଛରୁ ସେ ଗଛ, ଏ ଫୁଲରୁ ସେ ଫୁଲ ଉଡ଼ି ବୁଲୁଛନ୍ତି। ନିଜକୁ କିଏ କୁଆଡ଼େ ଦେଖିନେବ, ଏଇଆ ଆଶଙ୍କା କରି ପ୍ରଜାପତିଟି ନିଜକୁ ଆଡ଼ ନଜରରେ ରଖିବା କଥା ଭୁଲି ଯାଉ ନଥାଏ। ଏଣୁ, ସେମାନଙ୍କ ପାଖକୁ ଯାଇ ନ ପାରିବା କାରଣରୁ ପ୍ରଜାପତିମାନେ ଫୁଲ ଉପରେ ବସି କି କଥା ହେଉଛନ୍ତି, କ'ଣ କରୁଛନ୍ତି ଜାଣିପାରୁ ନଥାଏ। ଅନୁମାନ କରି ଜାଣୁଥାଏ ଯେ, ସେମାନେ ମଧ୍ୟ ଜଣେ ଜଣେ ପ୍ରେମିକ। ସେମାନେ ନିଜ ନିଜର ପ୍ରେମିକା ସହିତ ମନର କଥା ଦିଆନିଆ ହେଉଛନ୍ତି। ସୁଖଦୁଃଖ କହୁଛନ୍ତି।

ଚାହୁଁ ଚାହୁଁ ଖରାବେଳ ହେଲା। ପ୍ରଜାପତି ଆସୁଛନ୍ତି। ଉଡ଼ି ଯାଉଛନ୍ତି। ଏମିତି ଯିବା ଆସିବା ଲାଗି ରହିଥାଏ। ସେମାନଙ୍କ ଦେଖାଦେଖି ପ୍ରଜାପତିଟିର ମନ ଉଚ୍ଚାଟ ହେଉଥାଏ। ଏଠି ସେଠି କଣ୍ଟାବାଡ଼ରେ ବସିବା ତା'ର ସ୍ୱଭାବ ନୁହେଁ। କେଉଁଠି ବସିବାକୁ ଠା' ନାହିଁ। ଏଣୁ, ସେମିତି ଉଡ଼ନ୍ତା ଅବସ୍ଥାରେ ରହି ଦେଖୁଥାଏ ଆଉ ଦେଖୁଥାଏ।

ଖରା ମଉଳିବାକୁ ଯାଉଥାଏ। ପ୍ରଜାପତିଟିର ନଜର ପଡ଼ିଲା, ବଗିଚାର ଗୋଟେ କୋଣରେ ଅନେଇ ରହିଥିବା ଯୋଡ଼େ ଫୁଲକୁ। ଆଶ୍ଚର୍ଯ୍ୟ। ଗୋଟିଏ ଗଛ। ଗୋଟିଏ ଡାଳ। ଯୋଡ଼େ ଫୁଲ। ପତ୍ର ନାହିଁ। ପ୍ରଜାପତିଟି ନିରେଖି ଅନେଇଲା ସେଆଡ଼େ।

ତା' ମନ ଛଟପଟ ହେଲା। ତାକୁ ଉହଳ ବିକଳ ଲାଗିଲା। ସେଇ ବିଚିତ୍ର ଫୁଲଆଡ଼େ ପ୍ରଜାପତିଟି ନିଜକୁ ନଜରବନ୍ଦୀ କଲା। ଲଗାମ ଲଗେଇଲା। କିଛି ଗୋଟେ ନିଷ୍ପତ୍ତି ଅପେକ୍ଷାରେ ରହିଲା।

ଯେତେବେଳେ ପ୍ରଜାପତିଟି ଜାଣିଗଲା ଫୁଲ ଦୁଇଟି ଏକ ବିରଳ ପ୍ରଜାତିର ଓ ଦୁଇଟି ମଧ୍ୟରୁ ଗୋଟିଏ ହେଉଚି, ବିରଳ ପ୍ରଜାତିର ପ୍ରଜାପତି, ତା'ର ଆନନ୍ଦର ସୀମା ରହିଲା ନାହିଁ। ସେ ଯାହାକୁ ଖୋଜି ବାହାରିଛି, ତାହା ଯେ ଠାବ କରିପାରିଛି ଏକଥା ଜାଣିପାରିଲା। କିନ୍ତୁ ଯେତେବେଳେ କେଉଁ ଫୁଲଟି ବିରଳ ପ୍ରଜାତିର ପ୍ରଜାପତି ଓ ତା'ର ପ୍ରେମିକା, ସେକଥା ଜାଣି ନ ପାରି କଠୋର ଅଗ୍ନି ପରୀକ୍ଷାର ସାମ୍ନା କଲା।

ପ୍ରଜାପତିଟି ଜାଣିଗଲା, ଠିକ୍ ଫୁଲଟିକୁ ଛୁଇଁ ପାରିଲେ ପ୍ରେମିକା ମିଳିଯିବ। ଆଉ ନପାଇଲେ ଜୀବନ ଯିବ। ଏପଟେ ଜୀବନ, ସେପଟେ ପ୍ରେମ। ସେ ଭାବିବାକୁ ଲାଗିଲା। ଆହୁରି ଭାବିବାକୁ ଲାଗିଲା।

ତାକୁ ଲାଗିଲା, ଯୌବନରେ ପ୍ରେମ ବିନା ଜୀବନ ତୁଚ୍ଛ। ଏଣୁ, ପ୍ରେମକୁ ଗୁରୁତ୍ୱ ଦେଲା। ନିଜକୁ ବାଜି ଲଗାଇଲା, ଜୀବନ ଓ ପ୍ରେମର ଯଜ୍ଞ କୁଣ୍ଡରେ।

ଖରା ମଉଳି ଆସୁଥାଏ। ଅନ୍ୟ ପ୍ରଜାପତିମାନେ ଫୁଲମାନଙ୍କୁ ଆଲିଙ୍ଗନ କରି ପ୍ରେମ କରି, ଚୁମା ଦିଆନିଆ ହେଇ ଉଡ଼ି ଗଲେଣି। ଏଣିକି, ନିଜ ପାଇଁ ଆଉ ବାଧା ନାହିଁ, ପ୍ରତିବନ୍ଧକ ନାହିଁ। ଏହା ସିଦ୍ଧାନ୍ତ କରି ସେଇ ବିରଳ ପ୍ରଜାତିର ପ୍ରଜାପତିଟି ନିଜ ଡେଣାରେ ତାକତ ଭରି, ମନରେ ସାହସ ସଞ୍ଚୟ କରି ଆଗେଇଲା।

ସେଇ ବିଚିତ୍ର ଫୁଲ ଦୁଇଟି ଥିଲା, ଦେଖିବାକୁ ଏକାଭଳି। କିଏ ଫୁଲ, କିଏ ପ୍ରଜାପତି ଯା'କୁ ଜଣାନାହିଁ। କିନ୍ତୁ ପ୍ରେମ ପାଇଁ ଜୀବନକୁ ବାଜି ଲଗାଇବାକୁ ହେବ, ଏକଥାକୁ ଭୁଲିଗଲା ନାହିଁ। ଅଗତ୍ୟା, ଗୋଟେ ଫୁଲ ଉପରେ ଯାଇ ବସିପଡ଼ିଲା।

ଫୁଲଟି ଏ ବିରଳ ପ୍ରଜାତିର ପ୍ରଜାପତିକୁ ଆଲିଙ୍ଗନ କଲା। ପ୍ରେମ କଲା। ଚୁମା ଖାଇଲା। ଅନେକ ଦିନ ଧରି, ପ୍ରେମିକର ଅପେକ୍ଷାରେ ରାତି ଉଜାଗର ରହିଥିବା ସେଇ ଫୁଲଟି, ଆସ୍ତେ ଆସ୍ତେ ବିରଳ ପ୍ରଜାତି ପ୍ରଜାପତିର ପ୍ରେମିକାର ପରିଚୟ ଦେଇ, ଅନ୍ୟ ରାଇଜରୁ ଉଡ଼ି ଆସିଥିବା ପ୍ରେମିକ ପ୍ରଜାପତି ଭଳି ଦେଖାଗଲା।

ଏହାପରେ ସେ ଦୁଇଜଣ ବିରଳ ପ୍ରଜାତିର ପ୍ରଜାପତି ଏକତ୍ର ଉଡ଼ି ଗଲାବେଳେ, ଦେଖିବାକୁ ମିଳିଲା, ବଗିଚାରେ ସେଇ ପ୍ରଜାତିର ଭ୍ରମ ଆଣୁଥିବା ଅନ୍ୟ ଏକ ଫୁଲଟି ଗଛ ଡାଳରୁ ଠପ୍‌କିନା ଖସିପଡ଼ିଲା। ■

"ଆମ ଘର"
ନିଉ କଲୋନି, ନେଳିଆବାଗ
ଶ୍ରୀକଣ୍ଠପୁର, ବାଲେଶ୍ୱର-୭୫୬୦୦୧
ମୋ: ୯୪୩୭୧୨୯୨୬୫

## ବଙ୍ଗୋପସାଗର



ଇପ୍‌ସିତା ଷଡ଼ଙ୍ଗୀ

ବଙ୍ଗୋପସାଗର : ତୁ ପାଖରେ ଥିଲେ
ଅନ୍ତର୍ମନରେ ନିସ୍ତବ୍ଧତା ବିରାଜୁଥାଏ
ପାଖରେ ନ ଥିଲେ-ଢେଉର କୋମଳ ଅସ୍ଥିରତା
ମନରେ ଭିନ୍ନ ଭିନ୍ନ ସ୍ୟାହି ରଙ୍ଗର କୋଳାହଳମୟତା!

ବଙ୍ଗୋପସାଗର – ତୁ ପାଖରେ ଥିଲେ
ହାତ ଧରି ଶିଖେଇ ଦେବାକୁ ନେଇ ଚାଲୁ
ପ୍ରେମ ପକ୍ଷୀର ଉଡ଼ାଣ;
ବୁଝାଉ - ଯିଏ
ନିରୀହତାକୁ ଧରି ରଖିପାରିବାରେ ମାହିର ନୁହେଁ,
ଯିଏ ଧରି ରଖି ପାରେନି ବିଶ୍ୱାସ; କି ଯିଏ ଆକାଶ ଯାଏଁ
ପ୍ରଲମ୍ବିତ କରିପାରେନି ସାମର୍ଥ୍ୟକୁ -
ସିଏ କିଛି ବି ହେଇପାରେ, କିନ୍ତୁ ପ୍ରେମ ନୁହେଁ !

ବଙ୍ଗୋପସାଗର- ପାଖରେ ନ ଥିଲେ ବି ତୁ
ମନର ବେତାର ସଂଯୋଗରେ
ପଠାଇଥାଉ - ଏକାକୀତ୍ୱରେ ତଲ୍ଲୀନ ଗଜଲ,
ପଠାଉ- ସପ୍ତସ୍ୱରର ବର୍ଣ୍ଣବୋଧ ବହି
ଶିଖାଉ-ନୀରବତାରେ ଖେଳି ବୁଲୁଥିବା
ନାନାଦି ଅଲୌକିକ ଧ୍ୱନିକୁ
ବୋଲ ମନେଇ ପାରିବାର ମନ୍ତ୍ର।
ଜୀବନର ଫମ୍ପା ବାଉଁଶରୁ ଛୋଟ ଗୋଟେ ଖଣ୍ଡ ନେଇ
ବଂଶୀ କରି ଓଠରେ ଧରି
ପଠାଉ ତୁ କେମିତି ସୁଖର ସଙ୍ଗୀତ !

ବଙ୍ଗୋପସାଗର- ତୋ ବାଲି ତଟର ଗୁମ୍‌ସୁମ୍ ସ୍ୱର
ବଂଶୀର ମୂର୍ଚ୍ଛନା ତୋଳି
କେମିତି ମୋହିତ କରେ ନଦୀମାନଙ୍କୁ
ମୁଁ ଏବେ ଏବେ ଜାଣୁଛି;
ଜାଣୁଛି ତୋ କୂଳପାଖ କୋଳାହଳ
କେମିତି ତଟସ୍ଥ କରେ ମୋହିନୀ ସମ
ଜୀବନ ଯାତ୍ରାର ସେ ଯାଯାବରମାନଙ୍କୁ!

ବଙ୍ଗୋପସାଗର- ପ୍ରଲମ୍ବିତ ସାମର୍ଥ୍ୟ ହେଉ କି ହେଉ
ଜୀବନ ଜୀଇଁବାର ସପ୍ତସ୍ୱର ବର୍ଣ୍ଣବୋଧ
ପ୍ରେମ ତୋର, ପ୍ରେମ ତୋର ହିଁ ବାହିନିଏ
ସମୟର ବିସ୍ତୀର୍ଣ୍ଣ ମୁହାଣ ଯାଏଁ
ଲକ୍ଷ୍ୟ ପ୍ରାପ୍ତି ପାଇଁ କେବେ
ତରୀଟିଏ ହୋଇ ଅବା କେବେ ହୋଇ
ହଳଦିଆ ପତ୍ର ଏକ ବୟସ୍କ ବୃକ୍ଷର !

ବଙ୍ଗୋପସାଗର- ତୁ ପାଖରେ ଥିଲେ
ଜୀବନ ହେଉ କି ହେଉ ମୃତ୍ୟୁର ନୀଳ ରହସ୍ୟ
ଖୋଜିବାରେ ଚାଲୁଥାଏ ତମାମ୍ ଆୟୁଷ, ତମାମ୍ ଆୟୁଷ ॥ ■

ଅଧ୍ୟାପିକା, ଇଂରାଜୀ ବିଭାଗ
ନିଆଳି କଲେଜ, ନିଆଳି, କଟକ
ମୋ: ୯୯୩୮୩୭୦୨୮୯

## ନିଦ ଭାଙ୍ଗିଯାଏ ଯଦି



ସୂର୍ଯ୍ୟସ୍ନାତ ତ୍ରିପାଠୀ

ହଠାତ୍ ଯଦି ଭାଙ୍ଗିଯାଏ ନିଦ -
ଏ ରକ୍ତର ହୋଲିଖେଳ
ସ୍ୱପ୍ନଟିଏ ଥିଲା ବୋଲି ଜଣାପଡ଼ିଯାଏ;
ଉଡ଼ିଯା'ନ୍ତି ପକ୍ଷୀସବୁ ଯଦି
ପଞ୍ଝାରେ ବିଦାରି ଦେଇ ରୁଦ୍ଧଦ୍ୱାର
ଭ୍ରମପଞ୍ଜୁରିର, କେହି ଜଣେ କହିଦିଏ
"ବିଶ୍ୱାସର ନୀଳକଇଁ ପାଖୁଡ଼ାରେ
ସିରା ଭଳି ଜମିଥିବା ଜହ୍ନରସ
ବାସ୍ତବରେ ଖଦ୍ୟୋତର ରକ୍ତ,
ଓ ମଣିଷ, ମଣିଷ ଏ ସଂସାରରେ
ଏକମାତ୍ର ଜୀବ ଯିଏ ଆତ୍ମୀୟର
ଦୁଃଖ ଦେଖି ଖୁସି ହେଇପାରେ"...
ଏବଂ ଏ ଗୁମର ଫିଟିଯାଏ
ଯେ ଘୃଣା ହିଁ ଏ ଜଗତର
ଅନ୍ୟତମ ନିଶାଦ୍ରବ୍ୟ ଅଟେ



ତେବେ କ'ଣ ପାପପୁଣ୍ୟ, ସତମିଛ,
ଭଲମନ୍ଦ, ଉଚ୍ଚନୀଚ, ସ୍ୱର୍ଗନର୍କ -
ଏସବୁର ତର୍କ ସରିଯିବ? ତେବେ କ'ଣ
ପ୍ରେମକୁ ଈଶ୍ୱର ଭାବି ପୃଥିବୀର ସବୁଲୋକ
ସମଧର୍ମୀ ହେବେ? ଓ ଅହଂର ଅନ୍ଧାର ଛାଡ଼ି,
କରୁଣାର ଆଲୋକ ଆଡ଼କୁ ଏ ସଭ୍ୟତା
ପାଦ ବଢ଼େଇବ?

ତେବେ କ'ଣ ମହାକାଶେ ଉଡୁଥିବା
କୃତ୍ରିମଯାନରୁ, ଏ ପୃଥିବୀ ନୀଳ ନୁହେଁ,
ସବୁଜ ଦିଶିବ? ଓ ଜଗତ କାନ୍ଦିବା ବେଳେ
ଉଲ୍‌କା ନୁହେଁ, ଫୁଲ ବର୍ଷା ହେବ? ■

ସିଦ୍ଧେଶ୍ୱରପୁର, କଟକ

# ମଧୁସୂଦନଙ୍କ କବିତାରେ ଜାତୀୟତାଭାବ



ଡକ୍ଟର ସ୍ୱାଗତିକା ସାହୁ

ଦେଶମାତୃକାର ସେବା କରିବା ଏକ ପଣ ନୁହେଁ, ଏହା ଏକ ସ୍ୱାଭିମାନ। ଏହି କଥାକୁ ପ୍ରମାଣିତ କରିଛନ୍ତି ଉତ୍କଳ ଗୌରବ ମଧୁସୂଦନ ଦାସ। ମଧୁ ବାରିଷ୍ଟର ଭାବରେ ସେ ପରିଚିତ ଥିଲେ। ଏକାଧାରରେ ସେ ଥିଲେ ଜଣେ ଆଇନଜୀବୀ, ସୁବକ୍ତା, ଦେଶପ୍ରେମୀ, ଜନନେତା ଓ ଜାତୀୟବାଦୀ କବି। ଜଣେ ଜାତୀୟବାଦୀ କବି ଭାବେ ପ୍ରତିଟି ଓଡ଼ିଆଙ୍କ ହୃଦୟରେ ସେ ଏବେ ବି ଜୀବିତ ହୋଇରହିଛନ୍ତି। ତାଙ୍କ କବିତାର ଛତ୍ରେ ଛତ୍ରେ ଦେଶପ୍ରେମର ସ୍ୱର ପ୍ରତିଫଳିତ। ମଧୁସୂଦନଙ୍କ ରଚିତ 'ଉତ୍କଳ ସନ୍ତାନ', 'ଜାତି ଇତିହାସ', 'ଜ୍ଞାନୀର ଉକ୍ତି', 'ଜଣାଣ', 'ଜନନୀର ଉକ୍ତି', 'ସମ୍ମିଳନୀ' ଆଦି କବିତାରେ ଜାତୀୟବାଦୀ ଚିନ୍ତାଧାରା ପ୍ରସ୍ଫୁଟିତ ହୋଇଉଠିଛି। ତାଙ୍କ ରଚିତ ଦେଶାତ୍ମବୋଧକ ସଂଗୀତଗୁଡ଼ିକ ବେଶ୍ ହୃଦୟସ୍ପର୍ଶୀ। ମଧୁବାବୁଙ୍କ ରଚିତ କବିତାଗୁଡ଼ିକ ପାଠ କଲେ ହୃଦୟ ଭିତରେ ଦେଶପ୍ରେମର ବହ୍ନି ପ୍ରଜ୍ୱଳିତ ହୋଇଉଠେ। ଉତ୍କଳ ଗୌରବ ମଧୁସୁଦନ ଦାସଙ୍କ କବିତା ଆଜିବି ଜାତୀୟତାଭାବ ଉଦ୍ରେକ କରିଥାଏ କୋମଳମତି ଶିଶୁମାନଙ୍କ ହୃଦୟରେ। ନିଃସ୍ୱାର୍ଥ ଭାବେ ଦେଶକୁ ଭଲ ପାଇବା ପାଇଁ ମଧୁବାବୁ ନିଜ କବିତା ମାଧ୍ୟମରେ ଆହ୍ୱାନ ଦେଇଛନ୍ତି।

"ଜାତି-ପ୍ରେମ-ବହ୍ନି ପ୍ରଜ୍ୱଳିତ କର
ସ୍ୱାର୍ଥକୁ ଦିଅ ଆହୁତି,
ସ୍ୱାର୍ଥମେଧ ଯଜ୍ଞେ ଚାରିଆଡ଼େ ନାଚ
ଛାତିକୁ ମିଶାଇ ଛାତି।"

ମଧୁବାବୁଙ୍କ କବିତାର ଏଭଳି ପଦପଂକ୍ତି ଯେ କୌଣସି ବ୍ୟକ୍ତିର ପ୍ରାଣରେ ଜାତୀୟତା ଭାବ ଉଦ୍ରେକ କରିବ ନିଶ୍ଚୟ।

ନିଜ କବିତାରେ ଜନନୀଠାରୁ ଜନ୍ମଭୂମି ବଡ଼ ବୋଲି ସେ କହିଛନ୍ତି ନିଃସନ୍ଦେହରେ। ବାସ୍ତବରେ ତାଙ୍କ ଆହ୍ୱାନ ସମଗ୍ର ଓଡ଼ିଶାବାସୀଙ୍କ ମନରେ ପ୍ରେରଣା ଭରିଦେଇଥିଲା। ଓଡ଼ିଆ ଘରର ସଂସ୍କାର ତାଙ୍କର କବିତା 'ସନ୍ତାନର ଉକ୍ତି'ରୁ ସ୍ପଷ୍ଟ ବାରିହୁଏ।

"ମାଆ ମାଆ ବୋଲି କେତେ ମୁଁ ଖୋଜିଲି
ମାଆକୁ ପାଇଲି ନାହିଁ,
ଭାଇ ଭାଇ ବୋଲି କେତେ ମୁଁ ଡାକିଲି
ନ ଦେଲେ ଉତ୍ତର କେହି।"

'ସନ୍ତାନର ଉକ୍ତି' କବିତାରେ ତାଙ୍କ ସ୍ୱଦେଶ ପ୍ରୀତି ପ୍ରତିଫଳିତ। ଜନ୍ମଭୂମି ପାଇଁ ତାଙ୍କର ଅଗାଧ ଭଲପାଇବା ପରିଦୃଷ୍ଟ। ଓଡ଼ିଶାର ଶାନ୍ତି, ମୈତ୍ରୀ, ସେବା ତାଙ୍କ କବିତାରୁ ଜଣାଯାଏ।

ଓଡ଼ିଆ ଭାଷାକୁ ପ୍ରାଧାନ୍ୟ ଦେଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ତାଙ୍କର ଭୂମିକା ଅତ୍ୟନ୍ତ ଉଲ୍ଲେଖନୀୟ। ତାଙ୍କରି ପ୍ରଚେଷ୍ଟାରେ ଭାଷା ଭିତ୍ତିରେ ଗଞ୍ଜାମ ଓ ସମ୍ବଲପୁର ଜିଲ୍ଲା ଓଡ଼ିଆ ଭାଷାଭାଷୀ ଅଞ୍ଚଳ ସହିତ ସାମିଲ ହେଲା। ଉତ୍କଳର ଐକ୍ୟ, ଉତ୍କଳର ସର୍ବାଙ୍ଗୀନ ଉନ୍ନତି, ସବୁ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଗୋଟିଏ ଶାସନ ଅଧୀନରେ ରଖିବା, ପ୍ରବାସୀ ଓଡ଼ିଆଙ୍କ ସ୍ୱାର୍ଥ ରକ୍ଷା କରିବାରେ ମଧୁସୂଦନ ଦାସ ନିରନ୍ତର ଉଦ୍ୟମ କରିଥିଲେ। ଓଡ଼ିଆ ଭାଷାକୁ ଭଲ ପାଉଥିବା ମଧୁବାବୁ ଲୋକ ଆଢୁଆଳରେ ଜଣେ ବିଶିଷ୍ଟ କବି ଓ ଲେଖକ ଥିଲେ, ତେବେ ତାଙ୍କର ଖ୍ୟାତି ତାଙ୍କର ଲେଖନୀରୁ ସ୍ପଷ୍ଟ ଅନୁମେୟ ହୁଏ। ତାଙ୍କ କବିତାର ପଦପଂକ୍ତିରେ ଦେଶପ୍ରେମର ଆହ୍ୱାନ ରହିଛି।

"ଜାତି ନନ୍ଦିଘୋଷ ଚଳିବ କି ଭାଇ
ସ୍ୱାର୍ଥକୁ ସାରଥି କଲେ,
ଟାଣେ କିରେ ଗାଡ଼ି ଦାନାର ତୋବଡ଼ା
ଘୋଡ଼ା ମୁହେଁ ବନ୍ଧା ଥିଲେ?"

ଏହି ପଦଟିରେ ସେ ସୂଚେଇ ଦେଇଛନ୍ତି ସ୍ୱାର୍ଥ କିଭଳି ଭାବେ ପତନ କରିଥାଏ, ସାମୂହିକ ସ୍ୱାର୍ଥ ସାଧନ ପାଇଁ ଏକଜୁଟପଣ ନିତାନ୍ତ ଆବଶ୍ୟକ। ଏହା ତାଙ୍କର ଜାତୀୟତାବାଦୀ ଚିନ୍ତାଧାରାର ପରିପ୍ରକାଶ ମାତ୍ର। ସେ ତାଙ୍କ କବିତାରେ ଚେତେଇ ଦେଉଥିଲେ ଉତ୍କଳବାସୀଙ୍କୁ ଏବଂ ଆହ୍ୱାନ ଦେଉଥିଲେ: -

"ଉଠରେ ଉଠରେ ଉତ୍କଳ ସନ୍ତାନ
ଉଠିବୁ ତୁ କେତେ ଦିନେ,
ପୂରୁବ ଗୌରବ ପୂରୁବ ସାହସ
ପଡ଼ିବ କି କେବେ ମନେ?"

ମଧୁସୂଦନଙ୍କ ପ୍ରତ୍ୟେକ କବିତାରେ ଦେଶପ୍ରେମ, ଜାତୀୟତା ଭାବନା ପରିଦୃଷ୍ଟ ହୋଇଛି, ଯାହା ଜନସମାଜକୁ ଜାତୀୟତା ପ୍ରେମରେ ଉଦ୍‌ବୁଦ୍ଧ କରାଇବ, ଏହା ନିଃସନ୍ଦେହରେ କୁହାଯାଇପାରେ। ଉତ୍କଳୀୟ ସ୍ୱାଭିମାନର ପ୍ରତୀକ ଥିଲେ ମଧୁସୂଦନ ଦାସ।

ସେ ଥିଲେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ବରେଣ୍ୟ କର୍ଣ୍ଣଧାର। ଆଜି ସେଇ ମହିମା ପୁରୁଷ ସଶରୀର ନାହାନ୍ତି ସତ, କିନ୍ତୁ ତାଙ୍କର କବିତା ଆଜିବି ମନରେ ନବପ୍ରେରଣା ଜାଗ୍ରତ କରେ, ଜାତିପ୍ରେମରେ ଉଦ୍‌ବୁଦ୍ଧ ହେବା ପାଇଁ ଖୋରାକ ଦିଏ। ତାଙ୍କର ପ୍ରତିଟି କବିତା ସମାଜ ପାଇଁ ଗୋଟିଏ ଗୋଟିଏ ଆଦର୍ଶ ବାର୍ତ୍ତା। ସାମାଜିକତା ଏବଂ ଜାତୀୟତା ଭାବନା ଉଦ୍ରେକ କରାଇବାରେ ତାଙ୍କର କବିତାଗୁଡ଼ିକ ବେଶ୍ ପ୍ରଭାବଶାଳୀ। ■

ଅଧ୍ୟାପିକା
ନେତାଜୀ ସୁବାଷ ବୋଷ ସ୍ନାତକ ମହାବିଦ୍ୟାଳୟ
ତୁମୁଡ଼ିବନ୍ଧ, କନ୍ଧମାଳ
ମୋ: ୮୬୩୭୨୬୨୯୭୩

## ପୁସ୍ତକ ଓ ପତ୍ରିକା ପରିଚୟ

### ଆଦ୍ୟାକ୍ଷର

ତ୍ରିଲୋଚନ ବେହେରା





ଅନୁପମ ମିଡିଆ ହାଉସ୍
ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୧୮୦ ଟଙ୍କା

"ବାପା!/ ତୁମ ଶାନ୍ତ ସରଳ ପଣ/ ଏବେକୁ ଲୋଡ଼ିଲେ/ ସେ ସମୟ ବିରଳ/ ମିଳେ ନାହିଁ ତୁମ ପରି ଜଣେ।" (ବାପା) ମାନବୀୟ ଭାବାବେଗ, ନିବିଡ଼ ଭଲ ପାଇବା, ଅନାବିଳ ସ୍ନେହ, ମମତାର ସଂପର୍କ ଅତି ଚମତ୍କାର ଭାବେ ଫୁଟି ଉଠିଛି କବି ତ୍ରିଲୋଚନ ବେହେରାଙ୍କ 'ଆଦ୍ୟାକ୍ଷର' ର ଅନେକ କବିତାରେ। ଏହି ପୁସ୍ତକରେ ସଂକଳିତ 'ଚେତନାର ଚଉହଦୀ', 'ଆସ୍ଥା ଓ ବିଶ୍ୱାସ', 'ଉତ୍ତରଦାୟୀ', 'ଫଗୁଣ କି ରୁଗ୍‌ଣ', 'ଝିଅ ଜନମ ପର ଘରକୁ', 'ବାପା', 'ବୋଉ', 'ଶାଶ୍ୱତ ପ୍ରେମ', 'ପଲ୍ଲୀ ପ୍ରକୃତି', 'ଫଗୁଣକୁ ବାରଣ', 'ପ୍ରତୀକ୍ଷା', 'କ୍ଷେତ ଅମଳକୁ', 'ଅଯୋଗ୍ୟ ସତ୍ୟବାନ', 'ଯୁଦ୍ଧ', 'ଭାବ କଳ୍ପ' ପ୍ରଭୃତି କବିତା ବେଶ୍ ମନଛୁଆଁ ହୋଇଛି। ଏହି ପୁସ୍ତକର ଅଧିକାଂଶ କବିତାରେ ମାନବୀୟ ପ୍ରେମ, ପାରିବାରିକ ସମ୍ବନ୍ଧ, ପ୍ରକୃତି ପ୍ରୀତି, ସାମାଜିକ ବାସ୍ତବତାର ଚିତ୍ର ପ୍ରତିଫଳିତ। କେତେକ କବିତାରେ ସାମାଜିକ ଅସଙ୍ଗତିକୁ ବ୍ୟଙ୍ଗ ଓ କଟାକ୍ଷ କରି ତୀବ୍ର ସମାଲୋଚନା କରିଛନ୍ତି। 'ଆଦ୍ୟାକ୍ଷର'ର କବିତାଗୁଡ଼ିକ ପାଠକମାନଙ୍କ ହୃଦୟକୁ ସ୍ପର୍ଶ କରି ପାରିବ ବୋଲି ଆଶା କରାଯାଏ। ■

### ପ୍ରିୟବନ୍ଧୁ

ସଂପାଦିକା: ଡକ୍ଟର ରୋଜାଲିନ୍





ପ୍ରିୟବନ୍ଧୁ ସାହିତ୍ୟ ଏକାଡେମୀ
ବଳରାମପୁର, କୁଜଙ୍ଗ,
ଜଗତସିଂହପୁର
ମୂଲ୍ୟ: ୧୫୦ ଟଙ୍କା

'ପ୍ରିୟବନ୍ଧୁ ସାହିତ୍ୟ ଏକାଡ଼େମୀ' ପକ୍ଷରୁ ଡକ୍ଟର ରୋଜାଲିନ୍‌ଙ୍କ ସଂପାଦନାରେ ବାର୍ଷିକ ସାହିତ୍ୟପତ୍ର 'ପ୍ରିୟବନ୍ଧୁ' ପ୍ରକାଶ ପାଇଛି। ଚଳିତ ସଂଖ୍ୟାରେ ଗୌରହରି ଦାସଙ୍କ 'କାଚ କଣ୍ଢେଇ', ଡକ୍ଟର ଅରବିନ୍ଦ ରାୟଙ୍କ 'ବୋଉର ତୀର୍ଥ', ରାଜ୍ୟବର୍ଦ୍ଧନ ଧଳ ମହାପାତ୍ରଙ୍କ 'ପ୍ରିୟ ମୃତ୍ୟୁ', ବିଷ୍ଣୁ ସାହୁଙ୍କ 'ଦୀପଟିଏ ଜାଳିବା ପାଇଁ', ସୀତେଶ ତ୍ରିପାଠୀଙ୍କ 'ଅଳକାନନ୍ଦା', 'କ୍ଷୀରୋଦ ଦାସଙ୍କ 'ପ୍ରିୟ ମଣିଷ', ରବି ପଣ୍ଡାଙ୍କ 'ଦେବୀ', ପୀତାମ୍ବର ତରାଇଙ୍କ 'ଚଟୁ ଉପାଖ୍ୟାନ' ଆଦି ଗପଗୁଡ଼ିକ ମନଛୁଆଁ ହୋଇଛି। ସେହିପରି ଡକ୍ଟର ମହେଶ୍ୱର ମହାନ୍ତିଙ୍କ 'ଓଡ଼ିଆ ଭାଷାର ଭବିଷ୍ୟତ', ପ୍ରଫେସର ବିଜୟାନନ୍ଦ ସିଂହଙ୍କ 'ମନର ମୂଳେ ଏ ଜଗତ', ଡ. ପ୍ରଭାସ ଆଚାର୍ଯ୍ୟଙ୍କ 'ଘଣ୍ଟା ଘର', ନଟବର ଶତପଥୀଙ୍କ 'କରୁଣା ମଧ୍ୟସ୍ଥଳ', ଡକ୍ଟର ଗୋବିନ୍ଦ ଚାନ୍ଦଙ୍କ 'ସାହିତ୍ୟ ପାଇଁ ସଂଗ୍ରାମର ସ୍ୱର ଉତ୍କଳ ସାହିତ୍ୟ ସମାଜ', ବ୍ରହ୍ମାନନ୍ଦ ବିଶ୍ୱାଳଙ୍କ 'ଆଧୁନିକ କବିତାର ବୋଧଗମ୍ୟତା' ଆଦି ପ୍ରବନ୍ଧଗୁଡ଼ିକ ତଥ୍ୟ ଭିତ୍ତିକ ଓ ଉଚ୍ଚକୋଟୀର ହୋଇଛି। 'କବିତା ବିଭାଗ'ରେ ଶ୍ରୀହରି ଧଳ, ରବି ଶତପଥୀ, ସଞ୍ଜିତ କୁମାର ବଳ, ଅମରେନ୍ଦ୍ର ଖଟୁଆ, ଗୌତମ ଜେନା, ଗିରିବାଳା ମହାନ୍ତି, ଅଖିଳ କୁମାର ମିଶ୍ର, ସେନାପତି ପ୍ରଦ୍ୟୁମ୍ନ କେଶରୀ, ଦୁର୍ଗା ପ୍ରସାଦ ପଣ୍ଡା, ଅମିୟ ରଞ୍ଜନ ମହାପାତ୍ର ପ୍ରମୁଖଙ୍କ କବିତାଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି। 'ପ୍ରିୟବନ୍ଧୁ'ର ଲେଖାଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ। ■

### ପଲ୍ଲୀପୁଷ୍ପ

ସଂପାଦକ: ସତ୍ୟବ୍ରତ ସାହୁ





ଶ୍ରୀ ଶ୍ରୀକ୍ଷେତ୍ର ସାହିତ୍ୟ ଓ ସାଂସ୍କୃତିକ ପରିଷଦ
ପଲ୍ଲାସାହି, କମାଳପୁର, ଯାଜପୁର
ମୂଲ୍ୟ: ୧୦୦ ଟଙ୍କା

ସତ୍ୟବ୍ରତ ସାହୁଙ୍କ ସଂପାଦନାରେ 'ପଲ୍ଲୀପୁଷ୍ପ' ପତ୍ରିକା ପ୍ରକାଶ ପାଇଛି। 'ପଲ୍ଲୀପୁଷ୍ପ'ର ଏହି ସଂଖ୍ୟାଟି ଓଡ଼ିଶାର ବହୁ ପ୍ରବୀଣ, ଯୁବ ଲେଖକଲେଖିକାଙ୍କ ଲେଖାରେ ସମୃଦ୍ଧଶାଳୀ ହୋଇଛି। ପ୍ରଫେସର ଦାମୋଦର ବେହେରାଙ୍କ 'ସୂର୍ଯ୍ୟ ଏକ ତ ଚନ୍ଦ୍ର ଏକ', ଅମ୍ବିକା ପ୍ରସାଦ ବାରିକଙ୍କ 'ମାନବିକ ମନୋଭୂମିର ଅନ୍ତର୍ମଗ୍ନ କଥାଶଳ୍ପୀ: ରଜନୀକାନ୍ତ ମିଶ୍ର', ଅଧ୍ୟାପକ ପ୍ରଦୀପ୍ତ କୁମାର ଦାସଙ୍କ 'କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଅନନ୍ୟ କାବ୍ୟକୃତି' ଆଦି ପ୍ରବନ୍ଧଗୁଡ଼ିକ ଉଚ୍ଚକୋଟୀର ହୋଇଛି। ସେହିପରି ରବି ପଣ୍ଡାଙ୍କ 'ଭୋର୍ ପକ୍ଷୀର ଡାକ', କାଶୀନାଥ ନନ୍ଦୀଙ୍କ 'ପ୍ରାଣଭୂମି', ଭବାନୀ ଶଙ୍କର ପଟ୍ଟନାୟକଙ୍କ 'ଦାଗ' ଆଦି ଗପଗୁଡ଼ିକ ମନଛୁଆଁ ହୋଇଛି। ସେହିପରି ଡକ୍ଟର ନୃସିଂହ ଚରଣ ଷଡ଼ଙ୍ଗୀ, ଡକ୍ଟର ଶ୍ରୀହରି ଧଳ, ସେନାପତି ପ୍ରଦ୍ୟୁମ୍ନ କେଶରୀ ପ୍ରମୁଖଙ୍କ କବିତାଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି। ସେହିପରି ଗୀତି କବିତା, ଶିଶୁ କବିତା, ହାସ୍ୟ ବ୍ୟଙ୍ଗ, ସ୍ମୃତି ଅନୁଭୂତି ଆଦି ବିଭାଗର ଲେଖାଗୁଡ଼ିକ ମଧ୍ୟ ମନଛୁଆଁ ହୋଇଛି। ■

# ଋଣ ନାଁରେ କୋଟିଏରୁ ଊର୍ଦ୍ଧ୍ୱ ଠକେଇ ଅଭିଯୋଗ

ବଣାଇଁ, ୨୩।୫ (ସମିସ): ଦେଶର ସର୍ବବୃହତ ଓ ନିର୍ଭରଯୋଗ୍ୟ ବ୍ୟାଙ୍କ ଭାବେ ପରିଚିତ ଭାରତୀୟ ଷ୍ଟେଟ ବ୍ୟାଙ୍କରେ ଯଦି ଠକେଇ ହୁଏ, ତେବେ ସାଧାରଣ ଲୋକଙ୍କର ବ୍ୟାଙ୍କିଂ ବ୍ୟବସ୍ଥା ଉପରେ ବିଶ୍ୱାସ ଉଠିଯିବା ସ୍ୱାଭାବିକ। ସୁନ୍ଦରଗଡ଼ ଜିଲ୍ଲା ଗୁରୁଣ୍ଡିଆ ବ୍ଲକ୍ ଅଧୀନ ଜର୍ଡା ଗ୍ରାମସ୍ଥିତ ଭାରତୀୟ ଗ୍ରାମର ଲୋକଙ୍କୁ କେ.ସି.ସି ଋଣ କରାଇଦେବା ପ୍ରଲୋଭନ ଦେଇ ବ୍ୟାଙ୍କକୁ ଡାକିଥିଲେ। ଜମି ପଟ୍ଟା ଦାଖଲ କରାଇ ଋଣ ମଞ୍ଜୁର କରାଇବା ପରେ ହିତାଧିକାରୀଙ୍କ ଆକାଉଣ୍ଟକୁ ୧ ଲକ୍ଷ ୨୦ ହଜାରରୁ ଆରମ୍ଭ କରି ଦେଢ଼ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆସିଥିଲା। କିନ୍ତୁ ଟଙ୍କା ଆସିବା ପରେ ଅଶିକ୍ଷିତ



ଷ୍ଟେଟବ୍ୟାଙ୍କ ଶାଖାରେ କିଷାନ କ୍ରେଡିଟ୍ କାର୍ଡ (କେସିସି) ଲୋନ୍ କରାଇବା ନାଁରେ ବ୍ୟାପକ ଠକେଇ ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ଜର୍ଡା, ଟାମ୍ପରକେଲା, କୁଣ୍ଢେଇଢ଼ିହା ଓ ସୋଲ ପଞ୍ଚାୟତର ଶତାଧିକ ଆଦିବାସୀ ଓ ଗରିବ ହିତାଧିକାରୀ ଠକାମିର ଶିକାର ହୋଇଥିବା ଜଣାପଡ଼ିଛି। ଅଭିଯୋଗ ଅନୁଯାୟୀ, ବ୍ୟାଙ୍କରେ ଠିକାସଂସ୍ଥା ମାଧ୍ୟମରେ କାର୍ଯ୍ୟରତ ଆନନ୍ଦ ମନହରୀ ଓ ରିକୋଭରି ଏଜେଣ୍ଟ ବସନ୍ତ ପ୍ରଧାନ ବିଭିନ୍ନ ଓ ସରଳ ଲୋକଙ୍କୁ 'ବ୍ୟାଙ୍କର ବିଶେଷ ସ୍କିମ' କହି ତଞ୍ଚକତା କରାଯାଇଥିଲା। ତିନିବର୍ଷ ପର୍ଯ୍ୟନ୍ତ ପୁନଃପଞ୍ଜୀକରଣ ଲାଗିବ ନାହିଁ ଓ ଋଣ ଛାଡ଼ ହୋଇଯିବ ବୋଲି କହି କାହାଠାରୁ ୧୫ ହଜାର ତ ଆଉ କାହାଠାରୁ ୫୫ ହଜାର ଟଙ୍କା ପର୍ଯ୍ୟନ୍ତ ନଗଦ ଟଙ୍କା ଆଦାୟ କରାଯାଇଥିବା ଅଭିଯୋଗ ହୋଇଛି। ପରେ ଉପଭୋକ୍ତାଙ୍କ ମୋବାଇଲକୁ ପୁନଃ ପଞ୍ଜୀକରଣ ଓ ଋଣ ଦାଖଲ ସମ୍ବନ୍ଧୀୟ ମେସେଜ ଆସିବା ପରେ ସେମାନଙ୍କ ସନ୍ଦେହ ବଢ଼ିଥିଲା।

ଏହାପରେ ଠକାମିର ଶିକାର ହୋଇଥିବା ଲୋକମାନେ ବ୍ୟାଙ୍କକୁ ଯାଇ ପଚାରିବାରୁ ସମ୍ପୃକ୍ତ କର୍ମଚାରୀମାନେ ଧରାଛୁଆଁ ଦେଉନଥିବା ଅଭିଯୋଗ ହୋଇଛି। 'ସାର ଫିଲ୍ଡକୁ ଯାଇଛନ୍ତି' ବୋଲି ଉତ୍ତର ମିଳୁଥିବା ଅଭିଯୋଗକାରୀ ଜାଇଫୁଲ କିଷାନ ଓ ଗଣେଶ୍ୱର କିଷାନ ପ୍ରମୁଖ ପ୍ରକାଶ କରିଛନ୍ତି। ଠକାମିର ଶିକାର ହୋଇଥିବା ଲୋକମାନେ ଏବେ ଗଣମାଧ୍ୟମ ସାମ୍ନାରେ ନିଜ ଦୁଃଖ ପ୍ରକାଶ କରି ଆମ ଟଙ୍କା ଫେରାଇ ଦିଅ, ଦୋଷୀଙ୍କୁ ଦଣ୍ଡ ଦିଅ ବୋଲି ଦାବି କରିଛନ୍ତି। ସ୍ଥାନୀୟ ଜର୍ଡା ସରପଞ୍ଚ ପୂର୍ଣ୍ଣପ୍ରସାଦ କିଣ୍ଡୋ କହିଛନ୍ତି ଯେ, ତାଙ୍କ ପଞ୍ଚାୟତରୁ ପ୍ରାୟ ୧୦୦ଟି କେ.ସି.ସି ଆବେଦନ ପତ୍ରରେ ସେ ଦସ୍ତଖତ କରିଥିଲେ। ଅନ୍ୟ ପଞ୍ଚାୟତରୁ ମଧ୍ୟ ଅନେକ ଆବେଦନ ଯାଇଥିବାରୁ ସମୁଦାୟ ଠକାମିର ପରିମାଣ ପ୍ରାୟ ଏକ କୋଟି ଟଙ୍କାରୁ ଅଧିକ ହୋଇଥିବା ସେ ଆଶଙ୍କା କରିଛନ୍ତି। ଏନେଇ ବ୍ୟାଙ୍କ ଶାଖା ପରିଚାଳକ ଅନିଲ ଏକ୍କାଙ୍କୁ ପଚାରିବାରେ ସେ କହିଛନ୍ତି, ତାଙ୍କ ପାଖକୁ ମଧ୍ୟ ଏହି ଅଭିଯୋଗ ଆସିଛି ଏବଂ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ଦିଆଯାଇଛି। ଘଟଣାର ତଦନ୍ତ କରାଯାଇ ହିତାଧିକାରୀଙ୍କ ଟଙ୍କା କିପରି ଫେରସ୍ତ ହେବ ସେନେଇ ବ୍ୟାଙ୍କ ପକ୍ଷରୁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ବ୍ୟାଙ୍କରେ ଠିକା ସଂସ୍ଥା ମାଧ୍ୟମରେ କର୍ମଚାରୀ ନିଯୁକ୍ତି ହେଉଥିବାରୁ ଏଭଳି ଘଟଣା ବଢ଼ୁଛି ବୋଲି ସ୍ଥାନୀୟ ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି।

# ନାବାଳକକୁ ଝୁଣିଦେଲେ ବୁଲା କୁକୁର

ସାନଖେମୁଣ୍ଡି, ୨୩।୫ (ସମିସ): ସାନଖେମୁଣ୍ଡି ବ୍ଲକ୍ ତଥା ପାଟପୁର ଥାନା ଅଧୀନ ମହାନଳା ଗ୍ରାମରେ ଶୁକ୍ରବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ନାବାଳକକୁ କିଛି ବୁଲା କୁକୁର ଝୁଣି ଦେଇଛନ୍ତି। ଗୁରୁତର ନାବାଳକଜଣଙ୍କ ହେଲେ, ଟିକରପଡ଼ା ଗ୍ରାମର ବିଶିକେଶନ ଗୌଡଙ୍କ ପୁଅ ଆରେସୁ ଗୌଡ଼ (୯)।



ସୂଚନା ମୁତାବକ ଆରେସୁ ମହାନଳା ଗାଁରେ ଥିବା ତାଙ୍କ ମାମୁଁ ଜାଗଲା ଗୌଡ଼ଙ୍କ ଘରେ ରହି ପାଠ ପଢୁଥିଲା। ଶୁକ୍ରବାର ସନ୍ଧ୍ୟାରେ ସେ ଜଣଙ୍କ ଘର ବାରଣ୍ଡାରେ ଖେଳୁଥିବା ବେଳେ ହଠାତ୍ ୬ରୁ ଊର୍ଦ୍ଧ୍ୱ କୁକୁର ତାକୁ ଆକ୍ରମଣ କରି ଘାଇଲା କରିଦେଇଥିଲେ। କୁକୁରମାନେ ଆରେସୁର ମୁଣ୍ଡରୁ ମାଂସ ବାହାର କରିଦେଇଥିବା ବେଳେ ଶରୀରର ବିଭିନ୍ନ ସ୍ଥାନକୁ କାମୁଡ଼ି ରକ୍ତାକ୍ତ କରିଦେଇଥିଲେ। ନାବାଳକଜଣଙ୍କ ଚିତ୍କାର କରିବାରୁ ସାହିର କିଛି ଲୋକ ଆସି କୁକୁରମାନଙ୍କୁ ଘଉଡ଼ାଇ ଦେଇଥିବା ବେଳେ ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରଯାଇଛି। ଅନ୍ୟପଟେ କୁକୁର ପ୍ରାର୍ଦୁଭାବରେ ପଥଚାରୀ, ଦୁଇ ଚକିଆ ଯାନ ଚାଳକ ଓ ବିଶେଷକରି ସ୍କୁଲ, ଟ୍ୟୁସନ୍ ଯାଉଥିବା ଛୋଟଛୋଟ ପିଲାମାନେ ଭୟଭୀତ ହୋଇପଡୁଛନ୍ତି। ବିଶେଷକରି, ସନ୍ଧ୍ୟା ସମୟ ଅତିକ୍ରାନ୍ତ ପରେ ଏହି ବୁଲା କୁକୁରମାନଙ୍କ ଆତଙ୍କ ବଢ଼ିଯାଉଛି। ବନ୍ଧ୍ୟାକରଣ ଯୋଜନା ଦିଗହରା ହୋଇପଡ଼ିଥିବାରୁ ଅଞ୍ଚଳରେ ବୁଲା କୁକୁରଙ୍କ ସଂଖ୍ୟା ଅହେତୁକ ଭାବେ ବୃଦ୍ଧି ପାଇବାରେ ଲାଗିଛି ବୋଲି ଅଞ୍ଚଳବାସୀଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି।

**ଘରପୋଡ଼ି ଓ ୩ଜଣଙ୍କୁ ହତ୍ୟା ମାମଲା**

# ୧୯ ଜଣଙ୍କୁ ଆଜୀବନ

ଉମରକୋଟ, ୨୩।୫ (ସମିସ): ୨୦୧୬ ମସିହାରେ ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ୍‌ରେ ସରକାରୀ ଜମିରେ ଚାଷକୁ କେନ୍ଦ୍ର କରି ଉପୁଜିଥିବା ବିବାଦକୁ ନେଇ ଘରପୋଡ଼ି ଓ ୩ ହତ୍ୟା ମାମଲାର ଆଜି ରାୟ ପ୍ରକାଶ ପାଇଛି। ବହୁଚର୍ଚ୍ଚିତ ଏହି ମାମଲାର ବିଚାର କରି ଉମରକୋଟ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ସୁନୀତା ପଟ୍ଟନାୟକ ୧୯ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଦୋଷୀ ସାବ୍ୟସ୍ତ ଅଭିଯୁକ୍ତମାନେ ହେଲେ, ଉମରକୋଟର ପୂର୍ବତନ ବ୍ଲକ୍ ବିଜେଡି ସଭାପତି ଦେବୀସିଂ ମାଝୀ, ଦୟା ଭତ୍ରା, ଦେବନାଥ କୁମ୍ଭାର, ଦୈତାରୀ ଗୌଡ଼, ରଘୁ ଭତ୍ରା, ଘାସିରାମ ହରିଜନ, ବୁଟି ଭତ୍ରା, ମଦନ ଗୌଡ଼, ଜମଳ ଲୋଚନ ଭତ୍ରା, ନନ୍ଦ ଭତ୍ରା, ଉଦ୍ଧବ ଭତ୍ରା, ରବି ଭତ୍ରା, ଦୟାନୁ ଭତ୍ରା, ଯୋଗେନ୍ଦ୍ର ଭତ୍ରା, ସୋମନାଥ ଭତ୍ରା, ପର୍ଶୁରାମ ଭତ୍ରା, ମିଟୁ ଭତ୍ରା, ବୁଦୁରାମ ଭତ୍ରା, ବୁଦୁ ଭତ୍ରା।

ସୂଚନାନୁଯାୟୀ, ୨୦୧୬ ଜୁଲାଇ ୧୬ରେ ଉମରକୋଟ ବ୍ଲକ୍ ଅନ୍ତର୍ଗତ ନେଉରା ପଞ୍ଚାୟତ ଅନ୍ତର୍ଗତ ବାଉଁଶବେଡ଼ା ଗ୍ରାମର ବଳରାମ ହରିଜନ ବେନୋରା ପଞ୍ଚାୟତ ଅଧୀନରେ ଆସୁଥିବା ତେଲଗାଁଠାରେ ଥିବା ଏକ ସରକାରୀ ଜମିରେ ଚାଷ କରିଥିଲେ। ଏହାକୁ ସ୍ଥାନୀୟ ଆଦିବାସୀ ବିରୋଧ କରି ଜଙ୍ଗଲ ବିଭାଗ କର୍ମଚାରୀମାନଙ୍କୁ କହି ସେଠାରେ ଚାରାରୋପଣ କରି ଦେଇଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ବଳରାମ ସମସ୍ତ ଚାରାକୁ ଉପାଡ଼ି ଦେଇଥିଲେ। ପରେ ସ୍ଥାନୀୟ କିଛି ଆଦିବାସୀ ବଳରାମଙ୍କ ଘରକୁ ଏ ବାବଦରେ ପଚାରିବା ପାଇଁ ଯାଇଥିବା ବେଳେ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ରାଗିଯାଇ ବଳରାମ ଏକ ଧାରଆ ଅସ୍ତ୍ର ଗୁରୁବାରୁ ଭତ୍ରାଙ୍କ ପେଟରେ ଭୁସି ଦେଇଥିଲା। ସେହି ସମୟରେ ବଳରାମଙ୍କ ଘରେ ଉପସ୍ଥିତ ଥିବା ଗଣପତି ହରିଜନ ନାମକ ଅନ୍ୟ ଜଣେ ଯୁବକ ଫଗୁଣୁ ଭତ୍ରାର ବେକ କାଟି ଦେଇଥିଲା। ଫଳରେ ଫଗୁଣୁଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା। ଗୁରୁତର ଗୁରୁବାରୁଙ୍କୁ ପ୍ରଥମେ ଉମରକୋଟ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ବଡ ମେଡ଼ିକାଲ ନିଆଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହି ଘଟଣାରେ ଶତାଧିକ ଆଦିବାସୀ ଲୋକେ ଏକତ୍ରିତ ହେଇ ବଳରାମଙ୍କ ଘରକୁ ଯାଇ ଘେରଉ କରିବା ସହ ପଥର ମାଡ଼ କରି ଘରେ ନିଆଁ ଲଗାଇ ଦେଇଥିଲେ। ଜୀବନ ବିକଳରେ ବଳରାମ ଘର ଛାତ ଉପର ଦେଇ ଖସି ପଳାଇବାକୁ ଚେଷ୍ଟା କରୁଥିବା ବେଳେ ଉତ୍ତ୍ୟକ୍ତ ଲୋକେ ତାକୁ ଆକ୍ରମଣ କରି ହତ୍ୟା କରିଥିଲେ। ଏଥିରେ ବଳରାମଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା। ଏହି ଘଟଣାରେ ଉମରକୋଟ ଥାନାରେ ୨ଟି ପୃଥକ୍ ଭାବେ ମାମଲା ରୁଜୁ ହେଇଥିଲା। ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ଅଶୋକ କୁମାର ପାଢ଼ୀ ଏହି ମାମଲାର ପରିଚାଳନା କରୁଥିଲେ।

ପ୍ରକାଶ ଯେ ଏହି ଘଟଣାରେ ଗଣପତି ହରିଜନ ଜେଲରେ ଥିବା ବେଳେ ୧୮ ଜଣ ଜାମିନରେ ଥିଲେ। ଆଜି ଶୁଣାଣି ସମୟରେ ୧୬ଜଣ କୋର୍ଟରେ ଉପସ୍ଥିତ ଥିଲେ। ଶୁଣାଣି ପରେ ୧୬ଜଣଙ୍କୁ ବିଚାରପତି ଜେଲ ପଠାଇ ଦେବା ବେଳେ ଆଜି ୨ ଜଣ କୋର୍ଟରେ ଅନୁପସ୍ଥିତ ଥିଲେ।

# ନିଖିଲ ହତ୍ୟା ଘଟଣାରେ ଆଉ ୩ ଗିରଫ

**ଗିରଫଦାରୀ ସଂଖ୍ୟା ୧୨କୁ ବୃଦ୍ଧି**

ରାୟଗଡ଼ା,୨୩।୫ (ସମିସ): ରାୟଗଡ଼ା ସହରର ବହୁ ଚର୍ଚ୍ଚିତ ନିଖିଲ ହାଡପା ହତ୍ୟା ଘଟଣାରେ ସମ୍ପୃକ୍ତ ଥିବା ଆଉ ତିନି ଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି ରାୟଗଡ଼ା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ, ଅମିତ ମେଲେକା, ହେମନ୍ତ ମେଲେକା ଓ ଭିକି ବେହେରା ବୋଲି ଜଣାପଡ଼ିଛି। ଏହି ତିନି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ ପରେ ଜେଲ୍ ହାଜତକୁ ପଠାଯାଇଛି। ରାୟଗଡ଼ା ସବ୍ ଜେଲରେ ଏହି ତିନି ଜଣ ବର୍ତ୍ତମାନ ରହିଥିବା ଜଣାପଡିଛି। ପୂର୍ବରୁ ନିଖିଲ ହତ୍ୟା ଘଟଣାରେ ୯ଜଣ ଗିରଫ ହୋଇଥିଲେ। ଏଥିରେ ୨୧ଜଣ ସାମିଲ ଥିବା ନେଇ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ସ୍ୱାତୀ ଏସ୍ କୁମାର ସୂଚନା ଦେଇଥିଲେ। ବର୍ତ୍ତମାନ ସୁଦ୍ଧା ୧୨ଜଣ ଗିରଫ ହେଲେଣି। ଆହୁରି ୯ ଜଣ ଫେରାର୍ ରହିଛନ୍ତି। ସେମାନେ ମଧ୍ୟ ଶୀଘ୍ର ଗିରଫ ହେବେ ବୋଲି ଆଇଆଇସି ପ୍ରସନ୍ନ କୁମାର ବେହେରା କହିଛନ୍ତି।


**AFFIDAVIT**

I MADHUA AGRAWAL, W/O PITAMBAR AGRAWALA, resident of At - Main Road, PO/PS - Umerkote, Dist - Nabarangpur, Pin - 764073, Odisha declare by this Affidavit No.1944, dated - 13/05/2026, that now onwards I shall be known as **MADHU AGRAWAL** for all future purposes.

**AFFIDAVIT**

I, PITAMBAR AGRAWAL, S/O DHANAPATRAY AGRAWALA, resident of At-Main Road, PO/PS - Umerkote, Dist - Nabarangpur, Pin - 764073, Odisha declare by this Affidavit No.1945, dated - 13/05/2026, that now onwards I shall be known as **PITAMBAR AGRAWALA** for all future purposes.

**AFFIDAVIT**

By virtue of an affidavit before the Executive Magistrate, Aska, Ganjam, Dtd. 21.05.2026, I, Susanta Kumar Swain, resident of Venkatraipalli, Haridapadar, Dist–Ganjam, Odisha, have changed the name of my minor son from Laba Swain to Naba Swain. Henceforth, he shall be known as **Naba Swain** for all purposes.

**Sd/- Susanta Kumar Swain**

**AFFIDAVIT**

By virtue of an affidavit before the Notary public, Jharsuguda, No.14, DT. 07/05/2026, I, Muna Rajak, S/o. Nanku Rajak, R/o. At- Near Durlaga Check Gate, PO: OMP Line, PS/Dist: Jharsuguda (Odisha), declare that I have changed my surname from RAJAK to SETHI. Henceforth I shall be known as **"MUNA SETHI"** instead of "MUNA RAJAK" for all purposes.

**NOTICE**

By virtue of an affidavit sworn before the Executive Magistrate, Puri, dated 13.05.2026 I, PRADIPTA SENAPATI, At- Podatara, Po - Chhaitana, P.S. – GOP, Dist. Puri, Odisha-752002, declare that I have changed my daughter's name from AKANKHYA PRIYADARSINI to AKANKSHYA PRIYADARSINI, Henceforth she will be known as **AKANKSHYA PRIYADARSINI** for all purposes.

**(PRADIPTA SENAPATI)**

**AFFIDAVIT**

I, Sheik Salimul Haque, S/o- Late Shaik Mozamil Haque, resident of Shaik Bazar, P.O.- Tulasipur, P.S.- Lalbag, Town/Dist- Cuttack, Pin- 753008, Odisha declare by this affidavit No. 9044, dated 01.11.2025 that now onwards I shall be known as **SHAIK SALIMUL HAQUE** for all future purposes.

**AFFIDAVIT**

I, SUNIL JAIN, aged about 51 years, S/o- Jagadish Jain, resident of Ward No- 4, Kesinga, Po- Kesinga, Ps- Kesinga, Dist- Kalahandi, Odisha, PIN- 766012, do hereby declare by this affidavit No.1044, dtd- 23/05/2026 ,that now onwards I shall be known as **SUNIL KUMAR JAIN** for all future purposes.

**AFFIDAVIT**

I, Roshni Jindal, aged about 29 years, W/o- Sachin Agrawal, resident of Bangomunda, Ward No-9, Po- Bangomunda, Ps- Bangomunda, Dist- Balangir, Odisha, PIN- 767040, do hereby declare by this affidavit No.1043, dtd- 23/05/2026, that now onwards I shall be known as **ROSHNI AGRAWAL** for all future purposes.

**AFFIDAVIT**

I, Asa Jain, aged about 51 years, W/o- Sunil Kumar Jain, resident of Ward No- 4, Kesinga, Po- Kesinga, Ps- Kesinga, Dist- Kalahandi, Odisha, PIN- 766012, do hereby declare by this affidavit No.1045, dtd- 23/05/2026 ,that now onwards I shall be known as **ASHA JAIN** for all future purposes.


# ଆସନ୍ତା ୩୧ରେ ବିଇଡି ପ୍ରବେଶିକା ପରୀକ୍ଷା

**୨୭ରେ ଏସ୍‌ଏସ୍‌ବି ୱେବସାଇଟ୍‌ରେ ଆଡ଼ମିଟ କାର୍ଡ**

ଭୁବନେଶ୍ୱର, ୨୩।୫ (ସମିସ): ଦୁଇ ବର୍ଷିଆ ବିଇଡ୍ ପାଠ୍ୟକ୍ରମ ପାଇଁ ଆସନ୍ତା ୩୧ ତାରିଖରେ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ଜୁନ୍ ୩ ତାରିଖରେ ବିଏଚ୍‌ଇଡି (ହିନ୍ଦୀ) ଓ ଏମ୍‌ଇଡି ପାଠ୍ୟକ୍ରମ ପାଇଁ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ଏନେଇ ରାଜ୍ୟ ପ୍ରବରଣ ମଣ୍ଡଳୀ (ଏସ୍‌ଏସ୍‌ବି) ପକ୍ଷରୁ ବିଜ୍ଞପ୍ତି ପ୍ରକାଶିତ ହୋଇଛି। ମେ' ୩୧ ଓ ଜୁନ୍ ୩ ସକାଳ ୧୦ଟାରୁ ୧୨ଟା ପର୍ଯ୍ୟନ୍ତ ଯଥାକ୍ରମେ ବିଇଡି ଓ ବିଏଚ୍‌ଇଡି ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ୩ ତାରିଖ ଅପରାହ୍ନ ୩ ରୁ ୫ଟା ପର୍ଯ୍ୟନ୍ତ ଏମ୍‌ଇଡି ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ଏଥିପାଇଁ ଆସନ୍ତା ୨୭ ତାରିଖରେ ଆଡ଼ମିଟ କାର୍ଡ ପ୍ରକାଶ ପାଇବ। ଛାତ୍ରଛାତ୍ରୀମାନେ ଏସ୍‌ଏସ୍‌ବି ୱେବସାଇଟ୍‌ରୁ ଆଡମିଟ୍ କାର୍ଡ ଡାଉନଲୋଡ଼ କରିପାରିବେ। ପରୀକ୍ଷା ସରିବା ପରେ ଜୁନ୍ ୪ରେ ଏସ୍‌ଏସ୍‌ବି ୱେବସାଇଟ୍‌ରେ ପ୍ରବେଶିକା ପରୀକ୍ଷାର ପ୍ରୋଭିଜିନାଲ ଆନ୍ସର କି' ପ୍ରକାଶ ପାଇବ। ଆନସାର୍ କି'କୁ ନେଇ ପରୀକ୍ଷାର୍ଥୀଙ୍କ କୌଣସି ଆପତ୍ତି ଥିଲେ ୫ ରୁ ୭ ତାରିଖ ମଧ୍ୟରେ ତାକୁ ଚାଲେଞ୍ଜ କରିବା ପାଇଁ ଆବେଦନ କରିପାରିବେ। ପ୍ରବେଶିକା ପରୀକ୍ଷା ମାର୍କ ଆଧାରରେ ହିଁ ମେଧା ତାଲିକା ପ୍ରକାଶ ପାଇବ ବୋଲି ଏସ୍‌ଏସ୍‌ବି ପକ୍ଷରୁ କୁହାଯାଇଛି।

## ଅବଶିଷ୍ଟାଂଶ...

### କକ୍ରୋଚ୍ ଜନତା ପାର୍ଟିର...

ଲୋକେ ତାଙ୍କ ସୁରକ୍ଷାକୁ ନେଇ ଚିନ୍ତା ପ୍ରକଟ କରିବା ସହ ତାଙ୍କୁ ରାଜନୀତିରୁ ଦୂରେଇ ରହିବାକୁ ପରାମର୍ଶ ଦେଇଛନ୍ତି। କକ୍ରୋଚ ପାର୍ଟିରେ ଅଧିକାଂଶ ଅନୁଗାମୀ ପାକିସ୍ତାନୀ ବୋଲି ବିଜେପି ପକ୍ଷରୁ ଅଭିଯୋଗ କରାଯାଇଥିବା ବେଳେ ଦଳ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ସୋସିଆଲ ମିଡିଆରେ ଥିବା ସଦସ୍ୟମାନଙ୍କ ମଧ୍ୟରୁ ୯୬ ପ୍ରତିଶତ ଭାରତୀୟ ଅଟନ୍ତି।

ଇତିମଧ୍ୟରେ ଜନସୂରଜ ପାର୍ଟିର ପ୍ରତିଷ୍ଠାତା ପ୍ରଶାନ୍ତ କିଶୋର କହିଛନ୍ତି ଯେ ଅନଲାଇନରେ କକ୍ରୋଚ୍ ପାର୍ଟିର ଲୋକପ୍ରିୟତାରୁ ସ୍ପଷ୍ଟ ହେଉଛି ଯେ ବ୍ୟବସ୍ଥା ଉପରୁ ଯୁବକମାନେ ଆସ୍ଥା ହରାଇଲେଣି। ବେକାରୀ ସମସ୍ୟା, ଦୁର୍ନୀତି ଏବଂ ଦରଦାମ ବୃଦ୍ଧିକୁ ନେଇ ଲୋକମାନଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ରହିଛି। ବର୍ତ୍ତମାନ ସୁଦ୍ଧା ଏହି ଅଭିଯାନ ଅନଲାଇନରେ ସୀମିତ ରହିଥିଲେ ମଧ୍ୟ ଏହା ସରକାରଙ୍କ ପାଇଁ ସତର୍କବାଣୀ। ଏହାକୁ ସରକାର ହାଲୁକା ଭାବେ ନେବା ଉଚିତ ନୁହେଁ ବୋଲି ସେ ସତର୍କ କରାଇଛନ୍ତି।

### ତାତିକୁ ବଳିଗଲା ...

ନିର୍ଦ୍ଦେଶନାମାରେ ଆଜି ଓଡ଼ିଶା ପାୱାର ଟ୍ରାନ୍ସମିସନ କର୍ପୋରେସନ ଲିମିଟେଡ୍ (ଓପିଟିସିଏଲ) ପକ୍ଷରୁ ସଂସ୍ଥାର ସମସ୍ତ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି। ରାଜ୍ୟରେ ବଢୁଥିବା ବିଦ୍ୟୁତ ଚାହିଦା ଓ ଜରୁରୀ ପରିସ୍ଥିତିକୁ ଦୃଷ୍ଟିରେ ରଖି ଓପିଟିସିଏଲ୍ ଏହି ପଦକ୍ଷେପ ନେଇଛି। ସଂସ୍ଥା ପକ୍ଷରୁ ଜାରି ହୋଇଥିବା ଏକ ନିର୍ଦ୍ଦେଶନାମାରେ, ପରବର୍ତ୍ତୀ ନିର୍ଦ୍ଦେଶ ଆସିବା ପର୍ଯ୍ୟନ୍ତ କୌଣସି କର୍ମଚାରୀ ପୂର୍ବ ଅନୁମତି ବିନା ମୁଖ୍ୟାଳୟ ଛାଡ଼ି ପାରିବେ ନାହିଁ ବୋଲି କୁହାଯାଇଛି। ଏଥିସହ ସମସ୍ତ ପ୍ରକାର ଅନୁମୋଦିତ ଛୁଟିକୁ ମଧ୍ୟ ବାତିଲ କରାଯାଇଛି। ବିଦ୍ୟୁତ୍ ବିତରଣ କମ୍ପାନୀ ଏବଂ କର୍ମଚାରୀଙ୍କ ମଧ୍ୟରେ ଏଭଳି ଛକାପଞ୍ଝା ଲାଗି ରହିଥିବାବେଳେ ଆଗକୁ ବିଜୁଳି ସମସ୍ୟା ଉତ୍କଟ ରୂପ ଧାରଣ କରିବା ନେଇ ଆଶଙ୍କା ପ୍ରକାଶ ପାଇଛି।

ଖରାଦିନ ପୂର୍ବରୁ ମୁଖ୍ୟମନ୍ତ୍ରୀ ନିଜେ ଅଘୋଷିତ ବିଦ୍ୟୁତ୍ କାଟ୍ ହେବ ନାହିଁ ବୋଲି କହିଥିଲେ। ଏମିତି କି ଅଘୋଷିତ ବିଦ୍ୟୁତ୍ କାଟ୍ ହେଲେ ଜେଲ୍ ହେବ ବୋଲି ଖୋଲାମଞ୍ଚରେ ଚେତାବନୀ ଦେଇଥିଲେ। ଏହା ସତ୍ତ୍ୱେ ଘନଘନ ବିଦ୍ୟୁତ୍ କାଟ୍ ଜାରି ରହିଛି। ବିଦ୍ୟୁତ୍ ବଳକା ରାଜ୍ୟ ଭାବ ପରିଚୟ ପାଇଥିବା ଓଡ଼ିଶା, ପିକ୍ ଆୱାରରେ ଲୋ-ଭୋଲ୍ଟେଜ୍ ସମସ୍ୟାରେ ସଢୁଛି। ଲୋ-ଭୋଲଟେଜ୍ ଯୋଗୁଁ ଘରେ ବ୍ୟବହୃତ ବହୁ ବୈଦ୍ୟୁତିକ ସାମଗ୍ରୀ ମଧ୍ୟ ପୋଡ଼ିଯାଉଛି। ଓଭର୍‌ଲୋଡ ସମସ୍ୟାକୁ ସରକରା ଦାୟୀ କରୁଥିବା ବେଳେ କାହିଁକି ପୂର୍ବରୁ ଏହାର ପ୍ରତିକାର କରାଗଲା ନାହିଁ ତାକୁ ନେଇ ପ୍ରଶ୍ନ ଉଠିଛି।

ସରକାର ଆଗୁଆ ବିଜୁଳି ସମୀକ୍ଷା କରିଥିଲେ ଭୟଙ୍କର ଗରମରେ ଲୋକେ ହଇରାଣ ହୋଇ ନ ଥା'ନ୍ତେ ବୋଲି କଂଗ୍ରେସ କହିଥିବା ବେଳେ ଏଥିପାଇଁ ଦଳ ସରକାରଙ୍କୁ ଦାୟୀ କରିଛି। ଦଳର ବରିଷ୍ଠ ନେତା ପଞ୍ଚାନନ କାନୁନଗୋ କହିଛନ୍ତି, ସରକାରଙ୍କ ଅପରିଣାମଦର୍ଶିତା ଏବଂ ଦୂରଦର୍ଶିତା ଅଭାବ ଯୋଗୁଁ ମେ' ମାସର ପ୍ରଚଣ୍ଡ ଗରମରେ ରାଜ୍ୟବାସୀଙ୍କୁ ଘୋର ହଇରାଣ ହେବାକୁ ପଡ଼ୁଛି। ଯଦି ସରକାର ପୂର୍ବରୁ ବିଜୁଳି ଉତ୍ପାଦନ ଓ ବଣ୍ଟନର ସମୀକ୍ଷା କରି ଆଗୁଆ ପଦକ୍ଷେପ ନେଇଥା'ନ୍ତେ, ରାଜ୍ୟବାସୀଙ୍କୁ ଏବେ ଏଭଳି ଭୟଙ୍କର ପରିସ୍ଥିତିର ସାମ୍ନା କରିବାକୁ ପଡ଼ି ନ ଥା'ନ୍ତା। ସେ ଆହୁରି କହିଛନ୍ତି, ମାର୍ଚ୍ଚରେ ୨୪ ଘଣ୍ଟା, ଏପ୍ରିଲରେ ୩୪ ଘଣ୍ଟା ଏବଂ ୨୦ ତାରିଖ ସୁଧା ମେ'ରେ ୪୧ ଘଣ୍ଟା ବିଦ୍ୟୁତ୍ କାଟ୍ ହୋଇଛି। ପ୍ରବଳ ଗରମରେ ବିଜୁଳି କାଟ୍ ଯୋଗୁଁ ଏସି, ଫ୍ୟାନ, କୁଲର ବନ୍ଦ ହୋଇ ସାଧାରଣ ଜନତା ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି ଓ ଲୋକଙ୍କ କଥା ଶୁଣିବାକୁ କେହି ନାହାନ୍ତି। ଫଳରେ ସାଧାରଣ ଜନତା ଦଳବଦ୍ଧ ହୋଇ ବିଜୁଳି କାର୍ଯ୍ୟାଳୟ ସାମ୍ନାରେ ପ୍ରତିବାଦ କରୁଥିବାରୁ ଗଣ୍ଡଗୋଳିଆ ପରିସ୍ଥିତି ସୃଷ୍ଟି ହେଉଛି ବୋଲି ଶ୍ରୀ କାନୁନ୍‌ଗୋ କହିଛନ୍ତି।

ଏଭଳି ସ୍ଥିତିରେ ରାଜ୍ୟର ଶକ୍ତି ବିଭାଗ ମଧ୍ୟ ଏଭଳି ସଂକଟ ସମୟରେ ହାତ ଟେକି ଦେଇଛି। ଅତ୍ୟଧିକ ଗରମକୁ ଦାୟୀ କରି ବିଭାଗ ନିଜ ଦାୟିତ୍ୱରୁ ଖସିଯିବାକୁ ଉଦ୍ୟମ କରୁଛନ୍ତି। ଶକ୍ତିମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ ହିଟ୍‌ୱେଭ୍ ଓ ଅଧିକ ଏସି ବ୍ୟବହାରକୁ ଦାୟି କରିଛନ୍ତି। ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଏବେ ଯେଭଳି ହିଟ୍‌ୱେଭ୍ ଚାଲିଛି, ତାହା କାହା ହାତରେ ନାହିଁ। ପିକ୍ ହିଟ୍ ସମୟରେ ବିଦ୍ୟୁତ୍ ଚାହିଦା ବହୁତ ବଢ଼ିଯାଉଛି। ଅଧିକ ସଂଖ୍ୟାରେ ଏସି ଚାଲୁଥିବାରୁ ଓଭର୍‌ଲୋଡ୍ ହେଉଛି ଏବଂ ଟ୍ରାନ୍ସଫର୍ମର ବର୍ଣ୍ଣଆଉଟ୍ ହେଉଛି। ତଥାପି ବିଭାଗ ପକ୍ଷରୁ ରିଷ୍ଟୋର ବ୍ୟବସ୍ଥା ଜାରି ରହିଛି। ଜନସାଧାରଣଙ୍କୁ ନିରନ୍ତର ବିଦ୍ୟୁତ୍ ସେବା ଯୋଗାଇବା ପାଇଁ ଆମେ ଚେଷ୍ଟା ଜାରି ରଖିଛୁ। ଏପରି ସ୍ଥିତିରେ ବୁଦ୍ଧିମତାର ସହ ବିଦ୍ୟୁତ ବ୍ୟବହାର କରିବାକୁ ମନ୍ତ୍ରୀ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

### ୨୭ ପର୍ଯ୍ୟନ୍ତ...

ଲୋକମାନେ ଅତିଷ୍ଠ ହୋଇପଡୁଛନ୍ତି। ଉପକୂଳରେ ତାପମାତ୍ରା କମ୍ ରହୁଥିଲେ ମଧ୍ୟ ବାୟୁରେ ଜଳୀୟବାଷ୍ପ ବା ଆର୍ଦ୍ରତା ଅଧିକ ରହୁଥିବାରୁ ଗୁଳୁଗୁଳି କଷ୍ଟଦାୟକ ଲାଗୁଛି। ଏହି ପାର୍ଥକ୍ୟ ଯୋଗୁଁ ହିଁ ଭୁବନେଶ୍ୱରରେ ତାପମାତ୍ରା ମାତ୍ର ୩୭-୩୯ ଡିଗ୍ରୀ ତାପମାତ୍ରାରେ ଲୋକେ ସମ୍ପୂର୍ଣ୍ଣ କ୍ଲାନ୍ତ ହୋଇପଡୁଛନ୍ତି, ଅଥଚ ପଶ୍ଚିମ ଓଡ଼ିଶାରେ ଲୋକେ ୪୫ ଡିଗ୍ରୀରୁ ଅଧିକ ତାତିକୁ ସହୁଛନ୍ତି। ଉପକୂଳ ବଙ୍ଗୋପସାଗର ଯୋଗୁଁ ତାପମାତ୍ରା ପଶ୍ଚିମ ଓଡ଼ିଶା ଭଳି ଏତେ ଅଧିକ ବଢ଼ିପାରେ ନାହିଁ। ଦ୍ୱିପ୍ରହର ସମୟରେ ସମୁଦ୍ର ପବନ ନିଜ ସହିତ କିଛିଟା ଥଣ୍ଡା ସାମୁଦ୍ରିକ ବାୟୁ ସ୍ଥଳଭାଗକୁ ନେଇଆସେ, ଯାହା ବାୟୁର ପ୍ରକୃତ ତାପମାତ୍ରାକୁ ଏକ ସୀମା ଭିତରେ ରଖେ। ସେଥିପାଇଁ ପଶ୍ଚିମ ଓଡ଼ିଶା ୪୫ ଡିଗ୍ରୀ ପାର୍ କରୁଥିବା ବେଳେ ଉପକୂଳ ଓଡ଼ିଶାର ତାପମାତ୍ରା ୩୬ରୁ ୩୮ ଡିଗ୍ରୀ ସେଲସିୟସ ଭିତରେ ରହିଥାଏ। କିନ୍ତୁ ଏହି ପବନ ପ୍ରଚୁର ଜଳୀୟବାଷ୍ପ ବା ଓଦାପଣ ଆଣିଥାଏ। ବାୟୁରେ ଆର୍ଦ୍ରତା ବହୁତ ବଢ଼ିଗଲେ ମଣିଷ ଶରୀର ନିଜକୁ ଥଣ୍ଡା କରିବା ପାଇଁ ଅସମର୍ଥ ହୁଏ, କାରଣ ଶରୀରରୁ ବାହାରୁଥିବା ଝାଳ ବହୁତ ଧୀରେ ଧୀରେ ଶୁଖେ। ଫଳରେ ବାସ୍ତବରେ ଅନୁଭୂତ ହେଉଥିବା ତାପମାତ୍ରା (ଯାହାକୁ ହିଟ୍ ଇଣ୍ଡେକ୍ସ ବା ଅନୁଭବ ହେଉଥିବା ଗରମ କୁହାଯାଏ) ବିପଜ୍ଜନକ ଭାବେ ବଢ଼ିଯାଏ। ପାଣିପାଗ ବିଜ୍ଞାନ ଅନୁସାରେ, ଯଦି ଉପକୂଳର ତାପମାତ୍ରା ୩୬ ଡିଗ୍ରୀ ଥାଏ ଏବଂ ବାୟୁର ଆଦ୍ରତା ଉପରେ ୭୦ ପ୍ରତିଶତ ପାଖାପାଖି ରହେ, ତେବେ ତାହା ମଣିଷ ଶରୀରକୁ ପ୍ରାୟ ୫୦ ଡିଗ୍ରୀ ଭଳି ଗରମ ଅନୁଭବ କରାଇଥାଏ। ତାପମାତ୍ରା ୩୮ ଡିଗ୍ରୀ ଏବଂ ଆଦ୍ରତା ଅଧିକ ଥିଲେ, ଏହି ଅନୁଭୂତ ହେଉଥିବା ତାପମାତ୍ରା ୫୦ ଡିଗ୍ରୀରୁ ମଧ୍ୟ ଅଧିକ ହୋଇପାରେ। ସେଥିପାଇଁ ପଶ୍ଚିମର ଜିଲ୍ଲାଗୁଡ଼ିକ ତୁଳନାରେ କମ୍ ତାପମାତ୍ରା ରେକର୍ଡ କରି ମଧ୍ୟ ଉପକୂଳ ଓଡ଼ିଶା ଏବେ ଗୁଳୁଗୁଳିରେ ହନ୍ତସନ୍ତ ହେଉଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କୁ ଚିଠି...

ପଞ୍ଚାୟତ ସମିତି ବୈଠକରେ ଯୋଗଦେବା ପାଇଁ ଯାଉଥିବା ସମୟରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ବିଜେପି ସମର୍ଥକଙ୍କ ଦ୍ୱାରା ହିଂସାତ୍ମକ ଭାବେ ଅଟକାଯିବା, ଧମକ ଦେବା ଏବଂ ଶାରୀରିକ ଭାବେ ବାଧା ଦେବା ଘଟଣା ମୋ' ଦୃଷ୍ଟିକୁ ଆସିଛି। ଏହା ଅତ୍ୟନ୍ତ ନିନ୍ଦନୀୟ ଓ ଚିନ୍ତାଜନକ। ଏହି ଘଟଣା ସାଧାରଣ ଲୋକମାନଙ୍କ ମଧ୍ୟରେ, ବିଭିନ୍ନ ଗଣମାଧ୍ୟମ ଜରିଆରେ ବ୍ୟାପକ ଭାବେ ପ୍ରଚାରିତ ହେଉଛି। ଏହା କେବଳ ଏକ ସ୍ଥାନୀୟ ରାଜନୈତିକ ଘଟଣା ନୁହେଁ; ଏହା ଆମର ଗଣତାନ୍ତ୍ରିକ ବ୍ୟବସ୍ଥା ଉପରେ ସିଧାସଳଖ ଓ ଉଦ୍ଦେଶ୍ୟମୂଳକ ଆକ୍ରମଣ। ଯଦି ଜନସାଧାରଣଙ୍କ ଦ୍ୱାରା ନିର୍ବାଚିତ ନେତାମାନେ ସେମାନଙ୍କ ସାମ୍ବିଧାନିକ ଦାୟିତ୍ୱ ପାଳନ କରୁଥିବା ବେଳେ ଶାସକ ଦଳର ଗୁଣ୍ଡାଗିରିରୁ ସୁରକ୍ଷିତ ନୁହନ୍ତି; ତେବେ ସାଧାରଣ ନାଗରିକଙ୍କ ସୁରକ୍ଷା ଅତ୍ୟନ୍ତ ସଙ୍କଟାପନ୍ନ ହୋଇପଡ଼ିବ। ତେଣୁ ଦୋଷୀମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଓଡ଼ିଶାର ପ୍ରତ୍ୟେକ ନାଗରିକଙ୍କ ସୁରକ୍ଷା ଓ ନିରାପତ୍ତା ସୁନିଶ୍ଚିତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ତତ୍କାଳ ହସ୍ତକ୍ଷେପ କରନ୍ତୁ ବୋଲି ନବୀନ ଚିଠିରେ ଅନୁରୋଧ କରିଛନ୍ତି।

### ଯୋଗ୍ୟତା ନ ଥାଇ...

ଏନ୍‌ଆଇଆର୍‌ଏଫ୍ ର୍‍ୟାଙ୍କିଙ୍ଗ୍ ମଧ୍ୟରେ ଥିବା ଶିକ୍ଷାନୁଷ୍ଠାନରୁ ବା ତତ୍ତୁଲ୍ୟ ଶିକ୍ଷାନୁଷ୍ଠାନରୁ ସ୍ନାତକ ଉତ୍ତୀର୍ଣ୍ଣ ହୋଇଥିଲେ ଅଧିକ ୫ ମାର୍କ ପାଇବାର ପ୍ରାବଧାନ ରହିଛି। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଲା, ୨୦୨୩ରେ ଫକୀର ମୋହନ କଲେଜ କୌଣସି ବର୍ଗରେ ମଧ୍ୟ ଏନ୍‌ଆଇଆର୍‌ଏଫ୍ ର୍‍ୟାଙ୍କିଙ୍ଗ ପାଇ ନ ଥିଲେ ମଧ୍ୟ ସମ୍ପୃକ୍ତ ପ୍ରାର୍ଥୀଙ୍କୁ ଅଧିକ ୫ ମାର୍କ ପ୍ରଦାନ କରାଯାଇଛି। ସେହିପରି ସ୍ନାତକୋତ୍ତରରେ ମଧ୍ୟ ଯୋଗ୍ୟତା ନ ଥାଇ ଅଧିକ ୫ ମାର୍କ ଦିଆଯାଇଛି। ଏହିପରି ଭାବେ ତଞ୍ଚକତା କରି ସମୁଦାୟ ୩୯ ମାର୍କ ଅତିରିକ୍ତ ମାର୍କ ତାଙ୍କୁ ପ୍ରଦାନ କରାଯାଇଥିବା ଅଭିଯୋଗ ହୋଇଛି।

କେବଳ ଏହି ଗୋଟିଏ ପଦରେ ନୁହେଁ; ଏପରି ତଞ୍ଚକତା କରି ଅଧିକାରୀମାନେ ଏକାଧିକ ପଦରେ ନିଯୁକ୍ତି ଦେଇଥିବା ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହୋଇଛି। ଦକ୍ଷତାକୁ ନିଯୁକ୍ତିର ମାନଦଣ୍ଡ କରିବା ପରିବର୍ତ୍ତେ ବ୍ୟାପକ ଅର୍ଥ କାରବାର କରି ଏପରି ନିଯୁକ୍ତି ଦିଆଯାଇଛି। ମାସିକ ଲକ୍ଷାଧିକ ଟଙ୍କା ଦରମା ସରକାର ବହନ କରୁଛନ୍ତି। କୃଷିର ବିକାଶ ବଦଳରେ ଅଭିଜ୍ଞତା ଓ ଯୋଗ୍ୟତା ନ ଥିବା ପ୍ରାର୍ଥୀଙ୍କୁ ନିଯୁକ୍ତି ଦିଆଯାଇଥିବାରୁ ନିଯୁକ୍ତି ପ୍ରକ୍ରିୟା ସହ ସଂଶ୍ଳିଷ୍ଟ ଅଧିକାରୀଙ୍କ ଭୂମିକା ସନ୍ଦେହ ଘେରକୁ ଆସିଛି। ଆଉ ମାତ୍ର ୩ ମାସ ପରେ ଅବସର ନେବାକୁ ଥିବା ଜଣେ ଅଧିକାରୀ କହିଛନ୍ତି ଯେ, ରାଜ୍ୟରେ ମନ୍ତ୍ରିମଣ୍ଡଳ ଗଠନ ଓ ବିଭାଗ ଆବଣ୍ଟନ ମଧ୍ୟରେ ଏସବୁ ନିଯୁକ୍ତି ଦିଆଯାଇଛି। ଶିକ୍ଷାଗତ ଯୋଗ୍ୟତା ଯାଞ୍ଚ କରିବାକୁ ଅନ୍ୟ ଏକ କମିଟି କରାଯାଇଥିବାରୁ ସେମାନଙ୍କ ରିପୋର୍ଟ ଆଧାରରେ ସେମାନେ ନିଯୁକ୍ତି ଦେଇଛନ୍ତି। ଶିକ୍ଷାଗତ ଯୋଗ୍ୟତା ତଞ୍ଚକତା ସମ୍ପର୍କରେ ସେମାନେ ଅବଗତ ନ ଥିବା କହିଛନ୍ତି।


GOVERNMENT OF ODISHA
OFFICE OF THE EXECUTIVE ENGINEER,
RWSS&S DIVISION, NABARANGPUR
25001/228/2627
E-Mail: eerwssngp@gmail.com

**Bid Identification No. 05/RWSS-NGP/2026-27/Date: 20-05-2026**

The Executive Engineer, RWS&S Division, Nabarangpur on behalf of the Governor of Odisha invites Percentage Rate Bids in Single cover (P1 contract) from the eligible class of experienced registered contractors through e-Tendering system for the Piped water supply works as detailed in DTCN. The bid should be submitted on-line in the website www.tenderorissa.gov.in separately for the works.

| | | |
|---|---|---|
| 1 | Nature of work | Drinking Water Supply to EMRS, Badambada under Kosagumuda Block of Nabarangpur District. |
| 2 | Time period for completion | One (1) Month. |
| 3 | Estimated Cost | Rs. 14.74 Lakhs |
| 4 | Total Nos of works | 1 No. |
| 5 | Tender cost | Rs. 6,000.00/- Each. |
| 6 | Class of Contractor | "D" & "C" |
| 7 | Availability of Bid document in the web site | Dt.26.05.2026 at 01.00 hours to 02.06.2026 up to 17.00 hours. |
| 8 | Last Date of Seeking clarification | During the Office hours of 01.06.2026 up to 01.00 hours |
| 9 | Date of Opening of Bid | Dt. 03.06.2026 at 11.00 AM |

**Note:** The amount put to tender is exclusive of GST. The intending bidders should offer their rates which shall be exclusive of GST applicable as per norms. GST applicable on works contract shall be paid over the bill amount at the time of payment of bill.
Further details can be seen in the bidding documents which is available in the e-procurement portal https/www.tenderorissa.gov.in Subsequent corrigendum if required shall be appeared in the web site Authority reserves the right to reject any or all tenders without assigning any reason thereof.

Superintending Engineer
R.W.S&S. Division, Nabarangpur

OIPR-25001/25028/1/26-27/0006

25001/220/2627
Email : eerw_jharsuguda@yahoo.co.in
Tel. : 06645-271643

Government of Odisha,
Office of the Superintending Engineer,
Rural Works Division, Jharsuguda
Bid Identification No. Online - SEJSG - 03 of 2026-27
**NOTICE INVITING TENDER FOR BUILDING WORK IN ODISHA**
NATIONAL COMPETITIVE BIDDING THROUGH e-Procurement

| | | |
|---|---|---|
| 1. | Name of the work | : Building Works as per DTCN available in the www.tendersorissa.gov.in |
| 2. | Total No. of Work | : 01 (One) No. |
| 3. | Estimated Cost | : Rs. 66.71 Lakh |
| 4. | Period of completion | : 09 (Nine) Calender Months |
| 5. | Period and Time of availability of bid document in the portal for bidding | : Dt. 28.05.2026 at 11.00 A.M. to 11.06.2026 upto 05.00 P.M. |
| 6. | Date and Time of bid opening | : Dt. 12.06.2026 at 11.00 A.M. |
| 7. | Name and address of the officer inviting Bid | : S.E., R.W. Division, Jharsuguda |

(1) Other details can be seen from Detailed notice Inviting Tenders, available in website www.tendersorissa.gov.in
(2) Corrigendum if any shall only be published in the above website.

Superintending Engineer
R.W. Division, Jharsuguda

OIPR-25001/25104/1/26-27/0002

## ସିରିଜ୍ ଦୁର୍ଘଟଣା; ୮ ଗୁରୁତର

**ସାଲେପୁର,୨୩।୫(ସମିସ):** କଟକ-ଚାନ୍ଦବାଲି ରାସ୍ତାର ପାଗା ବଜାର ନିକଟରେ ଏକ ସିରିଜ୍ ଦୁର୍ଘଟଣା ଘଟି ଏକ ଏସୟୁଭି କାର ସହିତ ଦୁଇଟି ଅଟୋ ଓ ଗୋଟିଏ ବାଇକ ଚୁରମାର୍ ହୋଇଯାଇଛି। ଏହି ଦୁର୍ଘଟଣାରେ ମୋଟ ୮ ଜଣ ଗୁରୁତର ଆହତ ହୋଇ ବିଭିନ୍ନ ମେଡିକାଲ ଚିକିତ୍ସିତ ହୋଇଥିବା ଜଣାଯାଇଛି। ପାଗା ଫାଣ୍ଡି ପୁଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିଗୁଡିକୁ ଜବତ କରି ଘଟଣାର ତଦନ୍ତ ଜାରି ରଖିଛି। ଘଟଣାରୁ ପ୍ରକାଶ ଯେ ଆଜି ଦିନ ପ୍ରାୟ ୪ଟା ସମୟରେ କଟକରୁ କେନ୍ଦ୍ରାପଡ଼ା ଅଭିମୁଖେ ଆସୁଥିବା ଏସୟୁଭି କାର(ଓଡି୦୨ଡି ୬୩୦୯) ଟି ଦୁଇଟି ଅଟୋ ଓ ଏକ ବାଇକ ସହିତ ମୁହାମୁହିଁ ଧକ୍କା ହୋଇଥିଲା। ଫଳରେ ଏହି ଗାଡିଗୁଡିକରେ ବସିଥିବା ୮ ଜଣ ଯାତ୍ରୀ ଗୁରୁତର ଆହତ ହୋଇଥିଲେ। ଖବର ପାଇ ପାଗା ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ବିଭିନ୍ନ ମେଡିକାଲକୁ ପଠାଇଥିବା ଜଣାପଡିଛି।



## ସେଣ୍ଟ ଜାଭିୟର ହାଇସ୍କୁଲକୁ ଅନୁବନ୍ଧିତ ସ୍ୱୀକୃତି

**ନିଶ୍ଚିନ୍ତକୋଇଲି,୨୩।୫(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ କଟରପଡାଠାରେ ଥିବା ସେଣ୍ଟ ଜାଭିୟର ହାଇସ୍କୁଲକୁ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ପକ୍ଷରୁ ସ୍ଥାୟୀ ଅନୁବନ୍ଧିତ ସ୍ୱୀକୃତି ମିଳିଛି। ଏହି ବିଦ୍ୟାଳୟଟି ସିବିଏସ୍‌ଇ ଆଫିଲେସନରେ ପଞ୍ଜିକୃତ ହୋଇଥିବା ଜଣାଯାଇଛି। ଉକ୍ତ ବିଦ୍ୟାଳୟଟି ୨୦୦୯ ମସିହାରେ ଖୋଲିଥିଲା ବେଳେ ବର୍ତ୍ତମାନ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ଦିଆଯାଉଛି। ଏହି ବିଦ୍ୟାଳୟରେ ୧ ହଜାର ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ଚଳିତ ବର୍ଷ ସିବିଏସ୍‌ଇ ମାଟ୍ରିକ ଫଳାଫଳ ମଧ୍ୟ ସନ୍ତୋଷଜନକ ହୋଇଥିଲା। ଏଠାରେ ୨୪ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଶିକ୍ଷା ପ୍ରଦାନ କରୁଛନ୍ତି। ଆସନ୍ତା ୨୦୨୭-୨୮ ଶିକ୍ଷା ବର୍ଷରେ ଏହି ବିଦ୍ୟାଳୟରେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ଖୋଲାଯିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି ବୋଲି ସ୍କୁଲର ସଂପାଦକ ତଥା ମ୍ୟାନେଜର ସ୍ମୃତିରଂଜନ ରାଉତରାୟ ସୂଚନା ଦେଇଛନ୍ତି।

## ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଦ୍ୟାଳୟର ଆଧ୍ୟାତ୍ମିକ ଚିନ୍ତନ



**ବଡମ୍ବା, ୨୩।୫(ସମିସ):** ବଡମ୍ବା ବ୍ଲକ ଅନ୍ତର୍ଗତ ଇଚ୍ଛାପୁର ଗ୍ରାମର ମହାନ୍ତିସାହିରେ ବଡମ୍ବା ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ତରଫରୁ ଆତ୍ମା-ପରମାତ୍ମା ସମ୍ବନ୍ଧୀୟ ଆଧ୍ୟାତ୍ମିକ ଚିନ୍ତନର କାର୍ଯ୍ୟକ୍ରମ କରାଯାଇଥିଲା। ବିଶ୍ୱବିଦ୍ୟାଳୟର ମୁଖ୍ୟ ବ୍ରହ୍ମାକୁମାରୀ ରତ୍ନା ଭଉଣୀଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାଣଯୋଗ ପ୍ରତିଷ୍ଠାନର କାର୍ଯ୍ୟକାରୀ ଅଧ୍ୟକ୍ଷା ବେଦ ଆଚାର୍ଯ୍ୟା ପ୍ରବୀଣା ମହାନ୍ତି, ଗ୍ରାମପଞ୍ଚାୟତ ଶାନ୍ତି କମିଟିର ସଭାପତି ହରିହର ମହାନ୍ତି, ପ୍ରାଣଯୋଗ ପ୍ରତିଷ୍ଠାନର ଅଧ୍ୟକ୍ଷ ବିଜ୍ଞାନ କବି ଚନ୍ଦ୍ରଶେଖର ମହାନ୍ତି ତଥା ଗ୍ରାମର ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ବ୍ରହ୍ମକୁମାର ଇଞ୍ଜିନିଅର ଅତୁଲ ଭାଇ ଆତ୍ମା ପରମାତ୍ମା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଶିକ୍ଷକ ବ୍ରହ୍ମକୁମାର ପ୍ରବୋଧ ଭାଇ ପ୍ରୋଜେକ୍ଟର ମାଧ୍ୟମରେ ସୃଷ୍ଟି ଚକ୍ର ଉପରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ।

## ମଙ୍ଗଳାଙ୍କ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ



**ଟାଙ୍ଗୀ, ୨୩।୫(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ କହ୍ନେଇପୁର ଗ୍ରାମସ୍ଥ ମା' ମଙ୍ଗଳାଙ୍କ ପ୍ରଥମ ବାର୍ଷିକ ଉତ୍ସବ ଓ ତିନିଦିନିଆ ବିଶ୍ୱଶାନ୍ତି ମହାଯଜ୍ଞର କଳସଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଦିବସରେ କଳସଯାତ୍ରା ସହ ଘଟସ୍ଥାପନ, ମଣ୍ଡଳ ପୂଜନ, ଦେବତା ସ୍ନାନ, ମନ୍ଦିର ସ୍ନାନ, ଅଗ୍ନି ସ୍ଥାପନ ଓ ଯଜ୍ଞାହୁତି ଅନୁଷ୍ଠିତ ହୋଇଥିଲା। ଉକ୍ତ ଦିବସରେ ଅତିଥିଭାବେ ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଅଧ୍ୟକ୍ଷ ତ୍ରିଦେବ ବେହେରାଙ୍କ ସମେତ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ଆଶୀର୍ବାଦ ନେଇଥିଲେ। ସୋମବାର ପୂର୍ଣ୍ଣାହୁତି ହେବାକୁ ଥିବା ବେଳେ କାର୍ଯ୍ୟକ୍ରମରେ ଗ୍ରାମର ସମସ୍ତ ଗ୍ରାମବାସୀ ସହଯୋଗ କରିଛନ୍ତି।

### ପ୍ରଶ୍ନବାଚୀରେ ଗ୍ରାମ୍ୟ ଉନ୍ନୟନ ବିଭାଗ

# ୨ ବର୍ଷରୁ ସରିଲାଣି ସେତୁ ନିର୍ମାଣ ଅବଧି; ଠିକାଦାରଙ୍କ ମନମର୍ଜି

**ଭଦ୍ରେଶ୍ୱର,୨୩।୫(ସମିସ):**

ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗର ପାରିବାପଣିଆ ପୁଣିଥରେ ପଦାରେ ପଡିଛି। ଠିକାଦାରଙ୍କ ମର୍ଜିରେ ମନ୍ଥର ଗତିରେ ସେତୁ ନିର୍ମାଣ ଚାଲିଥିବାର ଅଭିଯୋଗ ହୋଇଛି। ନିର୍ଦ୍ଧାରିତ ଅବଧିର ୨ ବର୍ଷ ଶେଷ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସେତୁ ନିର୍ମାଣ ପୂର୍ଣ୍ଣାଙ୍ଗ ହୋଇପାରିନାହିଁ। ତୁରନ୍ତ ସେତୁ ନିର୍ମାଣ କାର୍ଯ୍ୟ ପୂର୍ଣ୍ଣାଙ୍ଗ କରା ନଗଲେ ମାହାଙ୍ଗା ନିର୍ବାଚନମଣ୍ଡଳୀ ବିଜେଡି ତରଫରୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଚେତାବନୀ ଦିଆଯାଇଛି।






ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ରହିଛି ଖନ୍ଦୋଳଠାରୁ ସୁକରପଡ଼ା ଗ୍ରାମ୍ୟ ଉନ୍ନୟନ ରାସ୍ତା। ଏହି ରାସ୍ତାକୁ ସଂଯୋଗ କରିବା ନିମନ୍ତେ ଭଦ୍ରେଶ୍ୱର ପଞ୍ଚାୟତ ଝାଡେଶ୍ୱରପୁର ଚିଙ୍ଗୁଡିଆମୁହଁଠାରେ ୧୬ ନମ୍ବର ଡ୍ରେନେଜକଟ ଉପରେ ଏକ ସେତୁ ନିର୍ମାଣ ନିମନ୍ତେ ତତ୍କାଳୀନ ନବୀନ ପଟ୍ଟନାୟକଙ୍କ ସରକାର ୨କୋଟି ୫୫ଲକ୍ଷ ୫୧ହଜାର ଟଙ୍କାର ଅନୁଦାନ ଯୋଗାଯାଇଥିଲଶ। ପ୍ରାକ୍ତନ ମନ୍ତ୍ରୀ ତଥା ମାହାଙ୍ଗା ପ୍ରାକ୍ତନ ବିଧାୟକ ପ୍ରତାପ ଜେନା ଗତ ୨୦୨୪ ଜାନୁଆରୀ ୬ ତାରିଖ ଏହି ସେତୁର ଶିଳାନ୍ୟାସ କରିଥିଲେ। ୨ କୋଟି ବ୍ୟୟ ବରାଦରୁ ଅଧିକ ଅଟକଳରେ ନିର୍ମାଣାଧୀନ ଏହି ସେତୁକୁ ଦୀର୍ଘ ୨ ବର୍ଷରୁ ଅଧିକ ସମୟ ବିତି ଯାଇଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟ ସରିବାର ନାଁ ନେଉନି। ଅପରପକ୍ଷେ ନିର୍ମାଣାଧୀନ ସେତୁ ନିକଟରେ ଉପଯୁକ୍ତ ସୂଚନା ଫଳକ ନଥିବା ଜଣାପଡ଼ିଛି। ଗତବର୍ଷ ବର୍ଷା ଜଳରେ ଧୋଇଯିବାରୁ ସେତୁ ନିକଟରେ ବିଭାଗ ପକ୍ଷରୁ ଏକ ପଟାପୋଲ ନିର୍ମାଣ କରାଯାଇଥିଲା। ନିର୍ମାଣାଧୀନ ପଟାପୋଲଟି କେବଳ ପାଦଚଲା ଓ ସାଇକଲ ଯାତାୟତ ପାଇଁ ଉଦ୍ଦିଷ୍ଟ ହୋଇଥିବା ବେଳେ ବାଇକ କିମ୍ବା ୪ଚକିଆ ଯାନ

### ବିଜେଡି କରିବ ଆନ୍ଦୋଳନ

ଏହି ପୋଲରେ ଯାତାୟାତ କରୁପାରୁ ନଥିବା ଅଭିଯୋଗ ହୋଇଛି। ଏହି ସେତୁଟି ଦୁଇଟି ବ୍ଲକ ମାହାଙ୍ଗା ଓ ନିଶ୍ଚିନ୍ତକୋଇଲିକୁ ସଂଯୋଗ କରୁଥିବା ବେଳେ ଏହି ରାସ୍ତାରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଘଟଣାକୁ ନେଇ ସ୍ଥାନୀୟ ବିଧାୟକଙ୍କଠାରୁ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ତୁରନ୍ତ ଲୋକମାନଙ୍କ ଗମନାଗମନ ପାଇଁ ଏହି ରାସ୍ତାକୁ ସଂଯୋଗୀକରଣ ବ୍ୟବସ୍ଥା କରିବାକୁ ସ୍ଥାନୀୟ ଅଞ୍ଚଳରେ ଦାବି ହୋଇଛି; ନଚେତ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ବ୍ଲକ ବିଜେଡି ସଭାପତି ଜ୍ୟୋତିପ୍ରକାଶ ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ଜୟଦେବ ରାଉତ ପ୍ରମୁଖ ଚରମ ଚେତାବନୀ ଦେଇଛନ୍ତି। ଅପରପକ୍ଷରେ ଠିକାଦାର ମନମୁଖୀ ଭାବେ ନିଜ ମର୍ଜିରେ ଏହି କାର୍ଯ୍ୟ କରୁଥିଲା ବେଳେ କନିଷ୍ଠ ଯନ୍ତ୍ରୀଙ୍କ ପାରିବାପଣିଆକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେନ୍ଦ୍ର ଓ ରାଜ୍ୟସରକାର ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାକୁ କ୍ରୀୟାଶୀଳ କରିବା ପାଇଁ ଘନ ଘନ ସମୀକ୍ଷା କରୁଛନ୍ତି। ସମାନକ୍ରମରେ ମାହାଙ୍ଗା ବିଧାୟକ ମଧ୍ୟ ଉନ୍ନୟନ କାର୍ଯ୍ୟକୁ କ୍ରିୟାଶୀଳ କରିବା ପାଇଁ ବିଭିନ୍ନ ବିଭାଗ ସହ ସମୀକ୍ଷା ମଧ୍ୟ କରୁଥିବା ଦେଖିବାକୁ ମିଳୁଛି। ତେବେ, କଟକ ଜିଲ୍ଲା ମାହାଙ୍ଗାରେ କିଭଳି ବିକାଶ ହୋଇଛି ତାହାର ନଗ୍ନ ନମୁନା ଦେଖିବାକୁ ମିଳିଛି। ବିଧାୟକଙ୍କ ଠାରୁ ବିଭାଗୀୟ ଅଧିକାରୀଙ୍କ ନିକଟରେ ଯେତେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ।

## ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ଜିଲ୍ଲା ସମ୍ମିଳନୀ

**ସାଲେପୁର,୨୩।୫(ସମିସ):** ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ୪ର୍ଥ ଜିଲ୍ଲା ସମ୍ମିଳନୀ ବଟେଶ୍ୱର୍ ମା' ଜାଗୁଲେଇ ପୀଠରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ ରାଜ୍ୟ ସମ୍ପାଦକ ବ୍ରଜବନ୍ଧୁ ପ୍ରଧାନ ଏହାକୁ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ସିପିଆଇ ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ଅମରେନ୍ଦ୍ର ମହାନ୍ତି, ସମ୍ମାନିତ ଅତିଥି ଭାବେ ଉଦୟ କେଶରୀ ବର୍ମା, ଅରୁଣ ପରିଡ଼ା, ରଞ୍ଜନ ଓଝା, ସନାତନ ମଲ୍ଲିକ, କେଦାରନାଥ ମଲ୍ଲିକ୍, ସୌମ୍ୟରଞ୍ଜନ ମହାନ୍ତି, ହିମାଂଶୁ ଭୂୟାଁ ପ୍ରମୁଖ ଯୋଗଦେଇଥିଲେ। ସମ୍ପାଦକ ବିନୋଦ ବେହେରା ବିବରଣୀ ପ୍ରଦାନ କରିଥିଲେ। ସର୍ବସମ୍ମତିକ୍ରମେ ଆଗାମୀ ୩ ବର୍ଷ ପାଇଁ ନିର୍ବାଚନ ହୋଇଥିଲା। ଉପଦେଷ୍ଟା ଭାବେ ଅମରେନ୍ଦ୍ର ମହାନ୍ତି, ଉଦୟ କେଶରୀ ବର୍ମା, ସଭାପତି ଗୋବିନ୍ଦ ନାୟକ, ଉପସଭାପତି ବିନୋଦ ବେହେରା, ଯୁଗଳ କେଶରୀ ଦୀକ୍ଷିତ, ସମ୍ପାଦକ ଭଗବତ ମହାରଣା, ସହସମ୍ପାଦକ ଭବାନୀ ଶଙ୍କର କାଣ୍ଡି, କୋଷାଧ୍ୟକ୍ଷ ଭାବେ ପୂର୍ଣ୍ଣିମା ମହାନ୍ତି ପ୍ରମୁଖ ନିର୍ବାଚିତ ହୋଇଥିଲେ। ୮ ଦଫା ଦାବିରେ ଜିଲ୍ଲାପାଳ ଓ ଜିଲ୍ଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଶ୍ରମିକ କରୁଣାକର ଦୀକ୍ଷିତ, ରବୀନ୍ଦ୍ର ଦାସ, ବୟନ କଣ୍ଡି, ପ୍ରଶାନ୍ତ କାଣ୍ଡି, କାଳନ୍ଦି କାଣ୍ଡି, ସହଦେବ ତରାଇ, ବିଜୟ କାଣ୍ଡି, ମାନସ କାଣ୍ଡି, ପ୍ରମୋଦ ଜେନା, ଚିନ୍ମୟୀ ସାହୁ ଓ ବସୁ ମହାରଣାଙ୍କୁ ସମ୍ମାନିତ କରାଯାଇଥିଲା।




## ବୁଥ୍ ଅଧିକାରୀଙ୍କୁ ସ୍ୱତନ୍ତ୍ର ସଂଘନ ସଂଶୋଧନ ତାଲିମ

**ତିଗିରିଆ,୨୩।୫(ସମିସ):** ଆଠଗଡ-ତିଗିରିଆ ନିର୍ବାଚନମଣ୍ଡଳୀ ନିର୍ବାଚନ ପଞ୍ଜିକୃତ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଆଠଗଡ ତିଗିରିଆ କାର୍ଯ୍ୟରତ ୨୫୫ ଓ ନିଯୁକ୍ତ ହେବାକୁ ଥିବା ୬୩ଜଣ ବୁଥସ୍ତରୀୟ ଅଧିକାରୀଙ୍କ ସମେତ ୨୬ ବୁଥସ୍ତରୀୟ ପର୍ଯ୍ୟବେକ୍ଷକଙ୍କ ତାଲିମ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ତିଗିରିଆ ବ୍ଲକ ଅଧିନ ପବିତ୍ର ମୋହନ ବିଦ୍ୟାପୀଠରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଂଗ୍ରାମ କେଶରୀ ଭୋଳ ଓ ତହସିଲଦାର ଧର୍ମରଞ୍ଜନ ପଣ୍ଡାଙ୍କ ଅଧ୍ୟକ୍ଷତା ତଥା ପର୍ଯ୍ୟବେକ୍ଷକ ଚନ୍ଦ୍ରକାନ୍ତ ମଣି ମିଶ୍ରଙ୍କ ସଂଯୋଜନା ଓ ବିଶ୍ୱରଞ୍ଜନ ଜେନାଙ୍କ ସହଯୋଗରେ ବ୍ଲକର ମୋଟ ୭୨ଟି ବୁଥର ଅଧିକାରୀ ଏବଂ ୧୪ ଜଣ ସହଯୋଗୀ ବୁଥ ଅଧିକାରୀଙ୍କ ସହିତ ୭ ଜଣ ପର୍ଯ୍ୟବେକ୍ଷକଙ୍କୁ ଗତ ଦୁଇ ଦିନ ଧରି ତାଲିମ ପ୍ରଦାନ କରାଯାଇଛି। ତାଲିମପ୍ରାପ୍ତ ଅଧିକାରୀମାନେ ଆସନ୍ତା ୩୦ ତାରିଖରୁ ନିଜ ନିଜ ବୁଥରେ ଘର ଘର ବୁଲି ପରିଗଣନା ଫର୍ମ ମାନ ପୂରଣ କରି ଆଣିବେ ବୋଲି ବିଡିଓ ଶ୍ରୀ ଭୋଳ ସୂଚନା ଦେଇଛନ୍ତି।

## ନୂତନ ଟ୍ରାନ୍ସଫର୍ମର ସ୍ଥାପନ ଦାବି



**ତିଗିରିଆ,୨୩।୫ (ସମିସ):** ତିଗିରିଆ ବ୍ଲକ ହସ୍ତତନ୍ତ ଗ୍ରାମ ନୂଆପାଟଣା ପଞ୍ଚାୟତ ଗ୍ରୀଡ଼ ସାହିର ବାସିନ୍ଦା ଦୀର୍ଘଦିନ ଧରି ଲୋ ଭୋଲ୍‌ଟେଜ ସମସ୍ୟା ଭୋଗ କରୁଛନ୍ତି। ଗ୍ରାମବାସୀ ଗ୍ରାମରେ ଏକ ନୂତନ ସ୍ୱତନ୍ତ୍ର ଟ୍ରାନ୍ସଫର୍ମର ସ୍ଥାପନ ପାଇଁ ଶନିବାର ନୂଆପାଟଣା ବିଦ୍ୟୁତ ବିଭାଗ ଯନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଦୀର୍ଘ ଦିନ ଧରି ତାଙ୍କ ସାହି ବାସିନ୍ଦା ଲୋ ଭୋଲ୍‌ଟେଜ ସମସ୍ୟା ଭୋଗ କରୁଥିବା ବେଳେ ଗତ ଦୁଇଦିନ ଧରି ସାହିରେ ବିଦ୍ୟୁତ ନାହିଁ। ଆଜି ସାହି ବାସିନ୍ଦାଙ୍କ ପକ୍ଷରୁ ଦାବି ପରେ ବିଦ୍ୟୁତ ଯୋଗାଣ ହୋଇଥିଲେ ମଧ୍ୟ ପ୍ରତି ୧୫ରୁ ୨୦ ମିନିଟ ମଧ୍ୟରେ ବିଦ୍ୟୁତ କାଟ କରାଯାଉଛି। ଅସହ୍ୟ ଗ୍ରୀଷ୍ମ ପ୍ରବାହ ସମୟରେ ଏଭଳି ଲୋ ଭୋଲ୍‌ଟେଜ ଓ ବିଦ୍ୟୁତ କାଟ ଯୋଗୁ ସ୍ଥାନୀୟ ଜନସାଧାରଣଙ୍କ ଜୀବନ ଦୁର୍ବିସହ ହୋଇଛି। ସାହି ବାସିନ୍ଦା ବିଦ୍ୟୁତ ବିଭାଗ ପକ୍ଷରୁ ସାହିରେ ଏକ ନୂତନ ଟ୍ରାନ୍ସଫର୍ମର ସ୍ଥାପନ ପାଇଁ ସ୍ଥାନୀୟ ଟିପିସିଓଡ଼ିଏଲର ଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

## ଚିତ୍ତରଞ୍ଜନ-ଜୀବନଜ୍ୟୋତି ସ୍ମାରକୀ କ୍ରିକେଟ ପ୍ରସ୍ତୁତି



**ସାଲେପୁର,୨୩।୫(ସମିସ):** ଇଲେଭେନ୍ ଷ୍ଟାର୍ କ୍ଲବ୍ ରୋଧପୁର ଆନୁକୂଲ୍ୟରେ ପ୍ରତିବର୍ଷ ପରି ଚଳିତ ବର୍ଷ ରାଜ୍ୟସ୍ତରୀୟ ଦିବାରାତ୍ର କ୍ରିକେଟ ପ୍ରତିଯୋଗିତା ପାଇଁ ଏକ ପ୍ରସ୍ତୁତି ବୈଠକ ଗୁଲରେଜ ଅଲ୍ଲୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଚିତ୍ତରଞ୍ଜନ ଓ ଜୀବନଜ୍ୟୋତି ମେମୋରିଆଲ ରାଜ୍ୟସ୍ତରୀୟ କ୍ରିକେଟ ପ୍ରତିଯୋଗିତା ଆସନ୍ତା ମାସ ୬ ତାରିଖରେ ସାଲେପୁର କଲେଜ ଖେଳପଡିଆରେ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟର ବଛା ବଛା ୮ଟି ଟିମ୍ ଭାଗ ନେବେ ବୋଲି ସ୍ଥିର କରାଯାଇଛି। ଆଜିର ଏହି ପ୍ରସ୍ତୁତି ବୈଠକରେ ସଞ୍ଜୟ ନାୟକ, ହବିବ ବକ୍ସ, ସାରଦା ପ୍ରସନ୍ନ ମହାପାତ୍ର, ଆଶିଷ ମଲ୍ଲିକ, ଜ୍ୟୋତିପ୍ରକାଶ ଦାସ, ମନୋଜ ରାଉତ, ପ୍ରଫୁଲ୍ଲ ଦାସ, ଲିପୁନ କୁମାରଙ୍କ ସମେତ କ୍ଲବର ସମସ୍ତ ସଦସ୍ୟମାନେ ଉପସ୍ଥିତ ଥିଲେ।

## ବାଲି ବୋଝେଇ ଟ୍ରାକ୍ଟର ଜବତ

**କଟକ,୨୩।୫(ସମିସ):** ବାଲି ଚୋରା ଚାଲାଣ ବେଳେ ଏକ ଟ୍ରାକ୍ଟରକୁ ଲାଲବାଗ ଥାନା ପୁଲିସ ଜବତ କରିଛି। ଏହି ଘଟଣାରେ ଗାଡି ଚାଳକ ତଥା ମୁଣ୍ଡା ସାହିର ବାପୁନି ପାତ୍ରକୁ ଅଟକ ରଖାଯାଇଛି। ପୁଲିସ ସୂଚନା ଅନୁସାରେ, ଶୁକ୍ରବାର ରାତି ପ୍ରାୟ ୨ଟା ସମୟରେ ପୁଲିସ ପକ୍ଷରୁ ବେଲିଭ୍ୟୁ ଛକରେ ଯାଞ୍ଚ କରାଯାଉଥିଲା। ଏତିକିବେଳେ ଏକ ଟ୍ରାକ୍ଟର ବାଲି ବୋଝେଇ କରି ଯାଉଥିଲା। ଗାଡିକୁ ଅଟକାଇ ଯାଞ୍ଚ କରିବାରୁ ବିନା କାଗଜପତ୍ରରେ ବାଲି ଚାଲାଣ କରାଯାଉଥିବା ଜଣାପଡିଥିଲା। ଫଳରେ ଗାଡିକୁ ଜବତ କରାଯିବା ସହିତ ଚାଳକକୁ ଅଟକ ରଖାଯାଇଥିବା ସୂଚନା ମିଳିଛି।

## ଓଡ଼ିଶା ବ୍ରିଗେଡ୍ ସ୍କୁଲର ଛାତ୍ରଛାତ୍ରୀଙ୍କୁ ରାଜ୍ୟପାଳ ପୁରସ୍କାର

**ବଡ଼ମ୍ବା,୨୩।୫(ସମିସ):** ସ୍କାଉଟ୍, ଗାଇଡରେ ଉତ୍କର୍ଷ ପାଇଁ ବଡମ୍ବା ଶିକ୍ଷା ମଣ୍ଡଳ ଅଧୀନ ରତାପାଟସ୍ଥିତ ଓଡ଼ିଶା ବିଗ୍ରେଡ ସ୍କୁଲର ୬ ଜଣ ଛାତ୍ରଛାତ୍ରୀଙ୍କ ସମେତ ରାଜ୍ୟର ୭୮ ଜଣ ଛାତ୍ରଛାତ୍ରୀଙ୍କୁ ରାଜ୍ୟପାଳ ଡ ହରିବାବୁ କମ୍ଭମପତି ରାଜଭବନରେ ପୁରସ୍କୃତ କରିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉପସ୍ଥିତ ଥିଲେ।



## ୨୦୨୩ ମହିଳା ସଂରକ୍ଷଣ ଆଇନ କାର୍ଯ୍ୟକାରୀ ଦାବି

**ନିଶ୍ଚିନ୍ତକୋଇଲି,୨୩।୫(ସମିସ):**

ସଂସଦରେ ୨୦୨୩ରୁ ସର୍ବସମ୍ମତିରେ ଗୃହୀତ ମହିଳା ସଂରକ୍ଷଣ ଆଇନ ଅଦ୍ୟାବଧି କାର୍ଯ୍ୟକାରୀ ହେଉନାହିଁ। କେନ୍ଦ୍ରରେ ବିଜେପି ସରକାର ଗୃହୀତ ହୋଇଥିବା ଆଇନକୁ କାର୍ଯ୍ୟକାରୀ ନ କରି ପୁନର୍ବାର ବିଧାନସଭା ଓ ଲୋକସଭା ଆସନକୁ ବୃଦ୍ଧି କରି ମହିଳାମାନଙ୍କ ପାଇଁ ୩୩% ଆସନ ସଂରକ୍ଷଣ ପାଇଁ ଚାହୁଁଥିବା ବେଳେ ଏହା ମଧ୍ୟ ଗୃହୀତ ହୋଇ ପାରିନାହିଁ। ଏଭଳି ସ୍ଥିତିରେ ପୂର୍ବରୁ ଗୃହୀତ ହୋଇଥିବା ମହିଳା ସଂରକ୍ଷଣ ଆଇନକୁ ତୁରନ୍ତ କାର୍ଯ୍ୟକାରୀ କରିବା ଦାବି ନେଇ କଂଗ୍ରେସ ପକ୍ଷରୁ ମଶାଲ ଶୋଭାଯାତ୍ରା କରାଯାଉଛି। ଏହି ପରିପ୍ରେକ୍ଷୀରେ ନିଶ୍ଚିନ୍ତକୋଇଲି ବ୍ଲକ କଂଗ୍ରେସ କମିଟି ସଭାପତି ନାରାୟଣ ଦ୍ୱିବେଦୀଙ୍କ ନେତୃତ୍ୱରେ ନିଶ୍ଚିନ୍ତକୋଇଲି ବଜାରରେ ଶୁକ୍ରବାର ସଂଧ୍ୟାରେ ଏକ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଜିଲ୍ଲା କଂଗ୍ରେସ କମିଟିର ସାଧାରଣ ସଂପାଦକ ପ୍ରମୋଦ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏଥିରେ ଜିଲ୍ଲା କଂଗ୍ରେସ କମିଟି ସଭାପତି ପ୍ରଦୀପ୍ତ କୁମାର ଦାସ, ଜିଲ୍ଲା ପର୍ଯ୍ୟବେକ୍ଷକ ତଥା କଂଗ୍ରେସର ଉପସଭାପତି ନଳିନୀ ଉଦ୍‌ଗାତା, ସଂପାଦକ ଦିପ୍ତିରଂଜନ ଲେଙ୍କା, ମାହାଙ୍ଗା ବ୍ଲକ କଂଗ୍ରେସ କମିଟି ସଭାପତି ଆଡଭୋକେଟ ଦୀପକ ମହାନ୍ତି, ମାହାଙ୍ଗା କଂଗ୍ରେସ ନେତା ସେକ୍ ମାସୁଦ ଅଲୀ, ସେକ୍ ସୌକତ ଅଲୀ, ସେକ୍ ସଦ୍ଦାମ, ବାନାମ୍ବର ଚାନ୍ଦ, ମହେନ୍ଦ୍ର ବେହେରା, ମହମ୍ମଦ ସମିମ୍, ରମେଶ ବେହେରା, ସର୍ବଜିତ୍ ଦାସ, କ୍ଷମାନିଧି ପୂଝାରୀ, ଦୀପକ କୁମାର ନାୟକ, ଗୋପାଳ ସେଠୀ, ଶରତଚନ୍ଦ୍ର ଦାସ, ରାଜେନ୍ଦ୍ର ରାଉତ, ହରେକୃଷ୍ଣ ରାଉତ, ମନମୋହନ ଓଝା, ରମେଶ ସାହୁଙ୍କ ସମେତ ବହୁ କଂଗ୍ରେସକର୍ମୀ ଯୋଗଦେଇ କଲ୍ୟାଣୀ ଟକିଜ୍‌ଠାରୁ ବଉଳ ବଜାର ପର୍ଯ୍ୟନ୍ତ ମଶାଲ ଶୋଭାଯାତ୍ରା କରିଥିଲେ। ଏକ ପଥପ୍ରାନ୍ତ ସଭାରେ ନେତୃମଣ୍ଡଳୀ ବିଜେପି ସରକାରଙ୍କ ବିରୋଧରେ ଉଦ୍‌ବୋଧନ ଦେଇଥିଲେ।




# ଦୁଇ ଛାତ୍ରଙ୍କୁ 'ରାଜୀବ ଗାନ୍ଧୀ ପ୍ରତିଭା ସମ୍ମାନ'

**ସାଲେପୁର, ୨୩।୫(ସମିସ):** ଇନଷ୍ଟିଚ୍ୟୁଟ ଅଫ ଫାର୍ମାସୀ ଆଣ୍ଡ ଟେକ୍ନୋଲୋଜିର ବି-ଫାର୍ମା ତୃତୀୟ ବର୍ଷର ଛାତ୍ର ତଥା ଯୁବ ରେଡକ୍ରସ ୟୁନିଟର ସ୍ୱେଚ୍ଛାସେବୀ ଛାତ୍ର ଅମ୍ବିକା ପ୍ରସାଦ ସାହୁଙ୍କୁ ରକ୍ତଦାନ, ରେଡକ୍ରସର ବିଭିନ୍ନ ସଫଳତା କାର୍ଯ୍ୟକ୍ରମ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜ୍ୟସ୍ତରୀୟ ରାଜୀବ ଗାନ୍ଧୀ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଛି। ଭୁବନେଶ୍ୱର ଜୟଦେବ ଭବନଠାରେ ଭାରତ ରତ୍ନ ରାଜୀବ ଗାନ୍ଧୀଙ୍କ ୩୫ତମ ପୁଣ୍ୟତିଥି ପାଳନ ଅବସରରେ ଓଡ଼ିଶା ରାଜୀବ ଗାନ୍ଧୀ ଷ୍ଟୁଡେଣ୍ଟ ଫୋରମ୍ ପକ୍ଷରୁ ଅମ୍ବିକାଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଅମ୍ବିକାଙ୍କର ଏହି ସଫଳତା ପାଇଁ ସାଲେପୁର ଫାର୍ମାସୀ କଲେଜର ସଭାପତି, ସମ୍ପାଦକ, ସଭ୍ୟମଣ୍ଡଳୀ, ଅଧ୍ୟକ୍ଷ ତଥା ଅଧ୍ୟାପକ ଅଧ୍ୟାପିକା ଓ ରେଡକ୍ରସ ଛାତ୍ରଛାତ୍ରୀଙ୍କ ତରଫରୁ ପ୍ରଶଂସା କରାଯାଇଛି।

**ନିଶ୍ଚିନ୍ତକୋଇଲି:** ନିଶ୍ଚିନ୍ତକୋଇଲି ବ୍ଲକ ବଡକ୍ଷୀର ଗ୍ରାମର ଅଜୟ କୁମାର ରଥଙ୍କ ପୁତ୍ର କୃତୀ ଛାତ୍ର ଓମ୍‌ପ୍ରକାଶ ରଥଙ୍କୁ ଭାରତରତ୍ନ ରାଜୀବଗାନ୍ଧୀ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଛି। ସଂପୃକ୍ତ ଛାତ୍ର ଜଣଙ୍କ ପ୍ରଧାନମନ୍ତ୍ରୀଙ୍କ ମନ୍‌କୀବାତ୍‌ଠାରୁ ଆରମ୍ଭ କରି ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରି ବହୁ ଅନୁଷ୍ଠାନରୁ ପୁରସ୍କୃତ ହୋଇଛନ୍ତି। ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ରାଜ୍ୟସ୍ତରୀୟ ରାଜୀବଗାନ୍ଧୀ ପ୍ରତିଭା ସମ୍ମାନ ଉତ୍ସବରେ ସତ୍ୟବ୍ରତ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବିଚାରପତି ଜଷ୍ଟିସ ଡି.ପି ଚୌଧୁରୀ ଯୋଗଦେଇ ଶ୍ରୀ ରଥଙ୍କୁ ମାନପତ୍ର, ମେଡାଲ ଓ ସିଲ୍‌ଡ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ, ପୂର୍ବତନ ମନ୍ତ୍ରୀ ସୁରେଶ ରାଉତରାୟ, ଡ.ପବିତ୍ର ମୋହନ ସାମନ୍ତରାୟ ଓ ଡାକ୍ତର କୁମରମଣି ଦାସ ପ୍ରମୁଖ ଯୋଗ ଦେଇଥିଲେ। କୃତୀ ଛାତ୍ର ଜଣକ ଚାନ୍ଦୋଳସ୍ଥିତ ହୃଦାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟରେ +୩ ପ୍ରଥମ ବର୍ଷରେ ରାଜନୀତି ବିଜ୍ଞାନ ସମ୍ମାନରେ ଅଧ୍ୟୟନରତ ଅଛନ୍ତି।





ରଥଖଳାରୁ...

# ସରିଲା ତିନି ରଥର ୨୧ ଅଖ ନିର୍ମାଣ



ପୁରୀ,୨୩।୫(ସମିସ): ରଥଯାତ୍ରା ପାଖେଇ ଆସୁଥିବାବେଳେ ଚଳଚଞ୍ଚଳ ହୋଇପଡ଼ିଛି ରଥଖଳା। ମହାପ୍ରଭୁଙ୍କ ପ୍ରତି ସମର୍ପଣ ମନୋଭାବ ରଖି କାମ କରୁଛନ୍ତି ରଥ ନିର୍ମାଣକାରୀ ସେବକ। ବିଧି ମୁତାବକ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ପୂର୍ବରୁ ତିନିରଥର ୪୨ଟି ଯାକ ଚକ ନିର୍ମାଣ ସରିଥିବା ବେଳେ ଶନିବାର ତିନିରଥର ୨୧ ଅଖ ନିର୍ମାଣ ଶେଷ ହୋଇଛି। ସେହିପରି ତିନିରଥର ୨୦ ଫୁଟିଆ ୧୪ ଟି ଲେଖାଏଁ 'ଚଉଦ ନାହାକା' ଖମ୍ବି ନିର୍ମାଣ କାର୍ଯ୍ୟ ଜାରି ରହିଛି। ରଥ ଅମୀନ ଚଉଦ ନାହାକା ନିର୍ମାଣ ପାଇଁ ତିନିରଥ ଚାଳିକୁ ଭୋଇ ସେବକଙ୍କ ସହାୟତାରେ ଦୁଇଟି ପର୍ଯ୍ୟାୟରେ ୧୧ ଟି ଲେଖାଏଁ ୨୦ ଫୁଟିଆ ଧଉରା କାଠ ଫାଳି ଯୋଗାଇ ଦେଇଥିଲେ। ସେଥି ମଧ୍ୟରୁ ଆଜି ସୁଦ୍ଧା ତାଳଧ୍ୱଜ ରଥର ୮ ଟି, ଦର୍ପଦଳନ ରଥର ୯ ଟି ଏବଂ ନନ୍ଦିଘୋଷ ରଥର ୧୧ ଟି ଚଉଦ ନାହାକା ଚଉପଟ ପରେ ତାର ଅଷ୍ଟକୋଣୀ ଅଂଶ ମରା କାର୍ଯ୍ୟ ଶେଷ ହୋଇଛି। ବାକି ନାହାକା ଗୁଡ଼ିକର ଚଉପଟ କାର୍ଯ୍ୟ ଜାରି ରହିଛି। ରୂପକାର ସେବକ ମାନେ ତିନିରଥର ସାଲଗୁଜାରେ ରୂପ ଖୋଦେଇ ଶେଷ କରି ତିନି ରଥର ୮ ଟି ଲେଖାଏଁ ତୀଖ ଗୁଜରେ ସିଂହ ବିରାଳ ରୂପ ଖୋଦେଇ ଜାରୀ ରଖିଛନ୍ତି। ଦୋଳ ବେଦୀ ଅସ୍ଥାୟୀ କମାର ଶାଳ ରେ ଓଝା ସେବକ ମାନେ ତିନି ରଥର ଅଖ କଣ୍ଟା, ଦଣ୍ଡା କଣ୍ଟା ସହ ବେଦୀ ସିଂହାସନ ର ବାହାର ପାଶ୍ୱର୍ ପରିକ୍ରମା ପ୍ରସ୍ତୁତିରେ ପଟା ବାଡ଼ିଆ ପାଇଁ ତାଗ କଣ୍ଟା ପ୍ରସ୍ତୁତି ଜାରି ରଖିଛନ୍ତି। ପାହି ମହାରଣା ଦୋଳବେଦୀ ଠାରେ ପାହି ମହାରଣାମାନେ ଅଣସର ଏବଂ ରଥ ଯାତ୍ରାରେ ସେବା ପୂଜା ପାଇଁ କାଠ ସରଞ୍ଜାମ ନିର୍ମାଣ ଜାରି ରଖିଛନ୍ତି।

'ଭାରତ ନେଟ୍ ପରିଯୋଜନା' ଫେଜ୍-୩ ର ସମୀକ୍ଷା

# ଘରେ ଘରେ ପହଞ୍ଚିବ ଇଣ୍ଟରନେଟ୍

ଭୁବନେଶ୍ୱର, ୨୩।୫(ସମିସ): ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଭାରତ ସଂଚାର ନିଗମ ଲିମିଟେଡ୍ (ବିଏସ୍‌ଏନ୍‌ଏଲ୍) ର "ଭାରତ ନେଟ୍ ପରିଯୋଜନା' ଫେଜ୍-୩ ର ପ୍ରଗତି ଏବଂ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ସମୀକ୍ଷା କରିଛନ୍ତି। ଏହି ଯୋଜନାରେ କେନ୍ଦ୍ର ସରକାର ଓଡ଼ିଶା ପାଇଁ ପ୍ରାୟ ୪ହଜାର କୋଟି ଟଙ୍କା ଖର୍ଚ୍ଚ କରିବେ। ଆଗାମୀ ୩ ବର୍ଷରେ ପ୍ରକଳ୍ପ କାର୍ଯ୍ୟ ଶେଷ କରାଯିବ। ବ୍ଲକକୁ ଗୋଟିଏ ୟୁନିଟ ହିସାବରେ ବ୍ଲକ ଅପ୍ଟିକାଲ ଫାଇବର ସଂଯୋଗୀକରଣ କେନ୍ଦ୍ର ପ୍ରତିଷ୍ଠା କରାଯିବ। ସେଠାରୁ ପଞ୍ଚାୟତକୁ ଯୋଡିବା ପାଇଁ ପଞ୍ଚାୟତ ଅପ୍ଟିକାଲ ଫାଇବର ସଂଯୋଗୀକରଣ କେନ୍ଦ୍ର କରାଯିବ ଓ ପଞ୍ଚାୟତରୁ ଘରକୁ ଘର ଇଣ୍ଟରନେଟ୍ ସଂଯୋଗ କରାଯିବ। ଏହି ଯୋଜନା ପାଇଁ ଆବେଦନ କଲାପରେ ଆବେଦନକାରୀଙ୍କୁ ଅପ୍ଟିକାଲ ଫାଇବର ସଂଯୋଗୀକରଣ ଦିଆଯିବ। ଆବେଦନକାରୀଙ୍କୁ ଟେଲିଫୋନ ସହିତ ବ୍ରଡବ୍ୟାଣ୍ଡ ଯୋଗାଇ ଦିଆଯିବ। ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ସ୍କୁଲ, କଲେଜକୁ ମଧ୍ୟ ନିରବିଚ୍ଛିନ ଇଣ୍ଟରନେଟ୍ ସେବା ଯୋଗାଇବା ପାଇଁ ଭିତ୍ତିଭୂମି ଆହୁରି ସୁଦୃଢ଼ ହେବ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ "ଡିଜିଟାଲ୍ ଇଣ୍ଡିଆ' ସଂକଳ୍ପକୁ ତୃଣମୂଳ ସ୍ତରରେ ସଫଳ କରିବା ତ୍ୱରିତ ବେଗରେ କାର୍ଯ୍ୟ କରାଯାଉଛି। ଗ୍ରାମୀଣ ଓଡ଼ିଶାକୁ ଡିଜିଟାଲ୍ ଭାବେ ସଶକ୍ତ କରିବା ଦିଗରେ ଭାରତନେଟ୍ ପ୍ରକଳ୍ପ ଏକ ମାଇଲଷ୍ଟୋନ ସାବ୍ୟସ୍ତ ହେବ। ଏହି ବୈଠକରେ ବିଏସଏନଏଲ୍ ବୋର୍ଡର ନିର୍ଦ୍ଦେଶକ (ଏଣ୍ଟରପ୍ରାଇଜେସ୍) ପାପା ସୁଧାକର ରାଓ, ଓଡ଼ିଶା ସର୍କଲର ମୁଖ୍ୟ ପ୍ରବନ୍ଧକ ଡି.କେ. ବେହେରା ଏବଂ ଓକାକର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ ରାଉତଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଚୁକ୍ତିଭିତ୍ତିକ ନିଯୁକ୍ତି ବେଳେ କର୍ମଚାରୀଙ୍କଠାରୁ ନିଆଯାଉଥିବା ଅଣ୍ଡରଟେକିଂ ବୈଧ ନୁହେଁ: ହାଇକୋର୍ଟ

୨୪ ବର୍ଷ ଧରି କାର୍ଯ୍ୟ କରିଥିବା ଚୁକ୍ତିଭିତ୍ତିକ ଇଞ୍ଜିନିୟରଙ୍କୁ ମିଳିଲା ନ୍ୟାୟ

କଟକ, ୨୩।୫(ସମିସ): ଚୁକ୍ତିଭିତ୍ତିକ ନିଯୁକ୍ତି ସମୟରେ କର୍ମଚାରୀଙ୍କଠାରୁ ନିୟମିତ ଚାକିରି ଦାବି ନ କରିବା ପାଇଁ ନିଆଯାଉଥିବା 'ଅଣ୍ଡରଟେକିଂ' (ପ୍ରତିଶ୍ରୁତିପତ୍ର) ଅଯୌକ୍ତିକ ତଥା ବୈଧ ନୁହେଁ ବୋଲି କହିଛନ୍ତି ହାଇକୋର୍ଟ। ହାଇକୋର୍ଟ ସ୍ପଷ୍ଟ କରିଛନ୍ତି ଯେ ଜଣେ କର୍ମଚାରୀ ନିଜ ଜୀବିକା ପାଇଁ ବାଧ୍ୟ ହୋଇ କର୍ତ୍ତୃପକ୍ଷଙ୍କ ସର୍ତ୍ତରେ ସ୍ୱାକ୍ଷର କରିଥାଏ। ସର୍ବୋଚ୍ଚ ନ୍ୟାୟାଳୟଙ୍କ ବିଭିନ୍ନ ରାୟକୁ ଆଧାର କରି କୋର୍ଟ କହିଛନ୍ତି ଯେ ଏଭଳି ଏକତରଫା ପ୍ରତିଶ୍ରୁତି ପତ୍ର ବା 'ଅଣ୍ଡରଟେକିଂ' କର୍ମଚାରୀଙ୍କ ସାମ୍ବିଧାନିକ ଅଧିକାରକୁ କ୍ଷୁଣ୍ଣ କରିପାରିବ ନାହିଁ। ଜଣେ ସରକାରୀ ବା ସ୍ୱାଧୀନ ନିଯୁକ୍ତିଦାତା ଭାବେ ରାଷ୍ଟ୍ର ବା ସରକାରୀ ସଂସ୍ଥାମାନେ କର୍ମଚାରୀମାନଙ୍କୁ ଦୀର୍ଘ ବର୍ଷ ଧରି କେବଳ 'ଚୁକ୍ତିଭିତ୍ତିକ' ବା 'ଅସ୍ଥାୟୀ' ଆଖ୍ୟା ଦେଇ ରଖିପାରିବେ ନାହିଁ ବୋଲି କହିଛନ୍ତି ଅଦାଲତ। ଏମ୍. ଶ୍ରୀନିବାସଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ସଞ୍ଜୀବ କୁମାର ମିଶ୍ର ଏପରି ରାୟ ପ୍ରକାଶ କରିଛନ୍ତି।

ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ ସେଣ୍ଟର୍ (ଓକାକ୍) ରେ ଦୀର୍ଘ ୨୪ ବର୍ଷ ଧରି ସଫ୍ଟୱେୟର୍ ଇଞ୍ଜିନିୟର୍ ଭାବେ କାର୍ଯ୍ୟରତ ଜଣେ ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ଆସନ୍ତା ୩ ମାସ ମଧ୍ୟରେ ନିୟମିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ଆବେଦନକାରୀ ଗତ ୨୦୦୧ମସିହାରେ ଚୁକ୍ତିଭିତ୍ତିକ ସଫ୍ଟୱେୟାର୍ ଇଞ୍ଜିନିୟର୍ ଭାବେ ମନୋନୀତ ହୋଇ ଗତ ୨୦୦୨ ଜାନୁଆରୀ ୧୮ ରେ ବ୍ରହ୍ମପୁର କାର୍ଯ୍ୟାଳୟରେ ଯୋଗ ଦେଇଥିଲେ। ସେହି ସମୟରୁ ସେ କ୍ରମାଗତ ଓ ସନ୍ତୋଷଜନକ ଭାବେ ନିଜର ଦାୟିତ୍ୱ ତୁଲାଇ ଆସୁଥିଲେ ଏବଂ ଓକାକ୍ ପରିଚାଳନା କମିଟି ମଧ୍ୟ ପୂର୍ବରୁ ତାଙ୍କ ଚାକିରି ନିୟମିତ କରିବାକୁ ସରକାରଙ୍କୁ ସୁପାରିଶ କରିଥିଲା। ମାତ୍ର ଚାକିରି ନିୟମିତ କରିବା ପରିବର୍ତ୍ତେ ଓକାକ୍ କର୍ତ୍ତୃପକ୍ଷ ୨୦୧୭ ମସିହାରେ ସେହି ପଦବୀ ପାଇଁ ବାହାରୁ ନୂତନ ନିଯୁକ୍ତି ପାଇଁ ବିଜ୍ଞାପନ ଜାରି କରିଥିଲେ, ଯାହାକୁ ଆବେଦନକାରୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଆବେଦନକାରୀଙ୍କୁ ନିୟମିତ ସ୍କେଲ୍ ଅନୁଯାୟୀ ସମସ୍ତ ସେବାକାଳୀନ ସୁବିଧା, ପେନସନ୍ ଓ ବରିଷ୍ଠତା ପ୍ରଦାନ କରାଯିବ। ଓକାକ୍‌ର ମୁଖ୍ୟ ନିର୍ବାହୀ ଅଧିକାରୀଙ୍କୁ ଆସନ୍ତା ୩ ମାସ ମଧ୍ୟରେ ଏହି ସମସ୍ତ ପ୍ରକ୍ରିୟା ଶେଷ କରି ଅଦାଲତରେ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ତାପଜ ବିଦ୍ୟୁତ୍ ନୀତି ସଂଶୋଧନ ପରେ ଅଙ୍କଲରେ ସରକାର

## ନିଷ୍ପତ୍ତି ଯୋଗୁଁ ଗ୍ରାହକଙ୍କ ଉପରେ ୨୦୦ କୋଟି ବୋଝ ପଡ଼ିବ

ଭୁବନେଶ୍ୱର,୨୩।୫(ସମିସ): ଗତ ୨୦ ତାରିଖରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ଓଡ଼ିଶା ତାପଜ ବିଦ୍ୟୁତ ନୀତି, ୨୦୦୮ର ଧାରା ୩ର ସଂଶୋଧନ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ସରକାରଙ୍କ ଏହି ନିଷ୍ପତ୍ତିକୁ ଚାରିଆଡ଼ୁ ସମାଲୋଚନା କରାଯାଉଥିବା ବେଳେ ଏହାଦ୍ୱାରା କମ୍ପାନୀଙ୍କୁ ଲାଭ ମିଳିବା ସହ ଗ୍ରାହକଙ୍କ ଉପରେ ବୋଝ ପଡ଼ିବ ବୋଲି ବିଭିନ୍ନ ମହଲରେ କୁହାଯାଉଛି। ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର ସରକାରଙ୍କ ଏହି ନିଷ୍ପତ୍ତି ଉପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ଏଥିପାଇଁ ରାଜ୍ୟର ଏକକୋଟି ବିଦ୍ୟୁତ ଉପଭୋକ୍ତା ବାର୍ଷିକ ୨୦୦ କୋଟିଟଙ୍କା ଅତିରିକ୍ତ ବିଦ୍ୟୁତ ବିଲ ଭାର ବହନ କରିବେ ବୋଲି କହିଥିଲେ।

ମାତ୍ର ଏହି ଘଟଣାକୁ ରାଜ୍ୟ ଶକ୍ତି ବିଭାଗ ଖଣ୍ଡନ କରିବା ସହ ଏହା ଏକ ଅପପ୍ରଚାର ବୋଲି କହିଛି। ବିଭାଗ ପକ୍ଷରୁ ପ୍ରସଙ୍ଗରେ ସ୍ପଷ୍ଟୀକରଣ ମାଧ୍ୟମରେ କୁହାଯାଇଛି, ସଂଶୋଧିତ ତାପଜ ନୀତି ଅନୁସାରେ କେବଳ ଭବିଷ୍ୟତରେ ନିର୍ମାଣ ହେବାକୁ ଥିବା ଆଇପିପି ତାପଜ ବିଦ୍ୟୁତ ଉତ୍ପାଦନ କେନ୍ଦ୍ରଗୁଡିକ ପାଇଁ ୧୨%/୧୪% ବଦଳରେ ରାଜ୍ୟ ଭାଗ ବିଦ୍ୟୁତ ୫%କୁ କୋହଳ କରାଯାଇଛି। ତେଣୁ ବର୍ତ୍ତମାନ ବିଦ୍ୟୁତ ଉତ୍ପାଦନ କରୁଥିବା ଆଇପିପି ଉପରେ ତାହାର କୌଣସି ପ୍ରଭାବ ପଡ଼ିବ ନାହି କି ଉପଭୋକ୍ତାମାନେ କୌଣସି ଅତିରିକ୍ତ ବୋଝ ବହନ କରିବେ ନାହିଁ। ତେବେ ବିଭାଗର ଏହି ସ୍ପଷ୍ଟୀକରଣ ଉପରେ ଶ୍ରୀ ମହାପାତ୍ର ଉତ୍ତର ରଖି

■ ସଂଶୋଧନକୁ ନେଇ ଅପପ୍ରଚାର ଚାଲିଛି କହିଲା ଶକ୍ତି ବିଭାଗ

■ ବିଭାଗକୁ ବିଦ୍ୟୁତ୍ ଆଇନର ପାଠ ପଢ଼ାଇଲେ ଶକ୍ତି ସମୀକ୍ଷକ

କହିଛନ୍ତିଯେ ଟାରିଫ ନିର୍ଣ୍ଣୟ ପ୍ରକ୍ରିୟାରେ ଆଇପିପି ଦେଉଥିବା ରାଜ୍ୟଭାଗ ବିଦ୍ୟୁତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। କେନ୍ଦ୍ରୀୟ ବିଦ୍ୟୁତ ଆଇନ, ୨୦୦୩ ଅନୁସାରେ ଆଇପିପି ଗୁଡିକ ପାଇଁ ରାଜ୍ୟସରକାର ପକ୍ଷପାତ କିମ୍ବା ଅନୁଚିତ ଅଗ୍ରାଧିକାର ନୀତି ପ୍ରୟୋଗ କରି ପାରିବେ ନାହିଁ। ବିଦ୍ୟୁତ୍ ଆଇନ ଅନୁଯାୟୀ, ରାଜ୍ୟ ସରକାର ଏବଂ ନିୟାମକ ଆୟୋଗମାନେ କୌଣସି ଉତ୍ପାଦନକାରୀ କମ୍ପାନୀକୁ ଅନୁଚିତ ଅଗ୍ରାଧିକାର କିମ୍ବା ପକ୍ଷପାତ ନକରି ଉତ୍ପାଦନ ଟାରିଫକୁ ଧାରା ୬୧, ୬୨, ୬୩ ଓ ୮୬ ଅନୁସାରେ ସ୍ୱଚ୍ଛ ଏବଂ ପ୍ରତିଯୋଗିତାମୂଳକ କିମ୍ବା ବିଡିଂ ପ୍ରକ୍ରିୟା ମାଧ୍ୟମରେ ନିର୍ଣ୍ଣୟ କରିବେ। ସମାନ ବର୍ଗର ଜେନେରେଟର ପାଇଁ ସମାନ ଓ ପକ୍ଷପାତହୀନ କାର୍ଯ୍ୟ ମାନଦଣ୍ଡ ଅନୁସରଣ କରି ରାଜ୍ୟ ନିୟାମକ ଆୟୋଗ ଗୁଡିକ ଉତ୍ପାଦନ ଟାରିଫ ନିର୍ଣ୍ଣୟ କରିବେ। ତେବେ ବିଶେଷ ଭାବେ କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ନିୟାମକ ଆୟୋଗଗୁଡିକ ପକ୍ଷପାତ ଟାରିଫ ନିର୍ଣ୍ଣୟ କରିପାରିବେ ବୋଲି କୁହାଯାଇଛି।

ଶ୍ରୀ ମହାପାତ୍ର କହିଛନ୍ତିଯେ ରାଜ୍ୟଭାଗ ଆପିପି ବିଦ୍ୟୁତକୁ ୫%କୁ କୋହଳ କରିବା ବିଦ୍ୟୁତ ଆଇନର ପରିପନ୍ଥୀ ହୋଇଥିବାବେଳେ ତାହା ପଛରେ କୌଣସି ବିଶେଷ କାରଣ ନାହିଁ। ତେବେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କ୍ୟାବିନେଟ ନିଷ୍ପତି ପଛରେ ଥିବା ଯେଉଁ କାରଣକୁ ସାମନାକୁ ଆଣିଛନ୍ତି ତାହା ଅତ୍ୟନ୍ତ ହାସ୍ୟାସ୍ପଦ ହୋଇଛି ବୋଲି ସେ କହିଛନ୍ତି। ଶ୍ରୀମତୀ ଗର୍ଗ କହିଛନ୍ତିଯେ କ୍ୟାବିନେଟ ନିଷ୍ପତି ବିଦେଶୀ ପୁଞ୍ଜିନିବେଶକୁ ପ୍ରୋତ୍ସାହିତ କରିବ। ମାତ୍ର ଶକ୍ତି କ୍ଷେତ୍ରରେ କାର୍ଯ୍ୟକ୍ଷମ ଥିବା ସରକାରୀ ଉଦ୍ୟୋଗ ଗୁଡିକର ବାଲାନ୍ସସିଟରେ ହଜାର ହଜାର କୋଟିଟଙ୍କା ଘରୋଇ ପୁଞ୍ଜି 'ଅନ୍ୟାନ ଅଂଶଧନ' ଶୀର୍ଷକରେ ବର୍ଷ ବର୍ଷ ଧରି ନିଷ୍କ୍ରିୟ ହୋଇ ପଡି ରହିଛି। ତାହାକୁ ଶୂନ ସୁଧରେ ବିନିଯୋଗ ନକରି କାହିଁକି ସୁଧଯୁକ୍ତ ବିଦେଶୀ ପୁଞ୍ଜିକୁ ପ୍ରୋତ୍ସାହିତ କରାଯାଉଛି ବୋଲି ସେ ପ୍ରଶ୍ନ କରିଛନ୍ତି। ତେଣୁ ସରକାର ଯଦି କ୍ୟାବିନେଟ ନିଷ୍ପତିକୁ ପ୍ରତ୍ୟାହାର ନକରି ସଂଶୋଧିତ ତାପଜ ବିଦ୍ୟୁତ ନୀତିକୁ ଗେଜେଟ ବିଜ୍ଞପ୍ତି କରନ୍ତି ତାହା ବର୍ତ୍ତମାନ କାର୍ଯ୍ୟକ୍ଷମ ଥିବା ଆଇପିପି ମାନଙ୍କ ପାଇଁ ସେପରି ୫%କୁ କୋହଳ କରିବା ପାଇଁ ଉଚ୍ଚ ନ୍ୟାୟାଳୟରେ ରିଟ୍ ଆବେଦନ ସୁଯୋଗ ସୃଷ୍ଟି କରିବ ବୋଲି ଶ୍ରୀ ମହାପାତ୍ର କହିଛନ୍ତି।

ଏସ୍‌ସିବି ସହକାରୀ ପ୍ରଫେସର ପଦରେ ଯୋଗଦେଇ ନପାରିବା ପ୍ରସଙ୍ଗ

# ନିଷ୍ପତ୍ତି ନେବାକୁ ସ୍ୱାସ୍ଥ୍ୟ ସଚିବଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ, ୨୩।୫ (ସମିସ): ପୂର୍ବରୁ ଅବସ୍ଥାପିତ ଡାକ୍ତର ପଦରୁ ଇସ୍ତଫା ଅନୁମୋଦନ ହେଉ ନଥିବାରୁ ଏସ୍‌ସିବି ମେଡିକାଲ କଲେଜ ଓ ହସପିଟାଲରେ ସହକାରୀ ପ୍ରଫେସର୍ ଭାବେ ଆବେଦନକାରୀ ଯୋଗ ଦେଇପାରୁନଥିବା ପ୍ରସଙ୍ଗକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ହାଇକୋର୍ଟ ମାମଲାର ଶୁଣାଣି କରି ଡାକ୍ତରଙ୍କ ଦରଖାସ୍ତ ଉପରେ ଆଇନ ଅନୁଯାୟୀ ନିଷ୍ପତ୍ତି ନେବାକୁ ସ୍ୱାସ୍ଥ୍ୟ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଡାକ୍ତର ପି.କେ. ପଣ୍ଡାଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ମାମଲାରୁ ପ୍ରକାଶ ଯେ ଆବେଦନକାରୀ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଏଲ୍‌ଟିଆର୍ ମେଡିକାଲ ଅଫିସର୍ ଭାବେ ଓଡ଼ିଶା ମେଡିକାଲ ଓ ସ୍ୱାସ୍ଥ୍ୟସେବା କ୍ୟାଡର୍‌ରେ କାର୍ଯ୍ୟ କରୁଥିବା ବେଳେ ୨୦୨୪, ମାର୍ଚ୍ଚ ୧୧ରେ ଓପିଏସସି ପକ୍ଷରୁ ପ୍ରକାଶିତ ନିଯୁକ୍ତି ବିଜ୍ଞପ୍ତି ଆଧାରରେ ଏସସିବିରେ ନୂତନ ସହକାରୀ ପ୍ରଫେସର ପଦ ପାଇଁ ଦରଖାସ୍ତ କରି ନିଯୁକ୍ତି ଆଦେଶ ପାଇଥିଲେ। କର୍ତ୍ତୃପକ୍ଷଙ୍କ ନିକଟରୁ ଇସ୍ତଫା ଗ୍ରହଣ/ରିଲିଭ ନିର୍ଦ୍ଦେଶ ଆଣି ବିଜ୍ଞପ୍ତିର ୩୦ ଦିନ ଭିତରେ ଉପରୋକ୍ତ ପଦରେ ଯୋଗଦେବା ପାଇଁ ତାଙ୍କୁ ସ୍ୱାସ୍ଥ୍ୟ ବିଭାଗ ଆଦେଶ ଦେଇଥିଲେ। ଏସ୍‌ସିବିରେ ସହକାରୀ ପ୍ରଫେସର୍ ପଦରେ ଯୋଗ ଦେବା ପାଇଁ ମାର୍ଚ୍ଚ ୧୬ରେ ସ୍ୱାସ୍ଥ୍ୟ ସଚିବଙ୍କ ନିକଟରେ ଆବେଦନକାରୀ ବୈଷୟିକ ଇସ୍ତଫା ଦାଖଲ କରିଥିଲେ। ଆବେଦନକାରୀଙ୍କ ଇସ୍ତଫାକୁ ସ୍ୱାସ୍ଥ୍ୟ ବିଭାଗ ଗ୍ରହଣ କରିବା ପାଇଁ କୌଣସି ପଦକ୍ଷେପ ନେଇ ନଥିଲା ଫଳରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଡକ୍ଟର ପୁରୁଷୋତ୍ତମ ଚୁଳି ଓ ପ୍ରୀତି ପୁଣ୍ୟତୋୟା ମାମଲା ପରିଚାଳନା କରୁଥିଲେ।

# ନିର୍ବାଚିତ ଜନପ୍ରତିନିଧିଙ୍କ ଉପରେ ଆକ୍ରମଣ ଘଟଣାକୁ ସିପିଆଇ(ଏମ୍) ଓଡ଼ିଶା ରାଜ୍ୟ କମିଟିର ତୀବ୍ର ନିନ୍ଦା

ଭୁବନେଶ୍ୱର, ୨୩।୫(ସମିସ): ତିଗିରିଆ ପଞ୍ଚାୟତ ସମିତି ବୈଠକକୁ ଯାଉଥିବା ସମୟରେ ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ଆଠଗଡ଼ର ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଉପରେ ସର୍ବସମ୍ମୁଖରେ ହୋଇଥିବା ଆକ୍ରମଣ ଘଟଣାକୁ ସିପିଆଇ(ଏମ୍) ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି।

ସିପିଆଇ(ଏମ୍) ରାଜ୍ୟ କମିଟିର ମତ ହେଉଛି ଯେ, ରାଜ୍ୟରେ ଦିନକୁ ଦିନ ରାଜନୈତିକ ହିଂସା, ଗୁଣ୍ଡାରାଜ ଓ ଅସହିଷ୍ଣୁତା ବୃଦ୍ଧି ପାଉଥିବାରୁ ସାଧାରଣ ଲୋକଙ୍କ ସୁରକ୍ଷା ଓ ଗଣତାନ୍ତ୍ରିକ ଅଧିକାର ଗଭୀର ସଙ୍କଟରେ ପଡ଼ିଛି। ଯଦି ଜଣେ ବିଧାୟକ ସୁରକ୍ଷିତ ନୁହନ୍ତି, ତେବେ ସାଧାରଣ ଜନତାଙ୍କ ସୁରକ୍ଷା କିପରି ସୁନିଶ୍ଚିତ ହେବ ଏହି ପ୍ରଶ୍ନ ଆଜି ସମଗ୍ର ରାଜ୍ୟବାସୀଙ୍କ ମନରେ ଉଠିଛି। ଗଣତାନ୍ତ୍ରିକ ବ୍ୟବସ୍ଥାରେ ଜନସାଧାରଣଙ୍କ ଦ୍ୱାରା ନିର୍ବାଚିତ ଜଣେ ବିଧାୟକ ନିଜ ସାମ୍ବିଧାନିକ ଓ ପ୍ରଶାସନିକ ଦାୟିତ୍ୱ ପାଳନ କରିବାକୁ ଯାଉଥିବା ବେଳେ ଯଦି ରାଜରାସ୍ତାରେ ଗୁଣ୍ଡା ଆକ୍ରମଣର ଶିକାର ହେଉଛନ୍ତି, ତେବେ ଏହା ରାଜ୍ୟର ଭୟଙ୍କର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିକୁ ସ୍ପଷ୍ଟ କରୁଛି। ଏହି ପ୍ରକାର ଘଟଣା କେବଳ ଜଣେ ବ୍ୟକ୍ତି ବିରୋଧୀ ଆକ୍ରମଣ ନୁହେଁ; ବରଂ ଗଣତନ୍ତ୍ର, ସାମ୍ବିଧାନିକ ମୂଲ୍ୟବୋଧ ଓ ଜନମତ ଉପରେ ଏକ ସଂଗଠିତ ଆକ୍ରମଣ।

ସିପିଆଇ(ଏମ୍) ଓଡ଼ିଶା ରାଜ୍ୟ କମିଟି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏହି ଘଟଣାରେ ତୁରନ୍ତ ହସ୍ତକ୍ଷେପ କରି ଅଭିଯୁକ୍ତ ଦୁର୍ବୃତ୍ତମାନଙ୍କୁ ଅବିଳମ୍ବ ଗିରଫ କରିବା ଓ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ରାଜ୍ୟରେ ଆଇନଶୃଙ୍ଖଳା ପୁନଃସ୍ଥାପନ ପାଇଁ ଦୃଢ଼ ପଦକ୍ଷେପ ନେବାକୁ ଦାବି କରୁଛି। ଗଣତାନ୍ତ୍ରିକ ଅଧିକାର ଓ ରାଜନୈତିକ ସହିଷ୍ଣୁତାର ସୁରକ୍ଷା ପାଇଁ ସମସ୍ତ ଗଣତାନ୍ତ୍ରିକ ଶକ୍ତି ଓ ସଚେତନ ନାଗରିକମାନଙ୍କୁ ଏକତ୍ର ହେବାକୁ ସିପିଆଇ(ଏମ୍) ଆହ୍ୱାନ ଦେଇଛି।

ଅଘୋଷିତ ବିଦ୍ୟୁତ୍ କାଟ୍ ପାଇଁ ତାତିଲେ ଲୋକେ

# ୩ ଘଣ୍ଟା ଧରି ଜାତୀୟ ରାଜପଥ ଅଚଳ

ରାଇରଙ୍ଗପୁର, ୨୩।୫(ସମିସ): ପ୍ରଚଣ୍ଡ ରୌଦ୍ରତାପରେ ଜିଲ୍ଲାବ୍ୟାପୀ ଲୋକେ ଗରମରେ ସିଝୁଛନ୍ତି। ଇତିମଧ୍ୟରେ ଅଘୋଷିତ ବିଦ୍ୟୁତ କାଟ୍ ମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଲୋକେ ଗୁଳୁଗୁଳିରେ ଆଉଟୁପାଉଟୁ ହେଉଥିବାବେଳେ ବିଦ୍ୟୁତ କାଟ୍ ଯନ୍ତ୍ରଣାକୁ ଦ୍ୱିଗୁଣିତ କରୁଛି। ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିବାବେଳେ ଜାତୀୟ ରାଜପଥ ଅବରୋଧ କରିଛନ୍ତି। ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ଭାଲୁବସା ଗ୍ରାମବାସୀ ଶନିବାର ପୂର୍ବାହ୍ନରେ ୨୨୦ନଂ ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ଫଳରେ ୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିବା ଜଣାପଡ଼ିଛି।

ପ୍ରବଳ ଗରମ ଓ ଗୁଳୁଗୁଳିରେ ଟାଟା ପାୱାର ମନମାନି କରି ବାରମ୍ବାର ଅଘୋଷିତ ବିଦ୍ୟୁତ କାଟ କରୁଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ ଖୁଲମଖୁଲା ଭାବେ ଅବମାନନା କରାଯାଉଥିବା ଦେଖିବାକୁ ମିଳିଛି। ବିଦ୍ୟୁତ କାଟ ନେଇ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ଟାଟା ପାୱାର ଅଧିକାରୀ ସମସ୍ୟାର ସମାଧାନ କଲେନାହିଁ। ଯାହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହ ରାସ୍ତା ଅବରୋଧ କରାଯାଇଥିଲା। ଜାତୀୟ ରାଜପଥ ଅବରୋଧ ଯୋଗୁଁ ଉଭୟ ପାର୍ଶ୍ୱରେ ଶହ ଶହ



ଗାଡ଼ି ଅଟକି ରହିଥିଲେ। ଘଟଣାସ୍ଥଳରେ ପୁଲିସ ଅଧିକାରୀ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଦୀର୍ଘ ଦୁଇ ମାସ ହେବ ଭାଲୁବସା ଗ୍ରାମରେ ଲୋ-ଭଲଟେଜ୍ ଓ ଅଘୋଷିତ ବିଦ୍ୟୁତ କାଟ ଜାରି ରହିଛି। ଏହାର ସମାଧାନ ପାଇଁ ଗ୍ରାମବାସୀ ଜିଦ୍‌ରେ ଅଟଳ ରହିଥିଲେ। ବିଦ୍ୟୁତ ବିଭାଗର ଅଧିକାରୀ ଆସି ଆଲୋଚନା ନ କଲେ ଅନିର୍ଦ୍ଦିଷ୍ଟ କାଳ ପାଇଁ ରାଜରାସ୍ତା ବନ୍ଦ ରହିବ ବୋଲି ଚେତାବନୀ ଦେଇଥିଲେ। ପ୍ରଚଣ୍ଡ ଗରମରେ ଦୀର୍ଘ ୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଜାତୀୟ ରାଜପଥ ଅବରୋଧ ପରେ ଅଧିକାରୀ ପହଞ୍ଚି ଆଲୋଚନା କରିଥିଲେ। ତେବେ ଆଜିଠାରୁ ଗ୍ରାମରେ ନୂତନ ଭାବେ ବିଦ୍ୟୁତ ସଂଯୋଗ କାର୍ଯ୍ୟ ଆରମ୍ଭ କରିବା ନେଇ ଟାଟା ପାୱାର ପ୍ରତିଶ୍ରୁତି ଦେବାରୁ ରାସ୍ତା ଅବରୋଧ ହଟିଥିଲା। ଆଗକୁ ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି।

# ନାବାଳିକାଙ୍କୁ ଅପହରଣ କରି ଦୁଷ୍କର୍ମ

ରାଉରକେଲା, ୨୩।୫ (ସମିସ): ରାଜ୍ୟରେ ଦୁଷ୍କର୍ମ, ଅସଦାଚରଣ ଭଳି ନାରୀବିରୋଧୀ ଅପରାଧ ବୃଦ୍ଧି ପାଉଥିବାବେଳେ ରାଉରକେଲାରୁ ପୁଣି ଏକ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ଜଣେ ନାବାଳିକାକୁ ଅପହରଣ କରି ଦୁଷ୍କର୍ମ କରାଯାଇଛି। ଏହାସହ ନାବାଳିକାର ଆପତ୍ତିଜନକ ଫଟୋକୁ ଅଭିଯୁକ୍ତ ସାମାଜିକ ଗଣମାଧ୍ୟମ ଇନ୍‌ଷ୍ଟାଗ୍ରାମରେ ଭାଇରାଲ୍ କରିଛି। ରାଉରକେଲା ଟାଉନ୍ ଥାନା ଅଞ୍ଚଳରେ ଏହି ଘଟଣା ଘଟିଛି। ଏହି ଘଟଣାରେ ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି।

**ଇନ୍‌ଷ୍ଟାଗ୍ରାମ୍‌ରେ ଫଟୋ ଭାଇରାଲ**

ସୂଚନାନୁସାରେ, ଟାଉନ ଥାନା ଅଞ୍ଚଳର ଜଣେ ଛାତ୍ରୀ ୨ ମାସ ତଳେ ମାଟ୍ରିକ୍ ପରୀକ୍ଷା ଦେଇ ନିଜ ପିଉସୀ ଘରକୁ ଫେରୁଥିବାବେଳେ ରାସ୍ତାରୁ ତା'ର ଜଣେ ପୂର୍ବ ପରିଚିତ ବନ୍ଧୁ ତାକୁ ଅପହରଣ କରିନେଇଥିଲା। କୌଣସି ଏକ ସ୍ଥାନରେ ସେ ନାବାଳିକାକୁ ଦୁଷ୍କର୍ମ କରିବା ସହ ନାବାଳିକାଙ୍କ ଆପତ୍ତିଜନକ ଫଟୋ ଉଠାଇ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରିଥିଲେ। ଗତକାଲି ଛାତ୍ରୀଙ୍କ ପରିବାରଲୋକ ଏ ସଂପର୍କରେ ଜାଣିବା ପରେ ଶନିବାର ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏନେଇ ଅପହରଣ ଓ ଦୁଷ୍କର୍ମ ମାମଲା ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିବା ସହ ଅଭିଯୁକ୍ତ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ହିତାଧିକାରୀଙ୍କୁ ଅତିରିକ୍ତ ୫କେଜି ଚାଉଳ ବଣ୍ଟନ ପ୍ରସଙ୍ଗ

# ବାହାରୁନି ଚୂଡ଼ାନ୍ତ ତାରିଖ, ନଷ୍ଟ ହେବ ୩ ମାସର ଚାଉଳ

ଭଦ୍ରକ,୨୩।୫(ସମିସ): ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍‌ଏଫ୍‌ଏସ୍‌ଏ) ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା (ଏସ୍‌ଏଫଏସ୍‌ଏସ୍)ର ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା (ଏମ୍‌ଏପିୱାଇ)ରେ ସେମାନଙ୍କ କୋଟାରେ ଅତିରିକ୍ତ ୫ କେଜି ଚାଉଳ ପାଇବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଥିଲେ। ଏହାଦ୍ୱାରା ରାଜ୍ୟର ଖାଦ୍ୟ ସୁରକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ରୂପେ ସୁଦୃଢ଼ ହୋଇଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଏହି ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ଅତିରିକ୍ତ ୫ କେଜି ଚାଉଳ ପ୍ରତି ହିତାଧିକାରୀଙ୍କୁ ପ୍ରଦାନ କରିବାକୁ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଗତ ୯.୪.୨୬ତାରିଖରେ ଚିଠି ନମ୍ବର-୬୦୯୨ରେ ଭଦ୍ରକ ଜିଲ୍ଲାକୁ ଆଲଟମେଣ୍ଟ ବାବଦକୁ ଚାଉଳ ଯୋଗାଇ ଦିଆଗଲା। ଜିଲ୍ଲାକୁ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ବାବଦକୁ ଗତ ଅପ୍ରେଲ, ମଇ ଓ ଜୁନ୍ ମାସ ର ୩ମାସ ପାଇଁ ୧ଲକ୍ଷ ୭୮ହଜାର ୧୭୯.୧୫କେଜି ଚାଉଳ ମିଳିଥିଲା। ଆଉ ଜିଲ୍ଲା ଯୋଗାଣ ବିଭାଗ ଜିଲ୍ଲାର ମୋଟ ୪୪୫ଟି ରିଟେଲ ସେଣ୍ଟର ମଧ୍ୟରୁ ୪୩୩ ସେଣ୍ଟରକୁ ଉପରୋକ୍ତ ପରିମାଣର ଚାଉଳ ଗତ ମାସେ ୧୩ ଦିନ ତଳୁ ପଠାଇ ସାରିଛନ୍ତି। ହେଲେ ଏହି ଚାଉଳ ଅଦ୍ୟାବଧି ବଣ୍ଟନ ହୋଇପାରିନି। ଫଳରେ ହିତାଧିକାରୀମାନଙ୍କ ମଧ୍ୟରେ ଅତିରିକ୍ତ ଚାଉଳ ପାଇବାକୁ ବ୍ୟାକୁଳତା ବଢ଼ିବାରେ ଲାଗିଛି। ଅନ୍ୟପକ୍ଷରେ ଜିଲ୍ଲାରେ ମାସେରୁ ଅଧିକ ଦିନ ହେବ ଅତିରିକ୍ତ



ଚାଉଳ କୋଟା ପାଇଥିବା ରିଟେଲରମାନେ ଏହାକୁ ବଣ୍ଟନ କରିବାକୁ ଆଦେଶ ନପାଇ ଚାଉଳକୁ ମହଜୁଦ ରଖି ଏବେ ଅଡୁଆରେ ପଡ଼ିଛନ୍ତି। ଗଚ୍ଛିତ ଚାଉଳରେ ପୋକ ହେବା ସହ ନଷ୍ଟ ହେବାକୁ ନେଇ ରିଟେଲରମାନଙ୍କ ମଧ୍ୟରେ ଭାଳେଣି ପଡିଛି। ସୂଚନାନୁଯାୟୀ, ଜିଲ୍ଲାକୁ ମାସିକ ୬୫ହଜାର ୬୫୭୧କ୍ୱିଂଟାଲ ଚାଉଳ ଖାଦ୍ୟ ସୁରକ୍ଷା ଯୋଜନା ହିତାଧିକାରୀଙ୍କ ଲାଗି ମିଳୁଛି।

ଜିଲ୍ଲାରେ ପିଏଚ୍‌ଏସ୍ କାର୍ଡଧାରୀଙ୍କ ସଂଖ୍ୟା୨୯୯୩୦୬ ଥିବା ବେଳେ ହିତାଧିକାରୀଙ୍କ ସଂଖ୍ୟା ୧୦୨୨୭୬୪, ଅର୍ନ୍ତ୍ୟପୂର୍ଣ୍ଣା ଯୋଜାନାରେ ୪୫୧୫୬ଟି କାର୍ଡ ଥିବା ବେଳେ ହିତାଧିକାରୀଙ୍କ ସଂଖ୍ୟା ୧୨୮୪୨୭ ଓ ଏସଏଫଏସଏସ କାର୍ଡ ସଂଖ୍ୟା ୧୯୧୩୧ଥିବା ବେଳେ ୩୬୬୭୦ହିତାଧିକାରୀ ଚାଉଳ ନେଉଛନ୍ତି। ତେବେ ଜିଲ୍ଲାକୁ ମାସେ ୧୩ଦିନ ହେବ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ମହଜୁଦ ରହିଥିବା ୧ଲକ୍ଷ ୭୮ହଜାର ୧୭୯.୧୫କେଜି ଚାଉଳ ରିଟେଲ ସେଂଟରରେ ରହିଥିବା ବେଳେ ଏହା ବଣ୍ଟନ କାହିଁକି ହେଉନି ବୋଲି ଅତିରିକ୍ତ ଜିଲ୍ଲା ଯୋଗାଣାଧିକାରୀ ଅସିତ ମହାନ୍ତିଙ୍କୁ ପଚାରିବାରୁ ସେ, ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ରାଜ୍ୟସ୍ତରୀୟ ଶୁଭାରମ୍ଭର ତାରିଖ ଧାର୍ଯ୍ୟ ହୋଇନଥିବାରୁ ଏହି ଚାଉଳ ବଣ୍ଟନ ଲାଗି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶନାମା ଆସିନି। ଆସିଲେ ଏହା ବଣ୍ଟନ ହେବ ବୋଲି ସେ କହିଛନ୍ତି। ତେବେ ଅଧିକ ଦିନ ଚାଉଳ ମହଜୁଦ ରହିଲେ ଏହା ନଷ୍ଟ ହେବାର ଯଥେଷ୍ଟ ସମ୍ଭାବନା ଥିବାରୁ ରିଟେଲରମାନେ ବିବ୍ରତ ହୋଇପଡ଼ିଥିବା ବେଳେ ହିତାଧିକାରୀଙ୍କ ମଧ୍ୟରେ ଅତିରିକ୍ତ ଚାଉଳ ପାଇବାକୁ ବ୍ୟାକୁଳତା ବଢ଼ିବାରେ ଲାଗିଛି।

# ମାଛକୁଣ୍ଡ ଜଳ ବିଦ୍ୟୁତ୍ ପ୍ରକଳ୍ପରେ ଭୟାବହ ଅଗ୍ନିକାଣ୍ଡ

ଲମତାପୁଟ, ୨୩।୫ (ସମିସ): କୋରାପୁଟ ଜିଲ୍ଲା ଲମତାପୁଟ ବ୍ଲକ ଅନାକାଡେଲି ପଞ୍ଚାୟତସ୍ଥିତ ମାଛକୁଣ୍ଡ ଜଳ ବିଦ୍ୟୁତ୍ ପ୍ରକଳ୍ପରେ ଆଜି ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରୁ କର୍ମଚାରୀ ଓ ଅଧିକାରୀମାନେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ପ୍ରକଳ୍ପରୁ ୧୧୯ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ ଜାରି ରହିଥିବା ବେଳେ ଦିନ ୧୧ଟାରେ ପାୱାର୍ ଲୋଡ୍ ରହିଥିଲା। ପ୍ରକଳ୍ପରୁ ବିଦ୍ୟୁତ୍ ଟ୍ରିପ୍ ହୋଇ ଅଚାନକ ନିଆଁ ଲାଗିଥିବା ଅନୁମାନ କରାଯାଉଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ପ୍ରକଳ୍ପ ଅଧିକାରୀ ସୂଚନା ଦେଇଛନ୍ତି। ନିଆଁ ଲିଭାଇବା ପରେ ଉପରିସ୍ଥ ଟେକ୍ନିକାଲ ଟିମ୍ ଆସି ତଦନ୍ତ କରିବା ପରେ ଅଗ୍ନିକାଣ୍ଡର କାରଣ ଜଣାପଡିବ ବୋଲି ସେ କହିଛନ୍ତି।

ସୂଚନାନୁଯାୟୀ, ଆଜି ଦିନ ସାଢ଼େ ୧୧ଟାରୁ ୧୨ଟା ମଧ୍ୟରେ ପ୍ରକଳ୍ପରେ ବିଦ୍ୟୁତ ଟ୍ରିପ୍ ହୋଇ ହଠାତ୍ ନିଆଁ ପ୍ରକଳ୍ପ କେବୁଲଗୁଡ଼ିକୁ ବ୍ୟାପି ଯାଇଥିଲା। ପ୍ରକଳ୍ପ ଭିତରେ ଭୟାବହ ଅଗ୍ନିକାଣ୍ଡ ଦେଖି ପ୍ରକଳ୍ପ କର୍ମଚାରୀ ବାହାରକୁ ଚାଲି ଆସିଥିଲେ। ଟରବାଇନ୍ ଫ୍ଲୋର୍‌ରେ କିଛି କର୍ମଚାରୀ ଏବଂ ପ୍ରକଳ୍ପ ଅଧିକାରୀ ଫସି ରହିଥିଲେ। ବାହାରେ ଥିବା କିଛି ସୁରକ୍ଷା କର୍ମଚାରୀ ନିଜ ଜୀବନକୁ ବାଜି ଲଗାଇ ସହଯୋଗୀ କର୍ମଚାରୀଙ୍କୁ ବାହାରକୁ ବାହାର କରିବାରେ ସକ୍ଷମ ହୋଇଥିଲେ। ଅଣନିଃଶ୍ୱାସୀ ହୋଇଯାଇଥିବା କିଛି କର୍ମଚାରୀଙ୍କୁ ଚିକିତ୍ସା ପାଇଁ ପଠାଯାଇଥିଲା। ପ୍ରକଳ୍ପରେ ନିଆଁକୁ ଆୟତ୍ତ କରିବା ପାଇଁ ଲମତାପୁଟ ଏବଂ ନନ୍ଦପୁର ଅଗ୍ନିଶମ ବାହିନୀର ଦୁଇଟି ଦମକଳ ୩ ଘଣ୍ଟା ଧରି ଅକ୍ଳାନ୍ତ ପରିଶ୍ରମ କରି ନିଆଁକୁ ଆୟତ୍ତ କରିଥିଲେ।

ସୂଚନାଯୋଗ୍ୟ, ୭୦ବର୍ଷର ଏହି ପ୍ରକଳ୍ପ ବହୁ ପୁରୁଣା।



ନବୀକରଣ ଏବଂ ଅତ୍ୟାଧୁନିକ ଟରବାଇନ୍ ବସାଇବା ପାଇଁ ଆନ୍ଧ୍ର ଓ ଓଡ଼ିଶା ସରକାରଙ୍କ ମଧ୍ୟରେ ଚୁକ୍ତି ସରିଥିବା ବେଳେ ଆଜି ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇପାରିନାହିଁ। ଫଳରେ ଏଭଳି ଘଟଣା ଘଟୁଥିବା ଅଭିଯୋଗ ହୋଇଛି। ପୂର୍ବରୁ ମଧ୍ୟ ୨୦୦୭ ମସିହା ଦୀପାବଳି ରାତିରେ ସମାନ ଭାବେ ଅଗ୍ନିକାଣ୍ଡ ଘଟିଥିଲା। ଏଭଳି ଘଟଣା ବାରମ୍ବାର ଘଟୁଥିବାରୁ ଏହାର ସ୍ଥାୟୀ ସମାଧାନ ଏବେ ଜରୁରୀ ହୋଇପଡ଼ିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ଉପେକ୍ଷିତ ପରିକ୍ରମା ମାର୍ଗ

# ମଠ ଦ୍ୱାରରେ ଗଡୁଛି ଭଗ୍ନ ସିଂହମୂର୍ତ୍ତି

ପୁରୀ, ୨୩।୫ (ସମିସ): କୋଟିକୋଟି ଟଙ୍କା ବ୍ୟୟରେ ନିର୍ମିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଆଜି ରକ୍ଷଣାବେକ୍ଷଣ ଅଭାବରୁ ଶ୍ରୀହୀନ ହୋଇପଡ଼ିଛି। ଭକ୍ତଙ୍କ ସୁବିଧା, ଶ୍ରୀମନ୍ଦିରର ସୁରକ୍ଷା ଏବଂ ସୌନ୍ଦର୍ଯ୍ୟକରଣ ପାଇଁ ଉଦ୍ଦିଷ୍ଟ ପରିକ୍ରମା ମାର୍ଗ ପ୍ରତି ସରକାର ଓ ପ୍ରଶାସନ ଅବହେଳା କରୁଛନ୍ତି। ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ପରିସରରେ କରାଯାଇଥିବା ବିଭିନ୍ନ ଭିତ୍ତିଭୂମିର ଉପଯୁକ୍ତ ରକ୍ଷଣାବେକ୍ଷଣ ହେଉନଥିବାରୁ ଅସନ୍ତୋଷ ଦେଖାଦେଉଛି। ବିଶେଷକରି ପ୍ରକଳ୍ପ ପରିସର ଠିକ୍ ଭାବେ ସଫେଇ ହେଉନାହିଁ। ସେହିପରି ଭଙ୍ଗାମୂର୍ତ୍ତିର ଦୃଶ୍ୟ ଶ୍ରଦ୍ଧାଳୁଙ୍କ ଭାବାବେଗକୁ ଆଘାତ ଦେଇଛି।

ସଦ୍ୟତମ ଘଟଣା ହେଉଛି ପରିକ୍ରମା ମାର୍ଗ ପରିସର ଶ୍ରୀ ନୃସିଂହ ଚାରି ମଠର ଦୃଶ୍ୟ। ମଠ ଦ୍ୱାରରେ ଦଣ୍ଡାୟମାନ ଦୁଇ ସିଂହ ମୂର୍ତ୍ତି ମଧ୍ୟରୁ ଗୋଟିଏ ଭାଙ୍ଗି ଯାଇ ଦୁଆର ମୁହଁରେ ପଡ଼ି ଗଡୁଛି। ଦିନଦିନ ଧରି ଏହି ମୂର୍ତ୍ତି ସେମିତି ପଡ଼ି ରହିଥିଲେ ବି ଏହାକୁ ଉଠାଇବାକୁ ବା ମରାମତି କରିବାକୁ କେହି ଆଗେଇ ଆସୁନାହାନ୍ତି। ମଠ ପରମ୍ପରାରେ ଏହି ସିଂହଙ୍କୁ ଦ୍ୱାରପାଳ ଭାବେ ବିବେଚନା କରାଯାଏ। ଏପରି ଅବସ୍ଥାରେ ମୂର୍ତ୍ତି ପଡ଼ି ରହିବା ଭକ୍ତଙ୍କ ପାଇଁ ଅଶୁଭ ଓ ବେଦନାଦାୟକ। ଏହା ପ୍ରଥମ ଘଟଣା ନୁହେଁ। ବିଗତ ଦିନରେ ପରିକ୍ରମା ମାର୍ଗ ପରିସରରେ ନିଶାଡିଙ୍କ ଉତ୍ପାତ ଦେଖିବାକୁ ମିଳିଛି। ମାତ୍ର କିଛି ଦିନ ତଳେ ଉତ୍ତରଦ୍ୱାର ପାର୍ଶ୍ୱ ମେଘନାଦ ପାଚେରୀ କଡ଼ରେ ଆବର୍ଜନା ଗଦା ଦେଖିବାକୁ ମିଳିଥିଲା। ପାଚେରୀକୁ ଲାଗି ରହିଥିବା ଉଦ୍ୟାନ ଭିତରେ ଖାଲି ପାଣି ବୋତଲ, ଜୁସ୍ ପ୍ୟାକେଟ୍, ପଲିଥିନ୍ ଓ ଭକ୍ତଙ୍କ ଦ୍ୱାରା ପକାଯାଇଥିବା ପୂଜା ସାମଗ୍ରୀ ଇତସ୍ତତଃ ପଡ଼ି ରହିଥିଲା। ବିଶ୍ୱପ୍ରସିଦ୍ଧ ଶ୍ରୀମନ୍ଦିର ଚାରିପଟେ ଏପରି ଦୃଶ୍ୟ ସାରା ଦେଶରୁ ଆସୁଥିବା ଶ୍ରଦ୍ଧାଳୁଙ୍କ ମନରେ ଖରାପ ଛାପ ପକାଉଛି।

ଏତେ ଟଙ୍କା ଖର୍ଚ୍ଚ କରାଯାଇ ପରିକ୍ରମା ପ୍ରକଳ୍ପ ହୋଇଛି। ହେଲେ ଉପଯୁକ୍ତ ରକ୍ଷଣାବେକ୍ଷଣ ନ ହେବା ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି କୋଲକାତାରୁ ଆସିଥିବା ଭକ୍ତ ରାଜେଶ ଦତ୍ତ। ମହାପ୍ରଭୁଙ୍କ ବେଢ଼ାରେ ଭଙ୍ଗା ମୂର୍ତ୍ତି, ଆବର୍ଜନା ଦେଖି ମନ ବହୁତ ଦୁଃଖ ହେଲା। ମନ୍ଦିର ପ୍ରଶାସନ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବା ଦରକାର ବୋଲି ଶ୍ରୀ ଦତ୍ତ କହିଛନ୍ତି।

ସ୍ଥାନୀୟ ଭକ୍ତ ମହେଶ୍ୱର ବେହେରା କହିଛନ୍ତି,



'ପରିକ୍ରମା ମାର୍ଗ ମନକୁ ଆସିଲେ ସମସ୍ତଙ୍କ ଭିତରେ ଗଭୀର ଭକ୍ତି ଓ ବିଶ୍ୱାସ ଚାଲିଆସେ। ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ପରିକ୍ରମା କରିବା ଭାଗ୍ୟରେ ଥିଲେ ମିଳେ। ହେଲେ ଏହା ପରିସର ଯେଉଁଭଳି ରହିବା କଥା, ସେଭଳି ରହୁନଥିବା ବିଭିନ୍ନ ସମୟରେ ଦେଖିବାକୁ ମିଳୁଛି। ଏଥିପ୍ରତି ମନ୍ଦିର ପ୍ରଶାସନ ନଜର ଦେବା କଥା।

ଅନ୍ୟପକ୍ଷରେ ଭଙ୍ଗା ସିଂହ ମୂର୍ତ୍ତିକୁ ନେଇ ଏବେ ପ୍ରଶ୍ନ ଉଠିଛି। ଏହାର ମରାମତି କରାଯିବ ନା ନୂଆ ମୂର୍ତ୍ତି ସ୍ଥାପନ ହେବ? ସବୁଠୁ ବଡ଼ ପ୍ରଶ୍ନ, ଏହାର ଦାୟିତ୍ୱ କାହାର? ମଠ କର୍ତ୍ତୃପକ୍ଷଙ୍କର, ଶ୍ରୀମନ୍ଦିର ପ୍ରଶାସନର ନା ପରିକ୍ରମା ପ୍ରକଳ୍ପର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଠିକା କମ୍ପାନୀର? ଏହି ପ୍ରସଙ୍ଗରେ ଆମ୍ ଆଦ୍‌ମୀ ପାର୍ଟି ଉଦ୍‌ବେଗ ପ୍ରକାଶ କରିଛି। ଆପ୍ ଜିଲ୍ଲା ସଭାପତି ସଞ୍ଜୀବ ମହାନ୍ତି କହିଛନ୍ତି, 'ପରିକ୍ରମା ପ୍ରକଳ୍ପର ରକ୍ଷଣାବେକ୍ଷଣ ଯେଉଁପରି ହେବା କଥା, ହେଉନାହିଁ। ପୂର୍ବ ସରକାର ଶ୍ରୀମନ୍ଦିରର ସୁରକ୍ଷା, ସୌନ୍ଦର୍ଯ୍ୟକରଣ ଏବଂ ଭକ୍ତଙ୍କ ସୁବିଧା ପାଇଁ ଏହାକୁ ତିଆରି କରିଥିଲେ। ଏହାକୁ ଏଭଳି ଅଣଦେଖା କରାଯିବା କଥା ନୁହେଁ। ଏଥିପାଇଁ ଦାୟୀ କିଏ, ତାହା ସ୍ପଷ୍ଟ ହେବା ଦରକାର। ଅନ୍ୟପକ୍ଷରେ, କୋଟିକୋଟି ଓଡ଼ିଆଙ୍କ ଭାବାବେଗ ସହ ଜଡ଼ିତ ଏହି ପ୍ରକଳ୍ପର ସୁରକ୍ଷା ଓ ସ୍ୱଚ୍ଛତା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଭକ୍ତ ଓ ସାଧାରଣ ଜନତା ଦାବି କରିଛନ୍ତି।

## ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ଭକ୍ତଙ୍କ ଭିଡ଼

# ଆଜିଠୁ ରତ୍ନଭଣ୍ଡାର ଗଣତି ସ୍ଥଗିତ

ପୁରୀ, ୨୩।୫ (ସମିସ): ଶ୍ରୀମନ୍ଦିର ରତ୍ନଭଣ୍ଡାରର ଗଣତି ପ୍ରକ୍ରିୟାକୁ ରବିବାରଠାରୁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନିଆଯାଇଛି। ଜୁନ୍ ମାସରେ ଏହାର ପରବର୍ତ୍ତୀ ପର୍ଯ୍ୟାୟ ଆରମ୍ଭ ହେବ। ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ, ମହାପ୍ରଭୁଙ୍କ ଆଗାମୀ ପର୍ବପର୍ବାଣି ବିଶେଷକରି ସ୍ନାନ ପୂର୍ଣ୍ଣିମା ଓ ଘୋଷଯାତ୍ରାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଥିବା ସୂଚନା ଦେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ।

ମୁଖ୍ୟ ପ୍ରଶାସକ କହିଛନ୍ତି, ରତ୍ନଭଣ୍ଡାର ଗଣତି ପ୍ରକ୍ରିୟା ଆମ ସମସ୍ତଙ୍କ ପାଇଁ ଏକ ଦିବ୍ୟ ଅନୁଭୂତି। ମହାପ୍ରଭୁଙ୍କ ଅଶେଷ କୃପା ଓ ଆଶୀର୍ବାଦରୁ ସମଗ୍ର ପ୍ରକ୍ରିୟା ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଅନୁଯାୟୀ ସୁଚାରୁ ତଥା ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହିତ ଆଗେଇ ଚାଲିଛି। ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଗଜପତି ମହାରାଜାଙ୍କ ମାର୍ଗଦର୍ଶନ, ଉଚ୍ଚସ୍ତରୀୟ ଓ ପରିଚାଳନା କମିଟିର ପରାମର୍ଶକ୍ରମେ ହେଉଛି। ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ, ସାଥୀ ଅଧିକାରୀ ଏବଂ ବିଶେଷକରି ସେବକମାନଙ୍କ ଅକୁଣ୍ଠ ସହଯୋଗ ଯୋଗୁଁ ଏହା ସମ୍ଭବ ହୋଇପାରୁଛି। ବର୍ତ୍ତମାନ ଅସହ୍ୟ ଗ୍ରୀଷ୍ମପ୍ରବାହ ଜାରି ରହିଛି। ଏଥିସହ ଶ୍ରୀମନ୍ଦିରରେ ଦୈନିକ ଭକ୍ତଙ୍କ ଭିଡ଼ ଲାଗି ରହୁଛି। ଆଗକୁ ମହାପ୍ରଭୁଙ୍କ ବିଶେଷ ପର୍ବପର୍ବାଣି ଆସୁଛି। ଏହି ସମୟରେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ନୀତିକାନ୍ତି ଓ ସୁରକ୍ଷା ବ୍ୟବସ୍ଥା ଉପରେ ସମ୍ପୂର୍ଣ୍ଣ ଧ୍ୟାନ ଦେବା ଜରୁରୀ। ଆସନ୍ତା ସପ୍ତାହରୁ ଛତିଶାନିଯୋଗ ଓ ଶ୍ରୀମନ୍ଦିର ପରିଚାଳନା କମିଟି ତଥା ଏହାର ସବ୍-କମିଟିଗୁଡ଼ିକର ବୈଠକ କ୍ରମାଗତ ଭାବେ ଆୟୋଜିତ ହେବ। ତେଣୁ ରବିବାରଠାରୁ ଏହି ପର୍ଯ୍ୟାୟର ରତ୍ନଭଣ୍ଡାର ଗଣତି କାର୍ଯ୍ୟକୁ ସ୍ଥଗିତ ରଖାଯାଇ ଜୁନ୍‌ରେ ପୁନର୍ବାର ଆରମ୍ଭ କରାଯିବାକୁ ସ୍ଥିର ହୋଇଛି ବୋଲି ମୁଖ୍ୟ ପ୍ରଶାସକ ଡ. ପାଢ଼ୀ ସୂଚନା ଦେଇଛନ୍ତି।

■ ବାପା ମୁଣ୍ଡରେ ବନ୍ଧୁକ, ପୁଅ ବେକରେ ଛୁରି

# ଲୁଟିନେଲେ ନଗଦ ୨୫ ଲକ୍ଷ, ସୁନା ଅଳଙ୍କାର

ଭଦ୍ରକ, ୨୩।୫(ସମିସ): ବାପାଙ୍କ ମୁଣ୍ଡରେ ବନ୍ଧୁକ ଓ ପୁଅ(ନାବାଳକ) ବେକରେ ଛୁରି ଲଗାଇ ଦୁର୍ବୃତ୍ତମାନେ ଲୁଟି ନେଇଛନ୍ତି ନଗଦ ୨୫ଲକ୍ଷ ଟଙ୍କା ଓ ସୁନା ଅଳଙ୍କାର। ଏଭଳି ଏକ ବଡ଼ଧରଣର ଡକାୟତି ଘଟିଛି ଭଦ୍ରକ ଗ୍ରାମାଞ୍ଚଳ ଥାନା ଆମ୍ବରୋଳି ପଞ୍ଚାୟତ ତଳାଙ୍ଗ



ଗାଁରେ। ଏହି ଗାଁର ଗଙ୍ଗାଧର ମଲିକ ନାମକ ଜଣେ ଜର୍ଦ୍ଦା ବ୍ୟବସାୟୀ ଚରମ୍ପା କେନାଲ ରୋଡ୍‌ରେ ଘର କରି ରହିଛନ୍ତି। ଶୁକ୍ରବାର ରାତି ପ୍ରାୟ ୯ଟା ୪୦ରେ ଗଙ୍ଗାଧର ଓ ତାଙ୍କ ପରିବାର ଘର ବାରଣ୍ଡାରେ ବସି ଖାଉଥିଲେ। ସେହି ସମୟରେ ୮ରୁ ୯ ଜଣ ଲୁଟେରା ତାଙ୍କ ଘରେ ପଶି ଗଙ୍ଗାଧରଙ୍କ ମୁଣ୍ଡରେ ବନ୍ଧୁକ ଓ ତାଙ୍କ ପୁଅ ବେକରେ ଛୁରି ଲଗାଇ ଭୟଭୀତ କରି ଘର ଭିତରକୁ ନେଇଥିଲେ। ବାପ-ପୁଅଙ୍କ ସମେତ ଗଙ୍ଗାଧରଙ୍କ ସ୍ତ୍ରୀ ତପସ୍ୱିନୀ ମଲିକଙ୍କୁ ଗୋଟିଏ ଘରେ ଅଟକ ରଖିଥିଲେ। ପରେ ତାଙ୍କ ଘର ଆଲମିରାରେ ଜମି କିଣିବା ପାଇଁ ରଖିଥିବା ନଗଦ ୨୫ଲକ୍ଷ ଟଙ୍କା ଓ ସୁନା ଅଳଙ୍କାର ନେଇ ବାହାର ପଟୁ କବାଟ ବନ୍ଦ କରି ପଳାଇ ଯାଇଥିଲେ। ସକାଳେ ବାହାର ଲୋକଙ୍କୁ ଡାକିବା ପରେ ସେମାନେ କବାଟ ଖୋଲିଥିଲେ। ଖବର ପାଇ ଭଦ୍ରକ ଗ୍ରାମାଞ୍ଚଳ ଥାନା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଆଜି ପୂର୍ବାହ୍ନରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛି। ତେବେ ଏହି ଡକାୟତମାନେ ଓଡ଼ିଆ କି ଅଣଓଡ଼ିଆ ଗ୍ୟାଙ୍ଗର, ସେନେଇ ତନାଘନା ଚାଲିଛି।

# ପୁଅର ମୃତ୍ୟୁ ଖବର ଶୁଣି ଜୀବନ ହାରିଲେ ବାପା

## ଅନ୍ୟକୁ ବଞ୍ଚାଇବାକୁ ଯାଇ ଯୁବକଙ୍କ ପ୍ରାଣ ଚାଲିଗଲା

ଦଶରଥପୁର/କୟାଁଗୋଲା, ୨୩।୫ (ସମିସ): ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ୍ ଅଞ୍ଚଳରେ ଏକ ବଡ଼ଧରଣର ଅଘଟଣ ଘଟିଛି। ପୁଅ ମୃତ୍ୟୁ ଖବର ଶୁଣି ବାପାର ମୃତ୍ୟୁ ଘଟିଛି। ଆତ୍ମହତ୍ୟା ଉଦ୍ୟମ କରିଥିବା ଜଣେ ଯୁବକଙ୍କ ଜୀବନ ବଞ୍ଚାଇବାକୁ ଚେଷ୍ଟା କରିବାକୁ ଯାଇ ପୁଅର ଜୀବନ ଯିବା ଖବର ଶୁଣି ବାପା ଆତ୍ମହତ୍ୟା କରିଛନ୍ତି। ମୃତ ବାପ-ପୁଅ ହେଲେ, ଦଶରଥପୁର ବ୍ଲକ କନିକାପଡ଼ା ପଞ୍ଚାୟତ ମାନସିଂପାଟଣା ଗ୍ରାମର ରସାନନ୍ଦ ପଣ୍ଡା (୬୪) ଓ ତାଙ୍କ ପୁଅ ଷ୍ଟିମର ପଣ୍ଡା ଓରଫ୍ ସିଲୁ (୩୯)।

ସୂଚନାନୁସାରେ, ସିଲୁ ଘର ନିକଟ ମଙ୍ଗଳପୁର ବଜାରରେ ଏକ ଷ୍ଟୁଡିଓ ଦୋକାନ ରହିଛି। ତାଙ୍କୁ ସାହାଯ୍ୟ କରିବାକୁ କେନ୍ଦ୍ରାପଡ଼ା ଅଞ୍ଚଳର ଭିକି ନାମକ ଯୁବକଙ୍କୁ ସେ ଷ୍ଟୁଡିଓରେ ନିଯୁକ୍ତି ଦେଇଥିଲେ। କୌଣସି କାରଣରୁ ଭିକି ଗତକାଲି ସନ୍ଧ୍ୟାରେ ବିଷ ପିଇ ଦେଇଥିଲେ। ସିଲୁ ତାକୁ ମଙ୍ଗଳପୁର ମେଡିକାଲକୁ ନେଇଥିଲେ। ସେଠାରେ ଚିକିତ୍ସା ସମୟରେ ଭିକି ଯନ୍ତ୍ରଣାରେ ଛାଟିପିଟି ହେଉଥିବା ବେଳେ ଭିକି ଅଜାଣତରେ ସିଲୁଙ୍କୁ ଏକ ଶକ୍ତ ଗୋଇଠା ମାରିଥିଲେ। ଯାହା ସିଲୁର ଛାତି ସହିତ ସମ୍ବେଦନଶୀଳ ଅଙ୍ଗରେ ବାଜିଥିଲା। ଫଳରେ ସିଲୁ ଛାତିରେ କଷ୍ଟ ଅନୁଭବ କରି ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରିଆସିଥିଲେ। ଘରେ ବିଶ୍ରାମ ନେଉଥିବା ବେଳେ ଛାତିରେ ପୁନଶ୍ଚ ପ୍ରବଳ ଯନ୍ତ୍ରଣା ଅନୁଭବ କରିଥିଲେ ସିଲୁ। ପରିବାରଲୋକେ ତାଙ୍କୁ ତୁରନ୍ତ ମଙ୍ଗଳପୁର ମେଡିକାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଡାକ୍ତର ତାଙ୍କୁ ଜିଲ୍ଲା ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହି ଖବର ବିଜୁଳି ବେଗରେ ବ୍ୟାପି ଯାଇଥିଲା। ସମସ୍ତେ ଦୁଃଖରେ ମ୍ରିୟମାଣ ହୋଇପଡ଼ିଥିବା ବେଳେ ଆଜି ସକାଳୁ ସିଲୁଙ୍କ ବାପା ରସାନନ୍ଦ ଘରୁ ପଳାଇ ଯାଇ ନିକଟରେ ଥିବା ଏକ ଆମ୍ବ ଗଛରେ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଥିଲେ। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମେଡିକାଲ ପଠାଇବା ସହ ୨ଟି ପୃଥକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।



ଅପରପକ୍ଷେ, ବିଷ ପିଇ ଗୁରୁତର ଭିକି କଟକ ମେଡ଼ିକାଲରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ଜଣାଯାଇଛି। ସେହିପରି ସିଲୁ ଓ ତାଙ୍କ ବାପା ରସାନନ୍ଦଙ୍କ ମୃତ୍ୟୁରେ ମଙ୍ଗଳପୁର ସମେତ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ତାଙ୍କ ମୃତ୍ୟୁକୁ ନେଇ ଆଜି ମଙ୍ଗଳପୁର ବଜାର ବନ୍ଦ ରହିଛି। ଖବର ପାଇ ଯାଜପୁର ବିଧାୟିକା ସୁଜାତା ସାହୁ, ପୂର୍ବତନ ବିଧାୟକ ତଥା ବିଜେଡି ରାଜ୍ୟ ଉପସଭାପତି ପ୍ରଣବ ପ୍ରକାଶ ଦାସ, ବରିଷ୍ଠ ବିଜେଡି ନେତା କର୍ଣ୍ଣାଟ କେଶରୀ ଦାସ, ଜିଲ୍ଲା ବିଜେଡି ସଭାପତି ସରୋଜ ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ମନସ୍ୱିନୀ ଦାସ, ନିନାରାଣୀ ସାମଲ, କନିକାପଡା ସରପଞ୍ଚ ପ୍ରଦୀପ ଯେନା, ପୂର୍ବତନ ସରପଞ୍ଚ ଶିଶିର ଧଳ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି। ଉଭୟଙ୍କ ମରଶରୀରକୁ ଯାଜପୁରସ୍ଥିତ ଦଶାଶ୍ୱମେଧ ଘାଟରେ ଅନ୍ତିମ ସଂସ୍କାର କରାଯାଇଛି।

■ ଇବୋଲା ଉପରେ ସମୀକ୍ଷା ବୈଠକ

# ରାଜ୍ୟର ସମସ୍ତ ବିମାନବନ୍ଦରରେ ସ୍କ୍ରିନିଂ ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର,୨୩।୫(ସମିସ): ଇବୋଲା ଭାଇରସ୍ ସମ୍ଭାବ୍ୟ ସଂକ୍ରମଣ ପ୍ରତିରୋଧ ଓ ପ୍ରସ୍ତୁତି ସମ୍ପର୍କରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ସମୀକ୍ଷା କରିଛନ୍ତି। ରାଜ୍ୟରେ ସତର୍କତାମୂଳକ ପଦକ୍ଷେପ, ଏଥିପାଇଁ ଆବଶ୍ୟକ ସ୍ୱାସ୍ଥ୍ୟ ବ୍ୟବସ୍ଥାର ପ୍ରସ୍ତୁତି ଓ ଆବଶ୍ୟକ ଚିକିତ୍ସା ସୁବିଧା ସମ୍ପର୍କରେ ଏଠାରେ ବିସ୍ତୃତ ଆଲୋଚନା ହୋଇଛି। ସ୍ୱାସ୍ଥ୍ୟ ମନ୍ତ୍ରୀ ରାଜ୍ୟର ସମସ୍ତ ବିମାନବନ୍ଦରରେ ସ୍କ୍ରିନିଂ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ସେ ସନ୍ଦିଗ୍ଧ ରୋଗୀଙ୍କ ଚିହ୍ନଟ, ଆଇସୋଲେସନ୍ ୱାର୍ଡର ପ୍ରସ୍ତୁତି, ଔଷଧ ଓ ସୁରକ୍ଷା ସାମଗ୍ରୀର ଉପଲବ୍ଧତା ଉପରେ ବିଶେଷ ଗୁରୁତ୍ୱ ଦେଇଛନ୍ତି। ବୈଠକରେ ଜନସାଧାରଣଙ୍କ ମଧ୍ୟରେ ଇବୋଲା ଭାଇରସ୍ ସମ୍ପର୍କିତ ସଚେତନତା ବୃଦ୍ଧି, ଭୟ ଓ ଗୁଜବକୁ ଦୂର କରିବା ପାଇଁ ସଠିକ୍ ସୂଚନା ପ୍ରଚାର କରିବାକୁ ମଧ୍ୟ ନିଷ୍ପତ୍ତି ନିଆଯାଇଥିଲା। ସ୍ୱାସ୍ଥ୍ୟ ମନ୍ତ୍ରୀ କହିଥିଲେ ଯେ, ରାଜ୍ୟ ସରକାର ଯେକୌଣସି ସମ୍ଭାବ୍ୟ ସ୍ୱାସ୍ଥ୍ୟ ଜରୁରୀ ପରିସ୍ଥିତିକୁ ସମ୍ମୁଖୀନ କରିବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି ଏବଂ ଲୋକମାନଙ୍କୁ ଅଯଥା ଭୟଭୀତ ନହୋଇ ସଚେତନ ରହିବାକୁ ଅନୁରୋଧ କରିଥିଲେ। ବୈଠକରେ ସ୍ୱାସ୍ଥ୍ୟ ବିଭାଗର କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ, ଏନଏଚଏମ ଏମଡି ଡା. ବୃନ୍ଦା ଡ଼ି, ସ୍ୱତନ୍ତ୍ର ସଚିବ ଡା. ବିଜୟ ମହାପାତ୍ର , ସ୍ୱତନ୍ତ୍ର ସଚିବ ଡା. ନୀଳକଣ୍ଠ ମିଶ୍ର, ଭୁବନେଶ୍ୱର ଏୟାରପୋର୍ଟର ଡିଜିଏମ (ଅପରେସନ) ଉମାକାନ୍ତ ପଟେଲ, ବରିଷ୍ଠ ଅଧିକାରୀ, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପ୍ରମୁଖ ଉପସ୍ଥିତ ଥିଲେ।

# ପୁଣି ନିଶା ନିବାରଣ କେନ୍ଦ୍ରରେ ହତ୍ୟା

## ପିଟିପିଟି ମାରିଦେଲେ; ୨ ଗିରଫ

ଜଗତସିଂହପୁର, ୨୩।୫(ସମିସ): ଜଗତସିଂହପୁର ଜଳସେଚନ ବିଭାଗ କାର୍ଯ୍ୟାଳୟ ପଛ ପାଖରେ ଥିବା ଏକ ନିଶା ନିବାରଣ କେନ୍ଦ୍ରରେ ଜଣେ ୫୭ ବର୍ଷୀୟ ବ୍ୟକ୍ତିଙ୍କର ଅସ୍ୱାଭାବିକ ଭାବେ ମୃତ୍ୟୁ ହୋଇଥିବା ବେଳେ ପରିବାର ପକ୍ଷରୁ ତାଙ୍କୁ ପିଟି ପିଟି ହତ୍ୟା କରାଯାଇଛି ବୋଲି ଅଭିଯୋଗ କରାଯାଇଛି। ସୂଚନାନୁସାରେ, ଜିଲ୍ଲାର ତିର୍ତ୍ତୋଲ ଥାନା ଅନ୍ତର୍ଗତ ନାଗପୁର ଗ୍ରାମର ୫୭ ବର୍ଷୀୟ ଅନିରୁଦ୍ଧ ଲେଙ୍କାଙ୍କୁ ପରିବାର ଲୋକେ ନିଶା ଅଭ୍ୟାସ ଛଡ଼ାଇବା ପାଇଁ ଜଗତସିଂହପୁର ସହରର ଉକ୍ତ ନିଶା ନିବାରଣ କେନ୍ଦ୍ରରେ ୪ଦିନ ପୂର୍ବରୁ ଛାଡ଼ିଥିଲେ। ଗତକାଲି ବିଳମ୍ବିତ ରାତିରେ ଅନିରୁଦ୍ଧଙ୍କୁ ପିଟାପିଟି କରିବା ସହ ନିଶା ନିବାରଣ କେନ୍ଦ୍ରର କର୍ମଚାରୀ ଫୋନରେ ଡାକ୍ତରଙ୍କ ସହିତ ପରାମର୍ଶ କରି ନିଶା ଇଞ୍ଜେକ୍‌ସନ ଦେଇଥିଲେ। କିଛି ସମୟ ପରେ ଅନିରୁଦ୍ଧ ଚେତାଶୂନ୍ୟ ହୋଇଯିବାରୁ ତାଙ୍କୁ ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ଜଣାପଡ଼ିବା



ପରେ ଅନିରୁଦ୍ଧଙ୍କ ପୁଅ ଅବିନାଶ ଲେଙ୍କା ଜଗତସିଂହପୁର ଆସି ସମସ୍ତ ବିଷୟ ବୁଝିବା ପରେ ତାଙ୍କ ପିତାଙ୍କୁ ହତ୍ୟା କରାଯାଇଛି ବୋଲି ସଦର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ପୁଲିସ ଏକ ହତ୍ୟା ମାମଲା ରୁଜୁ କରିବା ସହ ନିଶା ନିବାରଣ କେନ୍ଦ୍ରର ଦୁଇଜଣ କର୍ମଚାରୀଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରିଥିଲା। ପରେ ଦୁଇ ଅଭିଯୁକ୍ତ ଜଗତସିଂହପୁର ସଦର ଥାନା ଅନ୍ତର୍ଗତ କଣ୍ଟାବଲ୍ଲଭପୁର ଗ୍ରାମର ସବୁଜ କୁମାର ସାହୁ ଏବଂ ବାଲିକୁଦା ଥାନା ନାଆଦା ଗ୍ରାମର ବିଭବ ରଞ୍ଜନ ମହାନ୍ତିଙ୍କୁ ଗିରଫ କରାଯାଇଛି ବୋଲି ଆଇଆଇସି ସୁଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି। ସେହିପରି ଅନିରୁଦ୍ଧଙ୍କ ଶବ ବ୍ୟବଚ୍ଛେଦ କରାଯାଇ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଅନିରୁଦ୍ଧଙ୍କ ମୃତ୍ୟୁର ରହସ୍ୟ ଉନ୍ମୋଚିତ ହେବ ବୋଲି ପୁଲିସ ସୂତ୍ରରୁ ସୂଚନା ଦିଆଯାଇଛି।

# ପୁଣି ଅଂଶୁଘାତ ନେଲା ଜୀବନ!



ଖଇରପୁଟ/ମାଥିଲି, ୨୩।୫ (ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବନାଞ୍ଚଳ ଅଧିନର ଗୋବିନ୍ଦପାଲିର କାର୍ଯ୍ୟରତ ପାରା କର୍ମଚାରୀଙ୍କ ଅଂଶୁଘାତରେ ମୃତ୍ୟୁ ହୋଇଥିବା ଅଭିଯୋଗ ଆଣିଛନ୍ତି ପରିବାରଲୋକେ। ଗୋବିନ୍ଦପାଲ୍ଲୀ ପଞ୍ଚାୟତ ଅନ୍ତର୍ଗତ କମଳାପଦର ଗ୍ରାମର ଗୌରାଙ୍ଗ ପୂଜାରୀ ମାଥିଲି ବନାଞ୍ଚଳ ଅଧୀନରେ ଗୋବିନ୍ଦପାଲିଠାରେ ବନ ବିଭାଗର ପାରା କର୍ମଚାରୀ କାର୍ଯ୍ୟ କରିଆସୁଥିଲେ। ସବୁଦିନ ପରି ଗତକାଲି ସକାଳୁ ନିଜର କାର୍ଯ୍ୟ ସରିବା ପରେ ଦିନ ୧୦ଟାରୁ ୧୧ଟା ମଧ୍ୟରେ ନିଜ ଘରକୁ ଫେରି ଯାଇଥିଲେ। ଘରକୁ ଫେରି ଖାଇ ସାରି ଏକ ଟାଙ୍ଗିଆ ଧରି ଜଙ୍ଗଲକୁ ବାହାରିଥିଲେ। କିଛି ସମୟ ପରେ ଗୌରାଙ୍ଗ ଚେତା ଶୂନ୍ୟହୋଇ ପଡ଼ିଯାଇଥିବା ପରିବାରଲୋକେ ଜାଣିବାକୁ ପାଇଥିଲେ। ତୁରନ୍ତ ତାଙ୍କୁ ଉଦ୍ଧାର କରି ପ୍ରଥମେ ମାଥିଲି ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ବୋଲି ମାଥିଲି ବନପାଳ ମୁରଲୀଧର ମହାରଣା ସୂଚନା ଦେଇଛନ୍ତି। କିନ୍ତୁ, ପରିବାରଲୋକେ କାର୍ଯ୍ୟରେ ଥିବା ସମୟରେ ତାଙ୍କୁ ଅଂଶୁଘାତ ହୋଇଥିଲା ବୋଲି ଅଭିଯୋଗ କରିଛନ୍ତି। ଗୌରାଙ୍ଗଙ୍କ ମୃତଶରୀର କମଳାପଦର ଗ୍ରାମରେ ପହଞ୍ଚିବା ପରେ ମାଥିଲି ବନାଞ୍ଚଳ ଅଧୀନରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ପହଞ୍ଚି ପରିବାରଲୋକଙ୍କୁ ସମବେଦନା ଜଣାଇଥିଲେ।

## ଧୋକା ଦେଲା ଗୁଗୁଲ ମ୍ୟାପ୍

# ଘାଟିରେ ଲଟକିଛି ଟ୍ରକ୍

ବିଷମକଟକ, ୨୩।୫ (ସମିସ): ସିମେଣ୍ଟ ବୋଝେଇ ଟ୍ରକ୍‌କୁ ଭୁଲ ରାସ୍ତା ଦେଖାଇଦେଲା ଗୁଗୁଲ ମ୍ୟାପ୍। କଲ୍ୟାଣସିଂହପୁର ବ୍ଲକ୍ ଯିବା ବଦଳରେ ଟ୍ରକ୍‌ଟି ନିୟମଗିରି ଘଞ୍ଚ ଜଙ୍ଗଲ ଘାଟି ରାସ୍ତାରେ ଫସିଗଲା। ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ୍ ଅନ୍ତର୍ଗତ



ନିୟମଗିରି କୁର୍ଲି ପଞ୍ଚାୟତ ଜାଙ୍ଗଯୋଡ଼ି ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାରେ ଏଭଳି ଏକ ଘଟଣା ଘଟିଛି। ଟ୍ରକ୍‌ଟି ଜଙ୍ଗଲ ଭିତର ଏକ ବିରାଟ ଘାଟି ରାସ୍ତା ମଝିରେ ଆଜକୁ ପ୍ରାୟ ୪ ଦିନ ହେବ ଫସି ରହିଛି।

ସୂଚନାନୁଯାୟୀ, ଟ୍ରକ୍‌ଟି ରାୟପୁରରୁ କଲ୍ୟାଣସିଂହପୁର ବ୍ଲକ୍‌କୁ ଯାଉଥିଲା। ଚାଳକ ରାସ୍ତା ଜାଣି ନପାରିବାରୁ ଗୁଗୁଲ ମ୍ୟାପ୍‌ର ସହାୟତା ନେଇଥିଲେ। ହେଲେ ଗୁଗୁଲ ମ୍ୟାପ୍ ତାଙ୍କୁ ଭୁଲ ରାସ୍ତା ଦେଖାଇଥିଲା। ଟ୍ରକ୍‌ଟି ଜେକେପୁରରୁ ଭାୟା କଲ୍ୟାଣସିଂହ ରାସ୍ତା ଦେଇ ଯିବା ବଦଳରେ ବିଷମକଟକ ବ୍ଲକରୁ ନିୟମଗିରିର ଜାଙ୍ଗଯୋଡ଼ି ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାରେ ଯାଇଥିଲା। ଜଙ୍ଗଯୋଡ଼ି ଗ୍ରାମରୁ କଲ୍ୟାଣସିଂହପୁରକୁ ଥିବା ରାସ୍ତାରେ କେବଳ ବାଇକ୍ ହିଁ ଯାଇପାରିବ। ହେଲେ ଗୁଗୁଲ୍ ମ୍ୟାପ୍ ଟ୍ରକ୍‌କୁ ଭୁଲ ରାସ୍ତା ଦେଖାଇ ଘାଟି ଉପରେ ନେଇ ଛାଡ଼ି ଦେଇଥିଲା। ଟ୍ରକ୍‌ଟି ଘାଟି ଚଢ଼ିବା ବେଳେ ତଳକୁ ଖସିଯାଉଥିଲା କିନ୍ତୁ ସୌଭାଗ୍ୟକୁ ଟ୍ରକ୍‌ଟି ପାହାଡ଼କୁ ଲାଗିଯାଇ ଅଟକି ଯାଇଥିଲା। ଚାଳକଜଣଙ୍କ ଅଳ୍ପକେ ବର୍ତ୍ତି ଯାଇଥିଲେ। ଗୁଗୁଲ ମ୍ୟାପ୍ ଏପରି ଧୋକା ଦେବାରୁ ଚାଳକଜଣଙ୍କ ଆଜକୁ ୪ ଦିନ ହେଲା ଏହି ଜଙ୍ଗଲ

## ୪ ଦିନ ହେବ ଜଙ୍ଗଲରେ ଦିନ କାଟୁଛନ୍ତି ଚାଳକ

ଭିତରେ ଦିନ କାଟୁଛନ୍ତି। ତାଙ୍କ ଏଭଳି ପରିସ୍ଥିତି ଦେଖି ଜାଙ୍ଗଯୋଡ଼ି ଗାଁ ଲୋକେ କିଛି ଖାଇବା ପିଇବା ବ୍ୟବସ୍ଥା କରିଥିବା ନେଇ ଚାଳକ ରାହୁଲ ସାହୁ କହିଛନ୍ତି। ବର୍ତ୍ତମାନ ଟ୍ରକ୍‌ଟି ନା ଆଗକୁ ବଢ଼ିପାରୁଛି ନା ପଛକୁ ଫେରିପାରୁଛି। ପୂରା ଘାଟି ଉପରେ ବୁଲାଣି ରାସ୍ତା ମଝିରେ ପାହାଡ଼କୁ ଲାଗି ଲଟକି ରହିଛି। ଟ୍ରକ୍‌ରେ ୭ଶହ ପ୍ୟାକେଟ୍ ସିମେଣ୍ଟ ଲୋଡ୍ ହୋଇରହିଛି। ଆଜି କିଛି ଗାଁ ଲୋକ ଟ୍ରାକ୍ଟର୍ ସହାୟତାରେ ସିମେଣ୍ଟ ବସ୍ତାକୁ ଟ୍ରକ୍‌ରୁ ଅନଲୋଡ୍ କରିଛନ୍ତି।

# ନୀଳମଣି ରାଉତରାୟ: ଏକ ଅନନ୍ୟ ବ୍ୟକ୍ତିତ୍ୱ

**ଅମିୟ ଭୂଷଣ ତ୍ରିପାଠୀ**

ବିଂଶ ଶତାବ୍ଦୀର ତୃତୀୟ ଓ ଚତୁର୍ଥ ଦଶକରେ ଓଡ଼ିଶାର ଯେଉଁ ଯୁବକମାନେ ସ୍ୱାଧୀନତା ସଂଗ୍ରାମରେ ଯୋଗଦାନ କରି ଦେଶମାତୃକାର ସେବା ପାଇଁ ସ୍ୱାର୍ଥକୁ ଜଳାଞ୍ଜଳି ଦେଇଥିଲେ ଏବଂ ବିଦେଶୀ ସରକାରଙ୍କ ଦ୍ୱାରା ନିଷ୍ପେସିତ ହୋଇଥିଲେ, ସେମାନଙ୍କ ମଧ୍ୟରୁ ନୀଳମଣି ରାଉତରାୟ ଥିଲେ ଅଗ୍ରଣୀ।

ସେତେବେଳେ କଂଗ୍ରେସ ଜାନୁଆରୀ ୨୬ ତାରିଖକୁ ସ୍ୱାଧୀନତା ଦିବସ ଭାବେ ଘୋଷଣା କଲା। ନୀଳମଣି ବାବୁ ଓ ବିଭୁଦେନ୍ଦ୍ର ଏ ଦିବସକୁ ବଦଳାଇବା ପାଇଁ ଟେନିସ୍ କୋର୍ଟରେ ଏକ ସଭା କରିବାକୁ ତତ୍କାଳୀନ ଅଧ୍ୟକ୍ଷ ପ୍ରସିଦ୍ଧ ବୈଜ୍ଞାନିକ ଓ ଶିକ୍ଷାବିତ୍ ଡକ୍ଟର ପ୍ରାଣକୃଷ୍ଣ ପରିଜାଙ୍କ ସମ୍ମତି ମାଗିଲେ। ଅଧ୍ୟକ୍ଷଙ୍କ ସମ୍ମତିକ୍ରମେ ନୀଳମଣି ବାବୁଙ୍କ ସଭାପତିତ୍ୱରେ ସଭା ହେଲା, ଯେଉଁଥିରେ କଟକର ଜନସାଧାରଣ ମଧ୍ୟ ଯୋଗଦେଲେ। ସଭା ପରେ ଅଧ୍ୟକ୍ଷ ସମ୍ମତି ପ୍ରଦାନ କରି ନଥିବା କହି ନୀଳମଣି ବାବୁ ଓ ବିଭୁଦେନ୍ଦ୍ର ବାବୁଙ୍କୁ ୨୫ ଟଙ୍କା ଲେଖାଏଁ ଜରିମାନା ଦେବାକୁ ଓ କ୍ଷମା ପ୍ରାର୍ଥନା କରିବାକୁ ଆଦେଶ ଦେଲେ। ପ୍ରତିବାଦରେ ଛାତ୍ର ଆନ୍ଦୋଳନ ତୀବ୍ର ହେଲା। ପୁଲିସ କଲେଜ ହତାରେ ପଶି ନୀଳମଣି ଓ ବିଭୁଦେନ୍ଦ୍ରଙ୍କୁ ମିଶାଇ ୨୧ ଜଣଙ୍କୁ ଗିରଫ କଲେ। ନୀଳମଣିଙ୍କୁ ରେଭେନ୍ସା କଲେଜ ଛଡ଼ା ପାଟନା ବିଶ୍ୱବିଦ୍ୟାଳୟରୁ ବହିଷ୍କାର କରାଗଲା ଏବଂ ବିଏ ପରୀକ୍ଷା ଦେବାକୁ ବଞ୍ଚିତ କରାଗଲା। ପରେ କଲିକତା ଯାଇ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ସହାୟତାରେ ବିଦ୍ୟାସାଗର କଲେଜରୁ ସେ ବି.ଏ ପାସ କଲେ ଏବଂ ତା' ପରେ ବାରଣାସୀ ବିଶ୍ୱବିଦ୍ୟାଳୟରୁ ଏଲ.ଏଲ.ବି ପାସ କଲେ।

ଏପରି ସଂଘର୍ଷମୟ ଛାତ୍ର ଜୀବନ କେତେଜଣଙ୍କ ଥାଏ! କିନ୍ତୁ ସେ ବିଚଳିତ ନ ହୋଇ ଏକାଗ୍ର ଚିତ୍ତରେ ସ୍ୱାଧୀନତା ସଂଗ୍ରାମରେ ଏକ ଅଗ୍ରଣୀ ସୈନିକର ଭୂମିକା ନିଭାଇଲେ। ଜେଲ ଗଲେ, ଭାରତ ସ୍ୱାଧୀନତା ପାଇଲା ବେଳକୁ ସେ ଜଣେ ୨୭ ବର୍ଷର ଅଗ୍ରଣୀ କଂଗ୍ରେସ ନେତା ରୂପେ ପରିଚୟ ପାଇଲେ। ୧୯୫୨ ରୁ ୧୯୭୧ ପର୍ଯ୍ୟନ୍ତ ଉପମନ୍ତ୍ରୀ, ମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ରୂପେ ବିଭିନ୍ନ ଦାୟିତ୍ୱରେ ଥିଲେ। ଅଧିକାଂଶ ସମୟରେ ସେ ପୁଲିସ୍ ବିଭାଗର ମନ୍ତ୍ରୀ ଥିଲେ, ଯାହା ଫଳରେ ବରିଷ୍ଠ ଓ କନିଷ୍ଠ ପୁଲିସ୍ ଅଫିସରମାନଙ୍କର ପ୍ରିୟପାତ୍ର ଥିଲେ। ତାଙ୍କ ବ୍ୟକ୍ତିତ୍ୱର ବିଶେଷତ୍ୱ ଥିଲା ଯେ ସେ ଥିଲେ ମିଷ୍ଟଭାଷୀ, ଦରଦୀ, ସମ୍ବେଦନଶୀଳ, ଯାହାଙ୍କ ପ୍ରଶାସନିକ ଦର୍ଶନ ସର୍ବଦା ସକାରାତ୍ମକ ଥିଲା।



ଏଭଳି ଜଣେ ବ୍ୟକ୍ତିତ୍ୱଙ୍କ ସଙ୍ଗେ ମୋର ପ୍ରଥମ ଦେଖା ହେଲା ୧୯୬୪ ଜାନୁଆରୀ ମାସରେ। ସେତେବେଳକୁ ଆଇପିଏସ୍ ପ୍ରୋବେସନ୍‌ର ୧ ବର୍ଷ ପୁଲିସ ପ୍ରଶିକ୍ଷଣ ପରେ ଓଡ଼ିଶା ଆସି ତତ୍କାଳୀନ ଅନୁଗୋଳ ପୁଲିସ ଟ୍ରେନିଂ କଲେଜରେ ଯୋଗ ଦେଇଥିଲି। ଭୁବନେଶ୍ୱରରେ ନିଖିଳ ଭାରତ କଂଗ୍ରେସ ଅଧିବେଶନରେ ଡ୍ୟୁଟି କରିବାକୁ ଡାକରା ଆସିଲା। ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁଙ୍କ କନଭୟ ଯିବା ରାସ୍ତାରେ ମୁଁ ଏ.ଜି. ଛକରୁ ରାଜଭବନ ଛକ ରୁଟ ଡ୍ୟୁଟିରେ ରହିଲି। ଅଭିଜ୍ଞତା ନଥିଲା, କିନ୍ତୁ ଦାୟିତ୍ୱ ଥିଲା ଗୁରୁତ୍ୱପୂର୍ଣ୍ଣ। ହଠାତ୍ ଏକ ପାଣି ଟ୍ୟାଙ୍କର୍ ଆସି ଭୁବନେଶ୍ୱର କ୍ଲବ ପାଖେ ଏକ ବିଜୁଳି ଖୁଣ୍ଟିକୁ ଧକ୍କା ଦେଇ ଅଧା ଓଲଟି ପଡ଼ିଲା। ସେ ଦୃଶ୍ୟରେ ମୋର ହୋସ ଉଡ଼ିଗଲା। ଏସ୍.ପି ସେ ସମୟରେ ପହଞ୍ଚି ବିରକ୍ତି ପ୍ରକାଶ କଲେ। କିଛି ସମୟ ପରେ ନୀଳମଣି ବାବୁ ଆସି ଟ୍ରାଙ୍କର୍‌କୁ ଘୋଡ଼ାଇ ଦେବା କିମ୍ବା ତା' ଆଗରେ ଦର୍ଶକଙ୍କ ସଂଖ୍ୟା ବଢ଼ାଇ ଦେବା ପାଇଁ ପରାମର୍ଶ ଦେଲେ। ବିପଦ ଟଳିଗଲା।

ତାଙ୍କ ସମ୍ବେଦନଶୀଳତା ଓ ମାନବିକତାର ୩ଟି ଉଦାହରଣ ଦେବି। ୧୯୭୭ରେ ଜରୁରୀକାଳୀନ ପରିସ୍ଥିତି ଉଠିବା ପରେ ତାଙ୍କ ନେତୃତ୍ୱରେ ମନ୍ତ୍ରିମଣ୍ଡଳ ଗଠିତ ହେଲା। ଜରୁରୀକାଳୀନ ପରିସ୍ଥିତିରେ କ୍ଷମତାର ଅପବ୍ୟବହାର କରିଥିବା ଅଭିଯୋଗରେ ୮ଜଣ ଆଇପିଏସ୍ ଅଫିସରଙ୍କୁ ଡେପୁଟେସନ୍‌ରେ କେନ୍ଦ୍ରକୁ ପଠାଇବାକୁ ସ୍ଥିର ହେଲା। ସେ ତାଲିକାରେ ମୋର ନାମ ମଧ୍ୟ ଥିଲା। ଯିବା ଆଗରୁ ନୀଳମଣି ବାବୁଙ୍କୁ ଦେଖା କଲି। ସେ ମୋତେ କହିଲେ ତୁମେ କାହିଁକି ଯିବ? ତୁମ ବିରୁଦ୍ଧରେ ତ କିଛି ନାହିଁ। ସେ ଆଦେଶ ମୁଁ ବାତିଲ କରୁଛି। ମୁଁ କିନ୍ତୁ ଯିବା ପାଇଁ ସ୍ଥିର କରିସାରିଥିଲି। ତାଙ୍କୁ ଅଶେଷ ଧନ୍ୟବାଦ ଦେଇ ବିଦାୟ ନେଲି।

ତାଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ସଂକୀର୍ଣ୍ଣ ରାଜନୀତିର ଊର୍ଦ୍ଧ୍ୱକୁ ଉଠି ସେ ଇନ୍ଦିରା ଗାନ୍ଧୀଙ୍କୁ ରାଜ୍ୟ ଅତିଥି ମର୍ଯ୍ୟାଦା ଦେଇଥିଲେ, ଯେଉଁଥିପାଇଁ ସେ ସମାଲୋଚିତ ହୋଇଥିଲେ। ସେହିପରି ମୁଁ ଡିଜି ଥିବା ବେଳେ ୧୯୯୭ ମସିହାରେ ନୀଳମଣି ବାବୁଙ୍କ ଅନ୍ତରଙ୍ଗ ବନ୍ଧୁ ବାରିଷ୍ଟର୍ ବୀରେନ ପଟ୍ଟନାୟକଙ୍କ ବିୟୋଗ ଘଟିଲା। ତାଙ୍କ ଅନ୍ତ୍ୟେଷ୍ଟିକ୍ରିୟାକୁ ରାଜ୍ୟ ସମ୍ମାନ ଦେବା ପାଇଁ ଓକିଲମାନଙ୍କ ପକ୍ଷରୁ ମତ ପ୍ରକାଶ ପାଇଲା। କିନ୍ତୁ ନୀଳମଣି ବାବୁ ସେଥିପାଇଁ ରାଜି ହେଲେ ନାହିଁ। ଅନ୍ତିମ କାର୍ଯ୍ୟ ସଂପାଦନ ପାଇଁ ମୁଁ ସବୁ ବ୍ୟବସ୍ଥା କରିଦେଲି।

ନୀଳମଣି ବାବୁଙ୍କ ଜୀବନଗାଥାର ପ୍ରତ୍ୟେକ ସ୍ତର ଓ କ୍ଷେତ୍ର ବିଶେଷ ଓ ସ୍ୱତନ୍ତ୍ର। ଅସାଧାରଣ ଛାତ୍ରନେତା, ସ୍ୱାଧୀନତା ସଂଗ୍ରାମୀ, ଦୀର୍ଘ ୨ ଦଶନ୍ଧି ଧରି ବିଭିନ୍ନ ମନ୍ତ୍ରୀ ପଦ, ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଛଡ଼ା ଜଣେ ସ୍ପନ୍ଦନଶୀଳ ଲେଖକ। ତାଙ୍କ ଆତ୍ମଜୀବନୀ 'ସ୍ମୃତି ଓ ଅନୁଭୂତି' ସାହିତ୍ୟ ଜଗତକୁ ଏକ ଅନନ୍ୟ ଅବଦାନ। ସର୍ବୋପରି ତାଙ୍କ ବ୍ୟକ୍ତିତ୍ୱ ସରଳ, ମିଷ୍ଟଭାଷୀ, ଦରଦୀ, ବିବେକପୂର୍ଣ୍ଣ। ଯାହା ମୂଳରୁ କହିଛି ସେ ଥିଲେ ଅନନ୍ୟ। ତାଙ୍କୁ ଶତପ୍ରଣାମ। ■

ଭୁବନେଶ୍ୱର,
ମୋ: ୯୪୩୭୦୭୬୭୯୪

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୭.୨୧ ● ପାଉଣ୍ଡ ୧୨୯.୩୬
- ୟୁରୋ ୧୧୧.୮୨ ● ୟେନ୍ ୦.୬୦

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୪୫,୮୦୦ (ଭୁବନେଶ୍ୱର)
- ରୁପା : ୨,୯୫,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୫,୪୧୫.୦୦
- ନିଫ୍ଟି ୨୩,୭୧୯.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୬.୩୬ (ଭୁବନେଶ୍ୱର)
- ଡିଜେଲ୍ - ୯୭.୯୨



# ଜିଏସ୍‌ଟି ପରିସରଭୁକ୍ତ ହେଲେ ପେଟ୍ରୋଲ ୨୨ ଟଙ୍କା କମିବ

## ଜିଏସ୍‌ଟି ଲାଗୁବେଳେ କେନ୍ଦ୍ର ଦେଇଥିଲା ପ୍ରତିଶ୍ରୁତି

**ନୂଆଦିଲ୍ଲୀ,୨୩।୫(ଏଜେନ୍ସି):** ଗତ ୮ ଦିନ ମଧ୍ୟରେ ଦେଶରେ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ତିନି ଥର ବୃଦ୍ଧି ପାଇଛି, ଯାହା ଫଳରେ ଅନେକ ସହରରେ ପେଟ୍ରୋଲ ମୂଲ୍ୟ ୧୦୦ ଟଙ୍କା ଅତିକ୍ରମ କରିଯାଇଛି। ରାଜଧାନୀ ଦିଲ୍ଲୀରେ ପେଟ୍ରୋଲ ମୂଲ୍ୟ ଲିଟର ପିଛା ୯୯.୫୧ ଟଙ୍କାରେ ପହଞ୍ଚିଛି। ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ବୃଦ୍ଧି ମଧ୍ୟରେ ବାଣିଜ୍ୟ ଏବଂ ଶିଳ୍ପ ସଂଘଗୁଡିକ ସରକାରଙ୍କୁ ପେଟ୍ରୋଲ ଏବଂ ଡିଜେଲକୁଦ୍ରବ୍ୟ ଏବଂ ସେବା ଟିକସ ( ଜିଏସ୍‌ଟି) ଅଧୀନକୁ ଆଣିବାକୁ ଦାବି କରିଛି। ବାଣିଜ୍ୟ ଏବଂ ଶିଳ୍ପ ଚାମ୍ବରର ଅଧ୍ୟକ୍ଷ ବ୍ରିଜେଶ ଗୋୟଲ ଏହି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଏକ ଚିଠି ଲେଖିଛନ୍ତି। ତେଲ ଦର ବୃଦ୍ଧି ଯୋଗୁ ହେବାକୁ ଥିବା ବ୍ୟାପକ ମୁଦ୍ରାସ୍ଫୀତି ତାଡିରୁ ଲୋକଙ୍କୁ ଆଶ୍ୱସ୍ତି ଦେବା ପାଇଁ ଗୋୟଲ କେନ୍ଦ୍ର ସରକାରଙ୍କୁ ତୁରନ୍ତ ପେଟ୍ରୋଲ ଏବଂ ଡିଜେଲକୁ ଜିଏସ୍‌ଟି ଅଧୀନରେ ସାମିଲ କରିବାକୁ ଅନୁରୋଧ କରିଛନ୍ତି।

ଶ୍ରୀ ଗୋୟଲଙ୍କ ଅନୁଯାୟୀ, ପେଟ୍ରୋଲ ଏବଂ ଡିଜେଲ ଭାରୀ ଟିକସର ସମ୍ମୁଖୀନ ହେଉଛି। ଦିଲ୍ଲୀରେ ପେଟ୍ରୋଲର ପ୍ରକୃତ ମୂଲ୍ୟ ୬୬.୨୯ ଟଙ୍କା ଥିଲା, ଯେଉଁଥିରେ ଉତ୍ପାଦ ଶୁଳ୍କ ୧୧.୯୦ ଟଙ୍କା ଏବଂ ଭାଟ୍ ୧୬.୦୩ ଟଙ୍କା ରହିଥିଲା, ଯେତେବେଳେ କି ଡିଲର ମାର୍ଜିନ୍ ୪.୪୨ ଟଙ୍କା ରଖାଯାଇଥିଲା। ଏହାର ଅର୍ଥ ହେଉଛି କେବଳ ଟିକସ ଏବଂ ମାର୍ଜିନ୍‌ର ବୋଝ ୩୨ ରୁ ୩୩ ଟଙ୍କା। ଡିଜେଲ କଥା କହିଲେ, ଦିଲ୍ଲୀରେ ଏହାର ପ୍ରକୃତ ମୂଲ୍ୟ ୬୭.୩୬ ଟଙ୍କା, ଯେଉଁଥିରେ ଉତ୍ପାଦ ଶୁଳ୍କ ୭.୮୦ ଟଙ୍କା ଏବଂ ଭାଟ୍ ୧୩.୩୯ ଟଙ୍କା ଥିଲା, ଯେତେବେଳେ କି ଡିଲର ମାର୍ଜିନ୍ ୩.୦୩ ଟଙ୍କା ରଖାଯାଇଥିଲା। ଏହାର ଅର୍ଥ ହେଉଛି ଏଠାରେ ମଧ୍ୟ ୨୪ ଟଙ୍କା କେବଳ ଟିକସ ଏବଂ ମାର୍ଜିନ୍ ବାବଦ ଯାଉଥିଲା। ଯଦି ପେଟ୍ରୋଲ ଏବଂ ଡିଜେଲ ଉପରେ ଜିଏସ୍‌ଟି ଲାଗୁ କରାଯାଏ, ତେବେ ଏହି ସମସ୍ତ ଟିକସ ଉଚ୍ଛେଦ ହୋଇଯିବ, ଏବଂ କେବଳ ଗୋଟିଏ ଟିକସ ରହିବ। ତେଣୁ ପେଟ୍ରୋଲ ଏବଂ ଡିଜେଲକୁ ଜିଏସ୍‌ଟି ଅଧୀନକୁ ଆଣିଲେ କେବଳ ପେଟ୍ରୋଲ ଦର ୨୨ ଟଙ୍କା କମିଯିବ। ଅର୍ଥାତ୍, ଯଦି ପେଟ୍ରୋଲ ମୂଲ୍ୟ ବର୍ତ୍ତମାନ ପ୍ରତି ଲିଟର ପ୍ରାୟ ୧୦୦ ଟଙ୍କା ଥାଏ, ତେବେ ଏହା ୭୮ ଟଙ୍କାକୁ ହ୍ରାସ ପାଇପାରେ।

ମେ' ୨୩ରେ ଦିଲ୍ଲୀରେ ପେଟ୍ରୋଲ ମୂଲ୍ୟ ପ୍ରତି ଲିଟର ୯୯.୫୧ ଟଙ୍କାକୁ ବୃଦ୍ଧି ପାଇଥିଲା।




ପେଟ୍ରୋଲର ପ୍ରକୃତ ମୂଲ୍ୟ ମାତ୍ର ୬୬.୨୯ ଟଙ୍କା ଥିଲା। ଏହା ଉପରେ, କେନ୍ଦ୍ର ସରକାର ପ୍ରତି ଲିଟର ୧୧.୯୦ ଟଙ୍କା ଉତ୍ପାଦ ଶୁଳ୍କ ଆଦାୟ କରନ୍ତି, ଯେତେବେଳେ ଦିଲ୍ଲୀ ସରକାର ୧୬.୦୩ ଟଙ୍କା ଭାଟ୍ ଆଦାୟ କରନ୍ତି ଏବଂ ଡିଲରମାନଙ୍କୁ ପ୍ରତି ଲିଟର ୪.୪୨ ଟଙ୍କା କମିଶନ ମାର୍ଜିନ୍ ମଧ୍ୟ ଦିଆଯାଇଥାଏ। ଏହି ହିସାବ ଅନୁସାରେ, ପ୍ରତି ଲିଟର ୯୯.୫୧ ଟଙ୍କାର ପେଟ୍ରୋଲରେ କେବଳ ପ୍ରାୟ ୨୮ ଟଙ୍କା ଟିକସ ଅନ୍ତର୍ଭୁକ୍ତ। ଜିଏସ୍‌ଟି ଲାଗୁ ହେବା ସହିତ ଉଭୟ ଟିକସକୁ ଦୂର କରାଯାଇପାରିବ। ଯଦିଓ ଡିଲର ମାର୍ଜିନ୍ ହଟାଯାଇନାହିଁ, କେବଳ ଟିକସ ହଟାଇ ଏକ ଲିଟର ପେଟ୍ରୋଲର ମୂଲ୍ୟ ପ୍ରାୟ ୨୭.୯୩ ଟଙ୍କା ହ୍ରାସ କରାଯାଇପାରିବ। ଏହାହେଲେ ପେଟ୍ରୋଲ ଲିଟର ପିଛା ପ୍ରାୟ ୨୮ ଟଙ୍କା ଶସ୍ତା ହୋଇପାରେ। ଯଦି ପେଟ୍ରୋଲକୁ ୧୮% ଜିଏସ୍‌ଟି ପରିସରକୁ ଅଣାଯାଏ, ତେବେ ଦିଲ୍ଲୀରେ ପେଟ୍ରୋଲର ଟିକସମୁକ୍ତ ମୂଲ୍ୟ ୬୬.୨୯ ଟଙ୍କା ପ୍ରତି ଲିଟର ହେବ। ଏହା ଉପରେ ୧୮% ଜିଏସ୍‌ଟି ଲଗାଇବା ଦ୍ୱାରା ମୋଟ ୧୧.୯୩ ଟଙ୍କା ଟିକସ ହେବ, ଯାହା ପେଟ୍ରୋଲର ମୂଲ୍ୟ ପ୍ରତି ଲିଟର ୭୮.୨୨ ଟଙ୍କାକୁ ଆସିବ, ଯାହା ପ୍ରାୟ ୨୨ ଟଙ୍କା ପ୍ରତି ଲିଟର ହ୍ରାସ ହେବ।

ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଲେଖିଥିବା ଏକ ଚିଠିରେ ବ୍ରିଜେଶ ଗୋୟଲ୍ କହିଛନ୍ତି ଯେ ୨୦୧୭ ରେ ଜିଏସ୍‌ଟି ଲାଗୁ ହେବା ସମୟରେ, 'ଏକ ରାଷ୍ଟ୍ର, ଏକ ଟିକସ' କଥା କୁହାଯାଇଥିଲା, ଯେଉଁଥିରେ ସାରା ଦେଶରେ ସବୁକିଛି ପାଇଁ ସମାନ ଟିକସ ହାର ପ୍ରତିଶ୍ରୁତି ଦିଆଯାଇଥିଲା। ତଥାପି, ରାଜ୍ୟଗୁଡ଼ିକ ନିଜ ଇଚ୍ଛାରେ ପେଟ୍ରୋଲ ଏବଂ ଡିଜେଲ ଉପରେ ମନଇଚ୍ଛା ଭାଟ୍ ଆଦାୟ କରୁଛନ୍ତି। ଏହା ଫଳରେ ବିଭିନ୍ନ ରାଜ୍ୟରେ ପେଟ୍ରୋଲ ଏବଂ ଡିଜେଲର ହାର ଭିନ୍ନ ଭିନ୍ନ ହେଉଛି। ବର୍ତ୍ତମାନର ବ୍ୟବସ୍ଥା 'ଏକ ରାଷ୍ଟ୍ର, ଏକ ଟିକସ'ର ଧାରଣାକୁ ଦୁର୍ବଳ କରିପାରେ। ତେଣୁ, ପେଟ୍ରୋଲ ଏବଂ ଡିଜେଲ ଉପରେ ଉତ୍ପାଦ ଶୁଳ୍କ ଏବଂ ଭାଟ୍ ଉଚ୍ଛେଦ କରି ତାହାକୁ ଜିଏସ୍‌ଟି ପରିସରକୁ ଆଣିବା ଉଚିତ। ଏହା କେବଳ ସାରା ଦେଶରେ ସମାନ ମୂଲ୍ୟ ସୁନିଶ୍ଚିତ କରିବ ନାହିଁ ବରଂ ତାହାର ମୂଲ୍ୟ ମଧ୍ୟ ହ୍ରାସ କରିବ। ଦିଲ୍ଲୀରେ ମେ' ୨୩ରେ ପେଟ୍ରୋଲର ମୂଲ୍ୟ ପ୍ରତି ଲିଟର ୯୯.୫୧ ଟଙ୍କାକୁ ବୃଦ୍ଧି ପାଇଥିଲା। ପେଟ୍ରୋଲର ପ୍ରକୃତ ମୂଲ୍ୟ ମାତ୍ର ୬୬.୨୯ ଟଙ୍କା ରହିଥିବାବେଳେ କେନ୍ଦ୍ର ସରକାର ପ୍ରତି ଲିଟରରେ ୧୧.୯୦ ଟଙ୍କା ଉତ୍ପାଦ ଶୁଳ୍କ ଆଦାୟ କରୁଛନ୍ତି। ଯେତେବେଳେ କି ଦିଲ୍ଲୀ ସରକାର ୧୬.୦୩ ଟଙ୍କା ଭାଟ୍ ଆଦାୟ କରିବା ସହ ଡିଲରଙ୍କୁ ପ୍ରତି ଲିଟର ୪.୪୨ ଟଙ୍କା କମିଶନ ମାର୍ଜିନ୍ ଦିଆଯାଉଛି। ଯଦି ପେଟ୍ରୋଲକୁ ୧୮% ଜିଏସ୍‌ଟି ପରିସରକୁ ଅଣାଯାଏ, ତେବେ ଦିଲ୍ଲୀରେ ପେଟ୍ରୋଲର ଟିକସମୁକ୍ତ ମୂଲ୍ୟ ପ୍ରତି ଲିଟର ୬୬.୨୯ ଟଙ୍କା ହେବ। ଏହା ଉପରେ ୧୮% ଜିଏସ୍‌ଟି ଲାଗିଲେ ମୋଟ ୧୧.୯୩ ଟଙ୍କା ଟିକସ ପଡ଼ିବ, ଯାହା ଫଳରେ ପେଟ୍ରୋଲର ମୂଲ୍ୟ ପ୍ରତି ଲିଟର ୭୮.୨୨ ଟଙ୍କା ହେବ।

## ବଜାରରେ ବିଏସ୍‌ଏ ସ୍କ୍ରାମ୍ବଲର ୬୫୦, ନିୟୁ ୟେଜ୍‌ଦି ସ୍କ୍ରାମ୍ବଲର



**ଭୁବନେଶ୍ୱର, ୨୩।୫ (ସମିସ):** ଖଣ୍ଡଗିରିସ୍ଥିତ ଲକ୍‌ସିତା ଅଟୋମୋବାଇଲଠାରେ ଶନିବାର ଦୁଇଟି ସ୍କ୍ରାମ୍ବଲରର ବଜାର ପ୍ରବେଶ ହୋଇଯାଇଛି। ଏଥିରେ ବିଏସ୍‌ଏ ସ୍କ୍ରାମ୍ବଲର ୬୫୦ ସିସି ଏବଂ ନିୟୁ ୟେଜ୍‌ଦି ସ୍କ୍ରାମ୍ବଲର ୩୩୪ ସିସି ବଜାରକୁ ଛଡାଯାଇଛି। ଏହାର ଏକ୍ସ ଶୋ ରୁମ୍ ମୂଲ୍ୟ (ଭୁବନେଶ୍ୱର)୨,୨୭,୦୦୦ ଟଙ୍କାରୁ ୨,୧୨,୦୦୦ ଟଙ୍କା ମଧ୍ୟରେ ରହିଛି। ଏହା ବ୍ଲୁ, ୟେଲୋ, ବ୍ଲାକ୍ ଏବଂ ରେଡ୍ କଲରରେ ଉପଲବ୍ଧ। ଏହି ଅବସରରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ଲକ୍‌ସିତା ଅଟୋମୋବାଇଲ୍ସର ପରିଚାଳନା ନିର୍ଦ୍ଦେଶକ ନନ୍ଦନ କୁମାର ସାହୁଙ୍କ ଉପସ୍ଥିତିରେ ଏରିଆ ସେଲ୍ସ ମ୍ୟାନେଜର ରାଜେଶ ନାୟକ ଏବଂ ସଙ୍କେତ ସେନାପତି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଓଜି ସ୍କ୍ରାମ୍ବଲର ବିଶିଷ୍ଟ ଏହି ବାଇକ୍‌କୁ ଏସ୍‌ୟୁଭି ଅଫ୍ ବାଇକ୍ସ ବୋଲି କୁହାଯାଉଛି। ଏହି ବାଇକ୍‌ର ବୈଶିଷ୍ଟ୍ୟ ହେଉଛି ଯେ, ଏଥିରେ ଅଏଲ୍ କୁଲ୍‌ଡ ଇଞ୍ଜିନ୍ ବ୍ୟବହାର କରାଯାଇଛି।

## ରାଜଧାନୀରେ ୟୁଜେନିକ୍ସ ହେୟାର ସାଇନ୍ସେସ୍‌ର କେଶ ପୁନରୁଦ୍ଧାର କ୍ଲିନିକ୍

**ଭୁବନେଶ୍ୱର,୨୩।୫(ସମିସ):** ପ୍ରସିଦ୍ଧ ହେୟାର ରିଷ୍ଟୋରେସନ୍ ବ୍ରାଣ୍ଡ 'ୟୁଜେନିକ୍ସ ହେୟାର ସାଇନ୍ସେସ୍' ଭୁବନେଶ୍ୱରରେ ତା'ର ଅତ୍ୟାଧୁନିକ କେଶ ପୁନରୁଦ୍ଧାର କ୍ଲିନିକ୍‌ର ଶୁଭାରମ୍ଭ କରିଛି। ବଲିଉଡ୍ ଗାୟକ ମିକା ସିଂହ ଏହି କ୍ଲିନିକ୍‌ର ଉଦ୍‌ଘାଟନ କରିଛନ୍ତି। ନୟାପଲ୍ଲୀ ଆଇଆରସି ଭିଲେଜ୍‌ର ଭିଆଇପି କଲୋନୀରେ ଅବସ୍ଥିତ ଏହି ତିନି ମହଲା ବିଶିଷ୍ଟ ପ୍ରିମିୟମ୍ କ୍ଲିନିକ୍‌ରେ ଅନ୍ତର୍ଜାତୀୟ ମାନର ଚିକିତ୍ସା ସୁବିଧା, ଆଧୁନିକ ଟେକ୍ନୋଲୋଜି ଓ ଉତ୍କୃଷ୍ଟ ପେସେଣ୍ଟ କେୟାର୍ ବ୍ୟବସ୍ଥା ରହିଛି। ଏହି ଅବସରରେ ୟୁଜେନିକ୍ସ ହେୟାର ସାଇନ୍ସେସ୍‌ର ପ୍ରତିଷ୍ଠାତା ଡ଼ା. ପ୍ରଦୀପ ସେଠୀ କହିଛନ୍ତି ଯେ, ଓଡିଶା ମୋର ମାତୃଭୂମି। ତାଙ୍କ ପାଇଁ ଏଠାରେ ଟଙ୍କା ଉପାର୍ଜନ କରିବା ମୁଖ୍ୟ ନୁହେଁ, ସେ ଲୋକମାନଙ୍କୁ ବିଶ୍ୱସ୍ତରୀୟ ଚିକିତ୍ସା ଓ ସେବା ଯୋଗାଇଦେବାକୁ ଚାହୁଁଛନ୍ତି। ଡ଼ା. ସେଠୀ ବଲିଉଡ୍ ଷ୍ଟାର, କ୍ରିକେଟର ଓ ଅନେକ ରାଜନୈତିକ ବ୍ୟକ୍ତିତ୍ୱଙ୍କର ହେୟାର ଟ୍ରାନ୍ସପ୍ଲାଣ୍ଟ କରିଛନ୍ତି। ସେ ଆହୁରି କହିଥିଲେ ଯେ ସେ ବଲିଉଡ୍ ଅଭିନେତା ବୋନୀ କପୁର, ଗାୟକ



ଅନୁପ୍ ଜଲୋଟା, ଶଙ୍କର ମହାଦେବନ, କ୍ରିକେଟର ମହମ୍ମଦ ସାମି, ରବି ଶାସ୍ତ୍ରୀ ଏବଂ ଶ୍ରୀସନ୍ଥଙ୍କ ଭଳି ଅନେକ ସେଲିବ୍ରିଟିଙ୍କର ସଫଳ ହେୟାର ଟ୍ରାନ୍ସପ୍ଲାଣ୍ଟ କରିଛନ୍ତି। ମିକା ସିଂହ କହିଥିଲେ, ଡ଼ା. ପ୍ରଦୀପ ସେଠୀ ଡାକ୍ତରମାନଙ୍କ ମଧ୍ୟରେ ଧୁରନ୍ଧର। ୨୦୦୮ରେ ଡା ସେଠୀ ଏବଂ ଡା. ଅରିକା ବନ୍‌ସଲ୍‌ଙ୍କ ଦ୍ୱାରା ସ୍ଥାପିତ ୟୁଜେନିକ୍ସ ଆଜି ଭାରତର ହେୟାର ରିଷ୍ଟୋରେସନ୍ କ୍ଷେତ୍ରରେ ଏକ ପ୍ରମୁଖ ନାମ ପାଲଟିଛି। ସେମାନଙ୍କ ଦ୍ୱାରା ଉଦ୍ଭାବିତ ଡିଟିଏଚ୍(ଡାଇରେକ୍ଟ ହେୟାର ଟ୍ରାନ୍ସପ୍ଲାଣ୍ଟ) ଟେକ୍ନୋଲୋଜି ଆଜି ବିଶ୍ୱସ୍ତରରେ ଗୋଲ୍ଡ ଷ୍ଟାଣ୍ଡାର୍ଡ ଭାବେ ପରିଚିତ। ଏ ପର୍ଯ୍ୟନ୍ତ ୟୁଜେନିକ୍ସ ୨୦,୦୦୦ରୁ ଅଧିକ ସଫଳ ହେୟାର ଟ୍ରାନ୍ସପ୍ଲାଣ୍ଟ କରିସାରିଛି। ଭୁବନେଶ୍ୱର କ୍ଲିନିକ୍‌ରେ ୩ଟି ଉତ୍ସର୍ଗୀକୃତ ଓଟି / ପ୍ରୋସିଜର୍ ରୁମ୍, ଅଭିଜ୍ଞ ଡାକ୍ତର ଓ ପ୍ରଶିକ୍ଷିତ ମେଡିକାଲ୍ ଟିମ୍ ସହିତ ପ୍ରିମିୟମ୍ ପେସେଣ୍ଟ କେୟାର୍ ସୁବିଧା ଉପଲବ୍ଧ। ଏହି ଅବସରରେ ସୁରେନ୍ଦ୍ର ପାଲ, ହକି ତାରକା ଦିଲୀପ ତିର୍କୀ, ମ୍ୟୁଜିକ୍ ଡାଇରେକ୍ଟର ପ୍ରେମାନନ୍ଦ ଏବଂ ପ୍ରସିଦ୍ଧ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ଉପସ୍ଥିତ ଥିଲେ।

## ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ୮% ଅଂଶଧନ ବିକିବେ ସରକାର

**ନୂଆଦିଲ୍ଲୀ,୨୩।୫(ଏଜେନ୍ସି):** କେନ୍ଦ୍ର ସରକାର ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ୮% ଅଂଶଧନ ବିକ୍ରି କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିରେ ଏକ ଅଫର ଫର୍ ସେଲ୍ (ଓଏଫ୍ଏସ) ମାଧ୍ୟମରେ ଏହି ସେୟାର ବିକ୍ରି କରାଯିବ। ସରକାର ଏହି ଅଫର ଫର୍ ସେଲ୍ ପାଇଁ ପ୍ରତି ସେୟାର ମୂଲ୍ୟ ୩୨ ଟଙ୍କା ସ୍ଥିର କରିଛନ୍ତି, ଯାହା ବ୍ୟାଙ୍କର ଗୁରୁବାର ବନ୍ଦ ମୂଲ୍ୟ ୩୩.୯୪ ଟଙ୍କାଠାରୁ ୮.୫% ରୁ ଅଧିକ ରିଆତି। ଏହି ନିଷ୍ପତ୍ତି ପରେ ସେଣ୍ଟ୍ରାଲ ବ୍ୟାଙ୍କର ସେୟାର ଆଜି ବଜାରରେ ୫% ରୁ ଅଧିକ ହ୍ରାସ ପାଇଛି। ଏଗୁଡ଼ିକ ପ୍ରାୟ ୩୨ ଟଙ୍କାରେ କାରବାର କରୁଛି। ଗୋଟିଏ ମାସରେ ବ୍ୟାଙ୍କର ସେୟାର ମୂଲ୍ୟ ୧୩%ରୁ ଅଧିକ ହ୍ରାସ ପାଇଛି। ବର୍ତ୍ତମାନ, ସରକାରଙ୍କର ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ୮୯.୨୭% ଅଂଶଧନ ରହିଛି। ଏହି ସରକାରୀ ଅଂଶଧନ ବିକ୍ରି ବିନିଯୋଗ ଏବଂ ସାର୍ବଜନୀନ ଅଂଶଧନ ନିୟମାବଳୀ ପାଳନ କରିବା ପାଇଁ ସରକାରଙ୍କ ରଣନୀତିର ଏକ ଅଂଶ।

> ଏକ ଅଫର ଫର୍ ସେଲ୍‌ରେ ୨୪୫୫ କୋଟି ସଂଗ୍ରହ ଲକ୍ଷ୍ୟ
>
> ସେୟାର ପିଛ ମୂଲ୍ୟ ୩୧ ଟଙ୍କା ସ୍ଥିର

ନିବେଶ ଏବଂ ସାର୍ବଜନୀନ ସମ୍ପତ୍ତି ପରିଚାଳନା ବିଭାଗ (ଦୀପମ୍) ଦ୍ୱାରା ଜାରି କରାଯାଇଥିବା ଏକ ନୋଟିସ ଅନୁଯାୟୀ, ଓଏଫ୍ଏସ୍ ଚଳିତମାସ ୨୨ ରେ ଅଣ-ଖୁଚୁରା ନିବେଶକଙ୍କ ପାଇଁ ଖୋଲିବ। ଖୁଚୁରା ନିବେଶକ ଏବଂ ବ୍ୟାଙ୍କ କର୍ମଚାରୀମାନେ ମେ ' ୨୫ରେ ଏହି ଇସ୍ୟୁ ପାଇଁ ବିଡ୍ କରିପାରିବେ। ସକାଳ ୯:୧୫ ରୁ ଅପରାହ୍ନ ୩:୩୦ ପର୍ଯ୍ୟନ୍ତ ବାଣିଜ୍ୟ ଘଣ୍ଟା ମଧ୍ୟରେ ଉଭୟ ଦିନ ବିଡ୍ ରଖାଯାଇପାରିବ। ଅଫର ଡକ୍ୟୁମେଣ୍ଟ ଅନୁଯାୟୀ, ଅଣ-ଖୁଚୁରା ନିବେଶକଙ୍କ ପାଇଁ ସଂରକ୍ଷିତ ସେୟାରର ଅତି କମ୍‌ରେ ୨୫% ମ୍ୟୁଚୁଆଲ୍ ଫଣ୍ଡ ଏବଂ ବୀମା କମ୍ପାନୀଗୁଡ଼ିକୁ ଆବଣ୍ଟିତ କରାଯିବ। ତଥାପି, ଏଥିପାଇଁ ସେମାନଙ୍କର ବିଡ୍ ଫ୍ଲୋର୍ ପ୍ରାଇସ୍ କିମ୍ବା ତା'ଠାରୁ ଅଧିକ ଗ୍ରହଣ କରାଯିବା ଆବଶ୍ୟକ। ବିକ୍ରି ପାଇଁ ଉପଲବ୍ଧ ଏହି ଅଫରରେ ଅତି କମ୍‌ରେ ୧୦% ସେୟାର ଖୁଚୁରା ନିବେଶକଙ୍କ ପାଇଁ ସଂରକ୍ଷିତ ରଖାଯାଇଛି।

## ଗ୍ରୀଷ୍ମ ପ୍ରବାହ ପାଇଁ ଟାଟା ପାୱାରର ଜରୁରୀକାଳୀନ ବ୍ୟବସ୍ଥା

**ଭୁବନେଶ୍ୱର, ୨୩।୫(ସମିସ):** ପ୍ରବଳ ଗ୍ରୀଷ୍ମ ପ୍ରବାହ ପରିସ୍ଥିତିକୁ ଦୃଷ୍ଟିରେ ରଖି ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସକମ୍‌ଗୁଡ଼ିକ ପକ୍ଷରୁ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ଏବଂ ଦ୍ରୁତ ମରାମତି ସେବା ନିଶ୍ଚିତ କରିବା ପାଇଁ ଏକ ବ୍ୟାପକ ଜରୁରୀକାଳୀନ ପ୍ରତିକ୍ରିୟା ବ୍ୟବସ୍ଥା ସହିତ ୨୪ ଘଣ୍ଟିଆ ନେଟୱର୍କ ନିରୀକ୍ଷଣ ଏବଂ ଗ୍ରାହକ ସହାୟତା ବ୍ୟବସ୍ଥାକୁ ସକ୍ରିୟ କରାଯାଇଛି। ଡିସକମ୍ ଗୁଡ଼ିକ ବର୍ତ୍ତମାନ ସାରା ଓଡ଼ିଶାରେ ୬,୭୩୯ ମେଗାୱାଟ୍‌ର ସର୍ବାଧିକ ଚାହିଦା ପରିଚାଳନା କରୁଛନ୍ତି, ଯାହା ଗତ ବର୍ଷର ସର୍ବାଧିକ ଚାହିଦା ୬,୪୪୭ ମେଗାୱାଟ୍ ଅପେକ୍ଷା ପ୍ରାୟ ୩୦୦ ମେଗାୱାଟ୍ ଅଧିକ। କେବଳ ଭୁବନେଶ୍ୱରରେ ହିଁ ସର୍ବାଧିକ ବିଦ୍ୟୁତ ଚାହିଦା ୧୭% ବୃଦ୍ଧି ପାଇଛି, ଯାହା ଗତ ଆର୍ଥିକବର୍ଷର ୬୪୧ ମେଗାୱାଟ୍‌ରୁ ବଢ଼ି ଏହି ଗ୍ରୀଷ୍ମ ଋତୁରେ ୭୫୦ ମେଗାୱାଟ୍‌ରେ ପହଞ୍ଚିଛି। ଏହା ପ୍ରଚଣ୍ଡ ତାପମାତ୍ରା ଯୋଗୁଁ ବିଦ୍ୟୁତ ବ୍ୟବହାରରେ



ହୋଇଥିବା ତୀବ୍ର ବୃଦ୍ଧିକୁ ଦର୍ଶାଉଛି। ଚଳିତ ଗ୍ରୀଷ୍ମ ଋତୁରେ ଶୀଘ୍ର ମରାମତି ଏବଂ ବିଶ୍ୱସନୀୟ ସେବା ପ୍ରଦାନ ନିଶ୍ଚିତ କରିବା ପାଇଁ ରକ୍ଷଣାବେକ୍ଷଣ ଦଳ, ବ୍ରେକଡାଉନ ରେସପନ୍ସ ଦଳ, ସୁପରଭାଇଜର ଏବଂ ସୁରକ୍ଷା ଅଧିକାରୀଙ୍କୁ ମିଶାଇ ୨୬,୦୦୦ ରୁ ଅଧିକ ପ୍ରଶିକ୍ଷିତ ଫିଲ୍ଡ ଷ୍ଟାଫ ଦିନରାତି ଫିଲ୍ଡ କାର୍ଯ୍ୟରେ ନିୟୋଜିତ ଅଛନ୍ତି।

## କଚ୍ଛରେ ରେଳ ବିକାଶକୁ ମିଳିବ ନୂତନ ଗତି

**ନୂଆଦିଲ୍ଲୀ,୨୩।୫(ଏଜେନ୍ସି):** ପଶ୍ଚିମ ରେଳବାଇର ମହାପ୍ରବନ୍ଧକ ରାମଶ୍ରୟ ପାଣ୍ଡେ ଚଳିତମାସ ୨୨ ଏବଂ ୨୩ ଦୁଇ ଦିନ ରେଳ ପ୍ରକଳ୍ପ, ଭିତ୍ତିଭୂମି ବିକାଶ କାର୍ଯ୍ୟ ଏବଂ ଭବିଷ୍ୟତ ଯୋଜନା ସମୀକ୍ଷା କରିବା ପାଇଁ କଚ୍ଛ ଅଞ୍ଚଳ ଗସ୍ତ କରିଛନ୍ତି। ଯାଞ୍ଚ ସମୟରେ, ସେ ଏକ ଯାଞ୍ଚ ଯାନରୁ ଗାନ୍ଧୀଧାମ-ମୁଦ୍ରା ବନ୍ଦର ସେକ୍ସନର ୱିଣ୍ଡୋ-ଟ୍ରେଲିଂ ଯାଞ୍ଚ ଏବଂ ଭୁଜ-ନାଲିଆ-ଭାୟାର ସେକ୍ସନର ସମ୍ପୂର୍ଣ୍ଣ ଯାଞ୍ଚ କରିଥିଲେ। ୨୨ ରେ ଗାନ୍ଧୀଧାମ ଏବଂ ମୁଦ୍ରା ବନ୍ଦର ମଧ୍ୟରେ ଯାଞ୍ଚ ସମୟରେ, ମହାପ୍ରବନ୍ଧକ ଗାନ୍ଧୀଧାମ ଅଞ୍ଚଳରେ ଚାଲିଥିବା ବିଭିନ୍ନ ରେଳ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରିଥିଲେ। ଏହି ଅବସରରେ ଅହମ୍ମଦାବାଦ ରେଳବାଇର ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ) ପ୍ରଦୀପ ଗୁପ୍ତା, ଅହମ୍ମଦାବାଦ ଡିଭିଜନର ଡିଭିଜନାଲ ରେଳ ପରିଚାଳକ ବେଦ ପ୍ରକାଶ ଏବଂ ନିର୍ମାଣ ଏବଂ ବିଭାଗୀୟ ବିଭାଗର ବରିଷ୍ଠ ଅଧିକାରୀମାନେ



ଉପସ୍ଥିତ ଥିଲେ। ମୁଦ୍ରା ବନ୍ଦର ଗସ୍ତ ସମୟରେ, ମହାପ୍ରବନ୍ଧକ ଏପିଏସ୍‌ଇଜେଡ୍ ସିଇଓ ସୁଜଲ ଶାହଙ୍କ ସହ ଟ୍ରେନ ସଂଯୋଗ ଏବଂ ଟ୍ରେନ ପରିଚାଳନା ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ।

## ଅପରେସନ୍ ନେତ୍ରକୁ ବେଦାନ୍ତ ଆଲୁମିନିୟମର ସମର୍ଥନ

**ଭୁବନେଶ୍ୱର, ୨୩।୫ (ସମିସ):** ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ସମଗ୍ର ଜିଲ୍ଲାରେ ଯାତ୍ରୀଙ୍କ ସୁରକ୍ଷା, ସ୍ୱଚ୍ଛତା ଏବଂ ସାର୍ବଜନୀନ ପରିବହନ ଉପରେ ଆତ୍ମବିଶ୍ୱାସ ବୃଦ୍ଧି ଉଦ୍ଦେଶ୍ୟରେ ଏକ ସ୍ମାର୍ଟ ଅଟୋ ଟ୍ରାକିଂ ସିଷ୍ଟମ ଅପରେସନ୍ ନେତ୍ର ଆରମ୍ଭ କରିବାରେ ଝାରସୁଗୁଡ଼ା ପୋଲିସକୁ ସହାୟତା କରିଛି। ଜିଲ୍ଲା ପ୍ରଶାସନର ଅନେକ ବରିଷ୍ଠ ଅଧିକାରୀ, ପୋଲିସ ଏବଂ ଶିଳ୍ପ ନେତୃବର୍ଗଙ୍କ ସହିତ ୧୫୦ରୁ ଅଧିକ ଅଟୋ ରିକ୍ସା ଚାଳକ ତଥା ସ୍ଥାନୀୟ ପରିବହନ ବ୍ୟବସ୍ଥାର ଅନ୍ୟମାନଙ୍କ ସମେତ ୨୫୦ରୁ ଅଧିକ ସଦସ୍ୟଙ୍କ ଉପସ୍ଥିତିରେ ଏହି ନାଗରିକ-କେନ୍ଦ୍ରିତ ପଦକ୍ଷେପର ଶୁଭାରମ୍ଭ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉତ୍ତରାଞ୍ଚଳ ପୁଲିସ୍ ଆଇଜି ହିମାଂଶୁ କୁମାର ଲାଲ, ଝାରସୁଗୁଡା ଏସ୍‌ପି ଗୁଣ୍ଡଲା ରେଡ୍ଡୀ ରାଘବେନ୍ଦ୍ର, ଜିଲ୍ଲାପାଳ କୁନାଲ ମୋତିରାମ ଚୌହ୍ୱାନ ଏବଂ ଝାରସୁଗୁଡା ସ୍ଥିତ ବେଦାନ୍ତ




ଆଲୁମିନିୟମର ସିଇଓ ସି ଚନ୍ଦ୍ରୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଝାରସୁଗୁଡ଼ା ସ୍ଥିତ ବେଦାନ୍ତ ଆଲୁମିନିୟମ ସିଇଓ ସି. ଚନ୍ଦ୍ରୁ କହିଛନ୍ତି, ବେଦାନ୍ତ ଝାରସୁଗୁଡ଼ାରେ ଆମେ ବିଶ୍ୱାସ କରୁ ଯେ ଜ୍ଞାନକୌଶଳର ଆଧାରିତ ଗୋଷ୍ଠୀ ପଦକ୍ଷେପ ସୁରକ୍ଷିତ ଏବଂ ସ୍ମାର୍ଟ ସହର ନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଅପରେସନ୍ ନେତ୍ର ଅଧୀନରେ ସ୍ମାର୍ଟ ଅଟୋ ଟ୍ରାକିଂ ସିଷ୍ଟମ୍ ଜନସାଧାରଣଙ୍କ ସୁରକ୍ଷାକୁ ମଜବୁତ କରିବା ଏବଂ ପରିବହନ ଇକୋସିଷ୍ଟମ୍ ମଧ୍ୟରେ ବିଶ୍ୱାସ ବୃଦ୍ଧି ଦିଗରେ ଏକ ପ୍ରଗତିଶୀଳ ପଦକ୍ଷେପ।

## 'ଭିବି-ଜି ରାମ୍ ଜି' ଯୋଜନା ପାଇଁ ପ୍ରକାଶ ପାଇଲା ଚିଠା ନିୟମାବଳୀ

# ଜୁଲାଇ ୧ ରୁ ବନ୍ଦ ହେବ ମନରେଗା

**ନୂଆଦିଲ୍ଲୀ, ୨୩।୫ (ଏଜେନ୍ସି):** କେନ୍ଦ୍ର ସରକାର ଶନିବାର ଦିନ 'ଭିବି-ଜି ରାମ୍ ଜି' ଯୋଜନାର ଚିଠା ନିୟମାବଳୀ ସର୍ବସାଧାରଣଙ୍କ ପାଇଁ ପ୍ରକାଶ କରିଛନ୍ତି। ଆଗାମୀ ଜୁଲାଇ ୧ ତାରିଖରୁ ସମଗ୍ର ଦେଶରେ ଏହି ନୂତନ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି ଯୋଜନା ଲାଗୁ ହେବାକୁ ଯାଉଛି। ଏହା ସହିତ ଦୀର୍ଘ ୨୦ ବର୍ଷର ପୁରୁଣା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ (ମନରେଗା) ସମ୍ପୂର୍ଣ୍ଣ ରୂପେ ବନ୍ଦ ହୋଇଯିବ। କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟ ଏହି ପ୍ରସ୍ତାବିତ ନିୟମାବଳୀ ଉପରେ ଆସନ୍ତା ମାସ ୨୧ ତାରିଖ ପର୍ଯ୍ୟନ୍ତ ନାଗରିକ ଏବଂ ବିଭିନ୍ନ ସଂଗଠନଠାରୁ ମତାମତ ଓ ପରାମର୍ଶ ଆହ୍ୱାନ କରିଛି। ପୂର୍ବରୁ ମନରେଗା ଅଧୀନରେ ବର୍ଷକୁ ୧୦୦ ଦିନର କାମ ମିଳୁଥିବା ବେଳେ, ଏହି ନୂଆ ଆଇନ ଅନୁସାରେ ପ୍ରତ୍ୟେକ ଗ୍ରାମୀଣ ପରିବାରକୁ ବର୍ଷକୁ ଅତିକମରେ ୧୨୫ ଦିନର ଅଣ-କୁଶଳୀ ଶ୍ରମ ଭିତ୍ତିକ କାର୍ଯ୍ୟର ସାମ୍ବିଧାନିକ ଗ୍ୟାରେଣ୍ଟି ମିଳିବ। କୃଷି କାର୍ଯ୍ୟ ଯେପରି ପ୍ରଭାବିତ ନହେବ, ସେଥିପାଇଁ ଫସଲ ବୁଣା ଏବଂ କଟା ଭଳି ବ୍ୟସ୍ତବହୁଳ ସମୟରେ ରାଜ୍ୟ ସରକାରମାନେ ବର୍ଷକୁ ସର୍ବାଧିକ ୬୦ ଦିନ ପର୍ଯ୍ୟନ୍ତ ଏହି ଯୋଜନାର କାମକୁ ସ୍ଥଗିତ ବା ନିୟନ୍ତ୍ରିତ କରିପାରିବେ। ଏହି କେନ୍ଦ୍ର ପ୍ରବର୍ତ୍ତିତ ଯୋଜନାର ସମସ୍ତ ଖର୍ଚ୍ଚ ସାଧାରଣ ରାଜ୍ୟଗୁଡ଼ିକ ପାଇଁ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ୬୦:୪୦ ଅନୁପାତରେ ବିଭାଜିତ ହେବ। ମାତ୍ର ଉତ୍ତର-ପୂର୍ବ ରାଜ୍ୟ, ପାର୍ବତ୍ୟ ଅଞ୍ଚଳ (ଯେପରିକି ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ) ଏବଂ ଜାମ୍ମୁ-କାଶ୍ମୀର ଭଳି କେନ୍ଦ୍ରଶାସିତ ଅଞ୍ଚଳ ପାଇଁ କେନ୍ଦ୍ର ସରକାର ୯୦ ପ୍ରତିଶତ ଖର୍ଚ୍ଚ ବହନ କରିବେ। ସ୍ୱଚ୍ଛତା ଆଣିବା ପାଇଁ ଏହି ଯୋଜନାରେ ବାୟୋମେଟ୍ରିକ ଉପସ୍ଥାପନ , ଜିଓ-ଟ୍ୟାଗିଂ ଏବଂ ସାପ୍ତାହିକ ସର୍ବସାଧାରଣ ସୂଚନା ପ୍ରଦାନ ବ୍ୟବସ୍ଥାକୁ ବାଧ୍ୟତାମୂଳକ କରାଯାଇଛି। ମନରେଗାରୁ ନୂଆ ଯୋଜନାକୁ ପରିବର୍ତ୍ତନ ପ୍ରକ୍ରିୟା ସମୟରେ ଚାଲୁ ରହିଥିବା କୌଣସି କାମ ବନ୍ଦ ହେବନାହିଁ। ପୂର୍ବର ବାକି ଥିବା ଅର୍ଥ ପ୍ରଦାନ କରାଯିବ ଏବଂ ଇ-କେୱାଇସି ଯାଞ୍ଚ ହୋଇଥିବା ପୁରୁଣା ଜବ୍ କାର୍ଡଗୁଡ଼ିକ ମଧ୍ୟ ଏହି ନୂଆ ବ୍ୟବସ୍ଥାରେ ବୈଧ ବା କାର୍ଯ୍ୟକ୍ଷମ ରହିବ। ଯଦି କାମ ମାଗିବାର ୧୫ ଦିନ ମଧ୍ୟରେ କାମ ନମିଳେ, ତେବେ ଶ୍ରମିକମାନେ ବେକାରୀ ଭତ୍ତା ପାଇବାକୁ ହକଦାର ହେବେ।



# କ୍ରୀଡ଼ା



ସକାଳ
THE SAKALA
www.sakalaepaper.com

## ଶ୍ରେୟସଙ୍କ ଶତକ ଓ ପ୍ରଭସିମରନଙ୍କ ଅର୍ଦ୍ଧଶତକ ଆଗରେ ଫିକା ପଡ଼ିଲେ ଇଂଲିଶ

# ପଞ୍ଜାବର ପ୍ଲେ ଅଫ୍ ଆଶା ଉଜ୍ଜୀବିତ

**ଲକ୍ଷ୍ନୌ,୨୩।୫(ଏଜେନ୍ସି):**

ଅଧିନାୟକ ଶ୍ରେୟସ ଆୟର (୫୧ବଲ୍‌ରେ ଅପରାଜିତ ୧୦୨ରନ୍)ଙ୍କ ଶତକ ଓ ଓପନର ପ୍ରଭସିମରନ ସିଂହ (୩୯ବଲ୍‌ରେ ୬୯ରନ୍)ଙ୍କ ଅର୍ଦ୍ଧଶତକ ବଳରେ ଏଠାରେ ଶନିବାର ଖେଳାଯାଇଥିବା ଆଇପିଏଲ୍-୨୦୨୬ର ୬୮ତମ ଲିଗ୍ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗସ ୭ ୱିକେଟରେ ଲକ୍ଷ୍ନୌ ସୁପର ଜାଏଣ୍ଟସ (ଏଲଏସ୍‌ଜି)କୁ ପରାସ୍ତ କରିଛି। ଏହା ଫଳରେ ୧୪ଟି ଲିଗ୍ ମ୍ୟାଚ୍‌ରୁ ୧୫ ପଏଣ୍ଟ ପାଇ ପଞ୍ଜାବ କିଙ୍ଗସ ପ୍ଲେ ଅଫ୍ ଦୌଡ଼ରେ ତିଷ୍ଠି ରହିଛି। ଦଳ ଏବେ ପଏଣ୍ଟ ତାଲିକାରେ ଚତୁର୍ଥ ସ୍ଥାନରେ ରହିଛି। କିନ୍ତୁ ୧୪ ପଏଣ୍ଟ ପାଇଥିବା ରାଜସ୍ଥାନ ରୟାଲ୍ସ ଆସନ୍ତାକାଲି ମୁମ୍ବଇ ଇଣ୍ଡିଆନ୍ସକୁ ପରାସ୍ତ କଲେ ପଞ୍ଜାବକୁ ପଛରେ ପକାଇ ପ୍ଲେ ଅଫ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ। ଅନ୍ୟ ପକ୍ଷରେ ପୂର୍ବରୁ ପ୍ଲେ ଅଫ୍ ଦୌଡ଼ରୁ ବାଦ୍ ପଡ଼ିଥିବା ଏଲ୍‌ଏସ୍‌ଜି ୧୪ଟି ମ୍ୟାଚ୍‌ରୁ ୪ବିଜୟ ଓ ୧୦ ପରାଜୟ ସହ ୮ ପଏଣ୍ଟ ପାଇ ୧୦ମ ତଥା ଶେଷ ସ୍ଥାନରେ ରହିଛି।

ଆଜିର ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଏଲଏସ୍‌ଜି ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୧୯୬ ରନ୍ ସଂଗ୍ରହ କରିଛି। ଦଳ ପକ୍ଷରୁ ଜୋଶ ଇଂଲିଶ ମାତ୍ର ୪୪ ବଲ୍‌ର ସାମ୍ନା କରି ୯ଟି ଚୌକା ଓ ୨ଟି ଛକା ସହାୟତାରେ ସର୍ବାଧିକ ୭୨ରନ୍ କରିଥିଲେ। ଆୟୁଷ ବଦୋନି ୧୮ ବଲ୍‌ରେ ୫ଚୌକା ଓ ୩ଛକା ସହ ୪୩ ଓ ଅବ୍‌ଦୁଲ ସମଦଙ୍କ ୨୦ ଅପରାଜିତ ୩୭ ରନ୍ କରିଥିଲେ। ଦଳ ଲାଗି ଶେଷ ମ୍ୟାଚ୍ ଖେଳିଥିବା ଅଧିନାୟକ ଋଷଭ ପନ୍ତ୍ ୨୨ ବଲ୍‌ରେ ୨୬ ରନ୍ କରିଥିଲେ।

ଜବାବରେ ୧୯୭ ରନ୍‌ର ଲକ୍ଷ୍ୟକୁ ପିଛା କରି ପଞ୍ଜାବ କିଙ୍ଗସ ୧୮ ଓଭରରେ ୩ ୱିକେଟ ହରାଇ ବିଜୟୀ ହାସଲ କରିନେଇଥିଲା। ଦଳ ପ୍ରଥମ ବଲ୍‌ରେ ବିସ୍ଫୋରକ ଓପନର ପ୍ରିୟାଂଶ ଆର୍ଯ୍ୟଙ୍କ ୱିକେଟ ହରାଇଥିଲା। ତୃତୀୟ ଓଭରରେ କୁପର କନୋଲୀ ଆଉଟ ହୋଇଥିଲେ। ଉଭୟ ମହମ୍ମଦ୍ ସାମିଙ୍କ ଶିକାର ବନିଥିଲେ। ତୃତୀୟ ୱିକେଟରେ ପ୍ରଭସିମରନ ଓ ଶ୍ରେୟସ ୭୬ବଲ୍‌ରୁ ୧୪୦ ରନ୍ ଉଠାଇ ଦଳର ବିଜୟ ରାସ୍ତା ପରିଷ୍କାର କରିଥିଲେ। ପ୍ରଭସିମରନ ଗତ ୩ଟି ମ୍ୟାଚ୍‌ରେ ଦ୍ୱିତୀୟ ଅର୍ଦ୍ଧଶତକ ହାସଲ କରିବା ପରେ ୩୯ବଲ୍‌ରୁ ୭ଚୌକା ଓ ୨ଛକା ସହ ୬୯ରନ୍‌ରେ ଆଉଟ ହୋଇଥିଲେ। ଛକା ମାରି ଶତକ ହାସଲ ସହ ଦଳକୁ ଜିତାଇଥିବା ଶ୍ରେୟସ ଏଠାରେ ପ୍ରଥମ ଆଇପିଏଲ ଶତକ ହାସଲ କରିଥିଲେ। ସେ ୫୧ବଲ୍‌ରୁ ୧୧ ଚୌକା ଓ ୫ଛକା ସହ ୧୦୧ ରନ୍‌ରେ ଅପରାଜିତ ରହି ଦଳକୁ ଜିତାଇଥିଲେ।



### ଆଜିର ଆଇପିଏଲ୍ ମ୍ୟାଚ୍

| ମୁମ୍ବଇ ବନାମ ରାଜସ୍ଥାନ | କୋଲକାତା ବନାମ ଦିଲ୍ଲୀ |
|---|---|
| ଭେନ୍ୟୁ- ମୁମ୍ବଇ | ଭେନ୍ୟୁ- କୋଲକାତା |
| ଖେଳ ଆରମ୍ଭ : ଅପରାହ୍ଣ ୩.୩୦ | ଖେଳ ଆରମ୍ଭ : ରାତି ୭.୩୦ |

ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

### ଆଇପିଏଲ୍ ପଏଣ୍ଟ ଟେବୁଲ୍

| ଦଳ | ମ୍ୟା. | ବି. | ପ. | ବା. | ପ. | ଏନ୍‌ଆରଆର୍ |
|---|---|---|---|---|---|---|
| ବେଙ୍ଗାଲୁରୁ | ୧୪ | ୯ | ୫ | ୦ | ୧୮ | +୦.୭୮୩ |
| ଗୁଜରାଟ | ୧୪ | ୯ | ୫ | ୦ | ୧୮ | +୦.୬୯୫ |
| ହାଇଦରାବାଦ | ୧୪ | ୯ | ୫ | ୦ | ୧୮ | +୦.୫୨୪ |
| ରାଜସ୍ଥାନ | ୧୩ | ୭ | ୬ | ୦ | ୧୪ | +୦.୦୮୩ |
| ପଞ୍ଜାବ | ୧୪ | ୭ | ୬ | ୧ | ୧୫ | +୦.୩୦୯ |
| କୋଲକାତା | ୧୩ | ୬ | ୬ | ୧ | ୧୩ | +୦.୦୧୧ |
| ଚେନ୍ନଇ (ଏ) | ୧୪ | ୬ | ୮ | ୦ | ୧୨ | -୦.୩୪୫ |
| ଦିଲ୍ଲୀ | ୧୩ | ୬ | ୭ | ୦ | ୧୨ | -୦.୮୭୧ |
| ମୁମ୍ବଇ (ଏ) | ୧୩ | ୪ | ୯ | ୦ | ୮ | -୦.୫୧୦ |
| ଲକ୍ଷ୍ନୌ (ଏ) | ୧୪ | ୪ | ୧୦ | ୦ | ୮ | -୦.୭୪୦ |

ବି.ଦ୍ର.: ମ୍ୟା-ମ୍ୟାଚ୍, ବି- ବିଜୟ, ପ- ପରାଜୟ, ବା- ବାତିଲ, ପ- ପଏଣ୍ଟ

■ ଦୀର୍ଘ ପ୍ରତୀକ୍ଷାର ଅନ୍ତ

## ଏଲ୍‌ଏସ୍‌ଜି ପକ୍ଷରୁ ଅର୍ଜୁନଙ୍କ ପଦାର୍ପଣ

**ନୂଆଦିଲ୍ଲୀ,୨୩।୫(ଏଜେନ୍ସି):** ଲକ୍ଷ୍ନୌ ସୁପର ଜାଏଣ୍ଟସ(ଏଲ୍‌ଏସ୍‌ଜି)ର ଅଲରାଉଣ୍ଡର ଅର୍ଜୁନ ତେନ୍ଦୁଲକର ଶନିବାର ପଞ୍ଜାବ କିଙ୍ଗସ ବିପକ୍ଷ ଶେଷ ଲିଗ୍ ମ୍ୟାଚରେ ପଦାର୍ପଣ କରିଛନ୍ତି। ଏଥିସହ ଅର୍ଜୁନଙ୍କ ଲାଗି ଏହି ମ୍ୟାଚଟି ଘଟଣାବହୁଳ ରହିଛି। ପ୍ରଥମେ ସେ ବ୍ୟାଟିଂ କରି ୫ବଲ୍‌ରେ ୫ ରନ୍ କରି ଅପରାଜିତ ରହିଥିଲେ। ପଞ୍ଜାବ ଇନିଂସର ପ୍ରଥମ ବଲ୍‌ରେ ସେ ପ୍ରିୟାଂଶ ଆର୍ଯ୍ୟଙ୍କୁ କ୍ୟାଚ୍ ଆଉଟ କରିଥିଲେ। ଏହା ପରେ ବୋଲିଂ କରି ନିରାଶ ହୋଇଥିଲେ। ତାଙ୍କ ବୋଲିଂରେ ଋଷଭ ପନ୍ତ୍ କ୍ୟାଚ୍ ହାତଛଡ଼ା କରିଥିଲେ। କିନ୍ତୁ ପ୍ରତିପକ୍ଷ ଓପନର ପ୍ରଭସିମରନ ସିଂହଙ୍କୁ ଆଉଟ କରିବାରେ ସମର୍ଥ ହୋଇଥିଲେ। ସେ ୪ ଓଭରରେ ୩୬ ରନ୍ ଦେଇ ଗୋଟିଏ ୱିକେଟ ପାଇଥିଲେ।

■ କିଟ୍ ହକି ମହୋତ୍ସବ ଉଦ୍‌ଘାଟିତ

## ପ୍ରଥମ ରାଉଣ୍ଡରେ ୪ ଜିଏମ୍, ୨୪ ଆଇଏମ୍‌ଙ୍କ ମ୍ୟାଚ୍ ଡ୍ର

**ଭୁବନେଶ୍ୱର,୨୩।୫(ସମିସ):** ଏଆଇସିଏଫ୍ ସ୍ୱୀକୃତି ପାଇଥିବା କିଟ୍ ଚେସ୍ ମହୋତ୍ସବ ଆଜି କିଟ୍ ୟୁନିଭର୍ସିଟି ପରିସରରେ ଆରମ୍ଭ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ଆଜି କାଟାଗୋରୀ 'ଏ' ଓ 'ବି'ର ଖେଳ ଆରମ୍ଭ ହୋଇଛି। କାଟାଗୋରୀ-ଏ'ର ପ୍ରଥମ ରାଉଣ୍ଡରେ ୧୮୧ ଜଣ ଖେଳାଳି ବିଜୟୀ ହୋଇଛନ୍ତି। ପ୍ରଥମ ରାଉଣ୍ଡରେ ଟପ୍ ସିଡ ଗ୍ରାଣ୍ଡମାଷ୍ଟର ଦୀପ୍ତାୟନ ଘୋଷଙ୍କ ସହ ପ୍ରଣବ ସାଇ ରାମ ମ୍ୟାଚ୍ ଡ୍ର ରଖିଛନ୍ତି। ଅନ୍ୟ ୩ ଜିଏମ୍ ସନ୍ଦୀପନ ଚନ୍ଦା, ପି କାର୍ତ୍ତିକେୟନ, ଆମେରିକା ଜିଏମ୍ ରାସେତ ଜିଆତଦିନୋଭ୍ ମ୍ୟାଚ୍ ଡ୍ର ରଖିଥିଲେ। ଏମାନଙ୍କ ବ୍ୟତୀତ ୨ ମହିଳା ଜିଏମ୍‌ଙ୍କ ସମେତ ୨୪ଜଣ ଆଇଏମ୍ ମଧ ପ୍ରଥମ ରାଉଣ୍ଡ ମ୍ୟାଚ୍ ଡ୍ର ରଖିବାରେ ସମର୍ଥ ହୋଇଛନ୍ତି। କାଟାଗୋରୀ-ବି'ରେ ୨ ରାଉଣ୍ଡ ଖେଳ ହୋଇଥିଲାବେଳେ ୧୨୦ଜଣ ଉଭୟ ରାଉଣ୍ଡ ମ୍ୟାଚ୍ ଜିତିଛନ୍ତି।

## ମାଇକେଲ କିଣ୍ଡୋ ସ୍ମାରକୀ ମହିଳା ହକି

**ଭୁବନେଶ୍ୱର,୨୩।୫(ସମିସ):** କଳିଙ୍ଗରେ ଭୁବନେଶ୍ୱର ହକି କ୍ଲବ୍ ଟ୍ରଷ୍ଟ ଆନୁକୂଲ୍ୟରେ ଚାଲିଥିବା ମାଇକେଲ କିଣ୍ଡୋ ସ୍ମାରକୀ ମହିଳା ହକିରେ ରାଉରକେଲା ଓ ସୁନ୍ଦରଗଡ କ୍ରୀଡ଼ା ଛାତ୍ରାବାସ ଦ୍ୱିତୀୟବିଜୟହାସଲ କରିଛନ୍ତି। ଆଜିର ମ୍ୟାଚ୍‌ରେ ରାଉରକେଲା ୨-୦ରେ ହକି କ୍ଲବ୍ ଟ୍ରଷ୍ଟକୁ ଓ ସୁନ୍ଦରଗଡ଼ ୨-୧ ଗୋଲରେ ହକି ସିମ୍‌ଡେଗାକୁ ପରାସ୍ତ କରିଛି। ଆଜିର ଅନ୍ୟ ଦୁଇଟି ଖେଳରେ ଦପୂ ରେଳବାଇ ଓ ସିଆଇଏସ୍‌ଏଫ୍ ବିଜୟୀ ହୋଇଛନ୍ତି।

■ କାସା ମହିଳା କ୍ରୀଡ଼ା ପ୍ରତିଯୋଗିତା

## ଭଲିବଲ ଦଳର ଡବଲ ବିଜୟ

**ଭୁବନେଶ୍ୱର,୨୨।୫(ସମିସ):** କାଭା ମହିଳା କ୍ରୀଡ଼ା ପ୍ରତିଯୋଗିତାରେ ଭାରତୀୟ ମହିଳା ଦଳ କ୍ରମାଗତ ଦୁଇ ଦିନରେ ଦ୍ୱିତୀୟ ବିଜୟ ହାସଲ କରିଛି। ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ଭାରତ ୩-୦ ସେଟ୍‌ରେ ମାଳଦ୍ୱୀପକୁ ପରାସ୍ତ କରିଛି। ଗତକାଲି ମଧ ମହିଳା ଖେଳାଳିମାନେ ଦମ୍ ଦେଖାଇ ନେପାଳକୁ ୩-୦ରେ ହରାଇଥିଲେ। ଭାରତ ତାହାର ତୃତୀୟ ମ୍ୟାଚ୍ କିରଗୀଜସ୍ଥାନ ସହ ଆସନ୍ତା ୨୫ରେ ଖେଳିବ।

**ଏସିଆନ ଗେମ୍ସ ଚୟନ ଟ୍ରାଏଲ୍ସ**

## 'ଭାଗନେବେ ବିନେଶ ଫୋଗଟ୍'

**ନୂଆଦିଲ୍ଲୀ,୨୩।୫(ଏଜେନ୍ସି):** ଭାରତର ଅଭିଜ୍ଞ ମହିଳା କୁସ୍ତିଯୋଦ୍ଧା ବିନେଶ ଫୋଗଟ୍‌ଙ୍କୁ ଆଗାମୀ ଏସିଆନ ଗେମ୍ସ ଚୟନ ଟ୍ରାଏଲ୍ସ'ରେ ଭାଗ ନେବା ପାଇଁ ଦିଲ୍ଲୀ ହାଇକୋର୍ଟ ସବୁଜ ସଙ୍କେତ ଦେଇଛନ୍ତି। ଏହି ମାମଲାର ଶୁଣାଣି କରି ହାଇକୋର୍ଟ ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ)ର ବର୍ତ୍ତମାନର ଚୟନ ନୀତିକୁ କଡ଼ା ସମାଲୋଚନା କରିବା ସହ ଏହାକୁ ଠିକ୍ ନୁହେଁ ବୋଲି କହିଛନ୍ତି। ମୁଖ୍ୟ ବିଚାରପତି ଡିକେ ଉପାଧ୍ୟାୟ ଏବଂ ବିଚାରପତି ତେଜସ କାରିଆଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି ଯେ, ଆସନ୍ତା ମେ ୩୦ ଏବଂ ୩୧ରେ ହେବାକୁ ଥିବା ଚୟନ ଟ୍ରାଏଲ୍ସରେ ବିନେଶଙ୍କୁ ସାମିଲ କରାଯିବ। କୋର୍ଟ କହିଛନ୍ତି ଯେ, ମାତୃତ୍ୱକାଳୀନ ଛୁଟି ପରେ ଖେଳକୁ ଫେରୁଥିବା ଶୀର୍ଷ ସ୍ତରର ଖେଳାଳିମାନଙ୍କୁ ବାଦ୍ ଦେବା ଭଳି କୌଣସି ନିୟମ କଦାପି ଗ୍ରହଣୀୟ ନୁହେଁ। ଖେଳର ସ୍ୱାର୍ଥ ଏବଂ ନ୍ୟାୟ ପାଇଁ ଏହି ଅନୁମତି ଦିଆଯିବା ଜରୁରୀ ବୋଲି କୋର୍ଟ ଉଲ୍ଲେଖ କରିଛନ୍ତି। କୋର୍ଟ କୁସ୍ତି ମହାସଂଘକୁ ସମ୍ପୂର୍ଣ୍ଣ ଚୟନ ପ୍ରକ୍ରିୟାର ଭିଡିଓ ରେକର୍ଡିଂ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଚୟନ ପ୍ରକ୍ରିୟା ଉପରେ ନଜର ରଖିବା ପାଇଁ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ଏବଂ ଭାରତୀୟ ଅଲିମ୍ପିକ ସଂଘ (ଆଇଓଏ)ର ସ୍ୱାଧୀନ ପର୍ଯ୍ୟବେକ୍ଷକମାନେ ଉପସ୍ଥିତ ରହିବେ। ଭାରତର ସବୁଠାରୁ ସଫଳ କୁସ୍ତିଯୋଦ୍ଧାମାନଙ୍କ ମଧ୍ୟରୁ ଅନ୍ୟତମ ବିନେଶ ଫୋଗଟ୍। ୨୦୨୪ ପ୍ୟାରିସ ଅଲିମ୍ପିକ୍ସ ସମୟରେ ୫୦ କିଲୋଗ୍ରାମ ଫ୍ରି-ଷ୍ଟାଇଲ୍ ବର୍ଗର ଫାଇନାଲ୍ ମୁକାବିଲା ପୂର୍ବରୁ ମାତ୍ର ୧୦୦ ଗ୍ରାମ ଅଧିକ ଓଜନ ହେବା ଯୋଗୁଁ ଦୁର୍ଭାଗ୍ୟଜନକ ଭାବେ ଅଯୋଗ୍ୟ ଘୋଷିତ ହୋଇଥିଲେ। ବର୍ତ୍ତମାନ ଏହି କୋର୍ଟଙ୍କ ନିଷ୍ପତ୍ତି ପରେ ତାଙ୍କର ଆଗାମୀ ଏସିଆନ ଗେମ୍ସ ଖେଳିବା ଆଶା ଉଜ୍ଜୀବିତ ହୋଇଛି। ଏହି କ୍ରୀଡ଼ା ମହାକୁମ୍ଭ ଚଳିତ ବର୍ଷ ଜାପାନର ଆଇଚି-ନାଗୋୟାରେ ଆୟୋଜନ ହେବ।

## ଜାତୀୟ ସବ୍‌ଜୁନିଅର ବେସ୍‌ବଲ୍ ଆଜିଠାରୁ




**ଭୁବନେଶ୍ୱର,୨୨।୫(ସମିସ):** ବେସ୍‌ବଲ ଆସୋସିଏସନ ଅଫ୍ ଓଡ଼ିଶା (ବିଏଓ) ଓ ଆମାଚିଓର ବେସ୍‌ବଲ ଫେଡେରେସନ ଅଫ୍ ଇଣ୍ଡିଆ (ଏବିଏଫ୍‌ଆଇ)ର ମିଳିତ ସହଯୋଗରେ ୩୧ତମ ଜାତୀୟ ଜୁନିଅର ବେସ୍‌ବଲ ଚାମ୍ପିଅନସିପ୍ ଆସନ୍ତାକାଲିଠାରୁ ଆରମ୍ଭ ହେବ। କିଟ୍ ୟୁନିଭର୍ସିଟି ଓ କିସ୍ କ୍ୟାମ୍ପସରେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ସହାୟତାରେ ୨୦ଟି ବାଳକ ଓ ୧୮ଟି ବାଳିକା ଦଳକୁ ନେଇ ଏହି ପ୍ରତିଯୋଗିତା ୨୯ ତାରିଖଯାଏ ଚାଲିବ। ଏଥିରେ ଖେଳାଳି, ଟେକ୍ନିକାଲ ଅଫିସିଆଲ, ସ୍ୱେଚ୍ଛାସେବୀ ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ମିଶାଇ ପ୍ରାୟ ୧,୦୦୦ ବ୍ୟକ୍ତିବିଶେଷ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଲିଗ୍ କମ୍ ନକ୍‌ଆଉଟ ଭିତ୍ତିରେ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତାରେ ୧୨୦ଟି ପଦକ ପ୍ରଦାନ କରାଯିବ ବୋଲି ଏବିଏଫ୍‌ଆଇର ସଭାପତି ପଙ୍କଜ ଲୋଚନ ମହାନ୍ତି କହିଛନ୍ତି। ଶ୍ରୀ ମହାନ୍ତିଙ୍କ ଅନୁଯାୟୀ ଏହି ପ୍ରତିଯୋଗିତାର ଆୟୋଜନ ଲାଗି ୫୨ ଲକ୍ଷ ଟଙ୍କାର ବ୍ୟୟଅଟକଳ କରାଯାଇଛି। କିଟ୍ ପରିସରରେ ଆଜି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଏଓ ସଭାପତି ପ୍ରବୋଧ ମହାନ୍ତି, ସମ୍ପାଦକ ଶିବାନନ୍ଦ ପ୍ରଧାନ, ଏବିଏଫ୍‌ଆଇ ସମ୍ପାଦକ ଅରବିନ୍ଦ କୁମାର, କିଟ୍ କ୍ରୀଡ଼ା ନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ଅଲଇଣ୍ଡିଆ ଗୋଲ୍ଡ କପ୍ କ୍ରିକେଟରେ ଭାଗନେବ ଓଡ଼ିଶା ଉଦୀୟମାନ ଦଳ

**ଭୁବନେଶ୍ୱର,୨୩।୫ (ସମିସ):** ଓପନର ଓମ୍‌ଟି ମୁଣ୍ଡେଙ୍କ ନେତୃତ୍ୱରେ ଓଡ଼ିଶାର ଏକ ଉଦୀୟମାନ ପୁରୁଷ କ୍ରିକେଟ ଦଳ ଉତ୍ତରାଖଣ୍ଡରେ ହେବାକୁ ଯାଉଥିବା ଅଲ୍ ଇଣ୍ଡିଆ ଗୋଲ୍ଡ କପ୍ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବ। ଉତ୍ତରାଖଣ୍ଡରେ ଏହି ଟୁର୍ଣ୍ଣାମେଣ୍ଟ ୫୦ ଓଭର ବିଶିଷ୍ଟ ହେବ। ଓଡ଼ିଶା ଦଳ ତାହାର ପ୍ରଥମ ମ୍ୟାଚ୍ ମେ ୨୪ରେ ଉତ୍ତରାଖଣ୍ଡ, ମେ ୨୬ରେ ରେଳବାଇ ଓ ୨୭ରେ ଦିଲ୍ଲୀ ସହ ଖେଳିବ। ଚଳିତ ସିଜନ ଲାଗି ଓଡ଼ିଶା ଦଳର ହେଡ୍ କୋଚ୍ ନିଯୁକ୍ତ ହୋଇଥିବା ପ୍ରଭଞ୍ଜନ ମଲ୍ଲିକଙ୍କ ଲାଗି ଏହା ପ୍ରଥମ ଦାୟିତ୍ୱ ହେବ। ସ୍ୱସ୍ତିକ ପ୍ରସାଦ ମହାନ୍ତି ଫିଜିଓଥେରାପିଷ୍ଟ, ଶକ୍ତିସ୍ୱରୂପ ଦାସ ଷ୍ଟ୍ରେନ୍ଥ ଆଣ୍ଡ କଣ୍ଡିସନିଂ କୋଚ୍ ଭାବେ ଦଳ ସହ ଯାତ୍ରା କରିଛନ୍ତି।

**ଓଡ଼ିଶା ଦଳ:** ଓମ୍‌ଟି ମୁଣ୍ଡେ (ଅଧିନାୟକ), ଶ୍ରେୟାଂଶ ଭରଦ୍ୱାଜ, ସମ୍ବିତ ବରାଳ, ଶ୍ରୀରାଜ ପଟ୍ଟନାୟକ, ମହମ୍ମଦ୍ ଡାନିସ୍, ବାଦଲ ବିଶ୍ୱାଳ, ସୌମ୍ୟରଞ୍ଜନ ବିଶ୍ୱାଳ, ଦିନେଶ ମାଝୀ ଓ ଆଶୀର୍ବାଦ ସ୍ୱାଇଁ (ୱିକେଟରକ୍ଷକ), ସୌମ୍ୟରଞ୍ଜନ ଲେଙ୍କା, ଗୌରବ ଚୌଧୁରୀ, ଅଭିଷେକ ସିଂ, ବିଶ୍ୱଜିତ୍ ପ୍ରଧାନ, ସୁଜଲ ସିଂ ଓ ରାଜ ଯାଦବ।

**ଏଫ୍‌ଆଇଜି ୱାର୍ଲ୍ଡ ଚ୍ୟାଲେଞ୍ଜ କପ୍ ଜିମ୍ନାଷ୍ଟିକ୍ସ**

## ପ୍ରଣତି ନାୟକଙ୍କୁ ରୌପ୍ୟ



**ଭୁବନେଶ୍ୱର, ୨୨।୫ (ସମିସ):** ଓଡ଼ିଶାରେ ଅତ୍ୟାଧୁନିକ ପ୍ରଶିକ୍ଷଣ ନେଇଥିବା ପ୍ରଣତି ନାୟକ ତାସ୍‌କେଣ୍ଟଠାରେ ଚାଲିଥିବା ଏଫ୍‌ଆଇଜି ୱାର୍ଲ୍ଡ ଚ୍ୟାଲେଞ୍ଜ କପ୍ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସରେ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ସେ ଚମତ୍କାର କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ କରି ଭଲ୍‌ଟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଭାରତୀ ଜିମ୍ନାଷ୍ଟିକ୍‌ରେ ଏହା ଏକ ବିରଳ ସଫଳତା ଭାବେ ବିବେଚନା କରାଯାଉଛି। ପଶ୍ଚିମବଙ୍ଗର ଏହି ଆଥଲେଟ୍ ଓଡ଼ିଶାର କଳିଙ୍ଗ ଷ୍ଟାଡିୟମ୍‌ରେ ଥିବା ହାଇପରଫର୍ମାନ୍ସ ଜିମ୍ନାଷ୍ଟିକ୍‌ସ ସେଣ୍ଟରରେ ପ୍ରଶିକ୍ଷଣ ନେଉଛନ୍ତି। ଏହି ସଫଳତାରେ କୋଚ୍ ଅଶୋକ ମିଶ୍ର ଏବଂ ଓଡ଼ିଶା ଜିମ୍ନାଷ୍ଟିକ୍ସ ସଂଘ ସମ୍ପାଦକ ଅଶୋକ କୁମାର ସାହୁ ପ୍ରଣତିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

■ ଫେଡେରେସନ କପ୍

## ଅନିମେଶ ପୁଣିଥରେ ଜାତୀୟ ରେକର୍ଡ ନିଜ ନାମରେ କଲେ



**ରାଞ୍ଚି,୨୩।୫(ଏଜେନ୍ସି):** ରାଞ୍ଚିର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଚାଲିଥିବା ଜାତୀୟ ସିନିୟର ଆଥଲେଟିକ୍ସ ଫେଡେରେସନ କପ୍ ୨୦୨୬ ର ସେମିଫାଇନାଲରେ ଏକ ଅଭୂତପୂର୍ବ ଦୃଶ୍ୟ ଦେଖିବାକୁ ମିଳିଥିଲା। ପୁରୁଷ ୧୦୦ ମିଟର ଦୌଡ଼ରେ ମାତ୍ର ୫ ମିନିଟ୍ ବ୍ୟବଧାନରେ ଦୁଇଟି ଜାତୀୟ ରେକର୍ଡ ସୃଷ୍ଟି ହୋଇଛି। ପ୍ରଥମ ସେମିଫାଇନାଲ ହିଟ୍ସରେ ପଞ୍ଜାବର ଗୁରିନ୍ଦରଭିର ସିଂ ୧୦.୧୭ ସେକେଣ୍ଡ ସମୟ ନେଇ ଅନିମେଶଙ୍କ ପୂର୍ବ ଜାତୀୟ ରେକର୍ଡ (୧୦.୧୮ ସେକେଣ୍ଡ)କୁ ଭାଙ୍ଗି ଦେଇଥିଲେ। କିନ୍ତୁ ଏହାର ମାତ୍ର କେତେ ମିନିଟ୍ ପରେ, ଦ୍ୱିତୀୟ ସେମିଫାଇନାଲ ହିଟ୍ସରେ ଓଡ଼ିଶାର ୨୨ ବର୍ଷୀୟ ତାରକା ସ୍ପ୍ରିଣ୍ଟର ଅନିମେଶ କୁଜୁର ମାତ୍ର ୧୦.୧୫ ସେକେଣ୍ଡରେ ଦୌଡ଼ ସମ୍ପୂର୍ଣ୍ଣ କରି ଗୁରିନ୍ଦରଭିରଙ୍କ ରେକର୍ଡକୁ କାଟିବା ସହ ପୁଣିଥରେ ଭାରତର ସବୁଠୁ ଦ୍ରୁତତମ ମାନବର ଗୌରବ ଫେରିପାଇଛନ୍ତି। ଏହି ସଫଳତା ସହ ଅନିମେଶ ୨୦୨୬ ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପାଇଁ ଆଥଲେଟିକ୍ସ ଫେଡେରେସନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ଦ୍ୱାରା ଧାର୍ଯ୍ୟ କରାଯାଇଥିବା ୧୦.୧୬ ସେକେଣ୍ଡର କଠିନ ଯୋଗ୍ୟତା ମାର୍କକୁ ମଧ ସଫଳତାର ସହ ପାର୍ କରିଛନ୍ତି।

**ଜାତୀୟ ଜୁନିଅର ଓ ସବ୍‌ଜୁନିଅର ପାୱାରଲିଫ୍ଟିଂ**

## ଓଡ଼ିଶାକୁ ୬ ପଦକ, ଆକାଂକ୍ଷା ରନର୍ସଅପ୍




**ଭୁବନେଶ୍ୱର,୨୩।୫ (ସମିସ):** ଆନ୍ଧ୍ରପ୍ରଦେଶର ଅମ୍‌ଲାପୁରମଠାରେ ଜାତୀୟ ଜୁନିଅର ଓ ସବ୍‌ଜୁନିଅର ପାୱାରଲିଫ୍ଟିଂ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଓଡ଼ିଶାକୁ ଗୋଟିଏ ସ୍ୱର୍ଣ୍ଣ, ଦୁଇଟି ରୌପ୍ୟ ଓ ୩ଟି କାଂସ୍ୟ ସମେତ ମୋଟ ୬ଟି ପଦକ ମିଳିଛି। ମହିଳା ବିଭାଗରେ ଆକାଂକ୍ଷା ପରିଡ଼ା ଦ୍ୱିତୀୟ ବେଷ୍ଟ ପାୱାରଲିଫ୍ଟର ବା ରନର୍ସ ଅପ୍ ହୋଇଛନ୍ତି। ଉଭୟ କାଟାଗୋରୀରେ ଓଡ଼ିଶା ଭଲ ଖେଳ ପ୍ରଦର୍ଶନ କରିଛି। ମହିଳା ଜୁନିଅର ୮୪ କିଲୋରୁ ଅଧିକ ଶ୍ରେଣୀରେ ଆକାଂକ୍ଷା ପରିଡ଼ା ସ୍ୱର୍ଣ୍ଣପଦକ ଲାଭ କରିଛନ୍ତି। ଏହି ପ୍ରଦର୍ଶନ ଲାଗି ତାଙ୍କୁ ଦ୍ୱିତୀୟ ବେଷ୍ଟ ପାୱାରଲିଫ୍ଟର ପୁରସ୍କାର ମିଳିଛି। ଏହି ବିଭାଗର ୭୬ କିଲୋରେ ଅନନ୍ୟା ଅନନ୍ଦିତା ଗିରି କାଂସ୍ୟ ପଦକ ହାସଲ କରିଛନ୍ତି। ଓଡ଼ିଶା ଜିତିଥିବା ୨ଟିଯାକ ରୌପ୍ୟ ପଦକ ପୁରୁଷ ଲିଫ୍ଟରଙ୍କୁ ମିଳିଛି। ଏହା ମଧ୍ୟରୁ ଜୁନିଅର ୬୬ କିଲୋରେ ସୋମେନ ସେନାପତି ଓ ୭୪ କିଲୋରେ ଅଖିଳ ନାଗ ରୌପ୍ୟ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଜୁନିଅର ପୁରୁଷ ୧୨୦ କିଲୋରୁ ଉର୍ଦ୍ଧ୍ୱ ଶ୍ରେଣୀରେ ରୋହିତ ପାତ୍ର ଓ ସବ୍‌ଜୁନିଅର ପୁରୁଷ ୫୯ କିଲୋ ଶ୍ରେଣୀରେ ନିଲେଶ ଗୌଡ଼ କାଂସ୍ୟ ପଦକ ଜିତିବାରେ ସଫଳ ହୋଇଛନ୍ତି। ଏମାନଙ୍କ ବ୍ୟତୀତ ଇଣ୍ଡିଭିଜୁଆଲ ଲିଫ୍ଟରେ ଅବିନଶ ହିମିରିକା ସବ୍‌ଜୁନିଅର ୫୯ କିଲୋଶ୍ରେଣୀ ସ୍କ୍ୱାଟ୍‌ରେ ରୌପ୍ୟ ଓ ବିକ୍ରମ ସିଂ ୬୬ କିଲୋ ବେଞ୍ଚ୍ ପ୍ରେସ୍‌ରେ ସ୍ୱର୍ଣ୍ଣପଦକ ହାଲ କରିଥିଲେ। ଓଡ଼ିଶାର ସଫଳ ପ୍ରତିଯୋଗୀଙ୍କୁ ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ ଓ ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି।

## ଜିତେନ୍ଦ୍ର ହେଲେ ଏଆଇଏଫଏଫ କାଟାଗୋରୀ-୫ ରେଫରି



**ଭୁବନେଶ୍ୱର,୨୩।୫ (ସମିସ):** ଓଡ଼ିଶାର ଜିତେନ୍ଦ୍ର ପାତ୍ର ଏଆଇଏଫ୍‌ଏଫ୍ ଦ୍ୱାରା କାଟାଗୋରୀ-୫ ରେଫରି ହେବାର ଯୋଗ୍ୟତା ଅର୍ଜନ କରିଛନ୍ତି। ଚଳିତ ବର୍ଷ ଏଆଇଏଫଏଫ୍ ଦ୍ୱାରା ଆୟୋଜିତ ଲେଭେଲ-୫ ରେଫରି ଅପଗ୍ରେଡେସନ ପରୀକ୍ଷାରେ ଜିତେନ୍ଦ୍ର ସଫଳତାର ସହ କୃତିତ୍ୱ ଅର୍ଜନ କରି କାଟାଗୋରୀ-୫ ରେଫରି ହୋଇଛନ୍ତି। ଜିତେନ୍ଦ୍ରଙ୍କୁ ଏହି ସଫଳତା ମିଳିବା ଅର୍ଥ ଓଡ଼ିଶା ଫୁଟବଲରେ ଅପଗ୍ରେଡେସନ ହୋଇଥିବା କଥା ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶା ପକ୍ଷରୁ କୁହାଯାଇଛି। ଜିତେନ୍ଦ୍ରଙ୍କ ଏହି ସଫଳତା ଓଡ଼ିଶାର ଉଦୀୟମାନ ରେଫରିଙ୍କୁ ଜାତୀୟ ଓ ଅନ୍ତର୍ଜାତୀୟ ମ୍ୟାଚ୍ ପରିଚାଳନା କରିବା ଲାଗି ପ୍ରୋତ୍ସାହିତ କରିବ ବୋଲି ଆଶା କରାଯାଉଛି ବୋଲି ଫାଓ ରେଫରି କମିଟି ମୁଖ୍ୟ ଦୁର୍ଗାମାଧବ ନାଏକ କହିଛନ୍ତି। ସେ ଯାହା ହେଉ ଏହି ସଫଳତା ଲାଗି ଜିତେନ୍ଦ୍ରଙ୍କୁ ଫାଓ ସଭାପତି ଟଙ୍କଧର ତ୍ରିପାଠୀ ଓ ସମ୍ପାଦକ ଆଶୀର୍ବାଦ ବେହେରା ଓ ସମସ୍ତ କର୍ମକର୍ତ୍ତା ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

**ବେଦାନ୍ତ-୧୯୦, ରୁଦ୍ର-୧୪୮ , ହାୟାତ-ସ୍ନେହାଶିଷ-କମଲେଶ୍‌ଙ୍କୁ ୬ଟି ଲେଖାଏଁ ୱିକେଟ**

# ଅନୁଗୋଳର ଦ୍ୱିତୀୟ ବିଜୟୀ; ଢେଙ୍କାନାଳ ପରାସ୍ତ


ବେଦାନ୍ତ ଦେବହାଦେ


ରୁଦ୍ରପ୍ରସାଦ ମଲ୍ଲିକ


ସେଖ ହାୟାତ


ଚୌଧୁରୀ ସ୍ନେହାଶିଷ ମହାନ୍ତି


କମଳେଶ ପାତ୍ର

**ଭୁବନେଶ୍ୱର,୨୩।୫(ସମିସ):**

ଓସିଏ ଆନୁକୂଲ୍ୟରେ ଚାଲିଥିବା ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ ପ୍ରତିଯୋଗିତାରେ ଆଜି ଦମ୍‌ଦାର ଖେଳ ଦେଖିବାକୁ ମିଳିଛି। ଆଜିର ଖେଳରେ କଟକ-ଏ ୧୯୭ ରନ୍‌ରେ ପୁରୀକୁ ହରାଇ ବୃହତ୍ ବିଜୟ ହାସଲ କରିଛି। ଆଜି ବିଭିନ୍ନ ଦଳ ପକ୍ଷରୁ ବ୍ୟକ୍ତିଗତ ବିଭାଗରେ ଶ୍ରେଷ୍ଠ ପ୍ରଦର୍ଶନ ଦେଖିବାକୁ ମିଳିଛି। ପୁରୀ ବିପକ୍ଷରେ କଟକ-ଏ'ର ବେଦାନ୍ତ ଦେବହାଦେ ୧୯୦ ରନ୍‌ର ଅପରାଜିତ ଇନିଂସ ଖେଳିଛନ୍ତି। ଏହି ମ୍ୟାଚ୍‌ରେ ଦଳ ଚୌଧୁରୀ ସ୍ନେହାଶିଷ ମହାନ୍ତି ୨୯ ରନ୍‌ରେ ୬ଟି ୱିକେଟ ନେଇ ଦଳ ଲାଗି ଶ୍ରେଷ୍ଠ ସଫଳତା ହାସଲ କରିଛନ୍ତି। ସେହିପରି ଆଜିର ଖେଳରେ ଆଉ ଦୁଇ ବୋଲର ୬ଟି ଲେଖାଏଁ ୱିକେଟ ନେଇଛନ୍ତି। ସେମାନଙ୍କ ମଧ୍ୟରୁ ଜଗତସିଂହପୁର ବିପକ୍ଷରେ ବାଲେଶ୍ୱରର କମଲେଶ ପାତ୍ର ୨୬ରନ୍‌ରେ ୬ ୱିକେଟ ନେଇ ଆଜିର ଦିନରେ ଶ୍ରେଷ୍ଠ ବୋଲିଂ ପ୍ରଦର୍ଶନ କରିଛନ୍ତି। ତାଙ୍କ ବୋଲିଂ ବଳରେ ବାଲେଶ୍ୱର ୧୦୬ ରନ୍‌ରେ ଜଗତସିଂହପୁରକୁ ପରାସ୍ତ କରିଛି। ଅନ୍ୟ ଏକ ମ୍ୟାଚ୍‌ରେ ଭଦ୍ରକ ୭ ୱିକେଟରେ ସୋନପୁରକୁ ପରାସ୍ତ କରିଛି। ଭଦ୍ରକ ପକ୍ଷରୁ ସ୍ୱୟମ୍ଭୁ ପଲାଇ ୧୦୪ ରନ୍‌ର ଶତକୀୟ ଇନିଂସ ଖେଳିଛନ୍ତି।

ରେଭେନ୍‌ଶା ଗ୍ରାଉଣ୍ଡରେ ଅନୁଗୋଳ ୮୭ ରନ୍‌ରେ ବରଗଡ଼କୁ ପରାସ୍ତ କରିଛି। ଅନୁଗୋଳ ପକ୍ଷରୁ ସୌମ୍ୟରଞ୍ଜନ ସିଂ ୧୨୬ ରନ୍ କରିଥିଲାବେଳେ ବରଗଡ଼ର ସେଖ ହାୟାତ ୪୭ ରନ୍‌ରେ ୬ଟି ୱିକେଟ ପାଇଛନ୍ତି। ସେହିପରି ଢେଙ୍କାନାଳକୁ ବଲାଙ୍ଗିର ୨୭ ରନ୍‌ରେ ହରାଇ ଦେଇଛି। ଢେଙ୍କାନାଳର ପ୍ରୟାନ ସାମଲଙ୍କ ୧୦୯ ରନ୍‌ର ଶତକୀୟ ଇନିଂସ କାମ ଦେଇ ନଥିଲା। ବଲାଙ୍ଗିରର ସିଦ୍ଧେଶ୍ୱର ବାଗ ୪୫ ରନ୍ କରିବା ସହ ୪ଟି ୱିକେଟ ନେଇ ଅଲରାଉଣ୍ଡ ସଫଳତା ହାସଲ କରିଛନ୍ତି।

ସେହିପରି ଅନ୍ୟ ମ୍ୟାଚ୍‌ରେ ଖୋର୍ଦ୍ଧା ମୟୂରଭଞ୍ଜକୁ ୧୬୬ ରନ୍‌ର ବୃହତ୍ ବ୍ୟବଧାନରେ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ଖୋର୍ଦ୍ଧାର ରୁଦ୍ରପ୍ରସାଦ ମଲ୍ଲିକ ୧୪୮ ରନ୍ କରିବା ସହ ୩୧ ରନ୍‌ରେ ୪ଟି ୱିକେଟ ନେଇଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ରୁଦ୍ରଙ୍କର ଏହା ଦ୍ୱିତୀୟ ତଥା କ୍ରମାଗତ ଦୁଇ ଦିନରେ ଦ୍ୱିତୀୟ ଶତକ। ଅନ୍ୟଏକ ମ୍ୟାଚ୍‌ରେ ଭୁବନେଶ୍ୱର-ଏ' ୯ ୱିକେଟରେ କୋରାପୁଟକୁ ପରାସ୍ତ କରିଛି। ଦ୍ୱିଶତକ ହାସଲ କରିଥିବା ଭୁବନେଶ୍ୱର-ଏ'ର ଶୁଭାଶିଷ ମଲ୍ଲିକ ଏହି ମ୍ୟାଚ୍‌ରେ ୨୫ ବଲ୍‌ରୁ ଅପରାଜିତ ୫୨ ରନ୍ କରିଛନ୍ତି। ଝାରସୁଗୁଡ଼ା ୮୦ ରନ୍‌ରେ ନୂଆପଡ଼ାକୁ, ଗଞ୍ଜାମ ୧୪୫ ରନ୍‌ରେ ମାଲକାନଗିରିକୁ ପରାସ୍ତ କରିଛି। ଗଞ୍ଜାମର ନରସିଂହ ତ୍ରିପାଠୀ ୬୩ ରନ୍ କରିଥିଲାବେଳେ ଆଦର୍ଶ ପଟ୍ଟନାୟକ ୩ଟି ୱିକେଟ ନେଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS